ଧରିତ୍ରୀ
DHARITRI
ଢେଙ୍କାନାଳ, ବୁଧବାର, ସେପ୍ଟେମ୍ବର ୧୧/୨୦୧୯ (୨୦ ପୃଷ୍ଠା) Dhenkanal, Wednesday, September 11 / 2019 ★★★★★
୧୫୩ ଭାଗ ୨୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## କଂଗ୍ରେସ ଛାଡ଼ିଲେ ଉର୍ମିଳା ମାତୋଣ୍ଡକର

ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଉର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

୦୨

୧୮

## ଭାରତ 'ଏ' ଦଳରେ ଦିବ୍ୟଦର୍ଶିନୀ

ମଙ୍ଗଳବାର ଘୋଷିତ ଭାରତୀୟ ମହିଳା 'ଏ' ଏବଂ ଇମର୍ଜିଂ ମହିଳା ଏସିଆ କପ୍ କ୍ରିକେଟ ପାଇଁ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ।



### ଅନ୍ତର୍ଜାତୀୟ ମଞ୍ଚରେ ସତ ମାନିଲା ପାକିସ୍ତାନ

## ଜମ୍ମୁ-କଶ୍ମୀର ଭାରତର

**ଜେନେଭା,୧୦।୯(ଆଇଏଏନ୍ଏସ୍):** ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମଙ୍ଗଳବାର ପାକିସ୍ତାନ ସ୍ୱୀକାର କରିଛି। ସୁଇଜରଲାଣ୍ଡର ଜେନେଭାରେ ଚାଲିଥିବା ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍ସି) ଅଧିବେଶନରେ ଯୋଗଦେବା ପରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ 'ଜମ୍ମୁ-କଶ୍ମୀର ଭାରତର ରାଜ୍ୟ' ବୋଲି କହୁ କହୁ କହିଦେଇଛନ୍ତି। କୁରେଶୀ କହିଥିଲେ, ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି ଭାରତ ବିଶ୍ୱକୁ ଏକ ଧାରଣା ଦେଇଛି। ଯଦି ଲୋକଙ୍କ ଜୀବନଯାତ୍ରା ସ୍ୱାଭାବିକ ହୋଇଛି, ତେବେ ସେମାନେ ଆପଣମାନଙ୍କୁ, ଅନ୍ତର୍ଜାତୀୟ ଗଣମାଧ୍ୟମକୁ, ଅନ୍ତର୍ଜାତୀୟ ସଙ୍ଗଠନ, ଏନ୍ଜିଓ, ସିଭିଲ ସୋସାଇଟି ଅର୍ଗାନାଇଜେଶନଗୁଡ଼ିକୁ ଭାରତୀୟ ରାଜ୍ୟ ଜମ୍ମୁ-କଶ୍ମୀରକୁ ବାସ୍ତବତା ଅନୁଧ୍ୟାନ ଲାଗି କାହିଁକି ଯିବାକୁ ଦେଉନାହାନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଏହି ଅବସରରେ ସେ ଅନେକ ଦାବି କରିବା ସହ ଭାରତ ବିରୋଧରେ ନାନା ଅଭିଯୋଗ ଆଣିଥିଲେ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ପରେ ପାକିସ୍ତାନ ଏହି ପ୍ରସଙ୍ଗ ଜାତିସଂଘରେ ଉଠାଇ ତୃତୀୟ ପକ୍ଷର ହସ୍ତକ୍ଷେପ ଲୋଡ଼ିଥିଲା। ସେଥିରେ ବିଫଳ ହେବା ପରେ ଏବେ କଶ୍ମୀର ପ୍ରସଙ୍ଗକୁ ୟୁଏନ୍ଏଚ୍ଆର୍ସିକୁ ଟାଣିଛି। ୧୯୪୭ରୁ ଭାରତ ଜମ୍ମୁ-କଶ୍ମୀରକୁ ନିଜ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରୁଛି। ଏହାସହ ଏ ସମ୍ପର୍କିତ ସମସ୍ତ ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବୋଲି ଦର୍ଶାଉଛି। ଏବେ ଭାରତକୁ ଅପଦସ୍ଥ କରିବାକୁ ଯାଇ ମିଥ୍ୟା ପ୍ରଚାର ଚଳାଇଥିବା ପାକିସ୍ତାନ ନିଜେ ହଟହଟା ହୋଇଛି।



ଶାହ ମେହମୁଦ୍ କୁରେଶୀ

NECC NATIONAL EGG CO-ORDINATION COMMITTEE 10.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 58 | 103 | 113 |

*Conditions Apply
Eggs Retail Price- 44/-Dozen
Issued in the Interest of Consumers

■ ସୀତାରାମନ୍ଙ୍କ ଯୁକ୍ତି

## ଓଲା, ଉବର ଯୋଗୁ ଅଟୋ ସେକ୍ଟରରେ ଆସିଛି ମାନ୍ଦାବସ୍ଥା



**ଚେନ୍ନାଇ,୧୦।୯**

ଦେଶର ଅଟୋ ସେକ୍ଟର ଏବେ ଜବରଦସ୍ତ ମାନ୍ଦାବସ୍ଥାର ଶିକାର ହୋଇଛି। କେତେକ କମ୍ପାନୀ ଏବେ କିଛିଦିନ ପାଇଁ ଉତ୍ପାଦନ ବନ୍ଦ ଲାଗି ଘୋଷଣା କରିସାରିଲେଣି। ଫଳରେ ଏହି କ୍ଷେତ୍ର ସହ ଜଡ଼ିତ ଲୋକଙ୍କର ଚାକିରି ଚାଲିଯିବା ଆରମ୍ଭ ହୋଇଗଲାଣି। ଏପରିସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ନେଇ ମଙ୍ଗଳବାର ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ଅଟୋମୋବାଇଲ ସେକ୍ଟରରେ କେତେକ କାରଣ ଯୋଗୁ ମାନ୍ଦାବସ୍ଥା ଦେଖାଯାଇଛି। ବିଏସ-୬ ମୁଭମେଣ୍ଟ, ରେଜିଷ୍ଟ୍ରେଶନ ଫି ବୃଦ୍ଧି ପାଇବା,ସର୍ବୋପରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବା ଯୋଗୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି ବୋଲି ସେ କହିଛନ୍ତି। ତାଙ୍କ ମତରେ ଲୋକେ ଇଏମ୍ଆଇ ଦେଇ ନୂଆ ଗାଡ଼ି କିଣିବା ଅପେକ୍ଷା ଓଲା, ଉବର ଭଳି କ୍ୟାବ୍ରେ ଯାତାୟାତ କରିବାକୁ ଅଧିକ ପସନ୍ଦ କରୁଛନ୍ତି।

ଅଟୋ ସେକ୍ଟରରେ ବିକ୍ରି ହ୍ରାସ ଏକ ଗମ୍ଭୀର ସମସ୍ୟା ବୋଲି ସୀତାରାମନ୍ ସ୍ୱୀକାର କରିଛନ୍ତି ଏବଂ ଏହାର ସମାଧାନ ବାହାରିବା ନିହାତି ଜରୁରୀ ବୋଲି କହିଛନ୍ତି। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ପୂର୍ଣ୍ଣ ହେବା ଅବସରରେ ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ସୀତାରାମନ୍ ସରକାରଙ୍କ ସଫଳତା ବଖାଣିଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ସମସ୍ତ ସେକ୍ଟରରେ ଦେଖାଦେଇଥିବା ସମସ୍ୟାକୁ ନେଇ ଅତ୍ୟନ୍ତ ଗମ୍ଭୀର ଅଛନ୍ତି ଏବଂ ଆବଶ୍ୟକୀୟ ପଦକ୍ଷେପମାନ ମଧ୍ୟ ନେଉଛନ୍ତି। ଅଗଷ୍ଟ ଓ ସେପ୍ଟେମ୍ବରରେ ଦୁଇଟି ବଡ଼ ଘୋଷଣା ହୋଇଛି। ଆବଶ୍ୟକ ହେଲେ ଆହୁରି କିଛି ଘୋଷଣା କରାଯିବ।

## ମହଙ୍ଗା ଯୋଗୁ ଲୋକେ ଗାଡ଼ି କିଣୁନାହାନ୍ତି: ମାରୁତି ଅଧ୍ୟକ୍ଷ



**ନୂଆଦିଲ୍ଲୀ,୧୦।୯**

ଓଲା,ଉବର କ୍ୟାବ୍ ଯୋଗୁ ଦେଶରେ କାର୍ ବିକ୍ରି ପ୍ରଭାବିତ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ଙ୍କ ଯୁକ୍ତି ସହ ଏକମତ ନୁହନ୍ତି ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି. ଭାର୍ଗବ। ଏଥିଲାଗି ସରକାରଙ୍କ ନୀତିକୁ ସେ ଦାୟୀ କରିଛନ୍ତି। ତାଙ୍କର କହିବାନୁଯାୟୀ, ପେଟ୍ରୋଲ-ଡିଜେଲ ଉପରେ ଉଚ୍ଚହାରରେ ଟିକସ ଆଦାୟ, ସଡ଼କ ଟିକସ ବୃଦ୍ଧି କରାଯାଉଥିବାରୁ ଲୋକେ ଏବେ କାର୍ କିଣିବାରୁ ଦୂରେଇ ଯାଉଛନ୍ତି। ଏହାଛଡ଼ା ଏୟାର ବ୍ୟାଗ୍ ଓ ଏବିଏସ୍ ଭଳି ନୂଆ ସୁରକ୍ଷା ଫିଚର ଯୋଡାଯିବା କାରଣରୁ ଏବେ କାର୍ ଦାମ ବହୁଗୁଣ ବଢ଼ିଯାଇଛି। ଏହି କାରଣରୁ ଏଣ୍ଟ୍ରି ଲେଭେଲ କାର୍ ଦାମ୍ ମହଙ୍ଗା ହୋଇଗଲାଣି। ଫଳରେ ଏହା ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତିବିଶେଷଙ୍କ ହାତପାହାନ୍ତାରୁ ବାହାରିଗଲାଣି। ଅଟୋ ଉଦ୍ୟୋଗ ଏବେ ଜିଏସ୍ଟି ହ୍ରାସ ପାଇଁ ଜୋରଦାର ଦାବି କରୁଥିବା ବେଳେ ଭାର୍ଗବଙ୍କ ମତରେ ଏହାଦ୍ୱାରା ସେଭଳି ବିଶେଷ ଫରକ ପଡ଼ିବ ନାହିଁ। ସୂଚନାଥାଉ କି, ଘରୋଇ ପାସେଞ୍ଜର କାର୍ ବିକ୍ରି ବାର୍ଷିକ ଆଧାରରେ ଅଗଷ୍ଟରେ ୩୧.୬% ହ୍ରାସ ପାଇଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ପକ୍ଷରୁ ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ହୋଇଛି। ୧୯୯୭-୯୮ ପରେ ସର୍ବନିମ୍ନ ହ୍ରାସ ବୋଲି କୁହାଯାଉଛି।

■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ

**ଜଗତ୍ସିଂହପୁର ଅଫିସ, ୧୦।୯**

ଜଗତ୍ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଡ. ମୁନରାଣୀ ମିଶ୍ର ଅଭିଯୁକ୍ତ କାଳିଆ ଓରଫ ଲବ ମାନା(୨୬)ଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ କୋର୍ଟରେ ଉପସ୍ଥିତ ନାବାଳିକାଙ୍କ ମା', ବାପା ଓ ଭଉଣୀ କୋହ ସମ୍ଭରଣ କରିପାରି ନ ଥିଲେ। ସେମାନେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ଯେ, ଦେଢବର୍ଷ ପରେ ଭଗବାନ ସେମାନଙ୍କ ଦୁଃଖ ଶୁଣିଛନ୍ତି। ଦୋଷୀକୁ ଫାଶୀ ଦେବାକୁ ବିଚାରପତି ଯେଉଁ ରାୟ ଶୁଣାଇଛନ୍ତି, ସେଥିରେ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ନ୍ୟାୟପାଳିକା ଉପରେ ସେମାନଙ୍କର ଆସ୍ଥା ଅତୁଟ ରହିଛି। ଯେଉଁଦିନ ଲବ ବେକରେ ରଶି ଲାଗିବ ସେଦିନ ଝିଅର ଆତ୍ମା ଶାନ୍ତି ପାଇବ ବୋଲି ସେମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ରାୟକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ରାୟ ଜିଲାରେ ପ୍ରଥମ ଏବଂ ଉଲ୍ଲେଖନୀୟ ବୋଲି କୁହାଯାଇଛି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ମାଝୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୨୦୧୮ ମାର୍ଚ୍ଚ ୨୦ରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ଅପରାହ୍ନ ପ୍ରାୟ ୩ଟା ବେଳେ ନାବାଳିକା(୯) ନିଜର ୫/୬ଜଣ ଝିଅ ସାଙ୍ଗଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି କୌଣସିମତେ ନାବାଳିକାଙ୍କୁ ମନାଇ ଅନ୍ୟତ୍ର ନେଇଯାଇଥିଲେ। ପରେ ଝିଅ ଘରକୁ ନ ଫେରିବାରୁ ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରଦିନ ଭୋରରୁ ଗ୍ରାମର ଜଣେ ମହିଳା ବାହାରକୁ ଶୌଚ ଯାଇଥିବାବେଳେ କାଜୁ ବଗିଚାରେ ଏକ ମୃତଦେହ ପଡିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନିଜ ପରିବାର ଲୋକଙ୍କୁ କହିଥିଲେ। ଖବରପାଇ ନାବାଳିକାଙ୍କ ପରିବାର ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହା ପରେ ଏରସମା ଥାନାକୁ ଫୋନ ଯୋଗେ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ପଞ୍ଚନାମା ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିଲା। ମୃତ ନାବାଳିକାଙ୍କ ବାପା ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ନଂ.୪୨/୧୮ ରୁଜୁ ହୋଇଥିଲା। ଏଥିସହ ଅଭିଯୁକ୍ତ ଲବଙ୍କୁ କଟକ ବାଦାମବାଡ଼ିରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୨୫ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଆଇପିସି ଦଫା ୩୦୨ରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି।



ଅଭିଯୁକ୍ତ କାଳିଆ

■ ଜଗତ୍ସିଂହପୁର ଜିଲାରେ ପ୍ରଥମ

■ ଭାବବିହ୍ୱଳ ହୋଇପଡ଼ିଲେ ମୃତ ନାବାଳିକାଙ୍କ ପରିବାର

**ସେଦିନ ବି ଥିଲା ମଙ୍ଗଳବାର**

ପୃଷ୍ଠା-୪

## ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

**କେନ୍ଦୁଝର, ୧୦।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ମଙ୍ଗଳବାର କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ବିଚାରପତି ଲୋକନାଥ ସାହୁ ୬ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିଚରଣୀରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ବଡବିଲ ଥାନା ସାଇଡିଂବସ୍ତି ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୫ ନଭେମ୍ବର ୬ରେ ତାଙ୍କ ଘରେ କେହି ନଥିବା ସୁଯୋଗରେ ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏହି ମାମଲା(ନଂ୨୧୭/୧୫) ସେତେବେଳେ ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏନେଇ ବଡବିଲ ପୋଲିସ ଅଭିଯୁକ୍ତ ବୁଲୁ ପାତ୍ର, ଝଣ୍ଡା ମୁଣ୍ଡା, ଶନି ମହାକୁଡ, ଭରତ ହେସା, ଶ୍ରୀରାମ ଓରାମ ଏବଂ ମନୋଜ ନାଏକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ମଙ୍ଗଳବାର ବିଚାରପତି ଲୋକନାଥ ସାହୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆଇପିସି ଦଫା ୩୭୬(ଘ),୫୦୬,୩୪, ପୋକ୍ସୋ ଆଇନର ଦଫା ୬, ଅନୁସୂଚିତ ଜାତି ଓ ଜନଜାତି ଆଇନର ଦଫା ୩(୧)(୧୧)ରେ ବିଚାର କରି ଏହି ଦଣ୍ଡ କରିଛନ୍ତି। ମୋଟ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡ ଦିଆଯାଇଥିବାବେଳେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରିଥିଲେ।

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

### ଆଜିର ସମ୍ପାଦକୀୟ

**କଡ଼ା କର ସଡ଼କ ନିୟମ**

### ଆଜିର ମନ୍ତବ୍ୟ

"କଶ୍ମୀରକୁ ନେଇ କୌଣସି ଦେଶ ଚିନ୍ତିତ ହେବା ଅନୁଚିତ।
-ମୁଖ୍ତାର ଅବ୍ବାସ୍ ନକ୍ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

### କିଛି ତଥ୍ୟ

ଚଳିତବର୍ଷ ଅଗଷ୍ଟ ମାସରେ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ୧୪୫ କୋଟି ଟଙ୍କା ନିବେଶ କରାଯାଇଛି।
- ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ


**ମାନ୍ଦାବସ୍ଥା ଘୋର ସଙ୍କଟ**
**ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ**

........୧୭........

## ଧାନ ବିକିବାକୁ ଆଧାର ବାଧ୍ୟତାମୂଳକ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ରାଶନ କାର୍ଡ ପରେ ଏବେ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଚାଷୀ ଧାନ ବିକ୍ରି କରିବେ ସେମାନେ ନାମ ପଞ୍ଜୀକରଣ ବେଳେ ଆଧାର କାର୍ଡ ଦେବେ। ଏହାଦ୍ୱାରା ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇପାରିବ ନାହିଁ। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ। କେବଳ ସେତିକି ନୁହେଁ ଧାନ କିଣା ଆରମ୍ଭଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ କେବଳ ଚାଷୀଙ୍କ ନାମ ନବୀକରଣ ହେଉଥିଲା। ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଚାଷୀମାନେ ନିକଟସ୍ଥ ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ଆଧାର କାର୍ଡ ଓ ଜମି ପଟ୍ଟା ଦେଇ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ସେପ୍ଟେମ୍ବର ୧୦ ତାରିଖରେ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଶେଷ ଦିବସ ଘୋଷଣା କରାଯାଇଥିଲା। ତେବେ ଏହି ଅବଧିକୁ ଆସନ୍ତା ସପ୍ତାହେ (୧୭ ତାରିଖ) ଯାଏ ବୃଦ୍ଧି କରାଯାଇଛି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଘୋଷଣା କରିଛନ୍ତି।



■ ଚାଷୀ ନବୀକରଣ ବନ୍ଦ

■ ପଞ୍ଜୀକରଣ ସପ୍ତାହେ ବଢ଼ିଲା



**ଧାନକିଣାରେ ମହିଳା ଏସ୍ଏଚ୍ଜି ସାମିଲ, ମାର୍କଫେଡ୍ ବିଦା**

ପୃଷ୍ଠା-୪





"କେନ୍ଦ୍ର ସରକାର ପ୍ରତ୍ୟେକ ଭାରତୀୟଙ୍କ ଅଧିକାରର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ



ଆଇସ୍‌ଲାଣ୍ଡ ଗସ୍ତ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ସ୍ତ୍ରୀ ସବିତା ରିକ୍‌ଜାଭିକ୍‌ଠାରେ କୁନିକୁନି ପିଲାମାନଙ୍କୁ ଭେଟୁଛନ୍ତି।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଣ୍ଟ ଭିନ୍‌ସେଣ୍ଟ ପ୍ରତିପକ୍ଷ ରଫ୍ ଗନ୍‌ସାଲଭେସ୍‌ଙ୍କ ସହ କରମର୍ଦ୍ଦନ କରୁଛନ୍ତି।



ଜମ୍ମୁ-କଶ୍ମୀରରୁ ଆସିଥିବା ସରପଞ୍ଚ ଓ ପ୍ରତିନିଧିମାନଙ୍କୁ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ନୂଆଦିଲ୍ଲୀରେ ସାକ୍ଷାତ କରୁଛନ୍ତି।

## ■ ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ-ପାକ୍ ମୁହାଁମୁହିଁ

# ୩୭୦ ଉଚ୍ଛେଦ ସାର୍ବଭୌମ ନିଷ୍ପତ୍ତି

ଜେନେଭା, ୧୦।୯ (ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ମଙ୍ଗଳବାର ଭାରତ ଓ ପାକିସ୍ତାନ ପୁଣିଥରେ ଅନ୍ତର୍ଜାତୀୟ ମଞ୍ଚରେ ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି) ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଉଦ୍ୟମ କରିଛି। କଶ୍ମୀର ସ୍ଥିତିକୁ ନେଇ ୟୁଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଏକ ଅନ୍ତର୍ଜାତୀୟ ତଦନ୍ତ କରାଯାଉ ବୋଲି ପାକିସ୍ତାନ ଦାବି କରିଛି। ଅନ୍ୟପକ୍ଷରେ କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ଭାରତର ସାର୍ବଭୌମ ନିଷ୍ପତ୍ତି ବୋଲି ଭାରତ ଜବାବ ରଖିଛି।

ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସିର ୪୨ତମ ଅଧିବେଶନ ବସିଛି। ଏଥିରେ



ଅଧିବେଶନରେ ଭାରତର ବହିର୍ବ୍ୟାପାର ସଚିବ ବିଜୟ ଠାକୁର ସିଂ (ମଝି)।

ପାକିସ୍ତାନ ପକ୍ଷରୁ ପ୍ରତିନିଧିତ୍ୱ କରି ସେଠାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି, କଶ୍ମୀର ପ୍ରସଙ୍ଗରେ କିଛି ପଦକ୍ଷେପ ନେଇ ନ ଥିବାରୁ ୟୁଏନ୍‌ଏଚ୍‌ଆର୍‌ସି ଲଜ୍ଜିତ ହେବା ଅନୁଚିତ। ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତାକୁ ଭାରତ ପ୍ରତ୍ୟାହାର କରିବା ପରେ ଉପତ୍ୟକାର ସ୍ଥିତିକୁ ନେଇ ବିଶ୍ୱ ମାନବାଧିକାର ପରିଷଦ ନିଃସ୍ପୃହ ରହିପାରିବ ନାହିଁ। କଶ୍ମୀରୀଙ୍କୁ ନ୍ୟାୟ ଓ ସମ୍ମାନ ପ୍ରଦାନ ପାଇଁ ମାନବାଧିକାର ପାଇଁ ଆମେ ଏହି ସଂସ୍ଥାର ଦ୍ୱାରସ୍ଥ ହୋଇଛୁ। ଭାରତୀୟ ସେନା ଉପତ୍ୟକାରେ ପେଲେଟ୍ ଗନ୍ ବ୍ୟବହାର ବନ୍ଦ କରିବା ସହ ସମସ୍ତ ପ୍ରକାର କଟକଣା ହଟାଇଦେଇ ଲୋକଙ୍କୁ ସେମାନଙ୍କ ସ୍ୱାଧୀନତା ଦେଉ। ଏହାସହ

**ସ୍ଥିତିର ଅନ୍ତର୍ଜାତୀୟ ତଦନ୍ତ ଦାବି କଲା ପାକିସ୍ତାନ**

**ଆତଙ୍କବାଦର ପୃଷ୍ଠପୋଷକ ମାନବାଧିକାର କଥା କହିବା ଅନୁଚିତ:ଭାରତ**

ଅନ୍ତର୍ଜାତୀୟ ଆଇନାନୁସାରେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରି ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପନାମା ଓ ମାନବାଧିକାର ଚୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରୁ। ଏଥି ସକାଶେ ୟୁଏନ୍‌ଏଚ୍‌ଆର୍‌ସି ଭାରତକୁ ପରାମର୍ଶ ଦେଉ। ମାନବାଧିକାର ସମ୍ପର୍କିତ ଜାତିସଂଘ ଉଚ୍ଚାୟୁକ୍ତଙ୍କ ସୁପାରିସ ଅନୁସାରେ କଶ୍ମୀର ସ୍ଥିତିର ତଦନ୍ତ ପାଇଁ ଏକ କମିଶନ ଗଠନ କରାଯାଉ ବୋଲି କୁରେଶୀ ଦାବି କରିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭାରତର ଏକତରଫା ଓ ବେଆଇନ ନିଷ୍ପତ୍ତି ବୋଲି ସେ ଅଭିହିତ କରିଥିଲେ, ଯାହାକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତର ବହିର୍ବ୍ୟାପାର ସଚିବ(ପୂର୍ବ) ବିଜୟ ଠାକୁର ସିଂ ପରିଷଦକୁ ସମ୍ବୋଧିତ କରି ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, ନିଜ ରାଜନୈତିକ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ମାନବାଧିକାର ଆଳରେ ୟୁଏନ୍‌ଏଚ୍‌ଆର୍‌ସିକୁ ବ୍ୟବହାର କରୁଥିବା ଦେଶଗୁଡ଼ିକୁ ଡାକି ଦାଗିଦ୍ କରାଯାଉ। ସେମାନେ ପ୍ରକୃତରେ ଅପରାଧୀ ହୋଇଥିବାବେଳେ ନିଜକୁ ପୀଡ଼ିତ ବୋଲି ଦେଖାଇହେଉଛନ୍ତି। ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ଭାରତର ସାର୍ବଭୌମ ଅଧିକାର। କାରଣ ଏହା ଭାରତୀୟ ସମ୍ବିଧାନ ଅନୁସାରେ ନିଆଯାଇଛି। କୌଣସି ଦେଶ ନିଜ ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟ ରାଷ୍ଟ୍ରର ହସ୍ତକ୍ଷେପକୁ ଗ୍ରହଣ କରେନାହିଁ ବୋଲି ସେ କଡ଼ା ଜବାବ ଦେଇଛନ୍ତି।

## ■ ପାକିସ୍ତାନର ମୁଖା ଖୋଲିଲେ ଇମ୍ରାନ୍‌ଙ୍କ ଦଳର ପୂର୍ବତନ ବିଧାୟକ

# ଭାରତର ଶରଣ ପଶିଲେ ବଲଦେବ

ଚଣ୍ଡିଗଡ଼, ୧୦।୯ (ପି.ଟି./ଆଇଏଏନ୍‌ଏସ୍)



**ପାକ୍‌ରେ ମୌଳିକ ଅଧିକାରରୁ ବଞ୍ଚିତ ସଂଖ୍ୟାଲଘୁ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ)ର ପୂର୍ବତନ ବିଧାୟକ ବଲଦେବ କୁମାର ଭାରତର ଶରଣ ପଶିଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁମାନେ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ। ସେମାନେ ସେଠାରେ ସୁରକ୍ଷିତ ନୁହନ୍ତି। ପଡ଼ୋଶୀ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ବଲଦେବ ଅଭିଯୋଗ ଆଣିଛନ୍ତି। ତାଙ୍କର ଏହି ପଦକ୍ଷେପ ଇମ୍ରାନ୍‌ଙ୍କ 'ନୂଆ ପାକିସ୍ତାନ'ର ଅସଲ ମୁଖା ଖୋଲିଦେଇଛି।

୪୩ ବର୍ଷୀୟ ବଲଦେବ ତାଙ୍କର ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଗତମାସରେ ଭାରତ ଆସିଛନ୍ତି। ସେମାନେ ପଞ୍ଜାବର ଲୁଧିଆନା ଜିଲାସ୍ଥିତ ଖନ୍ନାରେ ରହୁଛନ୍ତି। ବଲଦେବ ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି, ସେ ଭାରତରେ ଆଶ୍ରୟ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କାରଣ ବର୍ତ୍ତମାନ ପାକିସ୍ତାନର ସ୍ଥିତି ଉପରେ ସାରା ବିଶ୍ୱର ନଜର ରହିଛି। ଇମ୍ରାନ୍ କ୍ଷମତାକୁ ଆସିବା ପରେ ପାକିସ୍ତାନର ଭାଗ୍ୟ ବଦଳିଯିବ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ସେ ଏଥିରେ ବିଫଳ ହୋଇଛନ୍ତି। ଖାନ୍ ସାହେବ୍ ନୂଆ ପାକିସ୍ତାନର କଥା କହୁଛନ୍ତି। କିନ୍ତୁ ବର୍ତ୍ତମାନର ପାକିସ୍ତାନଠାରୁ ପୁରୁଣା ପାକିସ୍ତାନ ଭଲ ଥିଲା। ସେଠାକାର ପଞ୍ଜାବ ପ୍ରଦେଶରେ ଶିଖ୍ ସମ୍ପ୍ରଦାୟର ଜଣେ ଗୁରୁଦ୍ୱାରା ଗ୍ରନ୍ଥୀଙ୍କ ଝିଅଙ୍କୁ ଅପହରଣ ପରେ ଧର୍ମପରିବର୍ତ୍ତନ କରାଗଲା। ଜଣେ ମୁସ୍‌ଲିମ୍ ଯୁବକ ବନ୍ଧୁକମୁନରେ ତାଙ୍କୁ ଜବରଦସ୍ତ ବିବାହ କଲେ। ଏଭଳି ଘଟଣା ଘଟିବା ଅନୁଚିତ। ସଂଖ୍ୟାଲଘୁଙ୍କୁ ସେମାନଙ୍କ ଅଧିକାର ମିଳୁଥିଲେ ପାକିସ୍ତାନରେ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା ବୋଲି ବଲଦେବ କହିଛନ୍ତି। ସେହିପରି ଆତଙ୍କବାଦ ପ୍ରସଙ୍ଗରେ ସେ କହିଛନ୍ତି, ପାକିସ୍ତାନର ନେତାମାନେ ନିଜ ଘରକୁ ନ ଦେଖି ଅନ୍ୟମାନଙ୍କ ଆଡ଼କୁ ଅଙ୍ଗୁଳି ଦେଖାଉଛନ୍ତି। ଯେଉଁଠି ମୁସ୍‌ଲିମ୍‌ମାନେ ସୁରକ୍ଷିତ ନୁହନ୍ତି ସେଠାରେ ମୋ ଭଳି ଲୋକେ ନିଜକୁ କିପରି ସୁରକ୍ଷିତ ମଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାରିକୋଟ୍ ଆସନରୁ ବଲଦେବ ପୂର୍ବରୁ ବିଧାୟକ ହୋଇଥିଲେ। ସେ ୨୦୦୭ରେ ଖନ୍ନାର ଭାବନାଙ୍କୁ ବିବାହ କରିଥିଲେ। ପିଲାଙ୍କ ଭବିଷ୍ୟତ ପାଇଁ ସେ ଭାରତରେ ରହିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ■ ପୋଷ୍ଟରରେ ଧମକ

# ୮ ଲଶ୍କର ସହଯୋଗୀ ଗିରଫ

ଶ୍ରୀନଗର, ୧୦।୯ (ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୮ ସହଯୋଗୀ ମଙ୍ଗଳବାର କଶ୍ମୀରରୁ ଗିରଫ ହୋଇଛନ୍ତି। ସେମାନେ ବାରାମୁଲା ଜିଲାର ସୋପୋରରେ ଆତଙ୍କବାଦୀଙ୍କ ଛତ୍ରଛାୟା ତଳେ ରହି ଧମକପୂର୍ଣ୍ଣ ପୋଷ୍ଟର ପ୍ରସାର କରୁଥିଲେ। ଆଇନ ଅମାନ୍ୟ ପାଇଁ ଲୋକଙ୍କୁ ଉସୁକାଇବା ପାଇଁ ଉଦ୍ଦିଷ୍ଟ ଏହି ପୋଷ୍ଟରରେ ସିଭିଲ କର୍ଫ୍ୟୁର ବାର୍ତ୍ତା ରହିଛି। ଏହାସହ ଏଥିରେ ସ୍ଥାନୀୟ ଲୋକଙ୍କୁ ଧମକ ଦିଆଯାଇଥିବା ପୋଲିସ କହିଛି। ଗିରଫ ଏଜାଜ୍ ମିର, ଓମାର ମିର, ତସିଫ୍ ନଜାର, ଇମ୍‌ତିଆଜ୍ ନଜାର, ଓମାର ଆକ୍‌ବର, ଫୈଜାନ୍ ଲତିଫ୍, ଦାନିଶ, ହବିବ୍ ଓ ଶୌକତ୍ ଅହମ୍ମଦ ମିରଙ୍କଠାରୁ ଏହି କାର୍ଯ୍ୟରେ ବ୍ୟବହୃତ କେତେକ କମ୍ପ୍ୟୁଟର ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।

# ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ପାଇପ୍‌ଲାଇନ୍ ଉଦ୍‌ଘାଟିତ

କାଠମାଣ୍ଡୁ/ନୂଆଦିଲ୍ଲୀ, ୧୦।୯ (ପି.ଟି.): ଦକ୍ଷିଣ ଏସିଆର ପ୍ରଥମ ପେଟ୍ରୋଲିୟମ ଉତ୍ପାଦ ପାଇପ୍‌ଲାଇନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନେପାଳ ପ୍ରତିପକ୍ଷ କେ.ପି. ଓଲି ମଙ୍ଗଳବାର ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ନେପାଳକୁ କମ ମୂଲ୍ୟରେ ନିରବଚ୍ଛିନ୍ନ ଭାବେ ପେଟ୍ରୋଲିୟମଜାତ ଦ୍ରବ୍ୟ ଯୋଗାଯାଇ ପାରିବ। ବିହାରର ମୋତିହାରି-ନେପାଳର ଆମ୍‌ଲେଖ୍‌ଗଞ୍ଜ ମଧ୍ୟରେ ୬୯ କି.ମି.ବ୍ୟାପୀ ଏହି ପାଇପ୍‌ଲାଇନ୍‌କୁ ଭିଡିଓ ଲିଙ୍କ୍ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ନେପାଳ ତୈଳ ନିଗମ ସହଯୋଗରେ ଭାରତୀୟ ତୈଳ ନିଗମ ପକ୍ଷରୁ ୩୨୪ କୋଟି ଟଙ୍କା ବ୍ୟୟରେ ଏହି ପାଇପ୍‌ଲାଇନ୍ ନିର୍ମାଣ କରାଯାଇଥିଲା। ଏଥିସହ ୨୦୧୪ରେ ହୋଇଥିବା ଭାରତ-ନେପାଳ ଚୁକ୍ତି ସଫଳ ରୂପ ନେଇଥିବା କୁହାଯାଉଛି। ଦୁଇଦେଶ ଆମ୍‌ଲେଖ୍‌ଗଞ୍ଜ ଡିପୋରେ ଅତିରିକ୍ତ ଷ୍ଟୋରେଜ୍ ସୁବିଧା ଲାଗି କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି।

# ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

ଜାତିସଂଘ, ୧୦।୯ (ପି.ଟି.)



**ଗୁଟେରେସ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଲେ ମଲିହା ଲୋଧି**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଛି। ଭାରତ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ପରେ ୟୁଏନ୍‌ଏସ୍‌ସି ଉପତ୍ୟକା ସ୍ଥିତି ଉପରେ କଡ଼ା ନଜର ରଖିବା ସହ ସେଠାରେ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପକ୍ଷରୁ ଦାବି କରାଯାଇଛି।

ଜାତିସଂଘରେ ପାକିସ୍ତାନର ପ୍ରତିନିଧି ମଲିହା ଲୋଧି ମଙ୍ଗଳବାର ସୁରକ୍ଷା ପରିଷଦର ଜାତିସଂଘ ଶାନ୍ତିରକ୍ଷା ସମ୍ପର୍କିତ ବିତର୍କରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀ ପକ୍ଷରୁ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ନିଷ୍ପତ୍ତି ପରେ ଭାରତ ଓ ପାକିସ୍ତାନରେ ଜାତିସଂଘ ସାମରିକ ପର୍ଯ୍ୟବେକ୍ଷଣକାରୀ ଗୋଷ୍ଠୀ (ୟୁଏନ୍‌ଏମ୍‌ଓଜିଆଇପି)ର ଭୂମିକା ଓ ଗୁରୁତ୍ୱ ବୃଦ୍ଧି ପାଇଛି। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ସୁରକ୍ଷା ପରିଷଦ ସଂକଳ୍ପନାମାକୁ ଉଲ୍ଲଂଘନ କରିଛି ବୋଲି ଲୋଧି ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ସେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ସାକ୍ଷାତ କରିଛନ୍ତି। ୩୬ ଦିନ ହେଲା ଉପତ୍ୟକାରେ ମାନବିକ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ୧୯୪୯ ଜାନୁୟାରୀରେ ପ୍ରତିଷ୍ଠିତ ୟୁଏନ୍‌ଏମ୍‌ଓଜିଆଇପିର ପ୍ରାସଙ୍ଗିକତା ଶିମ୍‌ଲା ଚୁକ୍ତି ଓ ପରବର୍ତ୍ତୀ ସମୟରେ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିର୍ଦ୍ଧାରଣ ପରେ ରହିନାହିଁ ବୋଲି ଭାରତ ଯୁକ୍ତି ବାଢ଼ିଛି।

## ■ କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍

# ଭାରତ-ପାକ୍ ଉତ୍ତେଜନା କମିଛି

ୱାଶିଂଟନ, ୧୦।୯ (ପି.ଟି.)



ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇ ସପ୍ତାହ ପୂର୍ବର ସ୍ଥିତି ଏବେ ନାହିଁ। କଶ୍ମୀରକୁ ନେଇ ଦକ୍ଷିଣ-ଏସିଆର ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହାସହ ଦୁଇଦେଶ ଚାହିଁଲେ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ସାହାଯ୍ୟ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅଗଷ୍ଟ ୨୬ରେ ଫ୍ରାନ୍ସରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରଥମଥର ପାଇଁ କଶ୍ମୀର ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ରହିଛି। କିନ୍ତୁ ଦୁଇ ସପ୍ତାହ ତଳେ ଯେପରି ଉତ୍ତେଜନା ରହିଥିଲା ଏବେ ଆଉ ତାହା ନାହିଁ। ଦୁଇଦେଶ ଚାହିଁଲେ ସେ ଆଗକୁ ସ୍ଥିତି ଆହୁରି ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ଥିବା ଟ୍ରମ୍ପ୍ କହିଛନ୍ତି।


# ୟୁଏଇରେ ଫସିଛନ୍ତି ୨୦୦ ଭାରତୀୟ ଶ୍ରମିକ

**ଦୁବାଇ, ୧୦।୯ (ପି.ଟି.):** ପେଟ ଲାଗି ୟୁଏଇ ଯାଇ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ପ୍ରାୟ ୨୦୦ ଭାରତୀୟ ଏବେ ସେଠାରେ ଫସି ରହିଛନ୍ତି। ଦୀର୍ଘମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନ ଥିବାରୁ ସେମାନେ ସ୍ୱଦେଶ ଫେରିପାରୁ ନ ଥିବା ଜଣାପଡ଼ିଛି। କେବଳ ଭାରତୀୟ ନୁହନ୍ତି ବାଂଲାଦେଶ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ଫିଲିପାଇନ୍ସ ଓ ଇଜିପ୍ଟରୁ ସେଠାକୁ ଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି। ଅଲ୍ ୱସିତା ଏମିରେଟ୍ସ କ୍ୟାଟରିଂ ସର୍ଭିସେସ୍‌ରେ ଏମାନେ କାମ କରୁଛନ୍ତି। ମାନସିକ ସ୍ତରରେ ଏମାନେ ଦୁର୍ବଳ ହୋଇପଡ଼ି ଥିବାବେଳେ ଫେରିବା ଲାଗି ଭିଜା ଓ ବିମାନ ଟିକେଟ ଲାଗି ପଇସା ଏମାନଙ୍କ ପାଖରେ ନାହିଁ। ସେମାନଙ୍କ ସମସ୍ୟା ଖୁବ୍‌ଶୀଘ୍ର ଦୂର କରାଯିବ ବୋଲି ଆବୁଧାବିସ୍ଥିତ ଭାରତୀୟ ଦୂତାବାସର ଅଧିକାରୀ ପୂଜା ଭର୍ନେକର କହିଛନ୍ତି।

# ୧୧ ଅଭିଯୁକ୍ତଙ୍କ ଉପରୁ ହଟିଲା ହତ୍ୟା ମାମଲା

ରାଞ୍ଚି, ୧୦।୯ (ପି.ଟି.)

ମୁସଲ୍‌ମାନ ଯୁବକ ତବ୍‌ରେଜ୍ ଅନ୍‌ସାରି(୨୪) ଭିଡ଼ହିଂସା ମାମଲାରେ ଝାଡ଼ଖଣ୍ଡର ଷଢେଇକଳା-ଖରସୁଆଁ ଜିଲା ପୋଲିସ ୧୧ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ହତ୍ୟା ମାମଲାକୁ ଉଠାଇ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟରେ ତବ୍‌ରେଜ୍‌ଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ଦର୍ଶାଯିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଏସ୍‌ପି କାର୍ତ୍ତିକ ଏସ୍. ପ୍ରକାଶ କରିଛନ୍ତି। ପୁଣେରେ କାମ କରୁଥିବା ତବ୍‌ରେଜ୍ ଇଦ୍ ପାଳନ ଲାଗି ଘରକୁ ଆସିଥିବାବେଳେ କେତେକ ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ିଚୋର



ଭାବି ଖୁଣ୍ଟରେ ବାନ୍ଧିଦେବା ସହ ବାଡ଼ି ଓ ଲୁହାରଡ୍‌ରେ ପିଟିଥିଲେ। ତାଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ କରାଯାଇଥିଲା। ଏନେଇ ଭିଡିଓ ଭାଇରାଲ ହୋଇଥିଲା। ତବ୍‌ରେଜ୍‌ଙ୍କୁ ହସ୍ପିଟାଲରେ ଚିକିତ୍ସା

**ତବ୍‌ରେଜ୍ ଭିଡ଼ହିଂସା**

କରାଯାଉଥିବାବେଳେ ଜୁନ୍ ୨ରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ୧୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ୧୧ ଙ୍କ ବିରୋଧରେ ହତ୍ୟା ମାମଲା ଲଗାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ହୃଦ୍‌ଘାତ ବାହାରିବା ପରେ ଅଭିଯୁକ୍ତଙ୍କ ଉପରୁ ହତ୍ୟା ମାମଲା ହଟାଇ ଦିଆଯାଇଥିବା ଜଣାପଡ଼ିଛି।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା**

୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍ କାଏଦା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଆମେରିକାରେ ସିରିଜ୍ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୨,୯୯୬ ଲୋକ ପ୍ରାଣ ହରାଇଥିଲାବେଳେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

୨୦୧୨ ସେପ୍ଟେମ୍ବର ୧୧ରେ ପାକିସ୍ତାନର କରାଚୀ ଓ ଲାହୋରରେ ଥିବା ୨ଟି ଗୋଦାମରେ ଅଗ୍ନିକାଣ୍ଡ ଘଟିବାରୁ ୩୧୫ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ପଶ୍ଚିମ କରାଚୀର ଏକ କପଡ଼ା ଦୋକାନ ଓ ଲାହୋରରେ ଥିବା ଏକ ଜୋତା ତିଆରି କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୬୦୦ ଲୋକ ଏଥିରେ ଆହତ ହୋଇଥିଲେ।

# କଂଗ୍ରେସ ଛାଡ଼ିଲେ ଊର୍ମିଳା ମାତୋଣ୍ଡକର

ମୁମ୍ବାଇ



ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଊର୍ମିଳା ମାତୋଣ୍ଡକର ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ୬ ମାସ ପୂର୍ବରୁ ସେ କଂଗ୍ରେସରେ ଯୋଗଦେଇ ମୁମ୍ବାଇ ନର୍ଥ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଭାଜପା ପ୍ରାର୍ଥୀ ଗୋପାଳ ସେଟ୍ଟୀଙ୍କଠାରୁ ପରାଜୟବରଣ କରିଥିଲେ। ଏନେଇ ଏକ ବିବୃତିରେ ମାତୋଣ୍ଡକର କଂଗ୍ରେସର ସାଙ୍ଗଠନିକ ଉତ୍ତରଦାୟିତ୍ୱକୁ ନାପସନ୍ଦ କରିଛନ୍ତି। ମୁମ୍ବାଇ କଂଗ୍ରେସ ତାଙ୍କ କଥାକୁ ଅଣଦେଖା କରିବା, ଦଳରେ ପରିବର୍ତ୍ତନ ଓ ସ୍ୱଚ୍ଛତା ରକ୍ଷା କରା ନ ଯିବା, ବିନା ଦାୟିତ୍ୱରେ କେତେକଙ୍କୁ ପଦୋନ୍ନତି ଦିଆଯିବା ଭଳି ନିଷ୍ପତ୍ତି ତାଙ୍କୁ ଏଭଳି ପଦକ୍ଷେପ ନେବାକୁ ବାଧକରିଛି ବୋଲି ମାତୋଣ୍ଡକର ପ୍ରକାଶ କରିଛନ୍ତି।

### ବୃଦ୍ଧଙ୍କ ମୃତଦେହକୁ ମିଳିଲାନି କାନ୍ଧ

# ସାଇକେଲରେ ଗଲେ ଶ୍ମଶାନ

କଣିହାଁ,୧୦।୯(ଡି.ଏନ.ଏ.)

କୁହାଯାଏ ଅସହାୟଙ୍କୁ ସରକାର ସାହାଭରସା। ହେଲେ ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ କଲୋନୀରେ ମଙ୍ଗଳବାର ଘଟିଥିବା ଏକ ଘଟଣା ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କଲୋନୀରେ ରହୁଥିବା ଜଣେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ ଖବର ରେଙ୍ଗାଳି ପୋଲିସ ପାଇଥିଲେ ମଧ୍ୟ ସହାୟତା କରିବା ପରିବର୍ତ୍ତେ ନୀରବ ରହିବାରୁ ଶେଷରେ ଅଖାରେ ବନ୍ଧା ହୋଇ ମୃତଦେହ ସାଇକେଲରେ ଶ୍ମଶାନ ନିଆଯାଇଛି।

ଘଟଣାରୁ ଜଣାପଡ଼ିଛି, ରେଙ୍ଗାଳି ନଦୀ ବନ୍ଧ ନିର୍ମାଣ ବେଳେ ବାହାର ଅଞ୍ଚଳରୁ ଆସିଥିବା ବହୁ ଶ୍ରମିକ ପରିବାର ସହ ଏଠାରେ ରହିଯାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ଏବେ ଡ୍ୟାମ୍ କଲୋନୀର ଭଙ୍ଗା କ୍ୱାର୍ଟର୍ସ ଓ ବିଭିନ୍ନ ଖୋଲା ସ୍ଥାନରେ ଅସ୍ଥାୟୀ ଭାବେ ରହି ଜୀବିକା ନିର୍ବାହ କରୁଛନ୍ତି। ଆଠମଲ୍ଲିକ ଅଞ୍ଚଳରୁ ଆସିଥିବା ଗିରିଧାରୀ ଗଣ୍ଡ(୭୦) ଦୀର୍ଘବର୍ଷ ହେଲା ଡ୍ୟାମ୍ କଲୋନୀରେ ରହୁଥିଲେ। ବର୍ଷେ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାରୁ ଗିରିଧାରୀ ଅସହାୟ ହୋଇପଡ଼ିଥିଲେ। ବୟସାଧିକ୍ୟ କାରଣରୁ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। କଲୋନୀ ବାସିନ୍ଦା ଏ ନେଇ ଥାନାକୁ ଜଣାଇଥିଲେ। କିନ୍ତୁ ରେଙ୍ଗାଳି ପୋଲିସ ପ୍ରଥମେ ଅଭିଯୋଗ କରିବାକୁ କହିବାରୁ କଲୋନୀବାସୀ ନିରାଶ ହୋଇ ମଙ୍ଗଳବାର ମୃତଦେହକୁ ଅଖାରେ ପୂରାଇ ଏକ ସାଇକେଲ ଯୋଗେ ଶ୍ମଶାନକୁ ନେଇ ପୋତି ଦେଇଥିଲେ। ଏ ସମ୍ପର୍କରେ ରେଙ୍ଗାଳି ଥାନା ଅଧିକାରୀ ସରୋଜ ସାମଲ କହିଛନ୍ତି, ବୃଦ୍ଧଙ୍କ ମୃତ୍ୟୁ ଖବର ପାଇଥିଲୁ। ଅଭିଯୋଗ ନ ଥିବାରୁ ମାମଲା ହୋଇନାହିଁ। ତଦନ୍ତ କରାଯିବ। କଣିହାଁ ବିଡିଓ ରମେଶ କୁମାର ଜେନା କହିଛନ୍ତି, ମୃତଦେହ ସଂସ୍କାର ପାଇଁ ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହେଉଛି। କେଉଁ କାରଣରୁ ଏପରି ସ୍ଥିତି ଉପୁଜିଲା ସେ ସମ୍ପର୍କରେ ସରପଞ୍ଚଙ୍କୁ କୈଫତ ମଗାଯିବ।


ବୃଦ୍ଧଙ୍କ ମୃତଦେହକୁ ଅଖାରେ ପୂରାଇ ସାଇକେଲରେ ନିଆଯାଉଛି।

# ଗାଡ଼ି ଧକ୍କାରେ ଗଲା ଦୁଇ ଛାତ୍ରଙ୍କ ଜୀବନ


ଭଦ୍ରକ ଅଫିସ, ୧୦।୯

ଭଦ୍ରକ ସହର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ୍ ନିକଟରେ ମଙ୍ଗଳବାର ସକାଳ ସାଢେ ୬ଟା ବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୨ ଜଣ ଛାତ୍ରଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଛାତ୍ର ଦ୍ୱୟ ପ୍ରାତଃ ସାଇକେଲ ଚାଳନା କରୁଥିବା ବେଳେ ନାଲିରଙ୍ଗର ଏକ ଇଣ୍ଡିଗୋ କାର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଟାଉନ ପୋଲିସ ପହଞ୍ଚି ଦୁଇ ଛାତ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟ ପଠାଇଥିଲା।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ଦୁଇ ଜଣ ଛାତ୍ର ହେଲେ କୁଆଁସ ଗ୍ରାମରେ ଭଡାରେ ରହି ୮ମ ଶ୍ରେଣୀରେ ପଢୁଥିବା ଛାତ୍ର ସୁମିତ୍ ସାହୁ ଓ ଅନ୍ୟ ଜଣେ ହେଲେ ୧୦ମ ଶ୍ରେଣୀର ଛାତ୍ର ଶୁଭଙ୍କର ମଲ୍ଲିକ।

**ପ୍ରାତଃ ସାଇକେଲ ଚାଳନା କାଳ ହେଲା**


ସୁମିତ ସାହୁ


ଶୁଭଙ୍କର ମଲ୍ଲିକ

ସେମାନେ ଦୁଇଟି ସାଇକେଲ ଯୋଗେ ନିଜ ଘରୁ ପ୍ରାତଃ ସାଇକେଲ ଚାଳନା ପାଇଁ ବାହାରିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲୋକାଲ ରୋଡ ଓ ଜାତୀୟ ରାଜପଥ-୧୬ ସଂଯୋଗ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା କାର୍ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୋଟିଏ ସାଇକେଲ ଦୁର୍ଘଟଣାସ୍ଥଳରୁ ୨୦ ମିଟର ଦୂରକୁ ଛିଟିକି ପଡିଥିବା ବେଳେ ଅନ୍ୟ ସାଇକେଲଟି ଦୁର୍ଘଟଣା ଘଟାଇଥିବା ଗାଡିରେ ଲାଗି ପ୍ରାୟ ୫ ଶହ ମିଟର ଦୂର ଯାଏ ଘୋଷାରି ହୋଇ ଯାଇଥିଲା। ଦୁର୍ଘଟଣା ସ୍ଥଳରେ ପ୍ରଚୁର ରକ୍ତସ୍ରାବ ହେବା କାରଣରୁ ଛାତ୍ର ଦ୍ୱୟଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଉକ୍ତ ଗାଡିଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଡ୍ରାଇଭର ଦ୍ରୁତବେଗରେ ଗାଡି ନେଇ ଚାଲିଯାଇଥିଲେ। ପ୍ରଥମେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଛାତ୍ରଦ୍ୱୟ ମୃତ ବୋଲି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନାଧିକାରୀ ସରୋଜିନୀ ସିଂ ପହଞ୍ଚି ଏକ ଆମ୍ବୁଲାନ୍ସ ଯୋଗେ ଛାତ୍ର ଦ୍ୱୟଙ୍କ ମୃତଦେହକୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ମୃତ ସୁମିତ୍‌ଙ୍କ ଘର ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ଦୋଳପଦୀ ଗ୍ରାମରେ। ସେ ଭଦ୍ରକର କୁଆଁସରେ ରହି ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଥିଲେ। ମୃତ ଶୁଭଙ୍କରଙ୍କ ଘର ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଅଞ୍ଚଳରେ ବୋଲି ଜଣାପଡିଛି। ସେ ଚରମ୍ପା ସେଣ୍ଟ ଜାଭିୟର୍ ସ୍କୁଲରେ ପାଠ ପଢୁଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡିର ଟେର୍ ପାଇପାରି ନାହିଁ ।

# ପୁଣି ସମ୍ବଲପୁର ପୋଲିସର ଏନ୍‌କାଉଣ୍ଟର

ସମ୍ବଲପୁର,୧୦।୯ (ବ୍ୟୁରୋ)

- ୭ ଦିନରେ ୨ ଅପରାଧୀ ପୋଲିସ ଜାଲରେ
- ଟଙ୍କା, ପିସ୍ତଲ, ଗୁଳି, ଫୋନ୍, ବାଇକ୍ ଜବତ
- ସମ୍ବଲପୁର, ଦେବଗଡର ବିଭିନ୍ନ ଥାନାରେ ରହିଛି ମାମଲା
- ଘଟଣାସ୍ଥଳରୁ ଅନ୍ୟ ୩ ଜଣ ଖସିଗଲେ, ଜଣେ ପୋଲିସ ଆହତ

ସମ୍ବଲପୁରରେ ୭ ଦିନ ଭିତରେ ୨ୟ ଥର ପାଇଁ ପୋଲିସ ମଙ୍ଗଳବାର ଭୋରରୁ ପୁଣି ଜଣେ ଯୁବକଙ୍କୁ ଏନକାଉଣ୍ଟର କରିଛି। ସେ ହେଲେ ତ୍ରିଦେବ ବାଗ (୨୫)। କୁଲୁଥକାନୀ-ଧନକଉଡା ରାସ୍ତା ମଝିର ଏକ ନିଛାଟିଆ ସ୍ଥାନରେ ପୋଲିସ ଏହି ଏନକାଉଣ୍ଟର କରିଛି। ପୋଲିସକୁ ଦେଖି ତ୍ରିଦେବ ପ୍ରଥମେ ଗୁଳି ଚଳାଇଥିଲେ। ଏଣୁ ବାଧ ହୋଇ ପୋଲିସ ମଧ୍ୟ ପାଲଟା ଗୁଳି କରିଥିଲା। ଫଳରେ ତ୍ରିଦେବଙ୍କ ଡାହଣ ଗୋଡରେ ଗୁଳି ବାଜିଛି। ଆହତ ଅବସ୍ଥାରେ ତାଙ୍କୁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତ୍ରିଦେବଙ୍କ ନିକଟରୁ ୩୦ ହଜାର ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ୩ଟି ମୋବାଇଲ ଫୋନ, ୨ଟି ଗୁଳି, ଏକ ମୋଟର ସାଇକେଲ ଓ ଲୁଟ୍ ହୋଇଥିବା ୩ଟି ସୁନା ଚେନ ଜବତ ହୋଇଛି। ଘଟଣା ସ୍ଥଳରୁ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ତ୍ରିଦେବଙ୍କ ନାମରେ ସମ୍ବଲପୁର ଜିଲାର ଅଇଁଠାପାଲି, ଧନୁପାଲି ଥାନାରେ ପ୍ରାୟ ୮ଟି ମାମଲା ରହିଥିବା ବେଳେ ଦେବଗଡ ଜିଲାରେ ମଧ୍ୟ ଏକାଧିକ ମାମଲା ରହିଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ମୁସିମ ଅଖତର୍ ଓରଫ ବିଟୁ (୩୨)ଙ୍କୁ ପୋଲିସ ଏନକାଉଣ୍ଟର୍ କରିଥିଲା । ଏଥିରେ ଏସ୍‌ଆଇ ମହମ୍ମଦ ଜାହାଙ୍ଗିର ଆହତ ହୋଇଥିଲେ। ମୁସିମଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି, ଗୋଟିଏ ମୋବାଇଲ ସହ ୪ହଜାର ଟଙ୍କା ଜବତ କରିଥିଲା । ତାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ମାରପିଟ ଭଳି ୧୫ରୁ ଅଧିକ ସଙ୍ଗିନ ମାମଲା ରହିଛି।


ଚିକିତ୍ସାଧୀନ ଅଭିଯୁକ୍ତ ତ୍ରିଦେବ ବାଗ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରୋଶନ୍ ରାଜ୍
ପରିବାରବର୍ଗ



ସୁମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ-ଇନ୍ଦୋର ଏକ୍ସପ୍ରେସ୍ ଦୁଇଦିନ ବାତିଲ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ଭୂପଦେଓପୁର ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟ ଆସନ୍ତା ୧୭ ଓ ୧୮ ତାରିଖରେ ହେବ। ଏଥିପାଇଁ ଏହି ରୁଟ୍‌ରେ ଚଳାଚଳ କରୁଥିବା ପୁରୀ-ଇନ୍ଦୋର (୧୯୩୧୭) ଓ ଇନ୍ଦୋର-ପୁରୀ (୧୯୩୧୮) ଏକ୍ସପ୍ରେସକୁ ଦୁଇଦିନ ପାଇଁ ବାତିଲ କରାଯାଇଛି। ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ସେଦିନ ବି ଥିଲା ମଙ୍ଗଳବାର

**ଜଗତ୍‌ସିଂହପୁର ଅଫିସ, ୧୦।୯:** ନାବାଳିକା ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ସେ ଦିନ ଥିଲା ମଙ୍ଗଳବାର। ସ୍କୁଲରେ ପରୀକ୍ଷା ଦେଇସାରି ସେ ଖୁସିରେ ଘରକୁ ଫେରିଥିଲେ। ପରେ ସାଙ୍ଗସାଥୀଙ୍କ ସହ ଖେଳକୁଦ କରୁଥିଲେ। କିଏ ଜାଣିଥିଲା ସେ ଦିନ ହିଁ ତାଙ୍କ ଜୀବନ ଦୀପ ଲିଭିଯିବ। ଅଭିଯୁକ୍ତ ଲବ ମାନା ବଳାତ୍କାର ପରେ ତାଙ୍କୁ ଅତି ନିଷ୍ଠୁର ଭାବେ ଯେଉଁଭଳି ତଣ୍ଟି ଚିପି ହତ୍ୟା କରିଥିଲେ ଓ ମୃତଦେହ ଉପରେ କାଜୁପତ୍ର ଘୋଡ଼ାଇ ଚାଲିଯାଇଥିଲେ, ତାହାକୁ ଆଜି ମଧ୍ୟ ଗ୍ରାମବାସୀ ଭୁଲି ପାରୁନାହାନ୍ତି। ଭଗବାନଙ୍କ ଇଚ୍ଛାରେ ସେହି ମଙ୍ଗଳବାର ହିଁ ରାୟ ପ୍ରକାଶ ପାଇଛି ଏବଂ ଲବଙ୍କୁ ଫାଶୀ ଦଣ୍ଡାଦେଶ ହୋଇଛି ବୋଲି ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପରେ ସ୍ଥାନୀୟ ଲୋକେ କହିଛନ୍ତି।

### ରହସ୍ୟ ଉପରୁ ପର୍ଦ୍ଦା ଉଠାଇଥିଲେ ୨ ନାବାଳିକା

କାଜୁ ଜଙ୍ଗଲରୁ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ କିଏ ତାଙ୍କୁ ହତ୍ୟା କରିଛି ବୋଲି ଗ୍ରାମରେ ଚହଳ ପଡ଼ିଯାଇଥିଲା। ତେବେ ଏହି ରହସ୍ୟ ଉପରୁ ପର୍ଦ୍ଦା ହଟାଇଥିଲେ ୨ ଜଣ ନାବାଳିକା। ସେମାନେ ମିଳିମିଶି ଖେଳୁଥିଲେ। ଏହି ସମୟରେ ଲବ ସେଠାରେ ପହଞ୍ଚି ସମ୍ପୃକ୍ତ ଝିଅକୁ ସେଠାରୁ ନେଇଯାଇଥିଲେ ବୋଲି ୨ ନାବାଳିକା ଗାଁରେ କହିଥିଲେ। କେବଳ ଗାଁରେ ନୁହେଁ, କୋର୍ଟରେ ମଧ୍ୟ ସେମାନେ ବୟାନ ଦେଇଥିଲେ। ଯାହାକି ଏହି ମାମଲାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

### ଅଭିଯୁକ୍ତଙ୍କ ହତ୍ୟା ସ୍ୱୀକାର

ଅଭିଯୁକ୍ତ ଲବଙ୍କୁ ଚିହ୍ନଟ ପାଇଁ ଏରସମା ପୋଲିସ ନିଶିକାନ୍ତ କାଣ୍ଡ ଓ ନିତେଲାଲ ଗୁଡିଆ ନାମକ ୨ ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ନେଇ ବାଦାମବାଡ଼ି ବସଷ୍ଟାଣ୍ଡ ଯାଇଥିଲା। ସେଠାରେ ଲବଙ୍କୁ ଗିରଫ କରାଯାଇଥିଲା। ଗିରଫ ପରେ ଏହି ୨ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଲବ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। କେବଳ ଏତିକି ନୁହେଁ, ସେଦିନ ସେ ନିଜ ଅନ୍ତଃବସ୍ତ୍ରକୁ ପାଖାପାଖି ୨୦ ଫୁଟ ଦୂର ଏକ କାଜୁଗଛ ମୂଳେ ଲୁଚାଇ ଚାଲିଯାଇଥିବା କହିଥିଲେ। ପୋଲିସ ଉକ୍ତ ଅନ୍ତଃବସ୍ତ୍ରକୁ ଜବତ କରି ସିମେନ୍ ପରୀକ୍ଷା ପାଇଁ ପଠାଇଥିଲା। ଏହା ମଧ୍ୟ ବଳାତ୍କାର ସମ୍ପର୍କିତ ପ୍ରମାଣ ଯୋଗାଇଥିଲା। ସୂଚନାଯୋଗ୍ୟ, ଲବ ବିବାହିତ। ଘରେ ତାଙ୍କ ମା’, ବାପା, ଭାଇ, ସ୍ତ୍ରୀ, ୫ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

### ହତ୍ୟାକାରୀଙ୍କୁ ଗିରଫ ଦାବି ତେଜିଥିଲା

ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଖବର ପ୍ରଚାରିତ ହେବା ପରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ୨୦୧୮ ମାର୍ଚ୍ଚ ୨୧ ତାରିଖରେ ସରପଞ୍ଚ ଭୀମସେନ ରାଉତ, ସମିତି ସଭ୍ୟ ସତ୍ୟରଞ୍ଜନ ଜାନାଙ୍କ ସମେତ ଗଡ଼ହରିଶପୁର ଗାଁ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପାଖାପାଖି ୨ ହଜାର ଲୋକ ଟାୟାର ଜାଳି ଗଡ଼ହରିଶପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେତେବେଳେ ସମସ୍ତେ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ପୋଲିସ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ ସହ ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ନାବାଳିକାଙ୍କ ପରିବାରକୁ ସରକାରୀ ସହାୟତା ଦିଆଯାଇଥିଲା।

### ହାଇକୋର୍ଟ ଯିବେ ଲବ

ଲବଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ନିଜ ତରଫରୁ କୌଣସି ଓକିଲ ନିଯୁକ୍ତ କରିପାରି ନ ଥିଲେ। ତେଣୁ ଏସ୍‌ଡିସି (ଷ୍ଟେଟ୍ ଡିଫେନ୍ସ କାଉନସିଲ୍) ପକ୍ଷରୁ ତାଙ୍କ ପାଇଁ ଓକିଲ ନିଯୁକ୍ତ କରାଯାଇଥିଲା। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରବି ସ୍ୱାଇଁ କହିଛନ୍ତି ଯେ, ପୋକ୍‌ସୋ ଅଦାଲତର ରାୟକୁ ଚ୍ୟାଲେଞ୍ଜ କରି ଲବ ହାଇକୋର୍ଟ ଯିବେ ବୋଲି ତାଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି।

# ଧାନକିଣାରେ ମହିଳା ଏସ୍‌ଏଚ୍‌ଜି ସାମିଲ, ମାର୍କଫେଡ୍ ବିଦା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସେପ୍ଟେମ୍ବର ୧୦ ସୁଦ୍ଧା ରାଜ୍ୟରେ ୯ ଲକ୍ଷ, ୭୯ ହଜାର ୯୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୧୨ ହଜାର ୪୭ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ବରଗଡ଼ ୮୫୫୦୯, ବାଲେଶ୍ୱର ୪୮୮୯୦, ଭଦ୍ରକ ୩୧୧୩୬୧, କଟକ ୪୦୬୯୩, କଳାହାଣ୍ଡି ୬୪୯୪୦, ଖୋର୍ଦ୍ଧା ୩୦୬୦୫, ସମ୍ବଲପୁର ୩୪୨୧୯, ସୁନ୍ଦରଗଡ଼ ୩୨୦୧୩, ସୁବର୍ଣ୍ଣପୁର ୪୪୩୯୦, କେନ୍ଦ୍ରାପଡ଼ାରେ ୨୪୯୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଧାନ କିଣାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କ୍ରୟ ଆରମ୍ଭ ହେବ। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଆସନ୍ତା ଖରିଫ୍ ଋତୁରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତ ବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଭାଗଚାଷୀମାନେ ସରପଞ୍ଚ କିମ୍ବା ଜମି ମାଲିକଙ୍କଠାରୁ ଅନୁମତି ପତ୍ର ଆଣି ଧାନ ବିକିବା ପାଇଁ ନିଜର ନାମ ପଞ୍ଜୀକୃତ କରିପାରିବେ। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ୨ ଲକ୍ଷ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ କିଭଳି ଚାଲିଛି ସେ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏମାନେ ଦୁଇଦିନ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଚାଷୀମାନଙ୍କର ମଧ୍ୟ ଆପତ୍ତି ଅଭିଯୋଗ ଶୁଣିବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ମକର ରାଶିସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ସ୍ୱାଭାବିକ ରଖିବ। କିନ୍ତୁ ଷଷ୍ଠଭାବସ୍ଥ ଶୁକ୍ର ନୀଚସ୍ଥ ଯୋଗୁ ଆର୍ଥିକ ସ୍ଥିତି ବିଗିଡିଯାଇପାରେ, କିନ୍ତୁ ଋଣ ଜରିଆରେ ଟଙ୍କା ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ।

**ବୃଷ**
ଆଜି ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗ ଫଳରେ ସଭାସମିତି କିମ୍ବା ପଦସ୍ଥବ୍ୟକ୍ତିଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। କିନ୍ତୁ ପାରିବାରିକ ସମସ୍ୟା ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ**
ସମସ୍ତ ପ୍ରକାରର ସୁବିଧା ହାସଲ କରି ଲକ୍ଷ୍ୟପଥର ପଥିକ ହୋଇପାରନ୍ତି। ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବାର ସମ୍ଭାବନା ରହିଛି। ବୈଷୟିକ ସମ୍ପଦ ହାସଲ ପରିପ୍ରେକ୍ଷୀରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ**
ଯେ କୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଆପଣ କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି। ଅବଶ୍ୟ ଆର୍ଥିକ, ବ୍ୟବସାୟିକ, ଉପରିସ୍ଥ କର୍ମଚାରୀ କିମ୍ବା ସରକାରୀ କାମ କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ**
ସ୍ୱଗୃହୀ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବାର ଲକ୍ଷ୍ୟକରି ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ । ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି ।

**କନ୍ୟା**
ଶୁକ୍ରଙ୍କ ପ୍ରଭାବକ୍ରମେ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅନୁଭବ କରିବେ। ଏହା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ରାହୁଙ୍କ ସ୍ଥିତି କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**
ଦ୍ୱିତୀୟଭାବସ୍ଥ ବୁଧଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କିନ୍ତୁ ସ୍ଥଳ ବିଶେଷରେ ରୋକ୍‌ଠୋକ୍ କଥା କେତେକ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କଲେ ସଫଳତା ପାଇବେ। ମାମିଲାମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ଶନି ଓ ରାହୁଙ୍କ ସ୍ଥିତିଜନିତ ବିବାଦୀୟ ଘଟଣା କିମ୍ବା ଅସଫଳତା ହେତୁକ ମନସ୍ତାପ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରି ଅଧିକାଂଶ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ପାରିବାରିକ କ୍ଷେତ୍ରରେ ଅସ୍ଥିରତା କ୍ରମଶଃ ଦୂରେଇବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ମକର**
ଆଜି ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ କରି ମନରେ ଉତ୍ସୁକତା ପ୍ରଦାନ କରିବେ। ମାନସିକ ସ୍ଥିରତା କେତେମାତ୍ରାରେ କ୍ଷୁଣ୍ଣ ହୋଇପାରେ। ତଥାପି ସାମୟିକ ଭାବରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଉଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ**
ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ କେତେକାଂଶରେ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ**
ବୃହସ୍ପତିଙ୍କ ଶୁଭ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଉଚ୍ଚଚିନ୍ତା ଓ ନୂଆ ନୂଆ ଯୋଜନା କରିପାରନ୍ତି। କିନ୍ତୁ ପାଖ ପଡୋଶୀଙ୍କ ସହ ସମ୍ପର୍କରେ ଅବନ୍ନତି ଘଟିବ ଏବଂ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ଶ୍ରୀମନ୍ଦିରରେ ବଳିବାମନ ବେଶ, ବୁଧବାମନ ଓଷା ଶେଷପାଳି, ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ (ସ୍ୱାମୀ ବିବେକାନନ୍ଦଙ୍କ ଶିକାଗୋଭାଷଣ-୧୧।୯।୧୮୯୩), ରାଶିନକ୍ଷତ୍ର-ଶ୍ରବଣା/ମକର, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୪ମି. ଗତେ ଘ୮।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୪ମି. ମଧ୍ୟେ ଘ୧୦।୧୧ମି. ଗତେ, ଘ୧।୫୦ମି. ମଧ୍ୟେ ଘ୪।୪୭ମି. ଗତେ, ଘ୬।୧୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday

0674-2580101, 2549302




**BRIDE WANTED**

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Bhandari / 29years, groom, B.Tech, Burla, MBA, IIM, Indore working as consultant in MNC, Bhubaneswar seeking working bride, Caste-no-bar. 9437756821. D-14255

Brahmin Boy 1991, 6ft, B.Tech, MBA, serving Manager MNC Pune- Sunasansar. 9937512659. D-66779

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

Girl for M.Tech (IIT, Bombay), Internship (Steinbeis University), Germany, qualified karan Commander in Indian Navy. Contact: +919438183860. D-14225

ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ ଶିକ୍ଷିତା, ସୁନ୍ଦର, ଗୌରବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୭୮୯୪୧୭୬୫୧୬। D-14251

Looking Bride (IT/ MBA/MCA) Karan Groom 29/5'7", Senior Consultant, Bangalore. 0674-2382150, 9861006061. D-14259

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡ଼ପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

35/5'3" ଏମ୍.ଏସ୍‌ସି, ରେଳୱେ କ୍ଲର୍କ ଭାବେ କାର୍ଯ୍ୟରତ, ମାସିକ 42000 ରୋଜଗାର କରୁଥିବା ସୁନ୍ଦର କନ୍ୟା ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। ଦୟାକରି ଯୋଗାଯୋଗ କରନ୍ତୁ। 6261597187. D-14254

real estate

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

1500 sqft gharabari plot for sale at Keshura, Cuttack - Puri bypass road Bhubaneswar price 26 lakh. Contact: 9078151122. D-67383

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

to-let

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

Shop on rent of 12ft x 20ft with partitions and furniture at New Care Hospital Road, Chandrasekharpur, Bhubaneswar. 9937000624, 9438080874. D-66959

1500sqft. rooftop godown space near Slughterhouse, Canalroad, Laxmisagar: 9861085668. D-67058

**1200sqft full furnished commercial office space for rent, 1st floor Bomikhal CTC Road, Bhubaneswar. Contact: 09880193309, 7411536937.** D-67385

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ’ରୁମ୍ ଭଡ଼ାଦିଆଯିବା ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

**ACCOMMODATION**

**Required 1500sqft to 2000sqft hall type area for office purpose. Location: Gandamunda Square to Khandagiri Square. Contact: 9668737327.** D-14291

**Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658.** D-67384

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

business

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

Mishra Milin Basant, S/o - Basant Mishra, 64/6950/9617, Chandrasekharpur, Bhubaneswar, changed my name as Milin Mishra. D-14294


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନାବାଳିକା ବଳାତ୍କାରୀକୁ ଫାଶୀ ଦଣ୍ଡାଦେଶ




# ୫ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର ୧୦।୯(ବ୍ୟୁରୋ)

ଉଚ୍ଚତର ଗବେଷଣା ପାଇଁ ରାଜ୍ୟର ୫ଜଣ ଗବେଷକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବ ବିଜ୍ଞାନ ଓ କାରିଗରି ବିଭାଗ। ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଅଧିକତର ଗବେଷଣା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ଏହି ସହାୟତା ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ମଙ୍ଗଳବାର ବିଜ୍ଞାନ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁମୋଦନ କରିଛନ୍ତି। ବାୟୋଟେକ୍ନୋଲୋଜିରେ ଗବେଷଣା ଓ ବିକାଶକୁ ଦୃଷ୍ଟିରେ ରଖି ଏକ ଉପସମିତିର ସୁପାରିସକ୍ରମେ ୫ଜଣ ଗବେଷକ ଏହି ସହାୟତା ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ୫ଜଣ ଗବେଷକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ରାଉରକେଲାସ୍ଥିତ ଏନ୍‌ଆଇଟିର ଜୀବବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଡ. ସୁମନ ଝା, ନିଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱରର ସ୍ନାୟୁ ବିଭାଗ ଆସୋସିଏଟ୍ ପ୍ରଫେସର ଡ. ସଂଜୀବ କୁମାର ଭୋଇ ଏବଂ ଆସୋସିଏଟ୍ ପ୍ରଫେସର ଡ. ସୁଚିତ୍ରା କୁମାରୀ, ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଏବଂ ମ୍ୟାଟେରିଆଲ୍ସ ଟେକ୍ନୋଲୋଜିର ବରିଷ୍ଠ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ। ପ୍ରତି ଗବେଷକଙ୍କୁ ୩ ବର୍ଷ ନିମନ୍ତେ ସରକାରଙ୍କ ପକ୍ଷରୁ ସର୍ବାଧିକ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୋଟ ଭାବେ ୫ଜଣ ଗବେଷକଙ୍କୁ ସହାୟତା ବାବଦରେ ୪୯.୪୮ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଅନୁମୋଦିତ ହୋଇଛି।

## ଜିଲା ଚିଠି ସୁନ୍ଦରଗଡ଼



# ଅନିଶ୍ଚିତ ପ୍ରକଳ୍ପ

ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପରେ କାମ ଆରମ୍ଭ ହେବା ନେଇ ଦିନଗଡୁଛି। ତେଣୁ ବିସ୍ଥାପିତ ଓ ପ୍ରଭାବିତ ଅଧିବାସୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲଠାରେ ରାଜ୍ୟ ସରକାର ଅଲଟ୍ରା ମେଗା ପାୱାର ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ କରିବାର ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩୨୪୬ ଏକର ଜମି ଆବଶ୍ୟକ କରି ୨୦୦୬ମସିହାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ମାତ୍ର ସେତେବେଳେ ଏହି ଗ୍ରାମସଭାରେ ଲଙ୍କାହୁଡା ଗ୍ରାମପଞ୍ଚାୟତର ସେମନା ଓ ଜପଙ୍ଗା ଗ୍ରାମବାସୀ ଜମି ନ ଦେବା ପାଇଁ ଜିଦ୍ ଧରି ବସିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରୁଥିବା ଇଡ୍‌କୋକୁ ଏହି ୨ଟି ଗ୍ରାମକୁ ବାଦଦେଇ ଅନ୍ୟ ଗ୍ରାମର ଜମି ଅଧିଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ପଞ୍ଚାୟତର ରୁପିଡି, ଲଙ୍କାହୁଡା ଓ କୋପସିଂହା ଗ୍ରାମର ଚାଷଜମି ସହ ଘର ନିର୍ମାଣ ହୋଇଥିବା ଜମି ଅଧିଗ୍ରହଣ କରି କ୍ଷତିପୂରଣ ପ୍ରଦାନ କରିଥିଲେ। ଜପଙ୍ଗା ଓ ସେମନା ଗ୍ରାମକୁ ବାଦ ଦେଇ ପ୍ଲାଣ୍ଟ ପାଇଁ ଭେଡାବାହାଲ ଓ କିରେଇ ପଞ୍ଚାୟତରେ ଜମି ଗ୍ରହଣ ହୋଇଥିଲା। ପ୍ଲାଣ୍ଟ ପାଇଁ ଘରୋଇ ଜମି ୨୭୩୩ ଏକର, ୪୪୪ଏକର ସରକାରୀ ଜମି ଓ ୬୯ ଏକର ରାଜସ୍ୱ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଇଛି। ୨୦୦୬ରେ ଜମି ଅଧିଗ୍ରହଣ ସରିବା ପରେ ଏହି ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଦିନ ଗଡୁଥିବା ବେଳେ ଏଣେ ଅଧିଗ୍ରହଣ ସରିଥିବା ଗ୍ରାମବାସୀ ବର୍ତ୍ତମାନ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି କି ଗରିବ ଲୋକେ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଗ୍ରାମଗୁଡିକରେ ରାସ୍ତାଘାଟ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ମଧ୍ୟ ହେଉ ନାହିଁ। ଫଳରେ ଲୋକେ ନାନାଦି ଅସୁବିଧାରେ ରହୁଥିବା ବେଳେ ସରକାରୀ ବାବୁମାନେ ହାତଟେକି ବସିଛନ୍ତି। ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନଠାରୁ ସରକାରଙ୍କ ଯାଏ ଗୁହାରି କଲେ ମଧ୍ୟ ସମସ୍ତେ ଚୁପ୍। ଏଭଳି ସ୍ଥିତିରେ ଲୋକେ ସରକାର ତୁରନ୍ତ ପ୍ଲାଣ୍ଟ ପ୍ରତିଷ୍ଠା କରନ୍ତୁ ନଚେତ୍ ଅଧିକୃତ ଜମି ଫେରସ୍ତ କରନ୍ତୁ ବୋଲି ଦାବି କରୁଛନ୍ତି।

– ଜୟନାରାୟଣ ମେଣ୍ଡୁଲି

## ସଂକ୍ଷେପରେ

### ନିଲମ୍ବିତ କନଷ୍ଟେବଳଙ୍କୁ ମାଲକାନଗିରି ବଦଳି

କଟକ ଅଫିସ, ୧୦।୯: ଡିଜିପି ବିଜୟ କୁମାର ଶର୍ମା ମଙ୍ଗଳବାର ଜଣେ କନ୍‌ଷ୍ଟେବଲଙ୍କୁ ମାଲକାନଗିରି ଜିଲାକୁ ବଦଳି କରିଛନ୍ତି। କନଷ୍ଟେବଲ ଜଣକ ହେଉଛନ୍ତି ଅନୁଗୋଳ ଜିଲାର ଗୋପାଳ ଶଙ୍କର ମାରାଣ୍ଡି। ଦୁର୍ବ୍ୟବହାର, ବିଶୃଙ୍ଖଳିତ ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ମାଲକାନଗିରିକୁ ବଦଳି କରାଯାଇଛି। ସୂଚନା ଅନୁଯାୟୀ, ବିଶୃଙ୍ଖଳିତ ଆଚରଣ ପାଇଁ ଗୋପାଳଙ୍କୁ ଗତ ସୋମବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନା କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଓଡ଼ିଶା ପୋଲିସ ମାନୁଆଲର ଅଧିନିୟମ ୮୪୦ ଅନୁଯାୟୀ ତାଙ୍କୁ ନିଲମ୍ବିତ କରାଯାଇଥିଲା।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ସାକ୍ଷାତ୍‌କାର ଆଜି

ଭୁବନେଶ୍ୱର, ୧୦।୯(ବ୍ୟୁରୋ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପାଇଁ ବୁଧବାର ରାଜ୍ୟ ଅତିଥି ଭବନରେ ପୂର୍ବାହ୍ନ ୯ଟା ବେଳେ ସାକ୍ଷାତ୍‌କାର ଅନୁଷ୍ଠିତ ହେବ। କୁଳପତି ଚୟନ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ହୋଇଥିବା କମିଟିରେ ପ୍ରଫେସର ଅଶୋକ ଦାସ, ପ୍ରଫେସର ଆଦିତ୍ୟ ପାଢ଼ୀ ଓ ପ୍ରାକ୍ତନ ପ୍ରଶାସକ ଚିନ୍ମୟ ବସୁ ସାକ୍ଷାତ୍‌କାର ନେବାର କାର୍ଯ୍ୟକ୍ରମ ରହିଛି। ତେବେ ଆବେଦନକାରୀଙ୍କ ମଧ୍ୟରୁ ମନୋନୀତ ପ୍ରାର୍ଥୀଙ୍କ ତାଲିକା ରାଜ୍ୟପାଳଙ୍କ ନିକଟକୁ କମିଟି ସଦସ୍ୟମାନେ ପଠାଇବେ। ଏହାପରେ ରାଜଭବନରେ ରାଜ୍ୟପାଳ କୁଳପତି କିଏ ହେବେ ସେ ନେଇ ପରବର୍ତ୍ତୀ ସମୟରେ ଘୋଷଣା କରିବେ।

## ବ୍ରାହ୍ମଣୀ ଡଙ୍ଗାବୁଡ଼ି ଘଟଣା

# ମିଳିଲା ଆଉ ୨ ମୃତଦେହ

ପରଜଙ୍ଗ, ୧୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁନ୍ଦନଦେଇପୁର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାରେ ମଙ୍ଗଳବାର ଆଉ ୨ ନିଖୋଜଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଛତୁ ବ୍ୟବସାୟୀ ରମେଶ ସାହୁ ଏବଂ ବିଜୟ ନାୟକ ଓରଫ୍ ଲୁଲୁ। ଏହି ଘଟଣା ପରେ ମୃତକଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି।

- ବୁଲା କୁକୁର ଦେଲା ସୂଚନା
- ଏବେ ବି ଜଣେ ନିଖୋଜ

ଅନ୍ୟପଟେ ନିଖୋଜ ଥିବା ସୁଶାନ୍ତ ସାହୁଙ୍କ ଅଦ୍ୟାବଧି କୌଣସି ସନ୍ଧାନ ମିଳିପାରିନାହିଁ।

ସୋମବାର ପାଣିଗେଙ୍ଗୁଟିଆ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟରେ କାଉଁସି ଗଛରୁ ବିଶ୍ୱଜିତ ଆଚାର୍ଯ୍ୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ନଦୀରେ ପାଣି କମିଯାଇଥିଲା। କେତେଜଣ ଲୋକ ମାଛ ଧରୁଥିବାବେଳ ନଦୀ ମଝିରେ ବୁଲା କୁକୁର ବାଲି ରାମ୍ପୁଥିବା ଦେଖିଥିଲେ। ସନ୍ଦେହରେ ସେମାନେ ସେଠାକୁ ଯିବାବେଳେ ଏକ ମୃତଦେହର ପୋତି ହୋଇ ରହିଥିବା ଦେଖିଥିଲେ। ମୃତଦେହ ଉଦ୍ଧାର କରାଯିବା ପରେ ତାହା ରମେଶଙ୍କର ବୋଲି ଜଣାପଡ଼ିଥିଲା। ସେଠାରୁ ଅଳ୍ପ ଦୂରରୁ ବାଲିରେ କୁକୁର ରାମ୍ପୁଡ଼ା ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଖୋଳାଯିବା ପରେ ଉକ୍ତ ସ୍ଥାନରୁ ବିଜୟଙ୍କ ମୃତଦେହ ବାହାରିଥିଲା। ସାଆନ୍ଦା ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୃତଦେହ ଜବତ କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ନଂ. ୩୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଜିଲା ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି।

ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଅତିରିକ୍ତ ତହସିଲଦାର ରାମକୃଷ୍ଣ ମହାନ୍ତି, ଥାନାଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ, ସାଆନ୍ଦା ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ, ଯନ୍ତ୍ରୀ ସଞ୍ଜୟ କୁମାର ଲେଙ୍କା ପ୍ରମୁଖ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରଦୀପ ବେହେରା, ଯୁବ ବିଜେଡି ସଭାପତି ସୁବ୍ରତ ଦାସ ଉପସ୍ଥିତ ଥିଲେ।




ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ବାଲି ଖୋଳାଯାଉଛି।

### ଦୁର୍ଘଟଣାର ୪ଦିନ ପରେ ଜବତ ହୋଇନି କେବୁଲ

ବ୍ରାହ୍ମଣୀ ନଦୀ ଡଙ୍ଗାବୁଡ଼ି ଘଟଣାର ପ୍ରମୁଖ କାରଣ କେବୁଲ ତାର ବୋଲି ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୁର୍ଘଟଣାକୁ ଇତି ମଧ୍ୟରେ ୪ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ମୃତ୍ୟୁର ଫାଶ ପାଲଟିଥିବା ଉକ୍ତ କେବୁଲକୁ ନଦୀ ମଧ୍ୟରୁ ହଟାଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସମ୍ପୃକ୍ତ କେବୁଲ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ବିଜୟ ନାୟକଙ୍କ ଭାଇ ଅଜୟ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଡଙ୍ଗାବୁଡ଼ି ଘଟଣାର ପ୍ରମୁଖ ପ୍ରତ୍ୟକ୍ଷଦର୍ଶୀ ହେଉଛନ୍ତି ଅଜୟ। ଦୁର୍ଘଟଣା ପରେ ସେ ପ୍ରଥମେ ପହଁରି ପହଁରି କୂଳରେ ପହଞ୍ଚିଥିବାବେଳେ ତାଙ୍କ ଆଖି ସାମ୍ନାରେ ଭାଇ ବିଜୟ ବୁଡ଼ିଯାଇଥିଲେ।

ଏ ନେଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଡଙ୍ଗାଚାଳକ ଏବଂ କେବୁଲ ସଂସ୍ଥା ନାମରେ ମୋଟଙ୍ଗା ଥାନାରେ ଅଭିଯୋଗ ହୋଇଛି। ସେଠାକାର ପୋଲିସ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଅନ୍ୟପଟେ ଡଙ୍ଗାବୁଡ଼ିର ୪ଦିନ ପରେ ନିଖୋଜ ସୁଶାନ୍ତ ସାହୁଙ୍କ ପତ୍ତା ମିଳୁନାହିଁ। ତଲାସୀ ଅଭିଯାନରେ ସନ୍ଧାନୀ କୁକୁରର ସହାୟତା ଦେବାକୁ ସାମାଜିକ କର୍ମୀ ସଞ୍ଜି ସାହୁ ପ୍ରଶାସନକୁ ନିବେଦନ କରିଛନ୍ତି। ଅପରପକ୍ଷେ ଦୁର୍ଘଟଣା ପରେ ସୁଶାନ୍ତଙ୍କ ଘରେ ଚୁଲି ଜଳୁନାହିଁ। ଦୁଃଖରେ ମ୍ରିୟମାଣ ପରିବାର ସଦସ୍ୟ ଆଶାଆଶଙ୍କା ଭିତରେ ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି।

# ଭରତପୁରରେ ସେବା ସପ୍ତାହ ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୯(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ୭ଦିନ ପର୍ଯ୍ୟନ୍ତ ସାରା ଦେଶରେ ଭାଜପା ସେବା ସପ୍ତାହଭାବେ ପାଳନ କରିବ । ୧୭ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପଡୁଛି। ତେଣୁ ସେପ୍ଟେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ। ସେବା ସମିତିର ରାଜ୍ୟ ସଂଯୋଜକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏହି ସୂଚନା ଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଷ୍ଣୁ କହିଛନ୍ତି ଯେ, ୧୪ରେ ଭୁବନେଶ୍ୱରସ୍ଥିତ ଭରତପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେବା ସପ୍ତାହର ଶୁଭାରମ୍ଭ କରିବେ। ଏହି ଅବସରରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ତଥ୍ୟକୁ ଫଟୋ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ପ୍ରଧାନମନ୍ତ୍ରୀଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମ ଗୁଡିକରେ ଫଳ ବିତରଣ କରାଯିବ । ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସହଭାଗିତାରେ ସେବା କାର୍ଯ୍ୟ କରିବାକୁ ଦଳ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ଆସନ୍ତା ୨୦ରେ ସାରା ରାଜ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ। ଏହା ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତର ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ ବୋଲି ବିଷ୍ଣୁ କହିଛନ୍ତି । ଏହି ସେବା ସପ୍ତାହ ପାଳନର ପ୍ରସ୍ତୁତି ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି ।

# ନବବଧୂଙ୍କ ମୁଣ୍ଡକୁ ହାଣି ହତ୍ୟା: ସ୍ୱାମୀ, ଶାଶୁ ଅଟକ

ଗୋପାଳପୁର,୧୦।୯

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ମନସୁର୍‌କୋଟା ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଛି। ଅଧିକ ଯୌତୁକ ଦାବି ନେଇ ରବିବାର ରାତିରେ ନବବଧୂ ତଥା ପୁରୀ ଅଞ୍ଚଳର ନାନୁ ଦାସ (୨୨)ଙ୍କ ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। ମଙ୍ଗଳବାର ଏ ନେଇ ନାନୁଙ୍କ ମା' ମମତା ଦାସଙ୍କ ଏତଲାକୁ ଭିତ୍ତିକରି ଗୋପାଳପୁର ଥାନାରେ (ନଂ.୯୭/୧୯)ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ମା'ଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ପ୍ରାୟ ଦେଢ଼ବର୍ଷ ତଳେ ନାନୁ ବୋହୂ ହୋଇ ମନସୁରକୋଟା ଗାଁକୁ ଆସିଥିଲେ। ବିବାହ ବେଳେ ବାପଘର ପକ୍ଷରୁ ଯାନିଯୌତୁକ ଦିଆଯାଇଥିଲା। କିଛିଦିନ ଭଲରେ ଚଳିବା ପରେ ସ୍ୱାମୀ ଓ ଶାଶୁ ଅଧିକ ଯୌତୁକ ଆଣିବା ଦାବି କରି ନାନୁଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ବିଭିନ୍ନ ସମୟରେ ସ୍ୱାମୀ ନିଶାସକ୍ତ ହୋଇ ଆସି ଗଣ୍ଡଗୋଳ କରୁଥିଲେ। ଜୁନ ମାସରେ ପ୍ରାୟ ୫ମାସର ଶିଶୁକନ୍ୟାକୁ ନେଇ ସ୍ୱାମୀଙ୍କ ସହ ନାନୁ ବାପ ଘରକୁ ଯାଇଥିଲେ। ଇତିମଧ୍ୟରେ ସ୍ୱାମୀ କରିଥିବା ଋଣ ପରିଶୋଧ କରିବା ପାଇଁ ପୁଣି ବାପଘରୁ ଟଙ୍କା ଆଣିବାକୁ ନାନୁଙ୍କୁ ବାଧ କରିଥିଲେ। ନାନୁଙ୍କ ମା' ଶ୍ରମିକ ଶ୍ରେଣୀର ହୋଇଥିଲେ ବି ଜ୍ୱାଇଁ ମାଗୁଥିବା ଟଙ୍କା ବିଭିନ୍ନ ସମୟରେ ଦେଉଥିଲେ। ବାପଘରୁ ପଳାଇ ଆସିବାକୁ ନାନୁଙ୍କୁ ଶାଶୁଘର ଲୋକେ ବାରମ୍ବାର ଫୋନ କରିଥିଲେ। ଗତ ୨ ତାରିଖରେ ମନସୁରକୋଟା ଆସିବା ପରେ ଟଙ୍କା ପାଇଁ ନାନୁଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୋମବାର ରାତିରେ ଏ ସମ୍ପର୍କରେ ସେ ତାଙ୍କ ମା'ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏପରିକି 'ବୋଉ ମତେ ନେଇଯା, ନଚେତ୍ ଏମାନେ ମାରିଦେବେ' ବୋଲି କାନ୍ଦି କାନ୍ଦି କହିଥିଲେ। ରାତି ପ୍ରାୟ ୧୧ଟାରେ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ଆସି ଯୌତୁକ ଟଙ୍କା ଆଣିବା ବିଷୟରେ ବାପଘରେ କହିଲୁ କି ନାହିଁ କହି ଏକ ଧାରୁଆ ଅସ୍ତ୍ରରେ ନାନୁଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଗୁରୁତର ଅବସ୍ଥାରେ ନାନୁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୨ଟାରେ ନାନୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଥାନାଧିକାରୀ ମହନ୍ତ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସହକାରୀ ଜିଲାପାଳ ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଡି. ମାଳେଶ୍ୱର ପାତ୍ରଙ୍କ ଉପସ୍ଥିତିରେ ନାନୁଙ୍କ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ଅପରାହ୍ନରେ ମୃତଦେହକୁ ନାନୁଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ସ୍ମୃତି ରଞ୍ଜନ ମିଶ୍ର (ପପୁ)
ତଡ଼ାସ ରାମହଂସପୁର
ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୪୨୯୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରସନ୍ନ କୁମାର ପାଲ
N-4/ 244, ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ତିରୋଧାନ: ୨୨।୦୯।୨୦୧୮
(ଭାଦ୍ରବ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି)
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା,
ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
କ୍ରିଷ୍ଣା କୁମାରୀ ପାଲ, ମନୀଷା, ବବଲୁ, ଇଟୁନା, ପାକିନା, ବାବୁ ଓ ପରିବାରବର୍ଗ।
ଧ-୫୬୬୫୪


# ଗୋରୁଗାଡ଼ି ଜବତ, ୨ ଗିରଫ

ବାଙ୍ଗିରିପୋଷି,୧୦।୯(ଡି.ଏନ୍.ଏ.)

ଜାତୀୟ ରାଜପଥ ୪୯ର ବାଙ୍ଗିରିପୋଷି ଥାନା ଅଞ୍ଚଳରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋମବାର ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏହି ଘଟଣାରେ ଭ୍ୟାନ ଡ୍ରାଇଭର ବାଦାମପାହାଡ ଅଞ୍ଚଳର ଯୋଗେନ୍ଦ୍ର ମହାନ୍ତ ଓ ଖଲାସୀ କୁସୁମୀ ଗ୍ରାମର ରବୀନ୍ଦ୍ର ନାଏକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରତିଦିନ ରାଇରଙ୍ଗପୁରର ହାଟବାଦଳା ଓ ଯଶିପୁରର ଅଙ୍ଗାରଗଡିଆ ହାଟରୁ ଶତାଧିକ ଗୋରୁ ବୋଝେଇ ହୋଇ ଜାମଶୋଳା ଦେଇ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଯଶିପୁର, ରାଇରଙ୍ଗପୁର, ବିଶୋଇ, ବାଙ୍ଗିରିପୋଷି ଓ ଝାଡ଼ପୋଖରିଆ ଥାନା ସୀମାଦେଇ ଏହି ଗୋରୁ ଚାଲାଣ କରାଯାଉଛି। ସୋମବାର ରାତିରେ ଜାତୀୟ ରାଜପଥ ୪୯ର ବାଙ୍ଗିରିପୋଷି ଦେଇ ଏକ ପିକ୍‌ଅପ୍ ଭ୍ୟାନରେ ଗୋରୁ ବୋଝେଇ ହୋଇ ଯାଉଥିବା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା। ଲୋକେ ଭ୍ୟାନ ଅଟକାଇ ପୋଲିସ ଜିମା ଦେଇଥିଲେ। ଉକ୍ତ ଗାଡ଼ିରେ ୧୧ଟି ଗୋରୁଙ୍କୁ ଅତି ଅମାନୁଷିକ ଭାବେ ବାନ୍ଧି ନିଆଯାଉଥିଲା। ବାଙ୍ଗିରିପୋଷି ଥାନା ଅଧିକାରୀ ଚନ୍ଦନ ଘଡାଇଙ୍କ ନିର୍ଦ୍ଦେଶ କ୍ରମେ ଭ୍ୟାନଟିକୁ ଜବତ କରାଯାଇଥିଲା। ଉଦ୍ଧାର ହୋଇଥିବା ୧୧ଟି ଗୋରୁଙ୍କୁ ବାଲେଶ୍ୱର ସ୍ଥିତ ମା' ଭାରତୀ ଗୋଶାଳା ପଠା ଯାଇଥିବା ଜଣାପଡିଛି। ଏଥିନେଇ ଥାନାରେ ଏକ ମାମଲା (ନଂ.୧୦୨/୧୯) ରୁଜୁ ହୋଇଛି।




ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଧିଷ୍ଟ ଓ ଅନିବାର୍ଯ୍ୟ। –ଶ୍ରୀଅରବିନ୍ଦ

# କଡ଼ା କର ସଡ଼କ ନିୟମ

ଭାରତରେ ୧ ସେପ୍ଟେମ୍ବର ୨୦୧୯ରେ ନୂଆ ମୋଟର ଭେଇକିଲ୍ସ ଆଇନ ଲାଗୁ ହେବା ପରଠାରୁ ଦେଶବ୍ୟାପୀ କୋକୁଆ ଭୟ ସୃଷ୍ଟି ହୋଇଛି। ଓଡ଼ିଶାରେ ଗୋଟିଏ ସପ୍ତାହ ମଧ୍ୟରେ ଯେଭଳି ଧରପଗଡ଼ ହେବା ସହ ଉଲ୍ଲଂଘନକାରୀଙ୍କ ଉପରେ ଅତ୍ୟଧିକ ମାତ୍ରାର ଜରିମାନା ଲଦାଗଲା, ତାହା ଏବେ ପୁରପଲ୍ଲୀରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ସେତିକି ନୁହେଁ, ଜନସାଧାରଣ ଓ ପୋଲିସ ମଧ୍ୟରେ ୭ ସେପ୍ଟେମ୍ବରରେ ଭୁବନେଶ୍ୱର ରାଜମହଲ ଛକରେ ଗାଡ଼ି ଯାଞ୍ଚକୁ ନେଇ ତୁମୁଳକାଣ୍ଡ ଘଟିଯାଇଛି। ପୋଲିସ ଗାଡ଼ିଚାଳକଙ୍କୁ କାଗଜପତ୍ର ମାଗିଥିବା ବେଳେ ଜନସାଧାରଣ ଓଲଟା ପୋଲିସ ଗାଡ଼ିର କାଗଜପତ୍ର ମାଗି ଗଣ୍ଡଗୋଳ ଘଟାଇଥିଲେ। ଏସବୁ ଦେଖି ଅନେକେ କହୁଛନ୍ତି, ଯାହା ହେଉ ପୋଲିସ ପାନେ ପାଇଛି। ଏଭଳି ଅସ୍ୱାଭାବିକ କଥା ଶୁଣିଲା ବେଳେ ମନକୁ ପ୍ରଶ୍ନ ଆସୁଛି– ନିୟମଭଙ୍ଗକାରୀ କେଉଁ ସ୍ତରରେ ଅଛନ୍ତି। ୨୦୧୮ରେ ପ୍ରକାଶିତ ସରକାରୀ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସଡ଼କ ଦୁର୍ଘଟଣାରେ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ପ୍ରତି ଘଣ୍ଟାରେ ୧୭ ଜଣଙ୍କ ପ୍ରାଣହାନି ଘଟୁଛି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ମାରାତ୍ମକ ରୋଗଜନିତ ମୃତ୍ୟୁସଂଖ୍ୟା ତୁଳନାରେ ରାସ୍ତା ଦୁର୍ଘଟଣା ଯୋଗୁ ଘଟୁଥିବା ପ୍ରାଣହାନି ଯଥେଷ୍ଟ ଅଧିକ। ଏହାର ଏକମାତ୍ର କାରଣ ହେଲା ଅସାବଧାନତାରେ ଗାଡ଼ି ଚାଳନା। ଏସବୁକୁ ଲକ୍ଷ୍ୟ କରି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡ଼କରି କହିଛନ୍ତି ଯେ, ଲୋକଙ୍କ ଉପରେ ଅତ୍ୟଧିକ ଜରିମାନା ଆଦାୟ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ, କିନ୍ତୁ ଏଭଳି ପଦକ୍ଷେପ ନିଆଯିବା ଦ୍ୱାରା ଆଗକୁ ସମସ୍ତେ ନିୟମ ମାନିବାକୁ ବାଧ ହେବେ ଓ କେହି ଜରିମାନା ଦେବା ସକାଶେ ଯୋଗ୍ୟ ରହିବେ ନାହିଁ। ଗଡ଼କରୀଙ୍କ ଏହି କଥାକୁ ଆମେ ସମର୍ଥନ କରିବା ପଛରେ ଉଦ୍ଦେଶ୍ୟ ରହିଛି ଯେ ସମସ୍ତେ ଶୃଙ୍ଖଳିତ ହୋଇ ଚାଲନ୍ତୁ। କେବଳ ଓଡ଼ିଶା ନୁହେଁ, ଦେଶର ପ୍ରାୟ ଅଧିକାଂଶ ଆର୍‌ଟିଓ ଶାଖା ସମ୍ମୁଖରେ ଲାଗି ରହିଥିବା ଲମ୍ବା ଧାଡ଼ିକୁ ଦେଖିଲେ ସତ୍ୟ ପ୍ରମାଣିତ କରୁଛି। ହଠାତ୍ ଦୁଇଚକିଆ ଓ ଚାରିଚକିଆ ଚାଳକମାନେ ଲାଇସେନ୍ସ କରିବା ଉଚିତ ବୋଲି ଭାବିଲେଣି। ଇତିମଧ୍ୟରେ ବେଆଇନ ଭାବେ ଚାଲୁଥିବା ବିଭିନ୍ନ ପ୍ରକାରର ଯାନବାହନ ସଂଖ୍ୟା ରାସ୍ତାରେ ହ୍ରାସ ପାଇଥିବା ପରିଲକ୍ଷିତ ହେଉଛି। ତେବେ ଯେଉଁମାନେ ଆଇନକୁ ବିରୋଧ କରୁଛନ୍ତି ଓ ବଡ଼ ଆକାରର ଜରିମାନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ କାଗଜପତ୍ର ଠିକ୍ ରଖି ନାହାନ୍ତି ବୋଲି ଧରିନେବାକୁ ହେବ। ଯେତେବେଳେ ଏକ ରାଜ୍ୟ ବା ଦେଶରେ ୯୦ ପ୍ରତିଶତ ଲୋକ ଭୁଲକୁ ସମର୍ଥନ କରିବେ ଓ ଆଇନକୁ ଅମାନ୍ୟ କରିବେ, ସେତେବେଳେ ଏହା ଜନଗଣଙ୍କ ପ୍ରତିବାଦ ବୋଲି ଧରିନେବା ଉଚିତ ନୁହେଁ। କାରଣ ଆଇନର ସଂଜ୍ଞା କହେ ଜନସାଧାରଣଙ୍କ ଭଲ ପାଇଁ ଏହା ପ୍ରଣୟନ କରାଯାଇଛି।

ରାଜମହଲ ଛକରେ ଘଟିଯାଇଥିବା ତୁମୁଳକାଣ୍ଡକୁ ଦେଖିବା ପରେ ଓଡ଼ିଶା ସରକାର ଭୟଭୀତ ହେବା ପରି ଲାଗୁଛନ୍ତି। ସେଥିପାଇଁ ୯ ସେପ୍ଟେମ୍ବରରେ ସରକାରୀ ଭାବେ ଘୋଷଣା କରାଯାଇଛି ଯେ, ନୂଆ ମୋଟରଯାନ ଆଇନକୁ ଏଠାରେ ୩ ମାସ ପାଇଁ କୋହଳ କରାଗଲା। ସଂଶୋଧିତ ଆଇନକୁ କଡ଼ାକଡ଼ି ଲାଗୁ ନ କରି ଲୋକଙ୍କୁ ସଚେତନ କରିବାକୁ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଉପରଠାରୁ ନିର୍ଦ୍ଦେଶ ଦିଆଯାଇଛି। ବାସ୍ତବରେ ସଡ଼କ ଓ ଯାନବାହନ ସମ୍ପର୍କିତ ଆଇନକୁ ଓଡ଼ିଶାରେ ଆଦୌ କଡ଼ାକଡ଼ି ଭାବେ କେବେହେଲେ ଲାଗୁ କରାଯାଉ ନ ଥିଲା। ସେଥିପାଇଁ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସହରାଞ୍ଚଳରେ ବେଆଇନ ଭାବେ ଗାଡ଼ି ଚଳାଇବା ଏକ ସାଧାରଣ ବିଷୟ ହୋଇପଡ଼ିଥିଲା। ଯେତେବେଳେ ନିୟମ କଡ଼ାକଡ଼ି ଲାଗୁ ହେଲା, ସେତେବେଳେ ମୁଷ୍ଟିମେୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ମୁଷ୍ଟିମେୟ ଏଇଥିପାଇଁ କୁହାଯାଉଛି କାରଣ ଯେଉଁମାନେ ଗଣ୍ଡଗୋଳ କରିଥିଲେ ସେମାନେ ବିନା ଲାଇସେନ୍ସ, ବିନା ଫିଟ୍‌ନେସ୍ କିମ୍ବା ଚୋରାଗାଡ଼ି ଚଳାଉଥିଲେ। ଯେଉଁମାନଙ୍କର ଆଇନଗତ କାଗଜପତ୍ର ରହିଛି, ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଏପରି କି ସେମାନେ ନିଜର ଭବିଷ୍ୟତ ସୁରକ୍ଷିତ ରଖିବା ଦୃଷ୍ଟିରୁ ପଦକ୍ଷେପକୁ ସମର୍ଥନ କରିଛନ୍ତି। କାରଣ ଦୁର୍ଘଟଣାରେ ଜୀବନ ଯିବା ଗୋଟେ କଥା, ତା'ଠାରୁ ଅଧିକ ଦୁଃଖଦାୟକ ହେଉଛି ଶାରୀରିକ ଭାବେ ପଙ୍ଗୁ ପାଲଟିବା।

ଗାଡ଼ି ନିୟମ କଡ଼ାକଡ଼ି ହେବା ପରେ ଲୋକେ ସ୍ୱଚ୍ଛାରେ ଆଗଭର କରିଥିଲେ। କାଗଜପତ୍ର ଠିକ୍ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ କରୁଥିଲେ। ଗତ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ କମ୍ ମଦ ବିକ୍ରି ହୋଇଥିବା ସାକ୍ଷ୍ୟ କରାଯାଇଛି। ସାଧାରଣରେ ଅଧିକାଂଶ ଡ୍ରାଇଭର ଅତ୍ୟଧିକ ମଦ ପିଇ ଗାଡ଼ି ଚଳାଉଥିଲେ। ଯେହେତୁ ଧରପଗଡ଼ ଜୋରଦାର ହେଲା ଓ ଗାଡ଼ିଚାଳକ ମଦ ପିଇବା କମାଇ ଦେଲେଣି, ସେହେତୁ ରାସ୍ତା ଦୁର୍ଘଟଣା ମାତ୍ରା କମିଥିବା ତଥ୍ୟ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଦେଶରେ ମଦ୍ୟପାନ କରି ଗାଡ଼ି ଚଳାଇବା କିମ୍ବା ଏକତରଫା (ୱାନ୍ ୱେ) ରାସ୍ତା ଆଇନ ଭାଙ୍ଗିବା ଏକ ଧର୍ତ୍ତବ୍ୟ ଅପରାଧ। ଭାରତରେ ବର୍ଷବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବା ଦ୍ୱାରା ଯେଉଁ ସଚେତନତା ସୃଷ୍ଟି ହୋଇ ନ ଥିଲା, ତାହା ସେପ୍ଟେମ୍ବରରେ ଗୋଟିଏ ସପ୍ତାହରେ ତା'ଠାରୁ ଅଧିକ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳିଛି। ଏଥିରୁ ବୁଝିବାକୁ ହେବ ଯେ, ସାଧାରଣ ଭାରତୀୟଙ୍କୁ ଭଦ୍ର ବ୍ୟବହାର ଦେଖାଇ ସଚେତନ କଲେ ସେମାନେ ପରିବର୍ତ୍ତନକୁ ଗ୍ରହଣ କରନ୍ତି ନାହିଁ। ଏପରି କି ଭୁବନେଶ୍ୱରରେ କୋହଳ ନିର୍ଦ୍ଦେଶର ଗୋଟିଏ ଦିନ ନ ବିତୁଣୁ ତିନି ଜଣ ମୋଟର ସାଇକେଲରେ ବସିବା ଓ ଭୁଲ ବାଟରେ ଯିବା ଆରମ୍ଭ ହୋଇଗଲାଣି।

ଏଠାରେ ଆଇନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ଯୁକ୍ତି ଜରିମାନାକୁ ନେଇ ଚାଲିଛି। କେତେକ କହିଲେଣି ଆଦାୟ ହେଉଥିବା ଅର୍ଥରୁ ଅର୍ଦ୍ଧେକ ପୋଲିସ ପକେଟକୁ ଚାଲିଯାଉଛି। ଏଭଳି ଭାବିପାରୁଥିବା ସଚେତନ ନାଗରିକ ସମ୍ପୂର୍ଣ୍ଣ ଭାବେ କିଭଳି ଜରିମାନା ନ ଦେବେ ସେହି କଥା ଚିନ୍ତା କଲେ ସମାଧାନ ବାଟ ପାଇପାରନ୍ତେ। ଚୋରା କିମ୍ବା ଲାଇସେନ୍ସ ନ ଥିବା ଗାଡ଼ି ଦୁର୍ଘଟଣାରେ ପ୍ରାଣହାନି ଘଟୁଥିବା ବ୍ୟକ୍ତିଙ୍କୁ କୌଣସି ଭାବେ ବୀମା ସୁବିଧା ମିଳି ନ ଥାଏ। ଏଭଳି ଲୋକ ଯେଉଁମାନେ ପୋଲିସ ଗାଡ଼ିର କାଗଜପତ୍ର ମାଗୁଥିଲେ, ସେମାନେ ବୁଝିବା ଦରକାର ଯେ ସରକାରୀ ଗାଡ଼ି ଦ୍ୱାରା ଦୁର୍ଘଟଣା ଘଟିଲେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିଥାଏ। ଉଦାହରଣ ସ୍ୱରୂପ ରେଳଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ସମ୍ପୃକ୍ତ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ମିଳିପାରୁଛି। ଏଥିରୁ ବୁଝିବାକୁ ହେବ, ସବୁ ସରକାରୀ ଗାଡ଼ିର ବୀମା ଭାବେ ନିଜେ ସରକାରୀ ବ୍ୟବସ୍ଥା ରହିଛି। କିନ୍ତୁ ଯେତେବେଳେ ଘରୋଇ କିମ୍ବା ବ୍ୟବସାୟିକ (କମର୍ସିଆଲ) ଗାଡ଼ି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ସେହି ଯାନର ଉଚିତ ବୀମା ନ ଥିଲେ ତୃତୀୟ ପକ୍ଷଙ୍କ ପାଇଁ ମୋଟରଆକ୍ସିଡେଣ୍ଟ କ୍ଲେମ୍ସ ଟ୍ରିବ୍ୟୁନାଲ (ଏମ୍‌ଏସିଟି) ପାଖରେ କୌଣସି ବିବାଦ ଉପସ୍ଥାପନ କରାଯାଇପାରେ ନାହିଁ। ଏହିସବୁ ଦିଗକୁ ସଚେତନ କରାଯାଇପାରିଲେ ରାସ୍ତା ଦୁର୍ଘଟଣା ହ୍ରାସ ହେବା ସହ ବହୁ ଅମୂଲ୍ୟ ଜୀବନ ବଞ୍ଚାଯାଇପାରିବ। ଗୋଟିଏ ସପ୍ତାହ ମଧ୍ୟରେ ଦେଖା ଦେଇଥିବା ସ୍ଥିତିରୁ ଫରକ ଅନୁଭୂତ ହୋଇଗଲାଣି।

ଏଠାରେ ଆଉ ଏକ ଦିଗକୁ ଦେଖିଲେ କଟକ ଓ ଭୁବନେଶ୍ୱର ଭଳି ସହରରେ ସବୁବେଳେ ରାହାଜାନି ସଦୃଶ ଅପରାଧ ବିଷୟରେ ଶୁଣିବାକୁ ମିଳେ। ନାଗରିକ ସଚେତନ ହେଉ ନାହାନ୍ତି ଯେ, ଏହି ଅପରାଧ ଘଟାଇଥିବା ଯୁବକମାନେ ଅଧିକାଂଶ ସମୟରେ ଚୋରା ମୋଟର ସାଇକେଲ ବ୍ୟବହାର କରିଥାଆନ୍ତି। ଯେହେତୁ କୌଣସି ସମୟରେ ଯାନବାହନ ଯାଞ୍ଚ କରାଯାଉ ନାହିଁ, ସେଥିପାଇଁ ଓଡ଼ିଶାରେ ମୋଟର ସାଇକେଲ ଚୋରି ମାତ୍ରାଧିକ। ଏଥିସହିତ ମଦ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ବ୍ୟବହାର ଏବଂ ବ୍ୟବସାୟ ଭୁବନେଶ୍ୱରର ଅଟୋରିକ୍ସା ମାଧ୍ୟମରେ କରାଯାଇଥାଏ ବୋଲି କର୍ତ୍ତୃପକ୍ଷଙ୍କ ପାଖରେ ତଥ୍ୟ ରହିଛି। ଯେତେବେଳେ ନିୟମ କଡ଼ାକଡ଼ି କରାଗଲା, ଅନେକ ପ୍ରକାରର ସଡ଼କ ଅପରାଧୀ ନିଜକୁ ଅସୁରକ୍ଷିତ ଭାବି ପୋଲିସକୁ ପ୍ରତିବାଦ କରିବାରେ ଆଗୁସାର ହୋଇଥିଲେ। ସେଥିଲାଗି ସଭ୍ୟ ସମାଜର ଡାକରା ହେବ ଯେ, ତିନି ମାସ ନୁହେଁ, ତିନି ସପ୍ତାହ ପରେ ପୁନର୍ବାର ଏହି ଆଇନକୁ କଡ଼ାକଡ଼ି ଲାଗୁ କରାଗଲେ, ଜନସାଧାରଣ ସୁରକ୍ଷିତ ହୋଇ ବଞ୍ଚିପାରିବେ ଏବଂ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ କମିଯିବ।

## su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | | 8 | | | | | | 3 | D | |
| | | | | | | | | | C | | | | | 7 |
| | | | A | | 9 | D | | 6 | | 7 | | 0 | | 5 |
| 0 | | | B | D | | 7 | | | 2 | 1 | | | | E |
| | | | 1 | 5 | | C | 3 | | | A | | | | |
| | A | | | 9 | 2 | | | | 8 | | | 7 | | |
| | 6 | | D | | | | E | | | | 1 | | | 2 |
| 7 | | 5 | C | | A | | | 4 | D | 2 | | | | 8 |
| | | | | 0 | 3 | A | 8 | | | | 6 | | 5 | |
| | | | 4 | 6 | | | | | 9 | | C | | | 1 |
| | 8 | | | | E | | 5 | 1 | B | | | D | | |
| | | | | | | | | | | | | 4 | 7 | 9 |
| A | 5 | 0 | | | | 4 | 6 | | | C | | 2 | | |
| E | | 6 | | | | | 0 | | | | | | 3 | |
| | 7 | | 3 | | 1 | | C | | | 6 | 0 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 5 | 8 | E | 1 | 9 | B | 4 | C | 6 | A | 0 | 3 | D | 2 |
| B | E | A | 2 | 7 | 0 | 3 | 6 | 5 | 8 | 9 | D | 1 | C | 4 |
| D | 9 | 4 | B | 8 | 3 | A | E | 1 | 7 | C | 2 | 0 | 5 | 6 |
| 1 | C | 6 | D | 5 | A | 0 | 7 | 2 | 3 | 4 | E | 8 | B | 9 |
| 0 | 3 | 2 | 4 | 6 | C | 8 | 9 | D | 5 | B | 1 | 7 | A | E |
| A | 1 | 3 | 5 | 0 | 4 | D | C | 6 | B | 2 | 7 | E | 9 | 8 |
| 5 | 2 | D | 7 | C | 6 | 4 | A | 8 | 9 | E | 3 | B | 0 | 1 |
| E | 4 | 7 | 8 | A | B | 5 | 1 | 9 | D | 0 | C | 6 | 2 | 3 |
| 9 | 6 | B | 1 | 3 | D | E | 2 | 0 | 4 | 8 | A | C | 7 | 5 |
| C | 8 | 0 | 9 | 2 | E | 7 | B | 3 | 1 | 6 | 5 | A | 4 | D |
| 2 | 0 | C | 3 | B | 8 | 1 | 5 | A | E | D | 9 | 4 | 6 | 7 |
| 3 | A | 5 | 0 | 9 | 2 | 6 | 8 | 7 | C | 1 | 4 | D | E | B |
| 6 | 7 | E | A | 4 | 5 | 9 | D | B | 0 | 3 | 8 | 2 | 1 | C |
| 4 | B | 9 | C | D | 1 | 2 | 3 | E | A | 7 | 6 | 5 | 8 | 0 |
| 8 | D | 1 | 6 | E | 7 | C | 0 | 4 | 2 | 5 | B | 9 | 3 | A |

ଗତକାଲିର ଉତ୍ତର

# ବଢୁଛି ପିଲାଙ୍କ ପ୍ରତି ଘୃଣିତ ଆଚରଣ



ଅରୁଣ କୁମାର ପଣ୍ଡା

ସୋସିଆଲ ମିଡିଆରେ ସେଦିନ ସେହି ଦୃଶ୍ୟଟି ଦେଖିବା ପରେ ରାତିରେ ନିଦ ହେଲା ନାହିଁ। ଘଟଣାଟି ହେଲା ଜଣେ ଆଈ ତା'ର ୩ ବର୍ଷର ନାତୁଣୀକୁ ଗୋଟିଏ ଛାଟରେ ନିର୍ଦ୍ଦୟ ଭାବେ ପିଟି ଚାଲିଥାଏ। ଶିଶୁଟି କରୁଣ ଭାବେ କାନ୍ଦୁଥାଏ, ସେ ଯେତିକି ଜୋର୍‌ରେ କାନ୍ଦୁଥାଏ, ଆଈ ତାକୁ ସେତିକି ଜୋର୍‌ରେ ପିଟି ଚାଲିଥାଏ। ଆଈମା' ମାଡ଼ରେ ଆହତ ଶିଶୁଟି ଆଉ କାନ୍ଦି ମଧ୍ୟ ପାରିଲା ନାହିଁ। ନିର୍ଜୀବ ଭାବେ ତଳେ ପଡ଼ି ରହିବା ପରେ ମଧ୍ୟ ରାକ୍ଷସୀ ଆଈର ମନ ଶାନ୍ତ ହେଲା ନାହିଁ। ପୁଣି ସେ ତାକୁ ପିଟି ଚାଲିଲା। ଝିଅଟିର ଅପରାଧ ହେଲା ସେ ଆଈକୁ ନ ପଚାରି ପଡ଼ୋଶୀ ଘରେ କ'ଣ ଟିକେ ଖାଇ ଦେଇଥିଲା। ଯେଉଁ ଆଈ ମା'ଛେଉଣ୍ଡ ନାତୁଣୀକୁ ଗେଲ କରିବା କଥା, ତାକୁ ସ୍ନେହ ଦେବା କଥା ସେ ତାକୁ କିପରି ଏତେ ନିର୍ମମ ଭାବେ ପିଟିପାରିଲା, ତାହା ସଭିଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ ଚକିତ କରିବ। ସେହିଭଳି ରାଜ୍ୟର ଏକ ଅନାଥାଶ୍ରମରେ ଜଣେ ତତ୍ତ୍ୱାବଧାରକ ସେଠାରେ ରହୁଥିବା ଅନାଥ ଶିଶୁମାନଙ୍କୁ କେବଳ ଯେ ବାଉଁଶ ବାଡ଼ିରେ ନିର୍ମମ ଭାବେ ପିଟି ଚାଲିଥିଲା, ତାହା ନୁହେଁ ଛୋଟ ପିଲାଙ୍କୁ ଉପରକୁ ଉଠାଇ ତଳେ କଚାଡିବା ଦୃଶ୍ୟ ମଧ୍ୟ ହୃଦୟ ବିଦାରକ ଥିଲା। ପିଲାମାନେ ପ୍ରାଣ ବିକଳରେ ଏଣେତେଣେ ଦଉଡିଥିଲେ ମଧ୍ୟ ରାକ୍ଷସ ଜଣକ ମନରେ ଟିକେ ବି ଦୟା ଆସି ନ ଥିଲା। ଏ ଖବର ପ୍ରକାଶିତ ହେବାପରେ ଆଈ ଓ ତତ୍ତ୍ୱାବଧାରକ ଦୁଇଜଣଙ୍କୁ ପୋଲିସ ଅବଶ୍ୟ ଗିରଫ କରି ଜେଲ ପଠାଇ ଦେଇଛି। ପରନ୍ତୁ ଶିଶୁଙ୍କ ପ୍ରତି ନୃଶଂସତା ନ କମି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ନୃଶଂସତାରେ ଓଡ଼ିଶା ମଧ୍ୟ ରେକର୍ଡ କରିବାରେ ଲାଗିଛି। ଶିଶୁଙ୍କୁ ନିର୍ଯାତନା ଏବଂ ସେମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

ଓଡ଼ିଶା ପୋଲିସର ପୂର୍ବତନ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଗତ ଏପ୍ରିଲ ୨୭ରେ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ନାବାଳିକାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନାରେ ସେମାନଙ୍କ ସମ୍ପର୍କୀୟ ଓ ପରିବାର ଲୋକେ ସମ୍ପୃକ୍ତ। ୯୨.୫ ପ୍ରତିଶତ ଘଟଣାରେ ପୀଡ଼ିତାଙ୍କ ପରିଚିତମାନେ ଜଡ଼ିତ ଥିବା ରିପୋର୍ଟ ହସ୍ତଗତ ହୋଇଛି। ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ଓଡ଼ିଶା ପୋଲିସ ଗୁରୁତ୍ୱର ସହ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛି। ଏହିଭଳି ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ମାମଲା କରାଯିବା ପରେ ୨୦୧୮ରେ ୩୮.୫ ପ୍ରତିଶତଙ୍କୁ ଦଣ୍ଡିତ କରାଯାଇପାରିଛି। ୨୦୧୭ରେ ଏହି ହାର ୧୭ ପ୍ରତିଶତ ଥିଲା। ଗତ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି।

ମହିଳା ଏବଂ ବିଶେଷକରି ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଆପରାଧିକ କାର୍ଯ୍ୟ ତଥା ଯୌନ ନିର୍ଯାତନା ସଂକ୍ରାନ୍ତ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ଅପରାଧୀଙ୍କୁ ଧରିବା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେଭଳି ତତ୍ପରତା ପ୍ରକାଶ ପାଇବା ଦେଖାଯାଉ ନାହିଁ। କେବଳ ଗତ ଏପ୍ରିଲ ମାସରେ ୪୦ଟି ନାବାଳିକା ବଳାତ୍କାର ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଥିବା ପୋଲିସ ରେକର୍ଡ କହୁଥିବା ବେଳେ ବାସ୍ତବରେ ଏ ସଂଖ୍ୟା ଅଧିକ। ମେ, ଜୁନ, ଜୁଲାଇ ମାସର ରେକର୍ଡ ଦେଖିଲେ ଏଭଳି ଅପରାଧ ବିଶେଷ ଭାବରେ ହ୍ରାସ ପାଉଛି ବୋଲି କୁହାଯାଇପାରିବ ନାହିଁ। ଏପରି କି ଯୌନ ବିକାରଗ୍ରସ୍ତମାନେ ୩/୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଘଟଣା ପୋଲିସ ଫାଇଲରେ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ବଳାତ୍କାର ପରେ ପୀଡିତାଙ୍କୁ ଅତି ଜଘନ୍ୟ ଭାବରେ ଅପରାଧୀମାନେ ହତ୍ୟା କରି ଫୋପାଡ଼ି ଦେଇଥିବା ଭଳି ଅନେକ ଘଟଣା ନଜରକୁ ଆସିଛି। ଅପରାଧୀଙ୍କ ମଧ୍ୟରେ ଅନେକ ନାବାଳକ ଥିବା ପୋଲିସ ପ୍ରକାଶ କରିଛି। ସୁନ୍ଦରଗଡ଼, ମୟୂରଭଞ୍ଜ ଭଳି ଜିଲାର ବଳାତ୍କାର ଅପରାଧୀଙ୍କ ବିରୋଧରେ ଚାଲିଥିବା ମାମଲାର ବିଚାର ଶେଷ କରାଯାଇ ଇତିମଧ୍ୟରେ ଦୁଇଜଣଙ୍କୁ ଫାଶୀ ଦଣ୍ଡ ଶୁଣାଯିବା ଖୁସିର ଖବର। ପରନ୍ତୁ ସେମାନେ ଏହି ଦଣ୍ଡାଦେଶ ବିରୋଧରେ ଉପର ଅଦାଲତକୁ ଯିବେ ଏବଂ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିବା ବେଳକୁ କ'ଣ ହେବ କହିହେବ ନାହିଁ। ବହୁଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ମାମଲାରେ କୌଣସି ଅଭିଯୁକ୍ତ ଦୋଷୀସାବ୍ୟସ୍ତ ନ ହେବା ଯେତିକି ଆଶ୍ଚର୍ଯ୍ୟଜନକ ଦିଲ୍ଲୀ ନିର୍ଭୟା ବଳାତ୍କାର ମାମଲାରେ ଅପରାଧ ବେଳେ ନାବାଳକ ଥିବା କହି ଅଭିଯୁକ୍ତଙ୍କୁ ଖଲାସ କରିଦେବା ସେତିକି ଦୁଃଖଦାୟକ।

୨୦୧୬, ଅଗଷ୍ଟ ୨୫ ତାରିଖରେ ଜଣେ ୪ ବର୍ଷର ଛାତ୍ରୀଙ୍କୁ ବିଦ୍ୟାଳୟର ଶୌଚାଳୟ ଭିତରେ ବଳାତ୍କାର କରିବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ପୋଲିସ ପରେ ସ୍କୁଲବସ୍ ଡ୍ରାଇଭରଙ୍କୁ ଗିରଫ କରିଥିଲା। ସେହିପରି ବାଙ୍କୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ମାରିଦେଇ ନଦୀ ଶଯ୍ୟାରେ ଫିଙ୍ଗିଦେବା ଘଟଣା ପଦାକୁ ଆସିବା ପରେ ଡ୍ରାଇଭର, କଣ୍ଡକ୍ଟରଙ୍କୁ ଗିରଫ କରାଯାଇଥିଲେ ମଧ୍ୟ କଚ୍ଛପଗତିରେ ଏସବୁ ମାମଲାର ବିଚାର ଚାଲିଛି। ପୁରୀ ରଥଯାତ୍ରା ବେଳେ ଜନଗହଳି ଗୁଣ୍ଡିଚା ମନ୍ଦିର ନିକଟ ବସ୍‌ଷ୍ଟାଣ୍ଡରେ ଜଣେ ଆଦିବାସୀ କନ୍ୟାକୁ ବସ୍ ଭିତରେ ବଳାତ୍କାର ଘଟଣା ପରେ ଅଭିଯୁକ୍ତ ବସ୍ ହେଲ୍‌ପର ଗିରଫ ହୋଇଥିଲେ ହେଁ ମାମଲାର ବିଚାର ଗତି ସମ୍ପର୍କରେ ଠିକ୍ ତଥ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ମାମଲାର ବିଚାର ଚାଲୁଛି ଏବଂ ଅନେକ କ୍ଷେତ୍ରରେ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି।


ନ୍ୟାଶ୍‌ନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ଆଦିବାସୀ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅପରାଧ ଦୃଷ୍ଟିରୁ ଓଡିଶା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଏ ଦୃଷ୍ଟିରୁ ଏକନମ୍ବରରେ ରହିଛି ମଧ୍ୟପ୍ରଦେଶ ଏବଂ ଦୁଇ ନମ୍ବରରେ ରାଜସ୍ଥାନ। ସେହିପରି ନାବାଳିକା ଏବଂ କିଶୋରୀ ବିଶେଷକରି ସ୍କୁଲ ଓ କଲେଜଛାତ୍ରୀଙ୍କ ସହ ବଳାତ୍କାର କରି ସୋସିଆଲ ମିଡିଆରେ ଫଟୋ ଭାଇରାଲ କରିବା ଘଟଣା ମଧ୍ୟ ଦେଶର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାରେ ବୃଦ୍ଧି ପାଇବାରେ ଲାଗିଛି। ଫଟୋ ଭାଇରାଲ କରିବା ପୂର୍ବରୁ ସାଇବର ଅପରାଧୀମାନେ ସମ୍ପୃକ୍ତ କନ୍ୟା ଓ ତାଙ୍କ ପରିବାରକୁ ବ୍ଲାକ୍‌ମେଲ୍ କରୁଛନ୍ତି ଏବଂ ଏଥିରେ ବିଫଳ ହେଲେ ଭାଇରାଲ କରୁଛନ୍ତି। କିଛିବର୍ଷ ତଳେ ରାଜସ୍ଥାନରେ ଜଣେ ଜର୍ମାନ୍ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଉଚ୍ଚପଦବୀଯୁକ୍ତ ଓଡ଼ିଆ ଯୁବକଙ୍କୁ ଗିରଫ କରାଯାଇ ମାତ୍ର ଦୁଇ ସପ୍ତାହ ମଧ୍ୟରେ ତାଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରାଗଲା। ଅନ୍ୟ ଘଟଣାଗୁଡିକର ବିଚାର ପ୍ରକ୍ରିୟା କାହିଁକି ଏତେ ବିଳମ୍ବିତ ହେଉଛି ଜଣାପଡୁନାହିଁ।

ଦେଶର ରାଜଧାନୀ ଏବଂ ଏହାର ଆଖପାଖ କ୍ଷେତ୍ରରେ ଶିଶୁଙ୍କ ପ୍ରତି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସବୁଠାରୁ ଶିକ୍ଷିତ ପ୍ରଦେଶ କେରଳରେ ମଧ୍ୟ ଶିଶୁଙ୍କ ପ୍ରତି ଅପରାଧର ହାର କିଛି କମ୍ ନୁହେଁ। ରାଜଧାନୀ ଦିଲ୍ଲୀର ବସ୍ତିଗୁଡିକ ଏଭଳି ଅପରାଧର କେନ୍ଦ୍ର ହୋଇଥିବା ଜଣାପଡିଛି। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀଙ୍କ ମତରେ ଶିଶୁ ଓ କିଶୋରୀମାନଙ୍କୁ ଅତ୍ୟଧିକ ସ୍ୱାଧୀନତା ଦେବା, ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ସେମାନଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ କାରଣରୁ ସେମାନଙ୍କ ପ୍ରତି ଯୌନ ନିର୍ଯାତନା ଓ ବଳାତ୍କାର ବୃଦ୍ଧି ପାଇବାରେ ଲାଗିଛି। ଅପରାଧୀର ମନୋବୃତ୍ତି ବା ଉଦ୍ଦେଶ୍ୟକୁ ଏହି ଶିଶୁ ଓ କିଶୋରୀମାନେ ଠିକ୍ ଭାବେ ଜାଣି ନ ପାରି ସେମାନଙ୍କ ସହ ଅବାଧ ମିଳାମିଶା କରୁଥିବା କାରଣରୁ ସହଜରେ ବଳାତ୍କାରର ଶିକାର ହୋଇଥାନ୍ତି।

ଶିଶୁଙ୍କ ସୁରକ୍ଷା ପ୍ରତି ପରିବାର ଲୋକେ ଅଧିକ ଧ୍ୟାନ ଦେବା, ଏ ନେଇ ଥିବା ପୋକ୍‌ସୋ ଆଇନକୁ କଡାକଡି ଲାଗୁ କରି ଅପରାଧୀଙ୍କ ପ୍ରତି ଉଚିତ ଦଣ୍ଡବିଧାନ କରିବା, ଶିକ୍ଷାନୁଷ୍ଠାନରେ ନୀତିଶିକ୍ଷା ସହିତ ଶିକ୍ଷକମାନଙ୍କ ସହ ପିଲାଙ୍କ ମିଳାମିଶା ନେଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତ ଅନୁଧ୍ୟାନ କରିବା ଏବଂ କୋମଳମତି ଶିଶୁ ଭଗବାନଙ୍କ ପ୍ରତିରୂପ ବୋଲି ସାମାଜିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

୧୩୪୮/୪–ସି, ସେକ୍ଟର–୬, ସିଡିଏ, କଟକ, ମୋ–୯୪୩୭୨୭୦୬୦୫

# ସ୍ୱାମିଜୀ ଓ ଶିକାଗୋର ବାର୍ତ୍ତା



ଗିରିଜା ଶଙ୍କର ତରାସିଆ

ଆଜକୁ ଠିକ୍ ୧୨୬ ବର୍ଷ ତଳେ ଆମେରିକାର ଶିକାଗୋ ସହରସ୍ଥିତ କଲମ୍ବସ୍ ହଲ୍‌ରେ ଅନୁଷ୍ଠିତ ହେଉଥାଏ ପ୍ରଥମ ବିଶ୍ୱ ଧର୍ମ ମହାସଭା। ୧୮୯୩ ସେପ୍ଟେମ୍ବର ୧୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଧର୍ମ ମହାସଭାରେ ବିଶ୍ୱର ବିଭିନ୍ନ ଧର୍ମ ସମ୍ପ୍ରଦାୟର ଧର୍ମଗୁରୁ ତଥା ବିଦ୍ୱାନ୍‌ମାନେ ଯୋଗ ଦେଇଥାନ୍ତି। ଭାରତବର୍ଷରୁ ବ୍ରହ୍ମବିଦ୍ୟା ସମିତିର ପ୍ରତିନିଧି ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ ତଥା ବ୍ରାହ୍ମ ସମାଜର ପ୍ରତିନିଧି ପ୍ରତାପଚନ୍ଦ୍ର ମଜୁମଦାର ପ୍ରମୁଖ ବିଦ୍ୱାନ୍‌ମାନେ ଏହି ଐତିହାସିକ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଥାନ୍ତି। ଧର୍ମ ମହାସଭାରେ ଯୋଗଦେବା ପାଇଁ ଆସିଥିବା ପ୍ରତିନିଧିଙ୍କୁ ବାଦ୍‌ଦେଇ ସାତ ହଜାର ଦର୍ଶକ ମଧ୍ୟ କଲମ୍ବସ୍ ହଲ୍‌ରେ ଉପସ୍ଥିତ ଥାନ୍ତି। ଅଧିବେଶନର ପ୍ରଥମ ଦିବସରେ ଗୈରିକ ପୋଷାକଧାରୀ ଜଣେ ସୌମ୍ୟ ଯୁବକ ମାତ୍ର ସ୍ୱଳ୍ପ ସମୟ ନିମନ୍ତେ ବକ୍ତୃତା ଦେବା ପାଇଁ ଅନୁମତି ପାଇ କୋମଳ ଅଥଚ ଭାବଗାମ୍ଭୀର୍ଯ୍ୟ କଣ୍ଠରେ ଉଦ୍‌ବୋଧନ ଦେବାକୁ ଆରମ୍ଭ କଲେ– 'ଆମେରିକାବାସୀ ଭାଇ ଓ ଭଉଣୀମାନେ!' ଏହି କଥାପଦକ ଶ୍ରୋତାଙ୍କ ମଧ୍ୟରେ ବିଦ୍ୟୁତ୍ ସଂଚାରଣ ପରି ଏକ ଆଲୋଡ଼ନ ସୃଷ୍ଟି କଲା। କଲମ୍ବସ୍ ହଲ୍ ଘନଘନ କରତାଳିରେ ପ୍ରକମ୍ପିତ ହେବାକୁ ଲାଗିଲା। ମାତ୍ର ଦୁଇ ମିନିଟ୍ ନିମନ୍ତେ ଉଦ୍‌ବୋଧନ ଦେବାକୁ ଅନୁମତି ପାଇଥିବା ଏହି ବିଦ୍ୱାନ ଯୁବକ ତତ୍‌କ୍ଷଣାତ୍ ପାଲଟିଗଲେ ତାରକା ବକ୍ତା। ସେ ଥିଲେ ଭାରତମାତାର ସୁଯୋଗ୍ୟ ସନ୍ତାନ ସ୍ୱାମୀ ବିବେକାନନ୍ଦ।

ବିବେକାନନ୍ଦ ଥିଲେ ଶ୍ରୀରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ। ଦେହାବସାନର ମାତ୍ର କିଛିଦିନ ପୂର୍ବରୁ ଶ୍ରୀରାମକୃଷ୍ଣ ନିଜର ସାଧନାଲବ୍ଧ ସମସ୍ତ ଶକ୍ତି ବିବେକାନନ୍ଦଙ୍କୁ ଦେଇ କହିଥିଲେ– "ଆଜି ତୋତେ ମୋର ସର୍ବସ୍ୱ ଦେଇ ଫକିର ହୋଇଗଲି। ଏହି ଶକ୍ତିରେ ତୁ ଜଗତର ଅଶେଷ କଲ୍ୟାଣ ସାଧନ କରିବୁ।" ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଗୁରୁ ଶ୍ରୀରାମକୃଷ୍ଣଙ୍କ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ସଂକଳ୍ପ ନେଇ ସ୍ୱାମିଜୀ ବିଶ୍ୱ ଭ୍ରମଣର ପରିକଳ୍ପନା କଲେ।

କପର୍ଦ୍ଦକଶୂନ୍ୟ ଏହି ଅମିତ ତେଜସ୍ୱୀ ଯୁବସନ୍ନ୍ୟାସୀ ଆମେରିକାର ଉକ୍ତ ବିଶ୍ୱ ସର୍ବଧର୍ମ ମହାସଭାରେ ଅଂଶଗ୍ରହଣ କରିବାର ଆକାଂକ୍ଷା ନେଇ ବମ୍ବେ ବନ୍ଦରରୁ ଜାହାଜ ଯୋଗେ ୧୮୯୩ ମେ ୩୧ରେ ଆମେରିକା ଯାତ୍ରା କଲେ। ଯାତ୍ରା ସମୟରେ ସେ କଲମ୍ବୋ, ମାଳୟ ଉପଦ୍ୱୀପର ପେନାଙ୍ଗ ସହର ସମେତ, ସିଙ୍ଗାପୁର, ହଂକଂ, ଚାଇନାର କ୍ୟାଣ୍ଟନ ସହର, ଜାପାନର ଓସାକା,

## ବିଶ୍ୱ ଭ୍ରାତୃତ୍ୱ ଦିବସ ଉପଲକ୍ଷେ

କିୟାଟୋ ଆଦି ସହରମାନ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଜାପାନରୁ ଜାହାଜ ଯାଇ ଜୁଲାଇ ମାସରେ ଆମେରିକାର ଭାଙ୍କୁଭର ବନ୍ଦରରେ ପହଞ୍ଚିଲା। ସ୍ୱାମିଜୀ ଶିକାଗୋରେ ପହଞ୍ଚି ସେଠାକାର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବାକୁ ଅସମର୍ଥ ହେବାରୁ ଶିକାଗୋ ଛାଡ଼ି ବୋଷ୍ଟନ ସହର ଅଭିମୁଖେ ଯାତ୍ରାକଲେ। ବାଟରେ ଟ୍ରେନରେ ଜଣେ ସହୃଦୟ ମହିଳାଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହେଲା। ମହିଳା ଜଣକ ସ୍ୱାମିଜୀଙ୍କ ସହିତ କଥାବାର୍ତ୍ତାରେ ଆକୃଷ୍ଟ ହୋଇ ତାଙ୍କୁ ବୋଷ୍ଟନ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଥିବା ନିଜ ଗୃହରେ ଆଣି ରଖିଲେ। ସଂପୃକ୍ତ ଭଦ୍ର ମହିଳା ସ୍ୱାମିଜୀଙ୍କ ସହିତ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗ୍ରୀକ୍‌ଭାଷାର ଅଧ୍ୟାପକ ଡ. ରାଇଟ୍‌ଙ୍କ ସାକ୍ଷାତ ଆଲୋଚନାର ବନ୍ଦୋବସ୍ତ କରିଦେଲେ। ମାତ୍ର ତିନିଘଣ୍ଟାର କଥୋପକଥନରେ ଅଧ୍ୟାପକ ରାଇଟ୍ ଏତେ ମୁଗ୍ଧ ହେଲେ ଯେ ସ୍ୱାମିଜୀଙ୍କ ପରିଚୟପତ୍ର ଅଭାବରୁ ଧର୍ମ ମହାସଭାରେ ଯୋଗଦେଇ ପାରୁ ନ ଥିବା ଶୁଣି କହିଥିଲେ– "ଧର୍ମ ମହାସଭାରେ ବକ୍ତୃତା ଦେବାର ଅଧିକାର ପାଇଁ ଆପଣଙ୍କୁ ପରିଚୟପତ୍ର ଦେଖାଇବାକୁ ହେଲେ ସୂର୍ଯ୍ୟଙ୍କୁ ମଧ୍ୟ ଆଲୋକ ଦେଖାଇବାର ଅଧିକାର ପାଇଁ ପରିଚୟପତ୍ର ଦେଖାଇବାକୁ ହେବ।" ସୌଭାଗ୍ୟକୁ ଡ. ରାଇଟ୍‌ଙ୍କର ଜଣେ ବନ୍ଧୁ ଡ. ଜେ.ଏଚ୍. ବ୍ୟାରୋଜ୍ ଧର୍ମ ମହାସଭାର ସଦସ୍ୟ ନିର୍ବାଚନ ସଂସଦର ସଭାପତି ଥିଲେ। ଡ. ରାଇଟ୍ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ତାଙ୍କ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖି ଦର୍ଶାଇଥିଲେ ଯେ– "ଏହି ବ୍ୟକ୍ତିଙ୍କର ପାଣ୍ଡିତ୍ୟ ଆମ ଦେଶର ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର ସମବେତ ପାଣ୍ଡିତ୍ୟ ଅପେକ୍ଷା ବେଶି।" ଏହି ସୁପାରିସ ପତ୍ରଟି ଧରି ଶିକାଗୋ ଧର୍ମ ମହାସଭାରେ ଯୋଗଦାନ କରିବା ନିମନ୍ତେ ସ୍ୱାମିଜୀ ଯାତ୍ରା କରନ୍ତେ ଦୁର୍ଭାଗ୍ୟକୁ ସମିତି ଠିକଣାଟି ବାଟରେ ହଜାଇଦେଇ ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଷ୍ଟେଶନ ପ୍ରାଙ୍ଗଣରେ ମାଲପରିବହନ ନିମନ୍ତେ ରଖାଯାଇଥିବା ଗୋଟିଏ ଖାଲି କାଠବାକ୍ସ ମଧ୍ୟରେ ପଶି କୌଣସି ପ୍ରକାରେ ପ୍ରାଣରକ୍ଷା କଲେ। ସେ ଆଶଙ୍କା ଭିତରେ କ୍ଲାନ୍ତ ହୋଇ ବସିଥିବା ବେଳେ ଫୁଟ୍‌ପାଥ୍‌ର ଅପରପାର୍ଶ୍ୱରେ ଥିବା ଏକ ଅଟ୍ଟାଳିକାର ଦରଜା ଖୋଲିଗଲା ଏବଂ ମିସେସ୍ ହେଲ୍ ନାମ୍ନୀ ଜନୈକା ସହୃଦୟା ମହିଳା ଦେବଦୂତ ପରି ବାହାରି ଆସି ସ୍ୱାମିଜୀଙ୍କୁ ନିଜ ଗୃହକୁ ନେଇଗଲେ। ଏହି ଭଦ୍ରମହିଳାଙ୍କ ସହାୟତା କ୍ରମେ ସ୍ୱାମିଜୀ ଡ. ବ୍ୟାରୋଜ୍‌ଙ୍କ ସହିତ ସାକ୍ଷାତ୍ କରି ଧର୍ମ ମହାସଭାରେ ଯୋଗଦାନ ପାଇଁ ଅନୁମତି ପାଇଲେ। ସ୍ୱାମିଜୀଙ୍କର ଐତିହାସିକ ଶିକାଗୋ ବକ୍ତୃତା ତାଙ୍କୁ ସମଗ୍ର ବିଶ୍ୱରେ ଜ୍ଞାନର ଏକ ପ୍ରଦୀପ୍ତ ସୂର୍ଯ୍ୟଭାବେ ପରିଚୟ ପ୍ରଦାନ କରିଥିଲା। ଶିକାଗୋ ଧର୍ମସଭାରେ ସ୍ୱାମିଜୀ ବିଶ୍ୱ ଭ୍ରାତୃତ୍ୱର ବାର୍ତ୍ତା ଦେଇଥିବାରୁ ସେହି ଦିବସକୁ ବିଶ୍ୱ ଭ୍ରାତୃତ୍ୱ ଦିବସ ଭାବେ ପାଳନ କରାଯାଉଛି।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୩୩୪୮୦୦

## ଏଇ ଭାରତରେ

ହିନ୍ଦୁ ଓ ମୁସଲମାନଙ୍କ ପର୍ବ, ପରମ୍ପରା ଭିନ୍ନ ହୋଇଥିଲେ ହେଁ ବିହାରର ଏକ ଗାଁରେ ହିନ୍ଦୁମାନେ ଯେଭଳି ମୁସଲମାନଙ୍କ ପରମ୍ପରାକୁ ଆଦରିନେଇଛନ୍ତି ତାହା ସହାବସ୍ଥାନ ଓ ଭାଇଚାରାର ଉଦାହରଣ ସୃଷ୍ଟି କରିଛି। ବିହାରର କଟିଆର ଜିଲା ହସନଗଞ୍ଜ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ହରିପୁର ଗାଁ ସାମ୍ପ୍ରଦାୟିକ ସଦ୍‌ଭାବନାର ଭିନ୍ନ ପରିଚୟ ଦେଇଛି। ଏହି ଗାଁର ଅଧିକାଂଶ ହିନ୍ଦୁ ରୋଜା ରଖନ୍ତି ଓ ମହରମର ତାଜିଆ ଶୋଭାଯାତ୍ରା ବାହାର କରନ୍ତି। ଏଥିରେ ଦୁଇ ସମ୍ପ୍ରଦାୟର ଲୋକଙ୍କ ସହଯୋଗ ଥାଏ। ମହରମକୁ ନେଇ ସବୁ ପ୍ରସ୍ତୁତି ଏଠାରେ ପାରମ୍ପରିକ ନୀତି ଅନୁଯାୟୀ କରାଯାଏ। ଲୋକମାନେ ନିୟମ ଅନୁସାରେ ଆଖଡା ସଜାଡ଼ନ୍ତି। ଶୋଭାଯାତ୍ରାରେ ଦୁଇ ସମ୍ପ୍ରଦାୟର ଲୋକେ ବିଭିନ୍ନ ସାହସିକ କଳା ପ୍ରଦର୍ଶନ କରନ୍ତି। ବହୁ ସଂଖ୍ୟାରେ ମହିଳା ବି ଏହି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଗାଁରେ ଥିବା ଛେଦି ଶାହଙ୍କ ସମାଧିରୁ ମହରମର ତାଜିଆ ବାହାରିବା ପରମ୍ପରା ବହୁ ଦିନରୁ ରହିଆସିଛି।

## ଚିରନ୍ତନୀ

ସେହିକାଳୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି
ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ! (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୪

- କ୍ୟୁବାରୁ ଆମେରିକାକୁ ବେଆଇନ ଭାବେ ଆସୁଥିବା ଶରଣାର୍ଥୀମାନଙ୍କୁ ରୋକିବା ପାଇଁ କ୍ୟୁବା–ଆମେରିକା ଚୁକ୍ତିପତ୍ର ସ୍ୱାକ୍ଷରିତ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର ପିନାକର ଉଡାଣ ପରୀକ୍ଷା ସଫଳତାର ସହିତ ସମ୍ପନ୍ନ।

## ପାଠକ ଶ୍ରେଷ୍ଠ ବିଚାରକ

### ବହୁମୁଖୀ ଶିକ୍ଷା କର୍ମଚାରୀ

ମହାଶୟ,

ଶିକ୍ଷା ବ୍ୟବସ୍ଥାରେ ଅନବରତ ପରିବର୍ତ୍ତନ ଚାଲିଛି। ଶିକ୍ଷକଙ୍କୁ ପାଠ ପଢାଇବା ସହିତ ଅନେକ ଅଣଶୈକ୍ଷିକ କାର୍ଯ୍ୟରେ ଜୋର ଜବରଦସ୍ତି ନିୟୋଜିତ କରି ଦିଆଯାଉଛି। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ସହିତ ଅଣ୍ଡା କିଣି ଏବଂ ସିଝାଇ ପିଲାଙ୍କୁ ଦେବା, ଗୃହ ନିର୍ମାଣ କରିବା, ଆଧାର କାର୍ଡ ପ୍ରସ୍ତୁତି, କୃମିନାଶକ ଔଷଧ, ଆଇରନ ବଟିକା ଦେବା– ଏହିପରି କାର୍ଯ୍ୟର ଶେଷ ନାହିଁ। ଏତେ କାର୍ଯ୍ୟଭାରରେ ଶିକ୍ଷକମାନଙ୍କ ମାନସିକ ତଥା ଶାରୀରିକ ଅବସ୍ଥା ରୁଗ୍ଣ ହୋଇଯାଉଛି। ଉପରୁ ତଳ ପର୍ଯ୍ୟନ୍ତ ଚାଲିଛି କେବଳ ହୁକୁମ୍। ହ୍ୱାଟ୍‌ସଆପ୍‌ରେ ମେସେଜ୍ ଓ ଫଟୋ ଉଠାଇ ଛାଡିଦେଲେ କାମ ଶେଷ। ବାସ୍ତବ ସ୍ଥିତି ସୁଧାରିବାରେ କାହାରି ଆନ୍ତରିକତା ନାହିଁ। ଶିକ୍ଷକମାନଙ୍କର ପାଠ ପଢାଇବା ପାଇଁ ସ୍ୱାଧୀନତା ନାହିଁ। ଏଣୁ ଅଭିଭାବକମାନେ ଯାଉଛନ୍ତି ପ୍ରାଇଭେଟ୍ ସ୍କୁଲକୁ। ଶିକ୍ଷା ବ୍ୟବସ୍ଥା କ'ଣ ହେବ ଭବିଷ୍ୟତ କହିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଭକ୍ତି ନାଁରେ ମସ୍ତି

ଧରିତ୍ରୀ(୨୯୭)ରେ ଭାଲଚନ୍ଦ୍ର ଷଡ଼ଙ୍ଗୀଙ୍କର (ଭକ୍ତି ନାଁରେ ମସ୍ତି ଓ ବେପାର) ପଢି ଏହା ପଛରେ ଥିବା ଅନେକ କାରଣ ଜଣାପଡିଲା। ସତରେ ଭକ୍ତି କରିବା ସମସ୍ତଙ୍କର ମୌଳିକ ଅଧିକାର। ଯଦି ପଦଯାତ୍ରାରେ ଯାଇ ଘଣ୍ଟା ଘଣ୍ଟା ଲାଇନରେ ଛିଡା ହୋଇ ପାଣି ଢାଳି କାଉଡିଆ ଭାଇ ତପସ୍ୟା କରୁଛନ୍ତି ତେବେ ତପୋବନରେ ସେମିତି ଚାଲି ଚାଲି ଫେରିଲେ ହୁଅନ୍ତାନି? ଫେରିଲା ବେଳେ ଟ୍ରେନ, ବସ ଇତ୍ୟାଦିରେ ଜବରଦସ୍ତି ଦୌରାତ୍ମ୍ୟ, ପେଲାଠେଲାରେ ସେ ପୁଣ୍ୟ ନଷ୍ଟ ହେଉନାହିଁ କି। ଶ୍ରାବଣ ମାସରେ ବରଷାର ଧାରା ବହିଯାଉଥିଲା ବେଳେ ଢାଳେ ଦୁଇ ଢାଳ ପାଣିର ତାତ୍ପର୍ଯ୍ୟ କ'ଣ? ବରଂ ମେ–ଜୁନ୍ ମାସ ମୁଣ୍ଡଫଟା ଖରା ବେଳେ ତୃଷାର୍ତ୍ତ ବାଟୋଇକୁ ସେଇ ଦୁଇଢାଳ ପାଣି ଦାନ ଦେଇ ଅଂଶୁଘାତରୁ ରକ୍ଷା କଲେ କେମିତି ହୁଅନ୍ତା? ଗଳ୍ପଟିଏ କେଉଁଠି ପଢିଥିଲି। ଥରେ କାଉଡିଆଙ୍କୁ ପରୀକ୍ଷା କରିବାକୁ ସ୍ୱୟଂ ଭୋଳାନାଥ ବୃଦ୍ଧ ବେଶରେ ଆବିର୍ଭୂତ ହୋଇ ପାଣି ମାଗିଲେ। କିନ୍ତୁ ବହୁ ପଥଶ୍ରମ କରି ମନ୍ଦିର ନିକଟରେ ହୋଇଥିବା କାଉଡିଆ ଭାଇମାନେ ପାଣି ଦେବାକୁ ମନାକଲେ। କିନ୍ତୁ ଜଣେ ଯୁବକ ଦୁଇ କଳସରୁ ପାଣି ଦେଲେ ଓ ଭୋଳାନାଥ ଆଶୀର୍ବାଦ କରି ଚାଲିଗଲେ। ଶ୍ରାବଣ ମାସ ଆସିଲେ ମନେପଡେ ହାସ୍ୟରସିକ ଫଟୁରାନନ୍ଦଙ୍କ ଗଳ୍ପ 'ଶ୍ରାବଣର ଅଗିଆ ବାତ'। ଯାହାହେଉ ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ତାଳଚେର,୧୦।୯(ନି.ପ୍ର.)- ସ୍ୱାମୀଙ୍କ ମାଡରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାମ ଗୀତା ଚମ୍ପିଆ (୩୫)। ସୋମବାର ରାତି ପ୍ରାୟ ସାଢେ ୮ଟାରେ ସ୍ୱାମୀ ମୁନା ଚମ୍ପିଆ ମଦ୍ୟପାନ କରି ଘରକୁ ଫେରିବା ପରେ ଗୀତା ତାଙ୍କୁ କାହିଁକି ମଦ୍ୟପାନ କରିଛ ବୋଲି ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଝଗଡା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମୁନା ଗୀତାଙ୍କୁ ମାଡ ମାରିବା ସହ ଠେଲି ଦେଇଥିଲେ। ଗୀତାଙ୍କ ମୁଣ୍ଡ ଏକ ଇଟା କାନ୍ଥରେ ବାଡେଇ ହୋଇଯିବାରୁ ସେ ଅଚେତ ହୋଇ ପଡି ଯାଇଥିଲେ। ମୁନା ତାଙ୍କୁ ସେଠାରେ ଛାଡି ପଳାଇ ଯାଇଥିଲେ। ମୁଣ୍ଡରେ ମାଡ ସହ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଗୀତାଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସ୍ଥାନୀୟ ଲୋକଙ୍କ ଠାରୁ ବିକ୍ରମପୁର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ମୁନାଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏ ସଂକ୍ରାନ୍ତରେ ବିକ୍ରମପୁର ଥାନାରେ ନଂ. ୯୩/୧୯ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

### ଦୁର୍ଘଟଣାରେ ଛାତ୍ରୀ ମୃତ, ୨ ଗୁରୁତର

ଅନୁଗୋଳ ଅଫିସ, ୧୦।୯- ଅନୁଗୋଳ ସହର ପଞ୍ଚମହଲାଠାରେ ଏକ ଘରୋଇ ବିଦ୍ୟାଳୟରୁ ଫେରୁଥିବାବେଳେ ଦୁର୍ଘଟଣାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ନଂ. ୭୦୭/୧୯ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ନୂଆମୌଜା ଗ୍ରାମର ବନବିହରୀ ନାଏକ ବାଇକ୍‌ରେ ପୁଅ ସୌମ୍ୟରଞ୍ଜନ ନାଏକ ଓ ଭାଣିଜୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ନାଏକଙ୍କୁ ସ୍କୁଲରୁ ଘରକୁ ଆଣୁଥିଲେ। ତେବେ ପକ୍କା ରାସ୍ତା ତଳକୁ ଗାଡ଼ି ଚକା ଖସିଯିବାରୁ ଭାରସାମ୍ୟ ହରାଇ ସେମାନେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଛାତ୍ରୀ ଜ୍ୟୋତିର୍ମୟୀଙ୍କୁ ମୃତ ଘୋଷଣା କରିଥିଲେ। ଜ୍ୟୋତିର୍ମୟୀଙ୍କ ଘର ବଅଁରପାଳ ଥାନା ଟେଣ୍ଟୋଲୋଇ ହୋଇଥିବା ବେଳେ ସେ ମାମୁ ବନବିହାରୀଙ୍କ ଘରେ ରହି ପଢୁଥିଲେ। ମୃତ ଛାତ୍ରୀଙ୍କ ବାପା ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

### ଦିଲୀପ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ତାଳଚେର,୧୦।୯(ନି.ପ୍ର.)- ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀଙ୍କ ଅକାଳ ବିୟୋଗରେ ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ମଙ୍ଗଳବାର ଆସୋସିଏଶନ ପକ୍ଷରୁ ତାଳଚେର ପଞ୍ଚାୟତ ସମିତି ସଭାଘରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘ ସଭାପତି ଧୀରମୋହନ ରାୟଙ୍କ ସମେତ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ଉପସଭାପତି ଅଜୟ କୁମାର ନାୟକ, କୋଷାଧକ୍ଷ ସଞ୍ଜୟ କୁମାର ଦଳେଇ, ସହସମ୍ପାଦକ ରୁଦ୍ର ମୋହନ ଗଡ଼ନାୟକ, ମଦନ ମୋହନ ସାହୁ, ରାଉତୁରା ନାଏକ, ରବିନ୍ଦ୍ର କୁମାର ମହାରଣା, ଦେବ ରଞ୍ଜନ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗ ଦେଇ ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ।

■ନାଲ୍‌କୋରେ କୋଇଲା ସଙ୍କଟ

# କିଣା ବିଦ୍ୟୁତ୍‌ରେ ଚାଲୁଛି ପ୍ଲାଣ୍ଟ

(ଉପେନ୍ଦ୍ର ରାଉତ)
ବଅଁରପାଳ, ୧୦।୯

ନବରତ୍ନ ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ଏବେ କୋଇଲା ସଙ୍କଟ ଦେଇ ଗତି କରୁଛି। ଏମ୍‌ସିଏଲ୍‌ରୁ ଆବଶ୍ୟକ ପରିମାଣର କୋଇଲା ଯୋଗାଣ ହୋଇପାରୁ ନ ଥିବାରୁ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ର (ସିପିପି)ର ୩ଟି ୟୁନିଟ୍ ବନ୍ଦ ରହିଛି। ଫଳରେ ଶକ୍ତି ଉତ୍ପାଦନ ହ୍ରାସ ପାଇଛି। ବର୍ତ୍ତମାନ ଉତ୍ପାଦିତ ବିଦ୍ୟୁତ୍ ପ୍ଲାଣ୍ଟ ଚଳାଇବାକୁ ପର୍ଯ୍ୟାପ୍ତ ହେଉ ନ ଥିବାରୁ କର୍ତ୍ତୃପକ୍ଷ ବାଧ ହୋଇ ଚଢ଼ା ଦରରେ ବାହାରୁ ବିଦ୍ୟୁତ୍ କିଣୁଥିବା ଜଣାପଡ଼ିଛି। ମଙ୍ଗଳବାର ସୁଦ୍ଧା ୨୧୦ ୟୁନିଟ୍ କିଣା ସରିଥିବା ପ୍ଲାଣ୍ଟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

୧୨ ଶହ ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ନାଲ୍‌କୋ ନିଜସ୍ୱ ବିଦ୍ୟୁତ୍ କେନ୍ଦ୍ରରେ ମୋଟ୍ ୧୦ଟି ୟୁନିଟ୍ ରହିଛି। ଗୋଟିଏ ୟୁନିଟ୍‌ରୁ ୧୨୦ ମେଗାୱାଟ ଶକ୍ତି ଉତ୍ପାଦନ ହୋଇଥାଏ। ମାତ୍ର କୋଇଲା ଅଭାବ ଯୋଗୁ ଏବେ ଉକ୍ତ ୟୁନିଟ୍ ଗୁଡ଼ିକରୁ ଆବଶ୍ୟକ ପରିମାଣର ଶକ୍ତି ଉତ୍ପାଦନ ହୋଇପାରୁନାହିଁ। ୩ଟି ୟୁନିଟ୍‌କୁ ବନ୍ଦ ରଖାଯାଇଥିବା ବେଳେ ବାକି ୭ଟିରୁ ୮୪୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବା କଥା। କିନ୍ତୁ ମଙ୍ଗଳବାର ମାତ୍ର ୪୪୩ ମେଗାୱାଟ ଶକ୍ତି ଉତ୍ପାଦନ ହୋଇପାରିଛି। ପ୍ଲାଣ୍ଟରେ ଶକ୍ତି ଉତ୍ପାଦନ ପାଇଁ ଦୈନିକ ୧୫ରୁ ୧୬ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ ହୋଇଥାଏ। ମାତ୍ର ଏମ୍‌ସିଏଲ୍ ଏବେ ଦୈନିକ ୫ରୁ ୬ ହଜାର ମେଟ୍ରିକ ଟନ୍ କୋଇଲା ଯୋଗାଣ କରୁଛି। ସେହିପରି ପ୍ଲାଣ୍ଟ ଷ୍ଟକୟାର୍ଡରେ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ପରିବର୍ତ୍ତେ ୧ ଲକ୍ଷ ମେଟ୍ରିକ ଟନ୍ କୋଇଲା ଗଚ୍ଛିତ ରହିଛି। ସେଥିମଧ୍ୟରୁ ବହୁ ପରିମାଣର କୋଇଲା ଜାଳେଣି ଅନୁପଯୋଗୀ। ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଥିବାରୁ ଏହାର କୁପ୍ରଭାବ ପଟ୍‌ଲାଇନ ଉପରେ ପଡ଼ିବା ସମ୍ଭାବନା ରହିଛି। କାରଣ ପଟ୍‌ଲାଇନରେ ଥିବା ୯୬୦ ପଟ୍‌ରୁ କାର୍ଯ୍ୟକ୍ଷମ ୮୯୦ ପଟ୍ ଲୋ ଆମ୍ପିୟରରେ ଚାଲୁଛି। ଏଭଳି ସ୍ଥିତି କିଛି ଦିନ ଲାଗି ରହିଲେ ଅବସ୍ଥା ଦୟନୀୟ ହୋଇପଡ଼ିବ ବୋଲି ଶ୍ରମିକ ମହଲରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ କାର୍ଯ୍ୟକାରୀ ସଭାପତି ବିଭବ ଜେନା କହିଛନ୍ତି, ଏମ୍‌ସିଏଲ୍‌ରୁ ଯୋଗାଣ ହ୍ରାସ ପରେ ସିପିପିରେ କୋଇଲା ସଙ୍କଟ ଦେଖାଦେଇଛି। ବିଦ୍ୟୁତ୍ ଉତ୍ପାଦନ କମିଯିବାରୁ କର୍ତ୍ତୃପକ୍ଷ ଚଢ଼ା ଦରରେ ଗ୍ରୀଡ୍‌ରୁ ଶକ୍ତି କିଣୁଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର। ବିଦ୍ୟୁତ୍ ମଜଦୁର ସଂଘ ସାଧାରଣ ସମ୍ପାଦକ ମନୋଜ ଅମାନ୍ତ କହିଛନ୍ତି, ଏପରି ସ୍ଥିତିରୁ ବର୍ତ୍ତିବା ପାଇଁ ନାଲ୍‌କୋ ତାହାର ନିଜସ୍ୱ କୋଇଲା ଖଣିକୁ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ ରହିଛି। ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ କହିଛନ୍ତି, ଆବଶ୍ୟକ ଶକ୍ତି ଅଭାବରୁ ନାଲ୍‌କୋ ପଟ୍ ଗୁଡ଼ିକ ଲୋଆମ୍ପିୟରରେ ଚାଲୁଛି। ଜାଣିଶୁଣି ପଟ୍‌ଗୁଡ଼ିକୁ ବନ୍ଦ କରିବା ଏବଂ ନାଲକୋକୁ ଘରୋଇକରଣ ଦିଗରେ କେନ୍ଦ୍ର ସରକାରଙ୍କ ଏହା ଚକ୍ରାନ୍ତ। ନେପୁ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ କହିଛନ୍ତି, ଏଭଳି ସମସ୍ୟା ସୃଷ୍ଟି କରି ଆହୁରି ଶହେ ପଟ୍ ବନ୍ଦ ପାଇଁ ମସୁଧା କରାଯାଉଛି। ନାଲ୍‌କୋକୁ ଘରୋଇକରଣ ପାଇଁ ଏହା ଏକ ଷଡ଼ଯନ୍ତ୍ର। ଅପରପକ୍ଷରେ ଏପରି କୋଇଲା ସଙ୍କଟକୁ ପ୍ଲାଣ୍ଟର ଜଣେ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି। କୋଇଲା ସଙ୍କଟ ଓ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଥିବାରୁ ବାହାରୁ ବିଦ୍ୟୁତ୍ କିଣାଯାଉଥିବା ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।


ନାଲକୋ ଷ୍ଟକୟାର୍ଡରେ କୋଇଲା ଅଭାବ ରହିଛି।


ବିଭବ ଜେନା, ମନୋଜ ଅମାନ୍ତ, ନିର୍ମଳ ସାମଲ, ମାଙ୍ଗିଲାଲ ସାମଲ।

■ବନ୍ଦ ହେଲାଣି ସିପିପିର ୩ ୟୁନିଟ୍
■ଲୋ ଆମ୍ପିଅରରେ ଚାଲିଛି ପଟ୍‌ଲାଇନ
■ଆଲୁମିନିୟମ ଉତ୍ପାଦନ ହ୍ରାସ

# ସ୍ଥିତି ଅନୁଧ୍ୟାନ କଲେ ଆରପିଏଫ୍ ଆଇଜି


ଆଇଜିଙ୍କ ସହ ଅନ୍ୟ ଅଧିକାରୀମାନେ।

ତାଳଚେର,୧୦।୯(ନି.ପ୍ର.)

ରେଳ ସୁରକ୍ଷାବଳ (ଆର୍‌ପିଏଫ୍) ଆଇ.ଜି. ରାଜାରାମ ମଙ୍ଗଳବାର ଦିନିକିଆ ତାଳଚେର ଗସ୍ତରେ ଆସି ଫେରି ଯାଇଛନ୍ତି। ସେ ଆର୍‌ପିଏଫ୍ ଅଫିସ ପରିଦର୍ଶନ ସହ ପ୍ଲାଟଫର୍ମ, ଟ୍ରେନ୍ ଯୋଗେ ହେଉଥିବା କୋଇଲା ପରିବହନ ଟ୍ରାକ୍ ବୁଲି ଦେଖିଥିଲେ। ଏହି ଅବସରରେ ସେ ଖବରଦାତାମାନଙ୍କୁ କହିଥିଲେ ଯେ, ଦାୟିତ୍ୱ ଗ୍ରହଣ ପରେ ସେ ବିଭିନ୍ନ ଆର୍‌ପିଏଫ୍ ଅଫିସ ବୁଲି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ରେଳଯାତ୍ରାକୁ ଅପରାଧ ମୁକ୍ତ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ମହିଳା, ଶିଶୁଙ୍କ ସୁରକ୍ଷା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ ଦିଗରେ ବିଭାଗ ଗୁରୁତ୍ୱ ଦେଇ ଆସିଛି। ୧୮୨ ହେଲପ୍ ଲାଇନର କେତେ ଉପଯୋଗିତା ହେଉଛି ସେ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଛନ୍ତି। ରେଳ ସମ୍ପତି ଚୋରି ନ ହେବା, ଅପରାଧୀଙ୍କୁ ଧରି ଦଣ୍ଡବିଧାନ କରାଯିବା, ଯାତ୍ରୀ ସୁରକ୍ଷା, ରେଳରୁ ସାମଗ୍ରୀ ଚୋରି ରୋକିବା ଦିଗରେ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଇଷ୍ଟକୋଷ୍ଟର ସମସ୍ତ ଷ୍ଟେଶନରେ ସିସି କ୍ୟାମେରା ସ୍ଥାପନ କରାଯିବାର ଯୋଜନା ରହିଛି ବୋଲି ସୂଚନା ସେ ଦେଇଥିଲେ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସେ ରେଳଯାତ୍ରୀ, ଖବରଦାତା, ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଡିଏସ୍‌ସି ପି. ଶଙ୍କର କୁଟି, ଏଏସ୍‌ସି ଏସ.କେ. ପାଢୀ, ଇନ୍ସପେକ୍ଟର ଭି.ଆର. ସିଂହ, ମିନାକ୍ଷୀ ମହାପାତ୍ର, ସବ୍‌ଇନ୍ସପେକ୍ଟର ବାବୁଲି ବେହେରା, ପି.ଏନ. ଦାସ ଓ ଅନ୍ୟ କର୍ମଚାରୀ, ଅଧିକାରୀମାନେ ଉପସ୍ଥିତ ଥିଲେ।

■ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ

# ସଦସ୍ୟ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ



ବୈଠକରେ ମୁଖ୍ୟ ଅତିଥିଙ୍କ ସହ ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ତାଳଚେର,୧୦।୯(ନି.ପ୍ର.)

ତାଳଚେର ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ବିଜେଡିର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଦେବୀ ମିଶ୍ର, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମହିଳାନେତ୍ରୀ ଗିରିଜା ନନ୍ଦିନୀ ସାହୁ, ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ନଳିନୀକାନ୍ତ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ରାଜେଶ କୁମାର ଦାସ ଓ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ମେମ୍ବରଶିପ୍ ସଂଖ୍ୟା ବୃଦ୍ଧି, ଦଳୀୟ ସଙ୍ଗଠନକୁ ମଜଭୁତ କରିବା ଉପରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି।

## କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟି ପ୍ରସ୍ତୁତି ବୈଠକ

ତାଳଚେର,୧୦।୯(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୋଳମଣ୍ଡପ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ସଭାପତି ଗଗନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମର ୧୭ଟି ପୂଜା ମଣ୍ଡପ ସଭାପତି, ସମ୍ପାଦକ, ଶାନ୍ତି କମିଟି ସଦସ୍ୟମାନଙ୍କ ସହ ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅକ୍ଟୋବର ୧୩ ରୁ ପୂଜା ଅନୁଷ୍ଠିତ ହେବ ଏବଂ ୨୨ ତାରିଖରେ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ କଳମଛୁଇଁ ଦେଉଳଛକ ମେଲଣପଡିଆ ଠାରେ ସମସ୍ତ ପୂଜା ମେଢ ପୂର୍ବାହ୍ନ ୯ଟା ୩୦ ମଧ୍ୟରେ ପ୍ରବେଶ କରିବା ସହ ୧୦ଟା ସୁଦ୍ଧା ପଡିଆରୁ ବିଦାୟ ନେବା ପାଇଁ ସମସ୍ତ କର୍ମକର୍ତ୍ତା ଏକମତ ହୋଇଥିଲେ। ସମ୍ପାଦକ ହରେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

■ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଆଙ୍କୁଲା ଗ୍ରାମବାସୀ

# ପକ୍କା ସଡ଼କ, ପାଇପ୍ ପାଣି ଦାବି

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଜିଲା ଆଙ୍କୁଲା ଗ୍ରାମର ସମସ୍ତ ସାହିକୁ ପକ୍କା ସଡକ ନିର୍ମାଣ ସହ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଙ୍କୁଲା ଗ୍ରାମ୍ୟ ଉନ୍ନୟନ ସଂଗ୍ରାମ କମିଟି ପକ୍ଷରୁ ଏଥିରେ ଦର୍ଶାଯାଇଛି ଯେ, ଜିଲା ସଦରମହକୁମା ଠାରୁ ମାତ୍ର ୫ କିଲୋମିଟର ଦୂରରେ ଆଙ୍କୁଲା ଗାଁ ଥିଲେ ବି ସମସ୍ତ ସାହିକୁ ପକ୍କା ସଡକ ନିର୍ମାଣ ଓ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ହୋଇନାହିଁ। ମରଗାଡିଆ ବନ୍ଧ ଠାରୁ ମହିତଇଳା ସାହି ଦେଇ ସାନକଟା ବନ୍ଧ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବଡ ବଡ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରୋଗୀଙ୍କୁ ଡାକ୍ତରଖାନା ନେବା ମଧ୍ୟ କଷ୍ଟକର ହୋଇପଡୁଛି। ନିକଟସ୍ଥ ନାଲ୍‌କୋ, ଭୂଷଣ କାରଖାନାକୁ କାମ କରିବାକୁ ଯାଉଥିବା ଶ୍ରମିକ, କର୍ମଚାରୀମାନେ ଉକ୍ତ ରାସ୍ତାରେ ଯାଇ ନ ପାରି ୧୦ କିଲୋମିଟର ବୁଲି ବେନ୍ତପୁର ଦେଇ ଯିବାକୁ ବାଧ ହେଉଛନ୍ତି। ୨୦୧୬ରେ ଅନୁଗୋଳ ବ୍ଲକର ତତ୍‌କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗ୍ରାମ ପରିଦର୍ଶନ କରି ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଗ୍ରାମର ସାହିଗୁଡ଼ିକୁ ପକ୍କା ସଡକ ନିର୍ମାଣ ସହ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପାଇଁ ଦାବି କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ଗ୍ରାମ୍ୟ ଉନ୍ନୟନ ସଂଗ୍ରାମ କମିଟି ସଭାପତି ନିର୍ମଳ କୁମାର ସାହୁ, ଅଜିତ ସାହୁ, ଦାଶରଥୀ ସାହୁ, ଜନନୀ ସାହୁ, ବିଷ୍ଣୁଚରଣ ସାହୁ, ସସ୍ମିତା ସାହୁ, ଦୁହିତା ସାହୁ, ସୁମତି ସାହୁ, ଜେମା ସେନାପତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ତାଳଚେରରେ ଗଜାନନ


ତାଳଚେର ବଡ଼ବଜାର


ଭୈରବୀ ସାହି


ସାରା ଆକାଶ


ସିଦ୍ଧି ବିନାୟକ


ଜୟହିନ୍ଦ କ୍ଲବ


ତ୍ରିନାଥ ପୂଜା କମିଟି


ବଉଳଛକ ରାସ ପାର୍ଟି

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍‌, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦
ସୁନା ଅଳଙ୍କାର ନିଲାମ ନୋଟିସ୍

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଆରମ୍ଭ କରାଯିବ।

| କ୍ର. ନଂ. | ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାର ଗୁଡିକର ବିବରଣୀ | ମୋଟ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ନିଲାମ ସ୍ଥାନ |
|---|---|---|---|---|---|
| ୧. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୬୦୮/ ଦୁର୍ଗା ମେଡିସିନ୍ ଷ୍ଟୋର୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ, ସା.: ହେରାଗୋହିରୀ ସାହି, ପୁରୀ ଟାଉନ, ପୁରୀ, ପିନ୍-୭୫୨୦୦୧ | ହାର-୧ଟି / ଚେନ୍-୧ଟି<br>ସମୁଦାୟ | ୨୧.୩୬୫/୩.୪୯୫<br>୩୪.୮୬୦ | ଟ.୯୭,୩୫୦/-* / ଟ.୯,୭୩୫/- | ଆଇଡିବିଆଇ ଲିଃ., ବଡଶଙ୍ଖ, ଗ୍ରାଣ୍ଡ କନଭେସନ୍ ତଳ, ପୁରୀ-୭୫୨୦୦୨ |
| ୨. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୫୫୪/ ଶ୍ରୀ ସାଇ ଗାର୍ମେଣ୍ଟସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ହେମନ୍ତ କୁମାର ମହାରଣା, ସା.: ବାଲିସାହି ସାମିଲ ସିଦ୍ଧବକୁଳ ଲେନ୍, ପୁରୀ ମ୍ୟୁନିସିପାଲଟି, ପୁରୀ ଟାଉନ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ହାର-୧ଟି ସହିତ ଚେନ୍-୧ଟି<br>ଝରା-୬ଟି / ହାତ ମୁଦି-୪ଟି<br>ବ୍ରତ-୧ଟି ସହିତ ଲକେଟ-୧ଟି<br>ନୋଳି ଲକେଟ-୧ଟି<br>ସମୁଦାୟ | ୨୩.୩୬୫<br>୧୧.୧୧୦/୧୩.୨୩୫<br>୧୫.୭୧୦<br>୪.୧୮୫<br>୬୭.୬୦୫ | ଟ.୧,୭୯,୮୫୦/-* / ଟ.୧୭,୯୮୫/- | |
| ୩. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୨୯୦୫/ ଶ୍ରୀ ସୌମ୍ୟ ରଞ୍ଜନ ଦାସ, ସା.: ଦଉତୋଟା, ଗ୍ରାମ ପଞ୍ଚାୟତ: ପୁରୀ ନଗର ପାଳିକା, କୁମ୍ଭାରପଡା, ପୁରୀ-୭୫୨୦୦୧ | ହାର-୫ଟି / ଚେନ୍-୧ଟି<br>ଚୁଲି-୨ଟି / ହାତ ମୁଦି- ୧୬ଟି<br>ଝରା ଏବଂ ଟପ- ୧୦ଟି /<br>ଶଙ୍ଖା-୪ଟି<br>ସମୁଦାୟ | ୧୨୧.୩୪୦/୧୭.୨୦୫<br>୩୬.୬୪୦/୫୫.୮୧୫<br>୨୦.୧୫୫/<br>୫୫.୧୨୦<br>୩୦୬.୨୭୫ | ଟ.୭,୧୧,୧୫୦/-* / ଟ.୭୧,୧୧୫/- | |
| ୪. | ଆକାଉଣ୍ଟ ନଂ.: ୦୪୦୩୬୫୧୧୦୦୦୦୩୩୮୪/ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ସୁରେଶ କୁମାର, ଦେବୀଘାଟ, ବାରବାଟି ଲେନ୍, ପୁରୀ-୭୫୨୦୦୧, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୧୮୨୬, ସି-୩, ସିଦ୍ଧି ବିହାର, ଜାଗମରା, ଭୁବନେଶ୍ୱର-୭୫୧୦୩୦ | ହାର-୧ଟି / ଚୁଡ-୩ଟି<br>ଝିଙ୍କା ଝରା-୧୦ଟି/ ହାତ ମୁଦି- ୩ଟି<br>କଏନ- ୧ଟି / ବାହୁଟି-୪ଟି<br>ସମୁଦାୟ | ୧୯.୭୨୫/୧୦୩.୪୮୦<br>୩୧.୪୧୫/୮.୬୮୫<br>୧୦.୦୦/୩୯.୮୧୫<br>୨୧୩.୧୨୦ | ଟ.୫,୭୯,୧୫୦/-* / ଟ.୫୭,୯୧୫/- | |

* ଦର୍ଶିତ ମୂଲ୍ୟ GST ବ୍ୟତିତ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ (Closed Bid Public Auction) ସମ୍ପନ୍ନ ହେବ। ଏହାର କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୧୧.୦୯.୨୦୧୯ରିଖ ରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡ଼ରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୬.୦୯.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।

ସ୍ଥାନ : ପୁରୀ, ତାରିଖ : ୧୦.୦୯.୨୦୧୯
ସ୍ୱା/- ଶାଖା ପ୍ରବନ୍ଧକ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.

ଧରିତ୍ରୀ DHARITRI
ଢେଙ୍କାନାଳ, ବୁଧବାର, ୧୧ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ୧୩ରେ ବିଧାୟକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୯(ବ୍ୟୁରୋ): ଚଳିତ ମାସ ୧୩ ଏବଂ ୧୪ ତାରିଖରେ ଓଡ଼ିଶା ବିଧାନସଭାର ନବନିର୍ବାଚିତ ସଦସ୍ୟାସଦସ୍ୟମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଲୋକସଭା ସଚିବାଳୟ (ଗଣତନ୍ତ୍ର ପାଇଁ ସଂସଦୀୟ ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ) ଓ ଓଡ଼ିଶା ବିଧାନସଭା ସଚିବାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଧାନସଭା ପରିସରରେ ଥିବା ନୂତନ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୁଇଦିନିଆ ଏହି କର୍ମଶାଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ତାରିଖ ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଉଦ୍‌ଘାଟନ କରିବେ ବୋଲି ଜଣାପଡିଛି। ନବନିର୍ବାଚିତ ସଭ୍ୟଙ୍କ ସଂସଦୀୟ ଜ୍ଞାନ ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ । ପାର୍ଲାମେଣ୍ଟ କାର୍ଯ୍ୟାଳୟର ପ୍ରାୟ ୮ ଜଣ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥିସହିତ ବିଧାନସଭାର ଅଭିଜ୍ଞ ଅନୁଭୂତିସମ୍ପନ୍ନ ମନ୍ତ୍ରୀ, ବିଧାୟକ ଓ ରାଜ୍ୟରୁ ଏମ୍‌ପି ଥିବା କେତେଜଣ ବରିଷ୍ଠ ସଦସ୍ୟମାନେ ଅଂଶଗ୍ରହଣ କରି ବିଧାନସଭାର କାର୍ଯ୍ୟବିଧି ଓ ପରିଚାଳନା ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରିବେ । ଏହି ପ୍ରଶିକ୍ଷଣରେ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟାସଦସ୍ୟ ଯୋଗଦେବେ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିବେ ବୋଲି ଜଣାପଡିଛି।

# ଶ୍ରୀମନ୍ଦିର ପରି ପ୍ରଭୁ ଲିଙ୍ଗରାଜଙ୍କ ପାଇଁ ପ୍ରସ୍ତୁତ ହେବ ଅଧିନିୟମ: ମନ୍ତ୍ରୀ

■ ଅନ୍ୟ ୩ ପ୍ରମୁଖ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପ୍ରସ୍ତାବ

■ ଦେବୋତ୍ତର କମିଶନ ମାଧ୍ୟମରେ ପରାମର୍ଶ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ(ଆକ୍ଟ) ଢାଞ୍ଚାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଆଇନ ଖୁବ୍‌ଶୀଘ୍ର ପ୍ରଣୟନ କରାଯିବ। ଲୋକସେବା ଭବନରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପୁରୀ ଶ୍ରୀମନ୍ଦିର ସମସାମୟିକ ହୋଇଥିବାରୁ ଏପରି କରାଯିବାର ଆବଶ୍ୟକତା ରହିଥିବା ବିଜ୍ଞାନ ଓ କାରିଗରି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ବୈଠକରେ ମତ ଦେଇଥିଲେ । ଏଥି ସହ ଟ୍ରଷ୍ଟ ବୋର୍ଡର ପୁନର୍ଗଠନ କରିବା, ଆକ୍ଟ ପ୍ରସ୍ତୁତି ପାଇଁ ଟ୍ରଷ୍ଟ ବୋର୍ଡ ଦେବୋତ୍ତର କମିଶନଙ୍କ ମାଧ୍ୟମରେ ଆଇନ ବିଭାଗକୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥିବା ମନ୍ଦିର ସମ୍ବନ୍ଧୀୟ ଆଇନ ବାବଦରେ ଯଥେଷ୍ଟ ଅଭିଜ୍ଞତା ରହିଥିବା ଆଇନଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଅଶୋକ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ, ମାର୍କେଟ କମ୍ପ୍ଲେକ୍ସ ସମ୍ବନ୍ଧିତ ସମସ୍ୟାର ସମାଧାନ, ବ୍ୟାଖ୍ୟାନ କେନ୍ଦ୍ର ସମ୍ମୁଖର ବିକାଶ ଓ ଦେବୀ ପାଦହରା ପୁଷ୍କରିଣୀର ଉନ୍ନୟନ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ ହୋଇଥିବା ବୈଠକରୁ ସୂଚନା ମିଳିଛି।



ବୈଠକରେ ଉପସ୍ଥିତ ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟ ପ୍ରମୁଖ ଅଧିକାରୀ।

ଅନୁରୂପ ଭାବେ ଘଟଗାଁ ତାରିଣୀ ମନ୍ଦିର କମିଟି ଓ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିରର ଟ୍ରଷ୍ଟ ବୋର୍ଡର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଦେବୋତ୍ତର ବିଭାଗ ଦ୍ୱାରା ତଦନ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଷୋଡ଼ଶ ଶତାବ୍ଦୀର ବାରିପଦା ଜଗନ୍ନାଥ ମନ୍ଦିର କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଥିଲେ । ଏହି ମନ୍ଦିର ଅତି ପୁରାତନ ହୋଇଥିବାରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ବାରିପଦା ଉପଜିଲାପାଳ ଏ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଦେବୋତ୍ତର ଜମିରେ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ଅର୍ଥ ଆଦାୟ କରାଯାଉଛି। ତାହାର ଅଂଶ ମନ୍ଦିରକୁ ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଦେବୋତ୍ତର ଜମି ଯେଉଁମାନଙ୍କ ଅଧୀନରେ ଅଛି ସେମାନେ ୧୯ ଧାରା ଅନୁଯାୟୀ ନିୟମିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ଉଭୟ ଉପଜିଲାପାଳ ଓ ଦେବୋତ୍ତର ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟ କରିବା ପାଇଁ ପ୍ରଥମେ ୨୫ ଧାରାରେ ସେମାନଙ୍କୁ ନୋଟିସ୍ ପଠାଯିବ। ଆଗାମୀ ଏକ ମାସ ମଧ୍ୟରେ ମନ୍ଦିର ୱେବ୍‌ସାଇଟ୍ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟବୀମା କାର୍ଯ୍ୟ ଶେଷ ହେବ ବୋଲି ବୈଠକରେ ଉପଜିଲାପାଳ ପ୍ରକାଶ କରିଥିଲେ। ସେହିପରି ସେବାୟତମାନଙ୍କର ଯାହାକିଛି ସମସ୍ୟା ରହିଛି ସେ ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ପ୍ରକାଶ କରାଯାଇଛି।

### ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ରାଜଧାନୀ କରାଯାଉ

# ଦାରୁ ଚୟନରେ ବ୍ୟବସାୟ ଅନୁଚିତ: ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ, ୧୦।୯: ମହାପ୍ରଭୁ ହେଉଛନ୍ତି ସ୍ୱୟଂ କର୍ତ୍ତା ଏବଂ ଉପାଦନ। ନିଜେ ଇଚ୍ଛା କଲେ, ଆସିଲେ ଆଉ ନିଜେ ପ୍ରକଟିତ ହେଲେ। ପ୍ରଥମ ଦାରୁ ଥିଲେ ସ୍ୱୟଂମ୍ଭୁ। ସକଳ ଦୁଃଖକୁ ଯିଏ ଦୂରେଇ ଦିଏ ସେ ହେଉଛନ୍ତି ଦାରୁ। ତେଣୁ ଦାରୁ ଚୟନ ନିଷ୍ଠାର ସହିତ କରାଯିବା ଦରକାର। ଦାରୁ ଚୟନରେ ବ୍ୟବସାୟ ଅନୁଚିତ ବୋଲି କହିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ପୀଠ ପରିସରରେ ମଙ୍ଗଳବାର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ହିନ୍ଦୀ ଅନୁବାଦକୁ ଲୋକାର୍ପଣ କରି ଜଗଦ୍‌ଗୁରୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଜୀ କହିଥିଲେ, ବର୍ତ୍ତମାନ ଯେଉଁ ସ୍ୱଚ୍ଛ ଏବଂ ବିକାଶର ନାରା ଦିଆଯାଉଛି ତାହା ଭୋଗ୍ୟ ପାଇଁ ଠିକ୍। କିନ୍ତୁ ଏଥିରେ ଆଧ୍ୟାତ୍ମିକତା ରହୁନାହିଁ। ଶ୍ରୀକ୍ଷେତ୍ର ଏବେ ଏହି ଢାଞ୍ଚା ଦେଇ ଗତି କରୁଛି। ଏଭଳି ମାନସିକତା ରହିଲେ ଏହା ଲୋକମାନଙ୍କ ମନୋରଞ୍ଜନ କ୍ଷେତ୍ର ହୋଇପାରିବ କିନ୍ତୁ ତପୋସ୍ଥଳୀ ହୋଇପାରିବ ନାହିଁ। ପରୋକ୍ଷରେ ଉଚ୍ଛେଦକୁ ସମାଲୋଚନା କରି ଶଙ୍କରାଚାର୍ଯ୍ୟ କହିଥିଲେ, ମନ୍ଦିର ପାଖରେ ମାଛ, ମାଂସ, ଅଣ୍ଡା ଦୋକାନ ରହିଲେ ସେଠି ଦିଅଁ ରହିବେ ନାହିଁ। ଶ୍ରୀକ୍ଷେତ୍ର ହେଉଛି ପୁଣ୍ୟ ଭୂମି। ଏହାକୁ ତପୋସ୍ଥଳୀ ଭାବି ଆଧ୍ୟାତ୍ମିକତା ଦିଗରେ ଏହାକୁ ବିକାଶ କରାଯାଉ। ମଠ, ମନ୍ଦିରର ଦିଅଁ ସୁରକ୍ଷିତ ରହିଲେ ଏହା ତପୋସ୍ଥଳୀ ହୋଇପାରିବ। ପୁରୀରେ ବହୁତ ପ୍ରାଚୀନ ମଠ ରହିଛି। ଏହି ମଠକୁ ମହାନ ସିଦ୍ଧ ମହାତ୍ମାମାନେ ପ୍ରତିଷ୍ଠା କରିଛନ୍ତି। ଏହା ଗୋଟିଏ ଗୋଟିଏ ତପୋସ୍ଥଳୀ। ମନ୍ଦିର ପାଖରେ ସୁରାସାକିର ଆସର ଜମିଲେ ଦେବଦେବୀ କେବେହେଲେ ରହିବେ ନାହିଁ। ଫଳରେ ଏହାର ନକାରାତ୍ମକ ଦିଗକୁ ହିଁ ସାମ୍ନା କରିବାକୁ ପଡିବ। ଶ୍ରୀକ୍ଷେତ୍ର ହେଉଛି ପୁଣ୍ୟର ଭୂମି। ଏହାକୁ ଆଧ୍ୟାତ୍ମିକ ରାଜଧାନୀ କରାଯିବା ଦିଗରେ ସମସ୍ତେ ଉଦ୍ୟମ କରିବା ଉଚିତ। ଶ୍ରୀମନ୍ଦିରର ପରିଚାଳନା ଆଧ୍ୟାତ୍ମିକ ଓ ଧାର୍ମିକ ବିଚାର ଧାରାରେ ହେବା ଦରକାର। ଏହା ଏକ ଧାର୍ମିକ ପୀଠ। ଶାସନ ତନ୍ତ୍ରରୁ ଏହା ମୁକ୍ତ ରହିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଃଖ ପାଇଲା ବେଳର କଥା ଉଠିଆରି ବେଳକୁ ନ ଥାଏ ।**

ଯେତେବେଳେ ଦୁଃଖ ଆସେ ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ସେଥିରୁ କେମିତି ଉଦ୍ଧାର ପାଇବ ସେ ନେଇ ଭାଳି ହୋଇଥାଏ। ତେବେ ଯେତେବେଳେ ଦୁଃଖଦୁର୍ଦ୍ଦଶା ଟଳିଯାଏ ସେତେବେଳେ ମଣିଷ ହାଲୁକା ଅନୁଭବ କରିବା ସହ ଦୁଃଖ ବେଳର କଥାକୁ ପାସୋରି ଦେଇଥାଏ। ସୁଖ ଭୋଗ ହେବା ବେଳେ ଦୁଃଖ ବେଳର ଯାତନା ମନରୁ ଶୀଘ୍ର ଭୁଲି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖିଲେ କଥା ନ କହେ, ନ ଦେଖିଲେ କାନ୍ଦୁଥାଏ ।**

ଉପର ଠାଉରିଆ ଭଲ ପାଇବା। କେତେକ ବ୍ୟକ୍ତି ମନରେ ପଛେ କିଛି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧା ଭାବ ଦେଖେଇ ହୁଅନ୍ତି। ଆଖି ଛଳ ଛଳ କରି ନିଜର ଭାବ ପଣିଆ ଜାହିର କରିଥାନ୍ତି। ନ ଦେଖିଲେ ନ ଆସିଲେ ମନ କଷ୍ଟ, ଆସିଲେ ଆଡ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ନ ଥାଇ ଆନ୍ତରିକତା ଅଛି ବୋଲି ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମା' ବୁଢ଼ୀ ଠାକୁରାଣୀ ଦର୍ଶନ କଲେ ଆନ୍ଧ୍ର ବାଚସ୍ପତି

**ଉନ୍ନୟନ କାମ ଦେଖି ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ**

ବ୍ରହ୍ମପୁର ଅଫିସ୍,୧୦।୯

ଆନ୍ଧ୍ରପ୍ରଦେଶ ବିଧାନସଭା ବାଚସ୍ପତି ଟି.ସୀତାରାମ ମଙ୍ଗଳବାର ସକାଳେ ବ୍ରହ୍ମପୁରର ମା' ବୁଢୀ ଠାକୁରାଣୀଙ୍କୁ ଦର୍ଶନ କରିଛନ୍ତି। ବାଚସ୍ପତି ସପରିବାର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସେ ଖବରଦାତାଙ୍କ ସହ କଥା ହେବା ବେଳେ କହିଥିଲେ, ସେ ପୂର୍ବରୁ ବହୁଥର ବୁଢୀ ଠାକୁରାଣୀଙ୍କ ଦର୍ଶନ କରିଛନ୍ତି। ମା' ବହୁତ ଶକ୍ତିଶାଳୀ। ସମସ୍ତଙ୍କ ମନସ୍କାମନା ପୂରଣ କରନ୍ତି । ମା'ଙ୍କ ମହିମା ତାଙ୍କୁ ସବୁଥର ଏଠାକୁ ଟାଣିଆଣୁଛି। ମା' ବୁଢୀ ଠାକୁରାଣୀଙ୍କ ଅପାର କୃପା ଯୋଗୁ ବ୍ରହ୍ମପୁର ସହରରେ ଶାନ୍ତି ବଜାୟ ରହିଛି। ଲୋକମାନେ ଖୁସିରେ ବଞ୍ଚୁଛନ୍ତି ବୋଲି ବାଚସ୍ପତି ସୀତାରାମ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ପ୍ରାୟ ୨ ବର୍ଷ ପୂର୍ବେ ଶେଷ ଥର ପାଇଁ ବ୍ରହ୍ମପୁରକୁ ଆସିଥିଲି। ଏହା ଭିତରେ ସହରରେ ବହୁତ ଉନ୍ନତି ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ଧନ୍ୟବାଦର ଯୋଗ୍ୟ ବୋଲି ସେ କହିଥିଲେ। ମା' ବୁଢୀ ଠାକୁରାଣୀଙ୍କ ମନ୍ଦିରରେ ଦର୍ଶନ ପରେ ସୀତାରାମ ସପରିବାର ମା' ଭୈରବୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସେଠାରୁ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଅଭିମୁଖେ ବାହାରିଥିଲେ। ସୋମବାର ରାତିରେ ସେ ବ୍ରହ୍ମପୁରରେ ପହଞ୍ଚିବା ପରେ କମାପଲ୍ଲୀସ୍ଥିତ ନିଜ ସମ୍ପର୍କୀୟଙ୍କ ଘରେ ରାତ୍ରିଯାପନ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781 9667987587 9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
JIWAN JYOTI FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620 9499439810
VISHAL ENCLAVE, M. ROAD, UP

BUSINESS

EDUCATION

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276 8676907143

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No: 9437425759 8280476992
Email : maataratarinison@gmail.com

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT 7683914951 9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932 8394004961 8394004898

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082 9438286091

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008 99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7323867664 9065828165
New Ashok Nagar, East Delhi, Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଶ୍ରୀନଅରରେ ସୁନିଆଁ ଚାଲିଲା ୬୨ ଅଙ୍କ, ୧୪୨୭ ସାଲ



**ପୁରୀ ଅଫିସ, ୧୦।୯:** ଗଜପତି ମହାରାଜା ଦିବ୍ୟ ସିଂହଦେବଙ୍କ ଶାସନରେ ୬୧ ଅଙ୍କ ଶେଷ ହୋଇଛି। ମଙ୍ଗଳବାର ସୁନିଆଁ ଅବସରରେ ୬୨ଅଙ୍କ ଏବଂ ୧୪୨୭ ସାଲ ଆରମ୍ଭ ହୋଇଛି। ସେଥିପାଇଁ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପଡିଥିଲା। ପ୍ରାତଃରୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚ ଦେବତା ପୂଜା, ରାମାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ବିଧି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୨ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଏହାପରେ ଗଜପତି ମହାରାଜାଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆଁ ଭେଟି ଦେଇଥିଲେ। ଗଜପତି ମହାରାଜାଙ୍କ ପାରମ୍ପରିକ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଉପସ୍ଥିତ ରହି ରାଜଗୁରୁ ସେବା କରିଥିଲେ। ସୁନିଆଁ ପରମ୍ପରା ସମ୍ପର୍କରେ ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ କହିଛନ୍ତି, ସୁନିଆଁରେ ଗଜପତି ମହାରାଜାଙ୍କ ନବବର୍ଷର ଅୟମାରମ୍ଭ ହୋଇଥାଏ। ଗଜପତି ମହାରାଜାଙ୍କ ୬୨ଅଙ୍କ ପ୍ରଚଳିତ ହେଲା ୧୪୨୭ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

## ମଧ୍ୟାହ୍ନ ଭୋଜନ ଖାଇ ଛାତ୍ର ମୃତ୍ୟୁ ଘଟଣା
## ନବରଙ୍ଗପୁର ଜିଲାପାଳଙ୍କୁ ଏନ୍ଏଚଆରସିଙ୍କ ତାଗିଦ୍

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ନବରଙ୍ଗପୁର ଜିଲାରେ ୨୦୧୮ ମସିହାରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ସେହି ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣ ଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚଆରସି) ନବରଙ୍ଗପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ପ୍ରମାଣ ସହ ଦାଖଲ କରିବାକୁ କୁହାଯାଇଛି। ଆଡଭୋକେଟ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଏର କରାଯାଇଥିବା ମାମଲାର ଶୁଣାଣି କରି କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ନବରଙ୍ଗପୁର ଜିଲାର ଏକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇ ୧୪ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨୦୧୮ ଫେବୃୟାରୀ ୧୯ ତାରିଖରେ ସେମାନଙ୍କ ମଧ୍ୟରୁ ଗୁରୁବନ୍ଧୁ ଭାତ୍ରାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ମୃତ ଛାତ୍ରଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ମୃତ ଛାତ୍ରଙ୍କ ନିକଟ ସମ୍ପର୍କୀୟଙ୍କୁ ନବରଙ୍ଗପୁର ଜିଲାପାଳ କ୍ଷତିପୂରଣ ରାଶି ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଜଣାଇବା ସତ୍ତ୍ୱେ ମୃତ ଛାତ୍ରଙ୍କର ନିକଟ ସମ୍ପର୍କୀୟଙ୍କୁ ଦିଆଯାଇଥିବା କ୍ଷତିପୂରଣ ରାଶିର ପ୍ରମାଣପତ୍ର ଆସନ୍ତା ୬ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରାଫିକ ନିୟମ କୋହଳ ପରେ ସମୀକ୍ଷା

# ଛୁଟିଦିନରେ ଖୋଲିବ ଆର୍‌ଟିଓ

- ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ଲାଗିବ ରେଟ୍ ଚାର୍ଟ
- ଆର୍‌ଟିଓରେ ରହିବେ ଇନସ୍ୟୁରାନ୍ସ ଅଧିକାରୀ
- ଡିଜିଙ୍କୁ ଚିଠି ଲେଖିଲେ ପରିବହନ ସଚିବ
- ଦଲାଲ୍‌ଙ୍କ ଉପରେ ରହିବ ନଜର

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ନୂଆ ମୋଟର ଯାନ ଆଇନ ଓଡ଼ିଶାରେ ଲାଗୁ କରାଯିବାର ଦିନ କେଇଟା ମଧ୍ୟରେ ଲୋକମାନଙ୍କ ନିଦ ହଜିଯାଇଥିଲା। ନିୟମ ଅନୁଯାୟୀ ଗାଡ଼ି ଚାଳକମାନଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କାଗଜ ପତ୍ର ନ ଥିବା କାରଣରୁ ଲୋକେ ଟ୍ରାଫିକ ନିୟମ ଏବଂ ମୋଟା ଅଙ୍କର ଜରିମାନା ଦେଖି ଗାଡି ଚଳାଇବା ଏକ ପ୍ରକାର ବନ୍ଦ କରିଦେଲେ। ଏହାର ଦିନ କେଇଟା ପରେ ଭୁବନେଶ୍ୱର ରାଜମହଲ ଛକଠାରେ ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଲଙ୍କାକାଣ୍ଡରୁ ସ୍ପଷ୍ଟ ହୋଇଥିଲା ଏହି ନିୟମ ପରେ ଲୋକେ କେତେ ମାତ୍ରାରେ ବ୍ୟଥିତ ଥିଲେ। କୌଣସି ସଙ୍ଗଠନ ନୁହେଁ ବରଂ ସାଧାରଣ ଲୋକମାନେ ସ୍ୱତଃସ୍ଫୂର୍ତ୍ତଭାବେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଅପରପକ୍ଷରେ ଏଭଳି ନିୟମ ଯୋଗୁ ଲୋକଙ୍କ ଗାଡି ଚଳାଇବା ବନ୍ଦ ହୋଇଯିବା ସଙ୍ଗେ ସଙ୍ଗେ ପେଟ୍ରୋଲ, ଡିଜେଲ ସହିତ ମଦ ବିକ୍ରି ମଧ୍ୟ ହ୍ରାସ ପାଇଲା। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସୋମବାର ଟ୍ରାଫିକ ନିୟମକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ କୋହଳ କରିବା ପାଇଁ ପରିବହନ ଏବଂ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଲେ। ଟ୍ରାଫିକର କଡ଼ାକଡି ନିୟମ ଆରମ୍ଭ ହୋଇ ହଠାତ୍ ବନ୍ଦ କରିଦିଆଯିବା ପରେ



ଭୁବନେଶ୍ୱର ଆର୍‌ଟିଓ ଅଫିସ ସମ୍ମୁଖରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼।

ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା ହେଲେ ଜିଲା ଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ପରିବହନ ଏବଂ ପୋଲିସ ଅଧିକାରୀ କିପରି କାର୍ଯ୍ୟ କରିବେ ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନ ଥିଲା। ତେଣୁ ମଙ୍ଗଳବାର ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଏବଂ ପରିବହନ କମିଶନର ଭିଡିଓ କନଫରେନ୍ସିଂ ଜରିଆରେ ଆର୍‌ଟିଓମାନଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୩ ମାସ ପର୍ଯ୍ୟନ୍ତ ଲୋକମାନଙ୍କ ଗାଡି ମୋଟର କାଗଜପତ୍ର କିପରି ସଜଡା ଯାଇପାରିବ ସେନେଇ ଆଲୋଚନା ହୋଇଛି। ଅନ୍ୟପଟେ ଲୋକମାନେ ଛୁଟିଦିନରେ ନିଜର କାଗଜ ପତ୍ର ଆର୍‌ଟିଓ ଅଫିସରେ କରିପାରିବେ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ମନ୍ତ୍ରୀ ବେହେରା କହିଛନ୍ତି, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ ଏବଂ ପ୍ରଦୂଷଣ ସାର୍ଟିଫିକେଟ ଆଦି କାର୍ଯ୍ୟ ଛୁଟିଦିନରେ କରିହେବ। ସେଥିଲାଗି ସରକାରୀ ସ୍ତରରେ ଲୋକଙ୍କୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ। ଆବଶ୍ୟକୀୟ ସ୍ଥାନରେ ଏ ସମସ୍ତ କାର୍ଯ୍ୟାଳୟ ଛୁଟିଦିନରେ ଖୋଲା ରହିବ। ଏହାସହ ବିଭିନ୍ନ କ୍ୟାମ୍ପ କରାଯାଇ ଲୋକଙ୍କୁ କାଗଜପତ୍ର କାମରେ ସହଯୋଗ କରାଯିବ। ୩ ମାସ ମଧ୍ୟରେ ଜନସାଧାରଣ ନିଜ ଗାଡ଼ିର କାଗଜପତ୍ର ଠିକ୍ କରାଇ ନେବା ପାଇଁ ବେହେରା କହିଛନ୍ତି। ଏହାସହ ବିରୋଧୀ ଦଳ ନେତାମାନେ ମୋଟା ଅଙ୍କର ଜରିମାନା ପୈଠ କରିଥିବା ଲୋକଙ୍କୁ ସେମାନଙ୍କ ଟଙ୍କା ଫେରାଇବା ଲାଗି ଦାବି କରିଥିବା ବେଳେ ମନ୍ତ୍ରୀ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅନ୍ୟପଟେ ବୈଠକ ପରେ ଜି. ଶ୍ରୀନିବାସ କହିଛନ୍ତି ଯେ, ଆର୍‌ଟିଓ ଅଫିସରେ ଅଧିକ କ୍ୟାମ୍ପ ଖୋଲାଯିବ। ବର୍ତ୍ତମାନ ସ୍ଥିତିରେ ବହୁ ସଂଖ୍ୟାରେ ଲୋକମାନେ ଡ୍ରାଇଭିଂ ଲାଇସେନ୍ସ ଆବେଦନ କରୁଥିବାରୁ ବର୍ତ୍ତମାନ ଦୈନିକ ଯେତିକି ଲର୍ନିଂ ପ୍ରଦାନ କରାଯାଉଥିଲା ସେହି ସଂଖ୍ୟା ବୃଦ୍ଧି କରାଯାଇଛି। ଯେଉଁମାନେ ଲାଇସେନ୍ସ କରାଇବା ଲାଗି ଦଲାଲି କରିବେ ସେମାନଙ୍କୁ ଦଣ୍ଡ ଦିଆଯିବ। ସେହିପରି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରରେ ରେଟ୍ ଚାର୍ଟ ଲଗାଯିବ। ଅଧିକ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ମଧ୍ୟ ଖୋଲିବ। ଏହାସହ ଆର୍‌ଟିଓ କାର୍ଯ୍ୟାଳୟରେ ଇନସ୍ୟୁରାନ୍ସ ଅଧିକାରୀଙ୍କୁ ରଖାଯିବ ବୋଲି ସେ କହିଛନ୍ତି।

ଅନ୍ୟ ଜଣେ ପରିବହନ ଅଧିକାରୀଙ୍କ କହିବାନୁଯାୟୀ, ଦୈନିକ ଭୁବନେଶ୍ୱର ଆର୍‌ଟିଓ କାର୍ଯ୍ୟାଳୟରେ ୧୫୦ ଲର୍ନିଂ ପ୍ରଦାନ କରାଯାଉଥିଲା। ଏବେ ସେହି ସଂଖ୍ୟା ୩ଶହକୁ ବୃଦ୍ଧି କରାଯାଇଛି। ଆଜିଠାରୁ ଦୁଇଜଣ ଲେଖା ଇନସ୍ୟୁରାନ୍ସ କର୍ମଚାରୀଙ୍କୁ ଆରଟିଓରେ ବସାଇବାର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ଅଧିକ ସଂଖ୍ୟାରେ ଲୋକ ରହିଥିବାରୁ ଏଠାରେ ଅଧିକ ଭିଡ଼ ରହୁଛି। ସେହିଭଳି ବ୍ରହ୍ମପୁର, ବାଲେଶ୍ୱର, କଟକ ଆଦି କେତୋଟି ଜିଲାରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ପରିବହନ ସଚିବ ଜି. ଶ୍ରୀନିବାସ ପୋଲିସ ଡିଜି ଏବଂ କମିଶନରଙ୍କୁ ଚିଠି ଲେଖି ପୋଲିସ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ସୂଚନା ଦେଇଛନ୍ତି। ପରିବହନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗାଡ଼ି ଚାଳକମାନଙ୍କୁ ଅଯଥାରେ ହଇରାଣ ନ କରିବା ପାଇଁ ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଉ। ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରିବାବେଳେ ଲୋକଙ୍କୁ ପୋଲିସ ହଇରାଣ କରିବାର ବହୁ ଘଟଣା ସାମ୍ନାକୁ ଆସିଛି। ଟ୍ରାଫିକ ନିୟମର ପ୍ରାବଧାନ ଅନୁଯାୟୀ ଦାୟିତ୍ୱରେ ଥିବା କୌଣସି ପୋଲିସ ଅଧିକାରୀ ଯଦି ଭୁଲ୍ କରନ୍ତି ତେବେ ସେମାନଙ୍କଠାରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଏ ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ସମସ୍ତ ଜିଲା ପୋଲିସ ଏସ୍‌ପି ଏବଂ ଡିସିପିଙ୍କୁ ଜଣାଇବା ପାଇଁ ଡିଜିଙ୍କୁ ପରିବହନ ସଚିବ ଅନୁରୋଧ କରିଥିବା ଜଣାପଡିଛି।

### ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଚାଷୀଙ୍କ ଦାବି

## ମଧ୍ୟାହ୍ନ ଭୋଜନରେ ଦିଆଯିବ ଦୁଗ୍ଧଜାତ ଦ୍ରବ୍ୟ

**ଭୁବନେଶ୍ୱର, ୧୦।୯(ବ୍ୟୁରୋ)**

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବିଗତ ବର୍ଷଗୁଡ଼ିକରେ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଅଧିକରୁ ଅଧିକ ଲୋକ ଦୁଗ୍ଧ ଚାଷକୁ ଆପଣେଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଏହାର ଠିକ୍ ବିକ୍ରିବଟା ଏବଂ ଖାଉଟିମାନଙ୍କୁ ଉନ୍ନତ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୈନିକ ୧୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା କୃଷିଭବନଠାରେ ଆୟୋଜିତ 'ଗୋସମ୍ପଦର ବିକାଶରେ ଉଦ୍ୟୋଗୀମାନଙ୍କ ଭୂମିକା' ଶୀର୍ଷକ କର୍ମଶାଳାରେ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗୋପାଳନ ରାଜ୍ୟ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ଉପାଦାନ। କୃଷକମାନଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ନିମନ୍ତେ ପ୍ରାଣୀପାଳନ ବିଶେଷ କରି ଗୋପାଳନ ଏକାନ୍ତ ଆବଶ୍ୟକ। ତେଣୁ ଗୋପାଳନର ବିକାଶ ନିମନ୍ତେ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଅରୁଣ ସାହୁ କହିଛନ୍ତି।

ସେପଟେ ଘରୋଇ ଦୁଗ୍ଧ ସଂସ୍ଥା ଆଗୁଆ ଦର ବୃଦ୍ଧି କରିଛନ୍ତି। କର୍ମଶାଳାରେ ବିଭିନ୍ନ ଜିଲାର ଚାଷୀମାନେ ଦୁଗ୍ଧ ଦର ବଢ଼ାଇବା ପାଇଁ ଜୋର ଦେଇଥିଲେ। ବିଶେଷକରି କୋରାପୁଟ, ପୁରୀ, ମାଲକାନଗିରି ଭଳି ଜିଲାର ଚାଷୀମାନେ ଜୋରଦାର ଦାବି ଉଠାଇଥିଲେ। ଖର୍ଚ୍ଚ ଅନୁସାରେ ଆୟ ହେଉନାହିଁ ବୋଲି ଚାଷୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଛନ୍ତି। ଉଭୟ ଖାଉଟି ଓ ଦୁଗ୍ଧ ଚାଷୀଙ୍କୁ ସୁହାଇଲା ଭଳି ଦର ଧାର୍ଯ୍ୟ ହେବ ବୋଲି ଅରୁଣ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବାକୁ ସରକାର ଯୋଜନା କରୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କର୍ମଶାଳାରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟକ ଭାବେ ଯୋଗଦେଇ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନରେ ଦୁଗ୍ଧଜାତ ଦ୍ରବ୍ୟ ଦେବା ପ୍ରସ୍ତାବକୁ ନେଇ ସରକାର ତର୍ଜମା କରୁଛନ୍ତି। ଏପରି ହେଲେ ରାଜ୍ୟର ଦୁଗ୍ଧ ଚାଷୀ ଉପକୃତ ହେବେ। ପିଲାମାନେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇବାକୁ ସକ୍ଷମ ହେବେ।

ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ଦୁଗ୍ଧ ଚାଷୀମାନେ ଦୁଗ୍ଧଚାଷ କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା, ଅସୁବିଧା ଓ ଦୁଗ୍ଧର କ୍ରୟମୂଲ୍ୟ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। କର୍ମଶାଳା ଅବସରରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଯୋଗଦେଇ ବିଭାଗ ପକ୍ଷରୁ ଗୋସମ୍ପଦର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳା ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଓମ୍‌ଫେଡ୍‌ର ସାଧାରଣ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ।


### ୮ମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକ

## ଭାରତ ଉର୍ଜା ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଭାରତରେ ଉର୍ଜା ନ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ଆବୁଧାବୀଠାରେ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ଶକ୍ତି ଫୋରମର ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ୟୁଏଇ ଓ ଭିଏତନାମର ମନ୍ତ୍ରୀ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରମୁଖ ଅଧିକାରୀ, ଓପେକ୍‌ର ସାଧାରଣ ସଚିବ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟି ଭାରତ ଓ ୟୁଏଇ ସହ ଆର୍ଥିକ ଏବଂ ଅନ୍ୟାନ୍ୟ ସହଯୋଗ ଉପରେ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ତା ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ। ଭାରତ ଓ ଚାଇନା ଏହାର ୮୦ ଭାଗ ଅଂଶୀଦାର ହେବେ। ବିଶ୍ୱର ଶକ୍ତି ଚାହିଦା ବଢ଼ିବା ସହ ଅକ୍ଷୟ ଶକ୍ତିର ବ୍ୟବହାରରେ ଦ୍ରୁତ ପ୍ରଗତି ଘଟିବ। ୨୦୪୦ ସୁଦ୍ଧା ଅକ୍ଷୟ ଶକ୍ତି ଯୋଗାଣରେ ଦୁଇ ତୃତୀୟାଂଶ ବୃଦ୍ଧି ପାଇବ ଭବିଷ୍ୟତରେ ଉର୍ଜା ମିଶ୍ରଣ ୩୦ ପ୍ରତିଶତରେ ପହଞ୍ଚିବ। ଦୁର୍ବଳ ଏବଂ ଅସନ୍ତୁଳିତ ଉର୍ଜା କାରଣରୁ ଏସିଆରେ ୪ଶହ ମିଲିୟନରୁ ଊର୍ଦ୍ଧ୍ୱ ଲୋକ ବିଜୁଳି ପାଇବାରୁ ବଞ୍ଚିତ ଅଛନ୍ତି। ଏଥିପାଇଁ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ପ୍ରଦାନ କରିବା ସବୁ ଦେଶର ସରକାରଙ୍କ ପାଇଁ ପ୍ରାଥମିକତା ରହିଛି। ବିଗତ ୫ବର୍ଷରେ ଭାରତ ଉର୍ଜା ନ୍ୟାୟ ଏବଂ ଉର୍ଜାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉପରେ ଅଧିକ ଜୋର ଦେଇଛି। ଏହି ସମୟରେ ଭାରତ ଦେଶର ୧.୩ ବିଲିୟନର ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଉର୍ଜା ନ୍ୟାୟ ଅନୁଭବ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ସେ କହିଛନ୍ତି।



ଅଷ୍ଟମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

- ଚଣ୍ଡିଖୋଲ ରଣନୈତିକ ତୈଳ ଭଣ୍ଡାର କାମରେ ଅଂଶଗ୍ରହଣ ପାଇଁ ୟୁଏଇକୁ ଅନୁରୋଧ
- ତୈଳ ଉତ୍ପାଦନ ଓ ରପ୍ତାନିକୁ ସ୍ଥିର ପାଇଁ ଓପେକ୍ ଅଧିକାରୀଙ୍କ ସହ ଆଲୋଚନା
- ଆଗାମୀ ଦୁଇ ଦଶନ୍ଧିରେ ଏସିଆ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ହେବ

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବୈଠକ ଉର୍ଜା ସୁରକ୍ଷାକୁ ମଜବୁତ୍ କରିବାର ନୂଆ ରାସ୍ତା ଦେଖାଇବ। ଏହି ଅବସରରେ ୟୁଏଇର ଶକ୍ତି ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ଆଲୋଚନା କରିଛନ୍ତି। ଭାରତ-ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗକୁ ଦୃଢ଼ କରିବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବିଶେଷଭାବେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ହାଇଡ୍ରୋକାର୍ବନ କ୍ଷେତ୍ରର କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ ରାସ୍ତା ବାହାର କରିବା ଓ ଇସ୍ପାତ୍ ରପ୍ତାନି ଚାହିଦାକୁ ବୃଦ୍ଧି ଉପରେ ଆଲୋଚନା ହୋଇଛି। ଓଡ଼ିଶାର ଚଣ୍ଡିଖୋଲ ଏବଂ କର୍ନାଟକର ପାଦୁରଠାରେ ହେବାକୁ ଥିବା ଭାରତର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ପୁନର୍ବାର ଅଂଶଗ୍ରହଣ କରିବା ପାଇଁ ସେମାନଙ୍କୁ କହିଛନ୍ତି। ଷ୍ଟ୍ରେଟ୍ ଅଫ୍ ହରମୁଜରେ ଦେଖାଯାଇଥିବା ବିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ପାଦନ ହ୍ରାସକୁ ଓପେକ୍‌ର ସଦସ୍ୟମାନେ ସମର୍ଥନ କରିବା ଦ୍ୱାରା ପ୍ରତିକୂଳଭାବେ ଏହି ନିଷ୍ପତ୍ତି ଭାରତୀୟ ଉପଭୋକ୍ତାଙ୍କ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି ।

ସେହିପରି ଓପେକ୍‌ର ସାଧାରଣ ସଚିବ ଏଚ୍‌ଇ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସାକ୍ଷାତ କରିଛନ୍ତି। ସମ୍ପ୍ରତି ଭୂ-ରାଜନୈତିକ ବିକାଶ ଦ୍ୱାରା ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟର ସ୍ଥିରତା ଏବଂ ଏହାର ରପ୍ତାନି ଉପରେ ପଡିଥିବା ପ୍ରଭାବ ସମ୍ବନ୍ଧରେ ସେ ଆଲୋଚନା କରିଛନ୍ତି। ବିଶ୍ୱସ୍ତରର ଅଶୋଧିତ ତୈଳର ସନ୍ତୁଳନ ଏବଂ ହାରାହାରି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦୁଇ ଦେଶ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା । ଭାରତ ଏବଂ ଓପେକ୍ ମଧ୍ୟରେ ଆସନ୍ତା ଉଚ୍ଚସ୍ତରୀୟ ବୈଠକ ଚଳିତବର୍ଷ ଶେଷ ଆଡ଼କୁ ଆୟୋଜନ କରିବା ପାଇଁ ବାର୍କିଣ୍ଡୋ ଇଚ୍ଛା ପ୍ରକାଶ କରିଛନ୍ତି । ଏହାସହ ଧର୍ମେନ୍ଦ୍ର ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଇଡି ଫତେହ ବିରୋଲଙ୍କୁ ଭେଟି ବିଶ୍ୱ ବଜାରରେ ତୈଳ ଏବଂ ଗ୍ୟାସର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରି ଏହାର ସମୀକ୍ଷା କରିଛନ୍ତି।

### ୨ ପୁଅ, ମା'ଙ୍କ ମୃତଦେହ ମିଳିବା ଘଟଣା

## ସ୍ୱାମୀ ହିଁ ହତ୍ୟାକାରୀ, ପ୍ରେମିକାଙ୍କ ସମେତ ୩ ଅଟକ

**ଭବାନୀପାଟଣା,୧୦।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଂଝରଣ ଗ୍ରାମରେ ସୋମବାର ୨ ଶିଶୁଙ୍କ ସମେତ ସ୍ତ୍ରୀଙ୍କୁ ତଣ୍ଟି କାଟି ହତ୍ୟା କରିବା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲିଙ୍ଗ ମାଝିଙ୍କୁ ଭବାନୀପାଟଣା ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଏହାସହ ତାଙ୍କ ପ୍ରେମିକାଙ୍କ ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଲିଙ୍ଗ ମାଝି।

ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଲିଙ୍ଗ ମାଝି ତାଙ୍କ ସ୍ତ୍ରୀ ବିମଳା ମାଝି ଓ ଦୁଇ ଶିଶୁ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨)ଙ୍କୁ ଛାଡି ୪ ମାସ ହେଲା ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସମ୍ପୃକ୍ତ ମହିଳା ଲିଙ୍ଗଙ୍କ ସହ ଗୋଟିଏ ମାସ ରହିବା ପରେ ପ୍ରଥମ ସ୍ୱାମୀ ନିକଟକୁ ଫେରି ଯାଇଥିଲେ। ପରେ ଲିଙ୍ଗ ଯେତେବେଳେ ସ୍ତ୍ରୀ ବିମଳାଙ୍କ ନିକଟକୁ ଯାଇ ପୂର୍ବ ଭଳି ଘର ସଂସାର କରି ରହିବା ପାଇଁ କହିଥିଲେ। ଏଥିରେ ବିମଳା ରାଜି ହୋଇ ନ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମନାନ୍ତର ରହିବା ସହ ଅଶାନ୍ତି ଲାଗି ରହିଥିଲା। ୩ ମାସ ଧରି ଲିଙ୍ଗ ଭବାନୀପାଟଣାରେ ଏକା ରହୁଥିଲେ। ଗତ ରବିବାର ଲିଙ୍ଗ ସିଂଝରଣ ଗ୍ରାମସ୍ଥିତ ନିଜ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସ୍ତ୍ରୀ ବିମଳା ଶୋଇଥିବା ଅବସ୍ଥାରେ ପ୍ରଥମେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ବିମଳା ଅଚେତ ହୋଇଯିବା ପରେ ତାଙ୍କୁ ଟେକି ନେଇ ନିକଟସ୍ଥ ରେଳଧାରଣା ପର୍ଯ୍ୟନ୍ତ ନେଇ ଯାଇଥିଲେ। ରେଳଧାରଣା ନିକଟରେ ଏକ ଟାଙ୍ଗିଆରେ ସେ ବିମଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରିବା ପରେ ରେଳଧାରଣାରେ ମୃତଦେହକୁ ଆତ୍ମହତ୍ୟା ଭଳି ପକାଇ ଘରକୁ ଫେରିଆସିଥିଲେ। ଏପଟେ ଘରେ ଶୋଇଥିବା ଅବସ୍ଥାରେ ଦୁଇ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ରଙ୍କୁ ଟାଙ୍ଗିଆରେ ଗଳା କାଟି ହତ୍ୟା କରିଥିଲେ। ୩ ଜଣଙ୍କୁ ହତ୍ୟା କରିବା ପରେ ଲିଙ୍ଗ ରାତିରେ ହିଁ ଭବାନୀପାଟଣା ଫେରି ଆସିଥିଲେ। ଯୋଜନାବଦ୍ଧ ଭାବରେ ୩ ଜଣଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା ସେ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୁକ୍ତ ଲିଙ୍ଗ ମାଝି ହତ୍ୟା ଘଟଣାକୁ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତିଙ୍କ ପ୍ରତିକ୍ରିୟା

## ନିର୍ଦ୍ଧାରିତ ତିଥିରେ କରନ୍ତୁ ରଥଯାତ୍ରା

**ପୁରୀ ଅଫିସ, ୧୦।୯**

ଅଦିନରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ। ଆସନ୍ତା ନଭେମ୍ବର ୧୭ ତରିଖରେ ପଞ୍ଜାବ ଲୁଧିଆନାସ୍ଥିତ ଇସ୍କନ ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହେଉଥିବା ଜଣାପଡିବା ପରେ ଏହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିବାଦ ସୃଷ୍ଟି ହୋଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଇସ୍କନ ଏଥିରୁ ଓହରିଯାଇଛି। ତେବେ ମଙ୍ଗଳବାର ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ନିର୍ଦ୍ଧାରିତ ତିଥିରେ ରଥଯାତ୍ରା ପାଳନ କରିବାକୁ ବିଶ୍ୱବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରୀନଅର ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଗଜପତି ମହାରାଜା କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ସନାତନ ଶାସ୍ତ୍ର ଆଧାରିତ ପରମ୍ପରାରେ ହୋଇଥାଏ। ଶ୍ରୀକ୍ଷେତ୍ରଧାମରେ ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ଗୁଣ୍ଡିଚା ଯାତ୍ରା ହୋଇଥାଏ। ରଥଯାତ୍ରା ସରିବା ପରେ ଶ୍ରୀବିଗ୍ରହମାନେ ପୁନଃ ଆଷାଢ ଶୁକ୍ଳ ପକ୍ଷ ତ୍ରୟୋଦଶୀ କିମ୍ବା ଚତୁର୍ଦ୍ଦଶୀରେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବିଶ୍ୱର ସବୁ ଜଗନ୍ନାଥପ୍ରେମୀ ଭକ୍ତ ଏବଂ ଅନୁଷ୍ଠାନକୁ ନିବେଦନ ନିର୍ଦ୍ଧାରିତ ତିଥିରେ ସେମାନେ ମହାପ୍ରଭୁଙ୍କ ଏହି ଘୋଷଯାତ୍ରା କରନ୍ତୁ। ଶ୍ରୀମନ୍ଦିରର ମହାନ୍ ପରମ୍ପରା ଏବଂ ଶାସ୍ତ୍ରୀୟ ଘୋଷଣାକୁ ଉଲ୍ଲଂଘନ କରି ଏହି ପବିତ୍ର ଯାତ୍ରା କରନ୍ତୁ ନାହିଁ ବୋଲି ଗଜପତି ମହାରାଜା କହିଛନ୍ତି।

## ସଂକ୍ଷେପରେ

### ନାଳରେ ଭାସି ଜଣେ ନିଖୋଜ

ବନ୍ତଲା,୧୦।୯(ଡି.ଏନ.ଏ.)- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଟିକରପଡା ପଞ୍ଚାୟତ କରଡ଼ାପଡା ନାଳରେ ଭାସି ମଙ୍ଗଳବାର ଅପରାହ୍ନରେ ଗ୍ରାମର ବିଦ୍ୟାଧର ନାଏକ (୪୫) ନିଖୋଜ ହୋଇଛନ୍ତି। ସେ ନାଳକୁ ଗାଧୋଇବା ପାଇଁ ଯାଇଥିବାବେଳେ ଭାସି ଯାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ପାଇପାରି ନାହାନ୍ତି।

### ମା'ମାହେଶ୍ୱରୀଙ୍କ ବାର୍ଷିକ ପୂଜା

ବଇଣ୍ଡା,୧୦।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ଥିବା ମା ମାହେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଥମେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। କଳସରେ ପାଣି ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ଗ୍ରାମର ଚିନ୍ତାମଣି ପ୍ରଧାନ, ତ୍ରିଲୋଚନ ସାହୁ, ଘାସିନାଥ ବେହେରା, ଭାଗୀରଥି ସାହୁ, ସୁଦାମ ଚରଣ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

ବଇଣ୍ଡା,୧୦।୯(ଡି.ଏନ.ଏ.)- ବଇଣ୍ଡା ଫାଣ୍ଡି ପୋଲିସ ବଡ଼ହୁଲା ଗ୍ରାମ ଦାଦରସାହିରେ ଚଢାଉ କରି ପାୟଲ ବେହେରାଙ୍କ ଘରୁ ୫ଲିଟର ଦେଶୀ ମଦ ଜବତ କରିଛି। ଏଥିସହିତ ତାଙ୍କୁ ଗିରଫ କରିଛି। ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢାଉ କରିଥିଲା।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପାଲଲହଡା,୧୦।୯(ଡି.ଏନ.ଏ.)- ପାଲଲହଡା ବ୍ଲକ ଖମାର ଥାନା ଅନ୍ତର୍ଗତ ଓଡ଼ଶ ଗ୍ରାମର ସୁଶାନ୍ତ ନାୟକ ଗତ ଶନିବାର ଶୌଚ ପାଇଁ ଯାଇଥିବାବେଳେ ଗାଁ ନିକଟ ଅନ୍ଧାରୀ ନାଳରେ ଭାସି ଯାଇଥିଲେ। ମଙ୍ଗଳବାର ଓଡ଼ଶ ଗ୍ରାମ ଏବଂ କୁଟାରିମୁଣ୍ଡା ଗ୍ରାମ ମଝିରେ ଥିବା ନାଳ ନିକଟରୁ ତାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ଏ ନେଇ ପୋଲିସ ନଂ.୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।


### ବାଇକ୍ ଧକ୍କାରେ ମହିଳା ମୃତ

ବଇଣ୍ଡା,୧୦।୯(ଡି.ଏନ.ଏ.)- ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ରାସ୍ତାର ଠାକୁରଗଡ଼ ଥାନା ଝାରବଇଣ୍ଡା ନିକଟରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ସେହି ଗ୍ରାମର ମନ୍ଦାକିନୀ ପାତ୍ରଙ୍କ ମୃତ୍ୟୁ ହୋଇଛି। ମନ୍ଦାକିନୀ ରାସ୍ତାରେ ଛିଡ଼ା ହୋଇଥିବାବେଳେ ବଇଣ୍ଡାରୁ ଝିଲିମୁଣ୍ଡା ଅଭିମୁଖେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମନ୍ଦାକିନୀ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବଇଣ୍ଡା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଠାକୁରଗଡ଼ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ■୬ ଦିନ ପରେ ବିଶ୍ୱକର୍ମା ପୂଜା

# ସଜେଇ ହେଉଛି ନାଲ୍କୋନଗର

ବଅଁରପାଳ, ୧୦।୯ (ଡି.ଏନ୍.ଏ.)



ଅନୁଗୋଳ ଜିଲା ନାଲ୍କୋ ନଗରରେ ଆଉ ୬ ଦିନ ପରେ ଧୁମ୍‌ଧାମରେ ବିଶ୍ୱକର୍ମା ପୂଜା ପାଳନ ହେବ। ଏଥିପାଇଁ ସମଗ୍ର ନାଲ୍କୋ ନଗର ଏବେ ଠାରୁ ସଜେଇ ହେଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ମଧ ଜୋରଦାର ଚାଲିଛି। ମୂର୍ତ୍ତି କାରିଗରଙ୍କ ଠାରୁ ଆରମ୍ଭ କରି ତୋରଣ କାରିଗରଙ୍କ ଯାଏ ସମସ୍ତେ ଚଳଚଞ୍ଚଳ ରହିଛନ୍ତି। ଚଳିତ ବର୍ଷ ୨୩ଟି ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ। ତେଣୁ ପୂଜା ମଣ୍ଡପକୁ କିଭଳି ଆକର୍ଷଣୀୟ କରାଯିବ ସେଥିପାଇଁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଜୋରଦାର ଉଦ୍ୟମ କରୁଛନ୍ତି। ବିଶେଷକରି ଆଲୋକ ତୋରଣ ସହିତ ସାଜସଜ୍ଜା ଉପରେ କମିଟି ଗୁଡ଼ିକ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ପୂଜାରେ ମୀନାବଜାର, ଦୋଳି, ପଲ୍ଲିଶ୍ରୀ ମେଳା ସମେତ ବିଭିନ୍ନ ସାମଗ୍ରୀ ବିକ୍ରି ପାଇଁ ଉଠା ଦୋକାନ ବଜାର ପଡ଼ିବ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଆସି ସେମାନଙ୍କର ପସରା ମେଲାଇବେ। ପୂଜା ଅବସରରେ ବିଭିନ୍ନ ମଣ୍ଡପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯିବାର ଯୋଜନା ରହିଛି। ତେଣୁ ପୂଜା ମାତ୍ର ୬ ଦିନ ଥିବାରୁ ତୁରନ୍ତ କିଭଳି ପ୍ରସ୍ତୁତି କାର୍ଯ୍ୟ ସମାପ୍ତ ହେବ ସେଥିପାଇଁ ସମସ୍ତ କମିଟି କର୍ମକର୍ତ୍ତା ଲାଗି ପଡ଼ିଛନ୍ତି। କମ୍ୟୁନିଟ ସେଣ୍ଟର ଠାରୁ ଆରମ୍ଭ କରି ତାରିଣୀ ଛକ, କୋଅପରେଟିଭ୍ ଛକ, ଅତିଥି ନିବାସ ଛକ ପର୍ଯ୍ୟନ୍ତ ମେଢ଼ ଅନୁଷ୍ଠିତ ହେଉଛି। ସେହିପରି ଭସାଣି ଉତ୍ସବକୁ ଜାକଜମକ କରିବା ପାଇଁ ଆୟୋଜକମାନେ ପ୍ରକାଶ କରିଛନ୍ତି।

## ବନ୍ତଲା ଖଣ୍ଡ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

ବନ୍ତଲା,୧୦।୯(ଡି.ଏନ.ଏ.)

ବନ୍ତଲା ସରକାରୀ ମିନି ଷ୍ଟାଡିୟମରେ ମଙ୍ଗଳବାର ବନ୍ତଲା ଖଣ୍ଡ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଘନେଶ୍ୱର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୋକତୁଙ୍ଗା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନାତନ ମୁଦୁଲି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବନ୍ତଲା ସରକାରୀ ହାଇସ୍କୁଲ, ବନ୍ତଲା ବାଳିକା ହାଇସ୍କୁଲ, ପୋକତୁଙ୍ଗା, କୁମୁରିସିଙ୍ଗା, ବାରଗୌଣିଆ, ତଳଗଡ଼, ବଡ଼କନ୍ତକୁଳ, ନନ୍ଦପୁର, ଧକୁଟା, ବେଡା ଶାସନ, ବସଲା, ଶଙ୍ଖପୁର, ଆଦି ୧୨ଟି ହାଇସ୍କୁଲର ଛତ୍ରୀଛାତ୍ର ଯୋଗ ଦେଇଥିଲେ। ପରେ କବାଡି ଓ ଖୋକୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚୟନ ହୋଇଥିବା କୃତୀ ଛତ୍ରୀଛାତ୍ର ବ୍ଲକସ୍ତରରେ ଭାଗ ନେବେ। ଖେଳ ଶିକ୍ଷକ ସଚିକାନ୍ତ ସାହୁ, କୁଞ୍ଜ ବିହାରୀ ସାହୁ, ପ୍ରଦୀପ ବିଶ୍ୱାଳ, ମାନସ ସାହୁ, ବିବେକାନନ୍ଦ ମହାକୁଡ଼, ଏଲିଜାବେଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପରିବହନ ମନ୍ତ୍ରୀଙ୍କୁ ଭେଟିଲା ରାଜ୍ୟ ଟ୍ରକ୍ ମାଲିକ ସଂଘ



ପରିବହନ ମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ରାଜ୍ୟ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା।

ବଅଁରପାଳ, ୧୦।୯ (ଡି.ଏନ୍.ଏ.)

ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସୋମବାର ରାଜ୍ୟ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ ଭୁବନେଶ୍ୱର ସ୍ଥିତ ବାସଭବନ ଠାରେ ସାକ୍ଷାତ କରିଛନ୍ତି। ରାଜ୍ୟ ଟ୍ରକ୍ ମାଲିକ ସଂଘ ସଭାପତି ବିଭୂତି ପ୍ରସାଦ ଦାଶଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ଭେଟି ନୂଆ ମୋଟର ଯାନ ଆଇନ କିଭଳି କୋହଳ କରାଯିବ ସେ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଆଇନ ଦ୍ୱାରା ଟ୍ରକ୍ ମାଲିକମାନେ ହତାଶ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ କର୍ମକର୍ତ୍ତାମାନେ ଦାବି କରିଥିଲେ। ଅନ୍ୟ ଏକ ଦିନରେ ଏ ଦିଗରେ ଆଲୋଚନା କରାଯିବା ପାଇଁ ମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମୟରେ ରାଜ୍ୟ ଟ୍ରକ ମାଲିକ ସଂଘ ସମ୍ପାଦକ ରବିନାରାୟଣ ଶତପଥୀ, ଉପସଭାପତି ରାଜୀବ ଜେନା, ଉପଦେଷ୍ଟା ଦିଲୀପ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ଦାବିରେ ଧାରଣା, ମିଳିଲା ପ୍ରତିଶ୍ରୁତି



ନିଯୁକ୍ତି ଦାବିରେ ଧାରଣା ଦିଆଯାଇଛି।

ଛେଣ୍ଡିପଦା,୧୦।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ପୁରୁଣାଗଡ ଗ୍ରାମର ରୋହିତ କୁମାର ସାହୁ ଏବଂ କର୍ଣ୍ଣପାଳ ଗ୍ରାମର ସନାତନ ସାହୁ ଆଉଁଳୀ ମଧ୍ୟମ ଜଳସେଚନ ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ଦାବିରେ ମଙ୍ଗଳବାର ଆଉଁଳୀ ଜଳସେଚନ ପ୍ରକଳ୍ପ ରେକର୍ଡରୁମ୍ ସାମ୍ନାରେ ଧାରଣା ଦେଇଛନ୍ତି। ରୋହିତଙ୍କ ବାପା ମହେଶ୍ୱର ପ୍ରକଳ୍ପରେ ଜଣେ ଖଲାସୀ ଭାବେ ଚାକିରି କରିଥିଲେ। ବିଦ୍ୟାଳୟରୁ ମିଳିଥିବା ମହେଶ୍ୱରଙ୍କ ସାର୍ଟିଫିକେଟରେ ଥିବା ବୟସଠାରୁ ୧ବର୍ଷ ପୂର୍ବରୁ ଆଉଁଳି ଜଳସେଚନ ବିଭାଗ ତାଙ୍କୁ ଅବସର ଦେଇଥିଲା। ଏହାପରେ ରୋହିତ ସେହି ବିଭାଗରେ ବାପାଙ୍କ ପରିବର୍ତ୍ତେ ଚାକିରି କରିବା ପାଇଁ ବାରମ୍ବାର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ।

ସେହିପରି କର୍ଣ୍ଣପାଳ ଗ୍ରାମର ସନାତନ ସାହୁଙ୍କ ବାପା ହରି ସାହୁ ଆଉଁଳୀ ଜଳସେଚନ ବିଭାଗରେ ଜଗୁଆଳି ଭାବେ ଚାକିରି କରି ଅବସର ନେବା ପରେ ଜଳସେଚନ ବିଭାଗ ପକ୍ଷରୁ ସନାତନଙ୍କୁ ଜଗୁଆଳି ଭାବେ କର୍ଣ୍ଣପାଳ ରେକର୍ଡ ରୁମରେ ନିଯୁକ୍ତି ମିଳିଥିଲା। ତେବେ କିଛି ମାସ ପରେ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ଏ ନେଇ ସନାତନ ଆଉଁଳି ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରି ନ ଥିଲେ। ଏହାର ପ୍ରତିବାଦରେ ଉଭୟେ ଧାରଣାରେ ବସିଥିଲେ। ଖବରପାଇ ଆଉଁଳୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରଥ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହିତ ବିଭାଗୀୟ ଏସ୍‌ଡିଓ ସୁବ୍ରତ କୁମାର ନାଏକଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଆସନ୍ତା ଗୁରୁବାର ଉଭୟଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସଂପର୍କରେ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉଭୟ ଧାରଣାରୁ ଓହରି ଥିଲେ।

## ପଥର ଖାଦାନରେ ଚଢ଼ାଉ

ସୋର, ୧୦।୯(ଡି.ଏନ.ଏ.):

ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ତହସିଲ ଅନ୍ତର୍ଗତ ବାଗୁଡି ଖାଦାନରେ ଥିବା ଏକ ଖାଦାନରେ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିବା ବେଳେ ପୋଲିସ ଫୋର୍ସ ସହାୟତାରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଏକ ପ୍ରୋକ୍ଲିନ୍ ଜବତ କରାଯାଇଛି। ରାସ୍ତାରେ ବିନା ପରମିଟ୍‌ରେ ପଥର ପରିବହନ କରୁଥିବା ଏକ ଡମ୍ପରରୁ ମଧ ଜରିମାନା ଆଦାୟ କରାଯାଇଛି। ୩୬ ନଂ. ଖାଦାନରୁ ପଥର ଉତ୍ତୋଳନ ନେଇ ମାମଲା ବିଚାରାଧୀନ ରହିଛି। ଏଠାରୁ ବେଆଇନ ଭାବେ ବିନା ଅନୁମୋଦନରେ ପଥର ଉତ୍ତୋଳନ କରାଯାଉଥିବା ଖବରପାଇ ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ରାତି ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଛି। ବେଆଇନ ପଥର ବୋଝେଇ ଡମ୍ପରରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଶତାଧିକ ଅଭିଯୋଗ ଶୁଣିଲେ ଜିଲାପାଳ

ଛେଣ୍ଡିପଦା,୧୦।୯
(ଡି.ଏନ.ଏ.)/(ନି.ପ୍ର)



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟଠାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୋମାଞ୍ଚଳ ଖମାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଜନସାଧାରଙ୍କ ଶତାଧିକ ଅଭିଯୋଗ ଶୁଣିଥିଲେ। ଏଥିରେ ପାନୀୟ ଜଳ ଯୋଗାଣ, ନୂତନ ନଳକୂପ ସ୍ଥାପନ, ମାସିକ ବାର୍ଦ୍ଧକ୍ୟ, ବିଧବା ଭତ୍ତା, ଗ୍ରାମୀଣ ଆବାସ ଯୋଜନା ଆଦି ଅଭିଯୋଗ ରହିଥିଲା। ସେହିପରି ଛେଣ୍ଡିପଦା ଆଦର୍ଶ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, କର୍ମଚାରୀ ପଦବୀ ପୂରଣ କରାଯାଉ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଉପଯୁକ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଇଶାନୀ ପଣ୍ଡା, ଉପଜିଲାପାଳ ବାସୁଦେବ ଶତପଥୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଧନଞ୍ଜୟ ସ୍ୱାଇଁ, ତହସିଲଦାର ଡାନିଏଲ ଏକ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ

**ବୃଦ୍ଧାଙ୍କୁ ବଳାତ୍କାର ସହ ଆକ୍ରମଣ ମାମଲା**

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଅନୁଗୋଳ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଅଭିଯୁକ୍ତ ଅନିଲ ନାଥ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୨ବର୍ଷ କାରାଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୭ ସେପ୍ଟେମ୍ବର ୧୭ରେ ସମ୍ପୃକ୍ତା ବୃଦ୍ଧା ଗାଧୋଇ ଯାଉଥିବାବେଳେ ଅଭିଯୁକ୍ତ ଅନିଲ ତାଙ୍କୁ ବଳାତ୍କାର ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ। ଗ୍ରାମବାସୀ ବୃଦ୍ଧାଙ୍କୁ ଏପରି ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ପରିବାର ପକ୍ଷରୁ ନିଶା ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୧୧/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତ ଅନିଲଙ୍କୁ ଗିରଫ କରିଥିଲା। ଅଗଷ୍ଟ ଯାଏ ପିପି ମହେନ୍ଦ୍ର ବସ୍ତିଆ ମାମଲା ପରିଚାଳନା କରିଥିବାବେଳେ ପରେ କ୍ୟାଡର ପିପି ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ।

# ତମାଖୁ ସେବନଠାରୁ ଛାତ୍ରୀଛାତ୍ର ଦୂରେଇ ରୁହନ୍ତୁ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବଇଣ୍ଡା,୧୦।୯(ଡି.ଏନ.ଏ.)

ତମାଖୁ ସେବନ ଦ୍ୱାରା ଶରୀରର ଯେଉଁ କ୍ଷତି ହୁଏ ତାହା ସହଜେ ପୂରଣ ହୋଇ ନ ଥାଏ। ସିଗାରେଟ ସହ ବିଭିନ୍ନ ଗୁଟ୍‌ଖା ଦ୍ୱାରା ପାଟି ଘା ହୋଇଯିବା ସହ କିଡ୍‌ନୀ ଉପରେ କୁ ପ୍ରଭାବ ପଡ଼େ। ତେଣୁ ତମାଖୁଠାରୁ ଛାତ୍ରୀଛାତ୍ର ଦୂରେଇ ରୁହନ୍ତୁ। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଫୁଲାମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାକେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଂକ୍ରାମକ ରୋଗ ବୈଜ୍ଞାନିକ ଡ. ବିନୋଦ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ସୁଜିତ କୁମାର ବେହେରା, ରିଷି କୁମାର ବେହେରା, ପ୍ରଧାନ ଶିକ୍ଷକ ପ୍ରେମରଞ୍ଜନ ଶତପଥୀ, ଅଞ୍ଜନା ସାହୁ, ସସ୍ମିତା ଗଡ଼ନାୟକ, ଘାସିନାଥ ସେଠୀ, ପ୍ରଦୀପ କୁମାର ମାଝି, ସୁରେଶ କୁମାର ଦ୍ୱିବେଦୀ, ଶିବରାମ ସାହୁ, ସୁବଳ ବୁଧିଆ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଦାତାଙ୍କୁ ବିଦାୟ ଦେଲେ ପାଲଲହଡ଼ାବାସୀ

ପାଲଲହଡା,୧୦।୯(ଡି.ଏନ.ଏ.)




ଶୋଭାଯାତ୍ରାରେ ମେଢ ଗୁଡ଼ିକୁ ନିଆଯାଉଛି।

ପାଲଲହଡ଼ାରେ ୮ ଦିନ ଧରି ଚାଲିଥିବା ଗଣେଶ ପୂଜା ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରଥମେ ବିଭିନ୍ନ ପୂଜା କମିଟିର ମେଢ ଗୁଡ଼ିକ ସହର ପରିକ୍ରମା କରିବା ପରେ ଷ୍ଟାଡିୟମଠାରେ ପହଞ୍ଚିଥିଲା। ଏହି ଅବସରରେ ବିଭିନ୍ନ ବାଦ୍ୟ ବାଜଣାରେ ସହର କମ୍ପି ଉଠିଥିଲା। ପରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ମେଲଣ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ମୁଖ୍ୟବକ୍ତା ଭାବେ ରଘୁନନ୍ଦନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଚଳିତବର୍ଷ ମେଲଣରେ ମୋଟ୍ ୧୧ଟି ମେଢ ଅଶଂଗ୍ରହଣ କରିଥିଲେ। ଶ୍ରେଷ୍ଠ ମେଢ ଭାବେ ଡାଇମଣ୍ଡ କ୍ଲବକୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଜସଜ୍ଜା, ଶାନ୍ତିଶୃଙ୍ଖଳା, ମୂର୍ତ୍ତି ପାଇଁ ଷେଣ୍ଟେ କ୍ଲବ, ଲାୟନ କ୍ଲବ, ଫ୍ରେଣ୍ଡସ କ୍ଲବ, ଶ୍ରୀରାମ କ୍ଲବ, କିଙ୍ଗ କ୍ଲବ, ଗଣପତି କ୍ଲବ ଆଦିକୁ ପୁରସ୍କୃତ କରାଯାଇଥିଲା। ପରେ କେନ୍ଦ୍ରୀୟ କମିଟି ପକ୍ଷରୁ ଗଣେଶଙ୍କ ଏକ ରୁପା ମୂର୍ତ୍ତି ଏବଂ ଆଞ୍ଜା ଲଡୁ ନିଲାମ କରାଯାଇଥିଲା। ରୁପା ମୂର୍ତ୍ତିକୁ ଜଗନ୍ନାଥ କ୍ଲବ ୨୬୦୦୦ ଟଙ୍କାରେ ଏବଂ ଆଞ୍ଜା ଲଡୁକୁ ୧୩୦୦୦ ଟଙ୍କାରେ ବଜାର ସାହି କ୍ଲବ ନିଲାମ ନେଇଥିଲେ। ଶେଷରେ ସମସ୍ତ ମେଢକୁ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ୟୁକୋ ବ୍ୟାଙ୍କ ଛକ ଦେଇ ବଜାର ଛକ ଠାରେ ପହଞ୍ଚାଯାଇଥିଲା। ପରେ ବିଭିନ୍ନ ନଦୀଘାଟ, ପୋଖରୀରେ ବିସର୍ଜନ କରାଯାଇଥିଲା। କେନ୍ଦ୍ରୀୟ କମିଟି ସଭାପତି ସବ୍ୟସାଚୀ କପର୍ଦ୍ଦାର, ଉପସଭାପତି ରଞ୍ଜନ କୁମାର ସାହୁ, ସମ୍ପାଦକ ଶିବ ପ୍ରସାଦ ସାମଲ, ସହ ସମ୍ପାଦକ ଋଷିକେଶ ସାମଲ, କୋଷାଧକ୍ଷ ଶିବାଦତ୍ତ ଦାଶ ସହଯୋଗ କରିଥିଲେ। ସୁରକ୍ଷା ପାଇଁ ପାଲଲହଡା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଶାଳକାଠ ଜବତ



**ଭୁବନ, ୧୦।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ଯମୁନାକୋଟ ଗ୍ରାମରୁ ମଙ୍ଗଳବାର ବନ ବିଭାଗ କର୍ମଚାରୀ ଚଢ଼ାଉ କରି ବିପୁଳ ପରିମାଣର ଶାଳକାଠ ଜବତ କରିଛନ୍ତି। ଅଞ୍ଚଳରେ କାଠ ମାଫିଆମାନେ ସକ୍ରିୟ ଥିବା ସୂଚନା ପାଇ ଡିଏଫ୍ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଗ୍ରାମର ୨ଟି ସ୍ଥାନରୁ ୧୨୧ ଶିଫ୍ଟ ଶାଳକାଠ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧.୫ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର ଲୋହିତ କୁମାର ରଥ ସୂଚନା ଦେଇଛନ୍ତି। ଡେପୁଟି ରେଞ୍ଜର ଗୌତମ ପ୍ରଧାନ, ମଠକରଗୋଲା ଫରେଷ୍ଟର ଗୋବର୍ଦ୍ଧନ ସେଠୀ, ଫରେଷ୍ଟ ଗାର୍ଡ ସନ୍ତୋଷ ବେହେରା, ମୋବାଇଲ ସ୍କ୍ୱାଡ୍, ହାତୀସ୍କ୍ୱାଡ୍ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

### ମଦ ଜବତ, ଜଣେ ଗିରଫ

**ପରଜଙ୍ଗ, ୧୦।୯(ଡି.ଏନ.ଏ.):** ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ବସୁଲେଇ ଗ୍ରାମର କୃପାସିନ୍ଧୁ ବସନ୍ତରାଙ୍କ ଘରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ଗୋଟିଏ ପେଟି ବିୟର ଏବଂ ୧୩ ବୋତଲ ବିଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କୃପାସିନ୍ଧୁ ଦୀର୍ଘଦିନ ହେଲା ଗ୍ରାମରେ ମଦ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହାର ପ୍ରତିବାଦ କଲେ ଅଭିଯୁକ୍ତ ଧମକଚମକ ଦେଉଥିଲେ। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏସ୍ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀ ସମରଜିତ ନାୟକ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ପୁନଃ ମୂଲ୍ୟାୟନ ପରେ ମାର୍କ ବଢ଼ିଲା



**ଢେଙ୍କାନାଳ ଅଫିସ, ୧୦।୯:** ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରସ୍ଥିତ ଇ-ଟେକ୍ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ବିଭାଗ ଛାତ୍ର ଅଭିଜିତ୍ ପ୍ରଧାନଙ୍କ ପୁନଃ ମୂଲ୍ୟାୟନ ପରେ ମାର୍କ ବଢ଼ିଛି। ୨୦୧୯ ବାର୍ଷିକ ପରୀକ୍ଷାରେ ଅଭିଜିତ୍ ୫୩୮ ମାର୍କ ରଖିଥିଲେ। ଏହାପରେ ସେ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିଥିଲେ। ମୂଲ୍ୟାୟନ ପରେ ତାଙ୍କ ମାର୍କ ୫୪୧ (୯୦.୧୬%) ହୋଇଛି। ଏଥିପାଇଁ ଅନୁଷ୍ଠାନର ଅଧକ୍ଷ ସୁରେଶ ମିଶ୍ର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ସୁନିଆରେ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ

# ଶୋଭାଯାତ୍ରାରେ ଦୁଲୁକିଲା ସହର

**ଢେଙ୍କାନାଳ ଅଫିସ, ୧୦।୯**

ପବିତ୍ର ସୁନିଆରେ ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ବ୍ରାହ୍ମଣୀ ନଦୀ ତଟ କମଗରା ଘାଟରୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭମାଟି ଉଠାଯାଇଥିଲା। ବେଦମନ୍ତ୍ର, ସଂକୀର୍ତ୍ତନ, ହରିବୋଲ ଧ୍ୱନିରେ ସମଗ୍ର ସହରରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ଅନୁକୂଳ କରାଯାଇଥିବା ମାଟିକୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ନିଜ ନିଜ ମଣ୍ଡପକୁ ଆଣିଥିଲେ।

ମାଟି ଅନୁକୂଳ ପର୍ବରେ ପଦ୍ମବଜାର, ଲକ୍ଷ୍ମୀବଜାର, ଷ୍ଟେଶନ ବଜାର, ରତନ ବଜାର, ଦୁର୍ଗାବଜାର, କାରିଗର ସାହି, ଚନ୍ଦନବଜାର, ଗାନ୍ଧୀବଜାର, ବନମାଳୀ ପ୍ରସାଦ, ରାଧାକୃଷ୍ଣ ବଜାର, ମହାବୀର ବଜାର, ଗୋପବନ୍ଧୁ ବଜାର, ବସ୍ଷ୍ଟାଣ୍ଡ, ଜବାହରଚୌକ ଆଦି ପୂଜା ପ୍ରତିଷ୍ଠାନ ସାମିଲ ହୋଇଥିଲେ। ଏଥିପୂର୍ବରୁ ପବିତ୍ର ରାଧାଷ୍ଟମୀ ଅବସରରେ ସହରର ପ୍ରମୁଖ ମେଢ଼ ମୀନାବଜାର ଏବଂ ଗଣେଶ ବଜାର ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ବୁଧବାର ମିଳିତ ବଜାର ପୂଜା କମିଟିର ସଭାପତି ଚୟନ କରାଯିବ। ସୁନିଆର ମାସକ ପରେ ଲକ୍ଷ୍ମୀପୂଜା ଉତ୍ସବ ଅନୁଷ୍ଠିତ ହେବ। ଏଥିଲାଗି ପ୍ରସ୍ତୁତି ଜୋର୍ ଧରିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, କୃଷିଭିତ୍ତିକ ପର୍ବ ସୁନିଆରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥାଏ। ଏହି ଦିନ ଢେଙ୍କାନାଳ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ କରାଯିବା ବିଧାନ ରହିଛି।

ସେହିପରି ସୌଭାଗ୍ୟ ଲକ୍ଷ୍ମୀଙ୍କ ଉତ୍ସବ ପାଇଁ ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ମଧ୍ୟ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ଯଜ୍ଞତୋଟା ନିକଟ ବଡ଼ଯୋରା କୂଳରେ ପୂଜା କମିଟି କର୍ମକର୍ତ୍ତା ଏକାଠି ହୋଇ ମାଟି ଅନୁକୂଳ କରିଥିଲେ। ତନ୍ତିସାହି ପୂଜା କମିଟି ଏବଂ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।



ଜବାହରଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଉଛି।




ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ଶିଶୁମନ୍ଦିର ଶ୍ରେଣୀଗୃହ ଉଦ୍‌ଘାଟିତ

**ସାତମାଇଲ, ୧୦।୯(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ଟି ନୂତନ ଶ୍ରେଣୀଗୃହ, ୨ଟି ଯୌଥ ଶୌଚାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ (ଏଚ୍.ପି.ସି.ଏଲ୍.) ପକ୍ଷରୁ ଗତ ଫେବୃୟାରୀ ୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ମଙ୍ଗଳବାର ବିଧିବଦ୍ଧ ଭାବେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହାକୁ ଲୋକାର୍ପିତ କରାଯାଇଛି।

ସ୍କୁଲ ପରିଚାଳନା ସମିତି ସଭାପତି ଇଂ. ଅଭିରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଚ୍‌ପିସିଏଲ୍‌ର ଚିଫ୍ ଜେନେରାଲ ମ୍ୟାନେଜର ଏସ୍. ହରିପ୍ରସାଦ, ସମ୍ମାନିତ ଅତିଥି ବିଭାଗୀୟ ଅଧିକାରୀ ଅସିତ୍ କୁମାର ଖୁଣ୍ଟିଆ, ଅଭୟଙ୍କର ଦାସ, ଶିବ ଦତ୍ତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ଏଥିସହ ଉତ୍ତମ ଚରିତ୍ର ଗଠନ ସହ ସମାଜ ସେବାରେ ବ୍ରତୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସ୍କୁଲର ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ସାହୁ, ଗୁରୁମା ଯାଜ୍ଞସେନୀ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ତପୋବନ ମହିମା ପୀଠରେ ନବାନ୍ନ ଉତ୍ସବ



**ଢେଙ୍କାନାଳ ଅଫିସ, ୧୦।୯**

ମହିମା ସ୍ୱାମୀଙ୍କ ଆତ୍ମଯୋଗ ସାଧନାର ପୀଠ ତପୋବନରେ ରବିବାର ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ସାଧୁସନ୍ଥ, ମହିମା ଧର୍ମାବଲମ୍ବୀ ଯୋଗଦେଇ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ।

ନବାନ୍ନ ଉପଲକ୍ଷେ ବ୍ରାହ୍ମ ମୁହୂର୍ତ୍ତରେ ତପୋବନସ୍ଥିତ ଅଖଣ୍ଡବଟି ମନ୍ଦିରରେ ଅଗୁର ଚନ୍ଦନର ଛେରା ପକାଯାଇ ଚାମର ସେବା କରାଯାଇଥିଲା। କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ନୂଆ ଚୁଡ଼ାରେ ପ୍ରସ୍ତୁତ ନବାନ୍ନ ସମର୍ପଣ କରିଥିଲେ। ଏହାପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ଞାନୀବାବା, ବିନୋଦ ବାବା, ଦନେଇ ବାବା, ସନକ ବାବା ପ୍ରମୁଖ ବହୁ ସନ୍ୟାସୀ ଯୋଗଦେଇଥିଲେ।

ପରେ ରଘୁନାଥ ବାବାଙ୍କ ଅଧକ୍ଷତାରେ ଆୟୋଜିତ ଧର୍ମସଭାରେ ରମେଶ ବାବା, ଅନୁଗୋଳର ଆଇନଜୀବୀ ଗୋପାଳ ନାଥ, ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ସମ୍ପାଦକ ଭରତ ଦାସ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଉପସ୍ଥିତ ରହି ପୀଠର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତପୋବନ ପୀଠକୁ ଭଲ ରାସ୍ତାନାହିଁ। ପ୍ରଶାସନ ଏହାକୁ ଅଣଦେଖା କରିଚାଲିଛି ବୋଲି ସାଧୁମାନେ କ୍ଷୋଭବ୍ୟକ୍ତ କରିଛନ୍ତି। ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

**କାମାକ୍ଷାନଗର, ୧୦।୯(ଡି.ଏନ୍.ଏ.)**

କଙ୍କଡାହାଡ଼ ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ବଳାତ୍କାରର ଶିକାର ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୬୦/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି, ମହିଳା ଜଣକ ସୋମବାର ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ଅନାମ ପଳେଇ ତାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ପ୍ରତିବାଦ କରିବାରୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଘରକୁ ଆସି ସମସ୍ତ ଘଟଣା ସମ୍ପର୍କରେ କହିବା ପରେ ମଙ୍ଗଳବାର ବାପାଙ୍କ ସହ ଥାନାକୁ ଆସି ସେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

## ଶିକ୍ଷକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**କାମାକ୍ଷାନଗର, ୧୦।୯(ଡି.ଏନ୍.ଏ.)**

କଙ୍କଡ଼ାହାଡ଼ ବ୍ଲକର ଜଣେ ସହକାରୀ ଶିକ୍ଷକଙ୍କ ବିରୋଧରେ ସମ୍ପୃକ୍ତ ସ୍କୁଲର ୫ଜଣ ଆଦିବାସୀ ଛାତ୍ରୀ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ସମ୍ପୃକ୍ତା ଛାତ୍ରୀମାନେ ସେମାନଙ୍କ ଅଭିଭାବକଙ୍କ ସହ ଏ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ଶିକ୍ଷକଙ୍କ ବ୍ୟବହାରରେ ଅତିଷ୍ଠ ହୋଇ କେତେଜଣ ଛାତ୍ରୀ ସ୍କୁଲ ଆସିବା ବନ୍ଦ କରିଦେଇଥିଲେ। ଅନ୍ୟ ଛାତ୍ରୀମାନେ ଭୟରେ ପାଟି ଖୋଲୁନାହାନ୍ତି। ନିର୍ଯାତନା ଅସହ୍ୟ ହେବାକୁ ଗ୍ରାମ୍ୟ ଶିକ୍ଷା କମିଟିରେ କଥା ପଡ଼ିଥିଲା। ସେଠାରେ ସମ୍ପୃକ୍ତ ଶିକ୍ଷକ ଉପସ୍ଥିତ ରହି ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଶିକ୍ଷକଙ୍କ ବ୍ୟବହାରରେ ସେମିତି କିଛି ପରିବର୍ତ୍ତନ ହେଲାନାହିଁ। ଏହାପରେ ୫ଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଜିଲାପାଳଙ୍କୁ ଭେଟି ଗୁହାରି କରିଥିବା ଜଣାପଡ଼ିଛି। ଅପରପକ୍ଷେ ସ୍କୁଲରେ ଛାତ୍ରୀ ନିର୍ଯାତନା ଭଳି ଘଟଣାକୁ ଜିଲାପାଳ ଗୁରୁତ୍ୱର ସହ ନେଇଛନ୍ତି। ଏହାର ତଦନ୍ତ ନିର୍ଦ୍ଦେଶ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କୁ ଦିଆଯାଇଛି। ଏ ନେଇ ଉପଜିଲାପାଳ କୁହନ୍ତି, ବୁଧବାର ସ୍କୁଲକୁ ଗୋଟିଏ ଟିମ୍ ପଠାଯିବ। ଅଭିଯୋଗର ସତ୍ୟତା ଥିଲେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ‘ଶୃଙ୍ଖଳା ରଖ, ଜ୍ଞାନ ଆହରଣ କର’

**ଢେଙ୍କାନାଳ ଅଫିସ, ୧୦।୯**




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧକ୍ଷାଙ୍କ ସମେତ ଅନ୍ୟ ଅତିଥିମାନେ।

ଢେଙ୍କାନାଳ କଲେଜ ବୈଷୟିକ ଶିକ୍ଷା ବିଭାଗର ଏମ୍‌ବିଏ, ଏମ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ପିଏମ୍ ଆଣ୍ଡ୍ ଆଇଆର ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧକ୍ଷା ଡ. ରଶ୍ମି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନର ମନ୍ଦିର। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ଜ୍ଞାନ ଅହରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପାଠ ପଢ଼ିବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସଂଯୋଜକ ଡ. ଅନିରୁଦ୍ଧ କୁମାର ଖିଲାର ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଅଧ୍ୟାପକ ପ୍ରଫେସର ଡ. ବିଦୁଭୂଷଣ ମିଶ୍ର କହିଲେ, ବିଫଳତା ହିଁ ସଫଳତାର ଚାବିକାଠି। ବିଫଳତାରେ ହତାଶ ନ ହୋଇ ଆଗକୁ ପଢ଼ିବାକୁ ସେ ଛାତ୍ରୀଛାତ୍ରଙ୍କୁ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପ୍ରଫେସର ଡ. ଜୟନ୍ତ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସ୍ୱପ୍ନକୁ ସାକାର କରିବାକୁ ହେଲେ ଦୃଢ଼ ଇଚ୍ଛା ଶକ୍ତି ଲୋଡ଼ା। ଜୀବନର ପ୍ରତିଟି କ୍ଷେତ୍ରରେ ନିଷ୍ଠାବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଶକ୍ତିସୁଗାର କମ୍ପାନୀ ମାନବ ସମ୍ବଳ ବିଭାଗ ମୁଖ୍ୟ ଭବାନୀକାନ୍ତ ନନ୍ଦ, ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ ଉପସ୍ଥିତ ଥିଲେ।

କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ସୁଶାନ୍ତ ପାଳ, ଅଧ୍ୟାପିକା ମାନସୀ ରଥ, ଗାୟତ୍ରୀ ମିଶ୍ର, ଲିସା ମହାପାତ୍ର, ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା, ନିତ୍ୟସୁନ୍ଦର ସିଅ, ସନ୍ତୋଷ ନନ୍ଦ, ରାଜେଶ ରୋଶନ ସାହୁ, ସୁବ୍ରତ କୁମାର ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରୀ ସହଯୋଗ କରିଥିଲେ।

## କାଚରା ସମାଜର ବାର୍ଷିକ ଉତ୍ସବ



ଠାକୁରଙ୍କୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଉଛି।

**ଭୁବନ, ୧୦।୯(ଡି.ଏନ.ଏ.)**

ଭୁବନ କାଚରା ସମାଜର ବାର୍ଷିକ ଉତ୍ସବ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ଆରାଧ୍ୟ ଦେବତା ରାମକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସମ୍ପ୍ରଦାୟର ଲୋକେ ନୂତନ ବସ୍ତ୍ର ପରିଧାନ ପୂର୍ବକ ବଡ଼ମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ବିମାନରେ ସହର ପରିକ୍ରମା କରାଯାଇଥିଲା। ସଂକୀର୍ତ୍ତନ, ଗୋପାଳ ଲଉଡ଼ି, ଘୋଡ଼ା ନାଚ, ପାରମ୍ପରିକ ବାଦ୍ୟରେ ଅଞ୍ଚଳ ଦୁଲୁକି ଉଠିଥିଲା। ପ୍ରଭାତ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଜ୍ଞାନରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର



ପରଜଙ୍ଗ ତହସିଲଦାର ମଙ୍ଗଳବାର ଡଙ୍ଗାବୁଡ଼ି ଘଟଣାର ତଦାରଖ କରିବାକୁ ପାଣିଗେଙ୍ଗୁଟିଆ ନଦୀଘାଟକୁ ଯାଉଥିବାବେଳେ ଚାଳକଙ୍କ ଅସାବଧାନତାରୁ ଗାଡ଼ିଟି ଏକ ଖାଲରେ ଫସିଯାଇଥିଲା। ସେଠାରେ ଉପସ୍ଥିତ ଲୋକମାନେ ଗାଡ଼ିକୁ ଠେଲି ବାହାର କରୁଛନ୍ତି।



ଢେଙ୍କାନାଳ ୫୫ନଂ. ଜାତୀୟ ରାଜପଥରୁ ଦକ୍ଷିଣକାଳୀ ରୋଡଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତା ବୁଲା ଗୋରୁଙ୍କ କବ୍‌ଜାରେ ରହିଛି। ଏହି କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।



ଲଗାଣ ବର୍ଷାରେ ଢେଙ୍କାନାଳ ସହର ଗୋପବନ୍ଧୁ ବଜାର ରାସ୍ତା ଉପରେ ମଙ୍ଗଳବାର ବର୍ଷାପାଣି ପ୍ରବାହିତ ହୋଇଥିଲା। ଏହି କାରଣରୁ ଯାତାୟାତରେ ବ୍ୟାପକ ସମସ୍ୟା ଉପୁଜିଥିଲା।

## ସଂକ୍ଷେପରେ

### କୋର୍ଟ ପରିସରରୁ ଫେରାର ଅଭିଯୁକ୍ତ ଧରାପଡ଼ିଲେ

**ଢେଙ୍କାନାଳ ଅଫିସ, ୧୦।୯:** ଢେଙ୍କାନାଳ ଜିଲା କୋର୍ଟ ପରିସରରୁ ମଙ୍ଗଳବାର ଅପରାହ୍ଣରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ପାଞ୍ଚଗାଁ କୁମ୍ଭୀପଟୁ ଗ୍ରାମର ଅରବିନ୍ଦ ସେଠୀ (୩୩)। ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଚୋରା ମଦ କାରବାର କରୁଥିବାବେଳେ ୧୦ ଲିଟର ମଦ ସହ ଅରବିନ୍ଦଙ୍କୁ ପୋଲିସ ଧରିଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ ପରିସରରେ ଥିବା ସିଏସ୍‌ଆଇଙ୍କ କାର୍ଯ୍ୟାଳୟରୁ ହଠାତ୍ ସମସ୍ତଙ୍କୁ ଚକ୍‌ମା ଦେଇ ସେ ଫେରାର ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ତାଙ୍କୁ ଦୁର୍ଗାବଜାର ଛକରୁ ଗିରଫ କରାଯାଇଛି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ନଂ. ୨୩୯/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଜେଏମ୍‌ଏଫ୍‌ସିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପରଜଙ୍ଗ, ୧୦।୯(ଡି.ଏନ.ଏ.):** ପରଜଙ୍ଗ କୋର୍ଟରେ କାର୍ଯ୍ୟରତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି) ଲୋକନାଥ ମିଶ୍ରଙ୍କ ବଲାଙ୍ଗୀର ଜିଲା ମୁରିବାହାଲକୁ ବଦଳି ହୋଇଯାଇଛି। ଏହି ଅବସରରେ ତାଙ୍କୁ ଓକିଲ ସଂଘ କାର୍ଯ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ଅଶୋକ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ବେଣୁଧର ସାହୁ ଉପସ୍ଥିତ ରହି ବିଦାୟୀ ବିଚାରପତିଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ତାଙ୍କ କାର୍ଯ୍ୟଦକ୍ଷତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବ ବୋଲି ମତପ୍ରକାଶ ପାଇଥିଲା।

### କଲେଜ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ, ୧୦।୯:** ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ କଲେଜ ପ୍ରତିଷ୍ଠାତା ତଥା ବରିଷ୍ଠ ଆଇନଜୀବୀ ବିନୟାନନ୍ଦ ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କବିତା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିସଭାରେ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଞ୍ଚଳର ବିକାଶରେ ବିନୟାନନ୍ଦଙ୍କ ଅବଦାନ ଥିଲା। ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା।

■ କୃଷି ବିଜ୍ଞାନ କେନ୍ଦ୍ରରେ ସମୀକ୍ଷକ ଦଳ

# ବୁଲି ଦେଖିଲେ, ସମୀକ୍ଷା କଲେ

**ଢେଙ୍କାନାଳ ଅଫିସ, ୧୦।୯**

ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରକୁ ମଙ୍ଗଳବାର ଡ. ରଣଜିତ୍‌କୁମାର ସାମନ୍ତଙ୍କ ନେତୃତ୍ୱରେ ଏକ ସମୀକ୍ଷକ ଦଳ ପରିଦର୍ଶନ କରିଛନ୍ତି। ଅଧିକାରୀମାନେ କେନ୍ଦ୍ର ପରିସରରେ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ୧୮ଟି ୟୁନିଟ୍ ପରିଦର୍ଶନ କରିଥିଲେ। ଏଥିସହ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟ ପ୍ରଣାଳୀ, ବିଭାଗୀୟ ସନ୍ତୁଳନ, ଚାଷ କ୍ଷେତ୍ରର ଉନ୍ନତି ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି ସେମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଆୟୋଜିତ ସମୀକ୍ଷା ବୈଠକରେ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବିମଳେନ୍ଦୁ ମହାନ୍ତି, ଅନୁଗୋଳ କେନ୍ଦ୍ର ମୁଖ୍ୟ ଡ. ବିନିତା ଶତପଥୀ, କଟକ ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଦିଲୀପ ରଞ୍ଜନ ଷଡ଼ଙ୍ଗୀ, ଆଇସିଏଆର-ଏନ୍‌ଆରଆରଆଇ ବୈଜ୍ଞାନିକ ଜି.ଏ. କୁମାର, ଆନୁଷଙ୍ଗିକ ବିଭାଗ କର୍ମକର୍ତ୍ତା, ମହିଷାପାଟ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ବିଶେଷଜ୍ଞ, କୃଷି ବୈଜ୍ଞାନିକ ଏବଂ କୃଷି ଉଦ୍ୟୋଗୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଜିଲା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୮ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟର ବିବରଣୀ ଉପସ୍ଥାପନା କରାଯାଇଥିଲା।

ସମୀକ୍ଷକ ଦଳରେ ଆଇସିଏଆର-ଅଟାରୀ କଲିକତାର ନିର୍ଦ୍ଦେଶକ ଡ. ଏସ୍.ଏସ୍. ସିଂ, ଡ. ପ୍ରଭାତ କୁମାର ରାଉଳ, ଅବସରପ୍ରାପ୍ତ କୁଳପତି ଡ. ଆର୍.କେ. ସାମନ୍ତ, ଓୟୁଏଟିର ପୂର୍ବତନ ସମ୍ପ୍ରସାରଣ ଶିକ୍ଷା ଅଧ୍ୟକ୍ଷ ପ୍ରଫେସର ଚକ୍ରଧର ଶତପଥୀ, ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ସମ୍ପ୍ରସାରଣ ଶିକ୍ଷା ଅଧ୍ୟକ୍ଷ ଡ. ଆର.ବି. ଶର୍ମା, ଆଇସିଏଆର-ଅଟାରୀ ଯୋଧପୁର ପୂର୍ବତନ ନିର୍ଦ୍ଦେଶକ ଡ. ୱାଇ.ଭି. ସିଂ, ଆଇସିଏଆର-ଅଟାରୀ କଲିକତାର ପ୍ରମୁଖ ବୈଜ୍ଞାନିକ ଡ. ଏଫ୍.ଏଚ୍. ରହମନ ପ୍ରମୁଖ ଥିଲେ।



କୃଷି ବିଜ୍ଞାନ କେନ୍ଦ୍ରରେ ସମୀକ୍ଷକ ଦଳର ପ୍ରତିନିଧି, କୃଷି ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।


ଶିବିରରେ ଜଣେ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

# ଅଭିଯୋଗ ଶୁଣିଲେ, ସମାଧାନ କଲେ

**କାମାକ୍ଷାନଗର, ୧୦।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ସମ୍ବେଦଶୀଳ ମାମଲାର ତ୍ୱରିତ ସମାଧାନ କରାଯାଇଥିଲା। ଆବାସ ଯୋଜନା, ଜମିବାଡ଼ି ସଂକ୍ରାନ୍ତ ବିବାଦ, ଭତ୍ତା ସମେତ ମୋଟ ୧୦୨ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ୫ଜଣଙ୍କୁ ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା, ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର, ୩ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

ଅତିରିକ୍ତ ଏସ୍‌ପି ହରେକୃଷ୍ଣ ବେହେରା, ଏପିଡି ଡିଆର୍‌ଡିଏ ବସନ୍ତ କୁମାର ମାଝି, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବିଡିଓ ଦେବବ୍ରତ ମହନ୍ତ, ଉପଖଣ୍ଡ ଲୋକ ସୂଚନା ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ମଙ୍ଗଳ ଅଧିକାରୀ ମାନସ ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଇଂ. ବିଜୟାନନ୍ଦ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରେଞ୍ଜର ବିଭୁଦାନନ୍ଦ ମିଶ୍ର, ସତ୍ୟନାରାୟଣ ସାହୁ, ପିଜିସେଲର ସୀତାଂଶୁ ଶେଖର ଦାସ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ପତ୍ରର ସ୍ପଷ୍ଟୀକରଣ ରଖିଲା ଏନ୍‌ଏଚ୍‌ଏଆଇ

**ଢେଙ୍କାନାଳ ଅଫିସ, ୧୦।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ନିକଟ ଗାୟତ୍ରୀ ଆଶ୍ରମ ଉଚ୍ଛେଦ ପ୍ରସଙ୍ଗରେ ଜିଲାପାଳଙ୍କ ପତ୍ରର ସ୍ପଷ୍ଟୀକରଣ ରଖିଛନ୍ତି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)। ଅଭିଯୋଗକାରୀ ଆଶ୍ରମ ପ୍ରତିଷ୍ଠାତା ପଣ୍ଡିତ ଭାସ୍କରଜୀ ଦାବି କରୁଥିବା ୧୮ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ନିଜସ୍ୱ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି। ଏଥିସହ କ୍ଷତିପୂରଣ ଦେବା ପାଇଁ କୌଣସି ପ୍ରସ୍ତାବ ନିଷ୍ପତ୍ତି ପାଇଁ କାର୍ଯ୍ୟାଳୟରେ ବିଚାରାଧୀନ ନ ଥିବା ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ଅଧିକାରୀ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ରାଜପଥ ସମ୍ପ୍ରସାରଣ ସମୟରେ ଉଚ୍ଛେଦ ସମ୍ପର୍କିତ କ୍ଷତିପୂରଣ ଦାବି କରି ଅଗଷ୍ଟରେ ଆଶ୍ରମ ପ୍ରତିଷ୍ଠାତା ପଣ୍ଡିତ ଭାସ୍କରଜୀ ଜିଲା କାର୍ଯ୍ୟାଳୟରେ ଆମରଣ ଅନଶନରେ ବସିଥିଲେ। ଏ ସମ୍ପର୍କରେ ଜିଲାପାଳ ୨୦୧୯ ଅଗଷ୍ଟ ୨୬ ଏବଂ ପତ୍ରସଂଖ୍ୟା ୮୦୨ରେ ଆଶ୍ରମ ପ୍ରତିଷ୍ଠାତା କେତେ ଟଙ୍କା ପାଇବାକୁ ହକ୍‌ଦାର ତାହା ପତ୍ର ମାଧ୍ୟମରେ ଜଣାଇଛନ୍ତି। ଗାୟତ୍ରୀ ଆଶ୍ରମ କର୍ତ୍ତୃପକ୍ଷ ସରକାରୀ ଜମି ପ୍ଲଟ ନଂ. ୨୩୭୬ର କିଛି ଅଂଶରେ ପାଚେରି ଏବଂ ଘର ନିର୍ମାଣ କରିଛନ୍ତି। କ୍ଷତିପୂରଣ ଦେବା ପାଇଁ କ୍ଷମତାପ୍ରାପ୍ତ ଭୂଅର୍ଜନ ଅଧିକାରୀ ୩,୯୨,୭୧୯ ଟଙ୍କା ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ସରକାରୀ ଜମି ଜବରଦଖଲ କରିଥିଲେ ଅଧିଗ୍ରହଣ ପାଇଁ କ୍ଷତିପୂରଣର ବ୍ୟବସ୍ଥା ନାହିଁ। ୧୮ଲକ୍ଷ ଟଙ୍କା କ୍ଷତିପୂରଣ ପଣ୍ଡିତ ଭାସ୍କରଜୀଙ୍କ ନିଜସ୍ୱ ଦାବି ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।

ଅଧିଗ୍ରହଣ କରାଯାଉଥିବା ଜମି ଏବଂ ତତ୍‌ସଂଲଗ୍ନ ଘର, ବୃକ୍ଷ ଇତ୍ୟାଦି ପାଇଁ ଆଇନଗତ କ୍ଷତିପୂରଣ ସମ୍ପର୍କରେ କ୍ଷମତାପ୍ରାପ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ଭୂଅର୍ଜନ ଅଧିକାରୀ ନିର୍ଦ୍ଧାରଣ କରିବେ। ଏହାକୁ ଅନୁମୋଦନ କରି କ୍ଷତିପୂରଣ ନିମନ୍ତେ ଏନଏଚ୍‌ଏଆଇ ପ୍ରକଳ୍ପ ଅଧିକାରୀଙ୍କ ନିକଟକୁ ପଠାଯାଇଥାଏ। ଅନୁମୋଦନ ସମୟରେ ତ୍ରୁଟି ପରିଲକ୍ଷିତ ହେଲେ ସଂଶୋଧନ ପାଇଁ କ୍ଷମତାପ୍ରାପ୍ତ ଭୂଅର୍ଜନ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଥାଏ। ତ୍ରୁଟି ସଂଶୋଧନ ପରେ ଅନୁମୋଦିତ ଅର୍ଥ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ବଣ୍ଟନ ନିମନ୍ତେ ଦିଆଯାଇଥାଏ। ଜିଲାପାଳଙ୍କ ଉକ୍ତ ପତ୍ର ସମ୍ପର୍କରେ ଢେଙ୍କାନାଳ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ଅଧିକାରୀ ତାଙ୍କର ପତ୍ର ସଂଖ୍ୟା. ୧୬୦୨, ତା. ୨୭।୮।୨୦୧୯ରେ ଆଇନ ମୁତାବକ କ୍ଷତିପୂରଣ ଦେବା ପାଇଁ ଜିଲାପାଳଙ୍କୁ ଜଣାଇଛନ୍ତି। ଏଣୁ ଏଥିରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ଅଧିକାରୀଙ୍କ କୌଣସି ତ୍ରୁଟି ନାହିଁ ବୋଲି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ସାମାନ୍ୟ ବଚସାକୁ ନେଇ ୨ ଗୋଷ୍ଠୀ ସଂଘର୍ଷ: ୬ ଆହତ

**ଭାପୁର, ୧୦।୯ (ଡି.ଏନ.ଏ):** ଶ୍ୱଶୁର ଘର ଗାଁକୁ ଆସୁଥିବା ସ୍ୱାମୀଙ୍କ ବାଇକ୍ ସାଇଡ୍ ଦେବାକୁ ନେଇ ୨ ସାହି ମଧ୍ୟରେ ଗଣ୍ଡଗୋଳ ଘଟି ୬ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ସଁପୁର ଗ୍ରାମର ଘନଶ୍ୟାମ ବେହେରା ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ବେହେରା ନୟାଗଡ଼ ଜିଲା ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମର ଶ୍ୟାମ ସୁନ୍ଦର ପଲେଇଙ୍କ ଘରକୁ ସୋମବାର ସନ୍ଧ୍ୟାରେ ବାଇକ୍‌ରେ ଆସୁଥିବା ବେଳେ ଦଳିତ ସାହିରେ କେତେଜଣ ଯୁବକଙ୍କ ସହ ବଚସାକୁ ନେଇ ଏହି ଗଣ୍ଡଗୋଳ ହୋଇଥିଲା।

## ଇନ୍ଦ୍ରପୂଜନ ଉତ୍ସବ

**ସାତମାଇଲ, ୧୦।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଚିଉଲପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ବାଙ୍କବିହାରୀଜୀଉଙ୍କ ପୀଠ ପ୍ରାଙ୍ଗଣରେ ୩ଦିନିଆ ବାର୍ଷିକ ଇନ୍ଦ୍ରପୂଜନ ଉତ୍ସବ ଏବଂ ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

ମନ୍ଦିର ଟ୍ରଷ୍ଟ ସଭାପତି ପ୍ରଦ୍ୟୁମ୍ନ ପତି, ସମ୍ପାଦକ ଜୟନ୍ତ ନାରାୟଣ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଶ୍ରଦ୍ଧାଳୁମାନେ ସ୍ଥାନୀୟ କଟା ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଜଳପୂର୍ଣ୍ଣ କଳସ ଯଜ୍ଞମଣ୍ଡପରେ ସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ବିଧି ଅନୁଯାୟୀ ଇନ୍ଦ୍ର ଦେବତାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ଉଦ୍‌ଯାପନୀ ଦିବସରେ ଗିରିଗୋବର୍ଦ୍ଧନଙ୍କ ପୂଜା ପରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଆଶୁତୋଷ ପତି, ଶ୍ରଦ୍ଧାଞ୍ଜଳି ପତି କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପଣ୍ଡିତ ଲକ୍ଷ୍ମୀକାନ୍ତ ଦାଶଶର୍ମା, ନୀରୋଜ ଦାଶଶର୍ମା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ପ୍ରହ୍ଲାଦ ପତି, ଅନୁଜ ନାଥ, ଭ୍ରମରବର ପତି, ପଦ୍ମଲୋଚନ ପଣ୍ଡା, ବିଦ୍ୟାଧର ପତି, ରବିନାରାୟଣ ପତି, ତରଣୀସେନ ପଣ୍ଡା, ଶିବରାମ ପାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଆଇନଜୀବୀଙ୍କ ସ୍ମୃତିସଭା



**ଢେଙ୍କାନାଳ ଅଫିସ/ ପରଜଙ୍ଗ, (ଡି.ଏନ.ଏ.) ୧୦।୯**

ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଇନଜୀବୀ ରାମ ଜେଠାମାଲିନି ଏବଂ ଢେଙ୍କାନାଳ ବାର୍ ଆସୋସିଏଶନର ବରିଷ୍ଠ ସଦସ୍ୟ ବିନୟାନନ୍ଦ ମହାପାତ୍ରଙ୍କ ପରଲୋକରେ ପରଜଙ୍ଗ ଓକିଲ ସଂଘ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଶୋକସଭାରେ ସଭାପତି ଅଶୋକ ଦଳବେହେରା, ସମ୍ପାଦକ ବେଣୁଧର ସାହୁ, ସଦସ୍ୟ ପ୍ରଦୀପ ସାମନ୍ତ, ବିପିନ ବିହାରୀ ପାଢ଼ୀ, ପ୍ରଦୀପ ସାହୁ, ସଦାଶିବ ମଲ୍ଲିକ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ଉଭୟଙ୍କୁ ସମ୍ମାନ ଜଣାଇ କୋର୍ଟ କାର୍ଯ୍ୟ ବନ୍ଦ କରାଯାଇଥିଲା।

ସେହିପରି ବରିଷ୍ଠ ଆଇନ୍‌ଜୀବୀ ତଥା କମ୍ୟୁନିଷ୍ଟ ନେତା ବିନୟାନନ୍ଦ ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଯମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୀରବ ପ୍ରାର୍ଥନା କରାଯାଇଥିଲା। ବିନୟାନନ୍ଦଙ୍କ ବିୟୋଗ କମ୍ୟୁନିଷ୍ଟ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ପୁରୁଷୋତ୍ତମ ନାଏକ, ରବି ରଥ, ଶିବରାମ ସାହୁ, ଅଦ୍ୱୈତ ରାଉତ, ବେଣୁଧର ବାରିକ, ପ୍ରଫୁଲ୍ଲ ନାଏକ, ସୁରେଖା ବେହେରା, ରୁଦ୍ର ନନ୍ଦ, କାଳିନ୍ଦୀ ଦେହୁରୀ, ଜନାର୍ଦ୍ଦନ ନନ୍ଦୀ, ଉର୍ମିଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ



କୁଷ୍ଠରୋଗୀ ଚିହ୍ନଟ ଅଭିଯାନର ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ।

**କାମାକ୍ଷାନଗର, ୧୦।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମିଳ ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳରୁ କୁଷ୍ଠ ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଗ୍ରାମର ଆଶାକର୍ମୀମାନେ ଘରଘର ବୁଲି ରୋଗୀଙ୍କୁ ଚିହ୍ନଟ କରିବେ। ଯେପରି ଜଣେ କେହି ବି ଆକ୍ରାନ୍ତ ବାଦ୍ ନ ପଡ଼ନ୍ତି ସେଥିଲାଗି ଯତ୍ନବାନ ହେବାକୁ ଜନସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଛନ୍ତି।

ନୋଡାଲ ଅଧିକାରୀ ସରୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନନ୍ଦକିଶୋର ମଲ୍ଲିକ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ କେଶବ ଚନ୍ଦ୍ର ସାହୁ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଲକ୍ଷ୍ମୀପୂଜା ଶୁଭମାଟି ଉଠିଲା

# ବାଜାବାଣରେ କମ୍ପିଲା ଅଞ୍ଚଳ

**ଭୁବନ/ପରଜଙ୍ଗ, ୧୦।୯(ଡି.ଏନ୍.ଏ.)**

ପବିତ୍ର ସୁନିଆ ଅବସରରେ ଭୁବନର ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା ପାଇଁ ଶୁଭମାଟି ଅନୁକୂଳ କରାଯାଇଛି। ଏଥିରେ ନୂଆ ବଜାର ବଣିକ ସଂଘ, ବଉଳ ଛକ, ବାରିଜଙ୍ଗ, ଗୋପାଳ ମଣ୍ଡପ, ଅରାସାହି ପୂଜା ମଣ୍ଡପର କର୍ମକର୍ତ୍ତା ସାମିଲ ହୋଇଥିଲେ। ବ୍ରାହ୍ମଣୀର ଶାଖାନଦୀ ରଗଡ଼ି ନାଳ ନିକଟରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା। ବାଜାବାଣ, ସଂକୀର୍ତ୍ତନ ମଣ୍ଡଳୀର ତାଳେତାଳେ ଶୋଭାଯାତ୍ରାରେ ପ୍ରତି ପୂଜାମଣ୍ଡପକୁ ମାଟି ନିଆଯାଇଥିଲା। ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ ପୃଷ୍ଟି, ସମ୍ପାଦକ ପ୍ରଭାସ ସେନାପତି, ଉପସଭାପତି ବିପିନ ବିହାରୀ ଦାସ, ରମେଶ ଚନ୍ଦ୍ର ସାହୁ, ସହ ସମ୍ପାଦକ ଅରୁଣ ସାହୁ, କୋଷାଧ୍ୟକ୍ଷ ସରୋଜ କୁମାର ବିହାରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଭୁବନ ନୂଆବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ ଅବସରରେ ପୂଜାର୍ଚ୍ଚନା।


ପରଜଙ୍ଗ ଅଞ୍ଚଳର ଏକ ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଉଛି।

ସେହିପରି ପରଜଙ୍ଗ ଲକ୍ଷ୍ମୀବଜାର, ତାରିଣୀ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମାଟି ଅନୁକୂଳ କରାଯାଇଛି। ଘଣ୍ଟ, ତୁରୀ, କାହାଳୀ, ସଂକୀର୍ତ୍ତନମଣ୍ଡଳୀ, ବ୍ରାସ୍‌ବ୍ୟାଣ୍ଡର ତାଳେତାଳେ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ସ୍ଥାନୀୟ ଖଣ୍ଡିଆବନ୍ଧରେ ପୂଜାର୍ଚ୍ଚନା ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅଣାଯାଇଥିଲା। ଅଶୋକ ବାରିକ କର୍ତ୍ତା ଏବଂ ସନ୍ତୋଷ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ଲକ୍ଷ୍ମୀବଜାର ପୂଜା କମିଟି ସଭାପତି ରଞ୍ଜନ ଦଳବେହେରା, ସମ୍ପାଦକ ଦିଲୀପ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ସେଠୀଙ୍କ ସମେତ ବହୁ ବ୍ୟବସାୟୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ତାରିଣୀ ବଜାର ପକ୍ଷରୁ କୁନାଲ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମାଟିପୂଜନ କାର୍ଯ୍ୟକ୍ରମରେ ମଳୟ ଦାସ କର୍ତ୍ତା ରହିଥିଲେ। ନିମାଇଁ ଚରଣ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅକ୍ଟୋବର ୧୩ରେ ମା' ଗଜଲକ୍ଷ୍ମୀଙ୍କ ଆବାହନ ଆରମ୍ଭ ହେଉଥିବାବେଳେ ଏବେଠାରୁ ବିଭିନ୍ନ ପୂଜା କମିଟି ପ୍ରସ୍ତୁତି ଆରମ୍ଭ କରିଦେଲେଣି।

**ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଡାଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ଅନଶନରେ ବସିଲେ ଚାଷୀ

ଚମ୍ପୁଆ, ୧୦।୯ (ଡି.ଏନ.ଏ.)

ଚମ୍ପୁଆ ବ୍ଲକ ବଡନଇ ପଞ୍ଚାୟତରେ ଚାଷୀଙ୍କୁ କୃଷି କର୍ମଚାରୀଙ୍କ ଦୁର୍ବ୍ୟବହାର ଘଟଣାର ପ୍ରତିବାଦରେ ମଙ୍ଗଳବାର ଚାଷୀ କାଶିନାଥ କର ଓ ପ୍ରଣଜ ବଡପଣ୍ଡା ଚମ୍ପୁଆ କୃଷି କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଆରମ୍ଭ କରିଥିଲେ। ପରେ କୃଷି ଜିଲା ଅଧିକାରୀ ଗଜେନ୍ଦ୍ରନାଥ ଗୋଛାୟତ ପୋଲିସ ଉପସ୍ଥିତିରେ ଉକ୍ତ କର୍ମଚାରୀଙ୍କୁ ସେଠାରୁ ବଦଳି କରିବା ସହିତ ଦାବି ଗୁଡିକ ପର୍ଯ୍ୟାୟ କ୍ରମରେ ପୂରଣ କରିବାର ଲିଖିତ ପ୍ରତିଶ୍ରୁତି ଦେବାପରେ ଅନଶନ ଭାଙ୍ଗିଥିଲା।

ସୂଚନା ଅନୁସାରେ ଗତ କିଛିଦିନ ତଳେ ଜଣେ କୃଷିକର୍ମଚାରୀ ବଡନଇ ଠାରେ ଚାଷୀଙ୍କ ପ୍ରଶ୍ନର ଉତକ୍ଷିପ୍ତ ହୋଇ ପାଟିତୁଣ୍ଡ କରିଥିବାର ଅଭିଯୋଗକୁ ନେଇ ଚାଷୀମାନେ ଜିଲାପାଳ, ଉପଜିଲାପାଳ, କୃଷି ଅଧିକରୀଙ୍କୁ ଅବଗତ କରାଇବା ସହ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ହେଲେ ଅନଶନରେ ବସିବେ ବୋଲି ସୂଚାଇ ଦେଇଥିଲେ। ତେବେ ଦାବି ପୂରଣ ନହେବାରୁ ଚାଷୀମାନେ ମଙ୍ଗଳବାର ସକାଳେ ଅନଶନରେ ବସିଥିଲେ। ଚାଷୀଙ୍କ ପକ୍ଷରୁ ସାମାଜିକକର୍ମୀ ମିତ୍ରଭାନୁ ମହାକୁଡ, ସିଦ୍ଧାର୍ଥ ସିଂ, ସନ୍ତୋଷ ସାହୁ ଓ ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ କୃଷିଅଧିକାରୀଙ୍କ ସହ ଆଲୋଚନା କରିବା ପରେ ସମାଧାନର ବାଟ ବାହାରି ଥିଲା। କୃଷି ଅଧିକାରୀ ସେହି କର୍ମଚାରୀଙ୍କୁ ଉକ୍ତ ପଞ୍ଚାୟତର ଦାୟିତ୍ୱରୁ ନିବୃତ୍ତ କରିଥିଲେ। କୋଦଗାଡିଆ କୃଷି କର୍ମଚାରୀ ଅଜିତ ସେଠିଙ୍କୁ ଉକ୍ତ ପଞ୍ଚାୟତ ଦାୟିତ୍ୱ ଦେବା ସହ ବଡନଇ କୃଷି କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ନିମନ୍ତେ ପୂର୍ବ ସୂଚନା ଲେଖାହେବା ଆଦି ଦାବି ପୂରଣ କରାଯିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ଅନଶନ ହଟିଥିଲା।


କୃଷି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଅନଶନ କରୁଛନ୍ତି।

## ସଂକ୍ଷେପରେ

### ମଦ ଦୋକାନ ସମ୍ମୁଖରେ ଜଗୁଛି ପୋଲିସ

ଅନୁଗୋଳ ଅଫିସ, ୧୦।୯- ମଦ୍ୟପାନ କରି ସହରରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଗିରଫ କରି ଅନୁଗୋଳ ପୋଲିସ କୋର୍ଟଚାଲାଣ କରୁଥିବା ବେଳେ ଏବେ ମଦ ଦୋକାନ ସମ୍ମୁଖରେ ପୋଲିସ ଜଗିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ମଦ ଦୋକାନ ସମ୍ମୁଖରେ ମଦ୍ୟପାନ କଲେ ଗିରଫ କରାଯିବ ବୋଲି ପୋଲିସ ଚେତାବନୀ ଦେଇଛି। ଏ ନେଇ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ମଦ ଦୋକାନ ସମ୍ମୁଖରେ ମଦ୍ୟପାନ କରିବାର ନିୟମ ନାହିଁ। କିନ୍ତୁ ଅନୁଗୋଳ ସହରର ଏହାର ଉଲ୍ଲଂଘନ କରାଯାଉଛି। ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ତେଣୁ ଏହାକୁ ବନ୍ଦ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ପୋଲିସ ମୁତୟନ ସହ ପିସିଆର୍ ଭ୍ୟାନଗୁଡ଼ିକ ଏହାର ତଦାରଖ କରୁଛନ୍ତି। ଯେଉଁଠି ଆଇନ ଉଲ୍ଲଂଘନ ହେବ, ତୁରନ୍ତ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ବିଶୋଇ ସୂଚନା ଦେଇଛନ୍ତି।

### ମହାବିଦ୍ୟାଳୟ ଅଧକ୍ଷଙ୍କୁ ବଦଳି ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୧୦।୯- ଅନୁଗୋଳ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଗଙ୍ଗାଧର କରଙ୍କୁ ବଦଳି ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସମୟରେ ପ୍ରଶାସନିକ କାର୍ଯ୍ୟରେ ଅବହେଳା ଓ କର୍ମଚାରୀଙ୍କ ସହ ତିକ୍ତତା କାରଣରୁ ତାଙ୍କୁ ବଦଳି କରାଯାଇଥିବା କୁହାଯାଇଛି। ବିଭାଗ ପକ୍ଷରୁ ଚିଠି ନଂ. ୩୪୩୩୪/୫.୯.୧୯ରେ ଏହି ନିର୍ଦ୍ଦେଶନାମା ଦିଆଯାଇଛି। ମହାବିଦ୍ୟାଳୟ କର୍ମଚାରୀଙ୍କ ସହ ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂ ମଧ ଅଧକ୍ଷଙ୍କୁ ବିଦା କରିବାକୁ ଉଚ୍ଚଶିକ୍ଷା ବିଭାଗ ନିକଟରେ ଦାବି କରିଥିଲେ। ଏଥିପାଇଁ ବିଧାୟକ ବିଭାଗକୁ ଏକ ଚିଠି ମଧ ଲେଖିଥିଲେ।

### ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ, ୧୦।୯- ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀଙ୍କ ଅକାଳ ବିୟୋଗରେ ଅନୁଗୋଳର ଖବରଦାତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏପରି କି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ମଧ ଆୟୋଜନ କରାଯାଇଥିଲା। ଏହି ଶୋକସଭାରେ ବିଶ୍ୱରଞ୍ଜନ ପଟ୍ଟନାୟକ, ସୁବାସ ସାହୁ, ଦେବୀ ରଞ୍ଜନ ସାମଲ, ତପନ ଦାଶ, ରଘୁନାଥ ସାହୁ, ପ୍ରକାଶ ପ୍ରଧାନ, ଭିକାରୀ ମହାନ୍ତି, ସୁଶାନ୍ତ ସାହୁ, ରତ୍ନାକର ଭୋଇ, ଶୁଭ୍ରାଂଶୁ ପ୍ରଧାନ, ଜଗା ନାଥ ପ୍ରମୁଖଙ୍କ ସହ ଅନୁଗୋଳର ସାମାଜିକ କର୍ମୀ ଓ ଯୁବଗୋଷ୍ଠୀମାନେ ସାମିଲ ହୋଇଥିଲେ।

### ବିଇଓଙ୍କୁ ଶିକ୍ଷୟିତ୍ରୀଙ୍କ ଆକ୍ରମଣ ଅଭିଯୋଗ

ଅନୁଗୋଳ ଅଫିସ, ୧୦।୯- ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକଙ୍କୁ ମଙ୍ଗଳବାର ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନୁଗୋଳ ପୋଲିସ ନଂ. ୭୦୪/୧୯ରେ ଏକ ମାମଲା ରୁଜୁ କରି ଶିକ୍ଷୟିତ୍ରୀ ବିଶ୍ୱାଳଙ୍କୁ ଗିରଫ କରିଛି। ତେବେ ତାଙ୍କୁ କୋର୍ଟରୁ ବେଲ୍ ମିଳିଯାଇଥିବା ସୂଚନା ମିଳିଛି।

### କ୍ଷତିପୂରଣ ଦେବାକୁ ଦାବିପତ୍ର

ବଇଣ୍ଡା, ୧୦।୯ (ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ କ୍ଷତିଗ୍ରସ୍ତ ହୋଇଥିବା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଗ୍ରାମର ସନ୍ତୋଷ କୁମାର ବେହେରାଙ୍କୁ କ୍ଷତିପୂରଣ ମିଳୁନାହିଁ। ଏ ନେଇ ସନ୍ତୋଷ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧମରେ ଦାବି କରିଛନ୍ତି। ଅଭିଯୋଗପତ୍ରରେ ସନ୍ତୋଷ ଦର୍ଶାଇଛନ୍ତି, ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବଇଣ୍ଡା ଛକଠାରେ ଥିବା ଖାତା ନଂ. ୧୧୪/୨୦୯, ପ୍ଲଟ ନଂ. ୫୦୩ରୁ ୩ ଡିସିମିଲି ଜାଗା କ୍ଷତିଗ୍ରସ୍ତ ହେଉଛି। କିନ୍ତୁ ଦେଢ ଡିସିମିଲ ଜମିର କ୍ଷତିପୂରଣ ମିଳିଥିବାବେଳେ ଆଉ ଦେଢ ଡିସିମିଲର କ୍ଷତିପୂରଣ ମିଳିନାହିଁ। ସମ୍ପୂର୍ଣ୍ଣ କ୍ଷତିପୂରଣ ଯୋଗାଇ ଦିଆ ନ ଯାଇ ଚଳିତମାସ ୧୨ ଓ ୧୩ ତାରିଖରେ ଉଚ୍ଛେଦ କରାଯିବା ପାଇଁ ତହସିଲ କାର୍ଯ୍ୟାଳୟରୁ ନୋଟିସ କରାଯାଇଛି। ତୁରନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ଯୋଗାଇ ଦେବା ପରେ ଉଚ୍ଛେଦ କରାଯାଉ ବୋଲି ସନ୍ତୋଷ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ନଚେତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନସନ କରିବେ ବୋଲି ଚତାବନୀ ଦେଇଛନ୍ତି।

■ ମା’ ତାରିଣୀଙ୍କ ହୁଣ୍ଡି ଗଣତି

# ରେକର୍ଡ ପରିମାଣର ଦାନଅର୍ଥ ସଂଗ୍ରହ

ଘଟଗାଁ, ୧୦।୯ (ଡି.ଏନ୍.ଏ.)

ଘଟଗାଁ ମା’ ତାରିଣୀଙ୍କୁ ଭକ୍ତଙ୍କ ଦାନଅର୍ଥ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମଙ୍ଗଳବାର ଖୋଲାଯାଇ ଗଣତି କରାଯାଇଛି। ଏଥିରୁ ନଗଦ ଅର୍ଥ ୧୮ଲକ୍ଷ ୮୯ ହଜାର ୭୮୮ ଟଙ୍କା ମିଳିଥିବାବେଳେ ସୁନା ଅଳଙ୍କାର ୭୨ ଗ୍ରାମ ୫୧୦ ମିଲିଗ୍ରାମ ମିଳିଥିଲା। ଯାହାକି ଅଗଷ୍ଟ ମାସରେ ସର୍ବାଧିକ ରେକର୍ଡ଼ ବୋଲି ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଜଣାଯାଇଛି। ଏହି ଗଣତିକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମନ୍ଦିର ପରିସର ଥିବା ଦାନବାକ୍ସ (ହୁଣ୍ଡି) ୧୩ ଗୋଟି ଦିନ ୧୧ଟା ବେଳେ ଖୋଲାଯାଇ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଗଣତିବେଳେ ମନ୍ଦିର ପରିଚାଳନା ବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ନିର୍ମଳ କୁମାର ମହାନ୍ତି, ଦୟାନିଧି ମହାନ୍ତ, ଆନନ୍ଦ ଚନ୍ଦ୍ର ସିଂହ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ଓ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ଗଣତିବେଳେ ମନ୍ଦିର କର୍ମଚାରୀ ଅକ୍ଷୟ ବେହେରା, ହରେକୃଷ୍ଣ ପଲେଇ, ଶରତ ବେହେରା, ରମେଶ ଚନ୍ଦ୍ର ରାଉତ, ନାରାୟଣ ମୁଖୀ, ଅବନୀ ଜେନା, ପ୍ରାଣବନ୍ଧୁ ସରାଡିଆ, ଚନ୍ଦ୍ରାମୁଖୀ, ରଞ୍ଜନ ସାହୁ, ମହେଶ୍ୱର ସାହୁ, ହରିହର ମହାନ୍ତ, ଅରୁଣ ନାଏକ, ମହେଶ୍ୱର ଦେହୁରୀ, ଗଗନବାଳ ବାବୁଲିସା, ଚକ୍ରଧର ନାଏକ, କୁଳମଣି ପଲେଇ ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଗଣତିବେଳେ ଉପସ୍ଥିତ ଥିଲେ। ତେବେ ଏହି ଦାନ ଅର୍ଥ ଚଳିତ ମାସ ରେକର୍ଡ ପରିମାଣ ବୋଲି ଜଣାଯାଇଛି।

# ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର

ଭୁବନେଶ୍ୱର, ୧୦।୯ (ବ୍ୟୁରୋ)

■ ପ୍ରଥମ ପର୍ଯ୍ୟାୟରେ ୧୪ ଜିଲା
■ ଆରମ୍ଭ ହେବ ଇ-ଗ୍ରାମ ପଞ୍ଚାୟତ ଯୋଜନା
■ ଗ୍ରାମାଞ୍ଚଳ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିବ ସବୁ ସହାୟତା


ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ ନାଗରିକ ସେବା କେନ୍ଦ୍ର। ସେଠାରୁ ଗ୍ରାମାଞ୍ଚଳ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କୃଷି ଉପକରଣଠାରୁ ଆରମ୍ଭ କରି ପାଣି, ବିଦ୍ୟୁତ୍, ଜମିବାଡ଼ି ଟିକସ ପଇଠ ସୁବିଧା ଯୋଗାଇ ଦିଆଯିବ। ଲୋକମାନଙ୍କୁ ନିଜ ପଞ୍ଚାୟତ ଛାଡ଼ି ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ସହାୟତା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ମାଧମରେ ଯୋଗାଇ ଦିଆଯିବ। ପ୍ରତ୍ୟେକ ପଞ୍ଚାୟତକୁ ଇ-ଗ୍ରାମପଞ୍ଚାୟତରେ ପରିଣତ କରାଯିବ। ପଞ୍ଚାୟତ କାର୍ଯ୍ୟାଳୟରେ ନାଗରିକ ସେବା କେନ୍ଦ୍ର ରହିବ। ଏହାର ପରିଚାଳନା ଦାୟିତ୍ୱ ସ୍ଥାନୀୟ ଯୁବତୀଯୁବକଙ୍କୁ ଦିଆଯିବ। ସରକାରୀ ଯୋଜନାଠାରୁ ଆରମ୍ଭ କରି ବ୍ୟକ୍ତିଗତ ସୁବିଧା ସୁଯୋଗ ଏହି ସେବା କେନ୍ଦ୍ରରୁ ଉପଲବ୍ଧ ହୋଇ ପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହା କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟରେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଜାତୀୟ ରୁର୍ବାନ ମିଶନ (ଏନ୍‌ଆରଏମ)ରେ କାର୍ଯ୍ୟକାରୀ ହେଉଥିବା ୧୪ଟି ଜିଲାରେ ଇ-ଗ୍ରାମ ପଞ୍ଚାୟତ ଓ ନାଗରିକ ସେବାକେନ୍ଦ୍ର ଖୋଲିବ। ସେହି ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ ଓ ବାଲେଶ୍ୱର। ଏହି ଜିଲାଗୁଡ଼ିକର କ୍ଲଷ୍ଟରରେ ଥିବା ପଞ୍ଚାୟତଗୁଡ଼ିକରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ କେନ୍ଦ୍ର ସରକାର ୬୦ ଏବଂ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବେ। ଆସନ୍ତା ୧୫ ତାରିଖରେ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ। କମିଟି ଅନୁମୋଦନ ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ।

# ବଦଳିବ ଯୁକ୍ତ ୩ ପରୀକ୍ଷା ଢାଞ୍ଚା

ଭୁବନେଶ୍ୱର, ୧୦।୯ (ବ୍ୟୁରୋ)

ଯୁକ୍ତ ୩ ପରୀକ୍ଷା ଢାଞ୍ଚା ବଦଳିବ। ପ୍ରତିଯୋଗିତାମୂଳକ ପରୀକ୍ଷାକୁ ଦୃଷ୍ଟିରେ ରଖି ସିଲାବସ୍ ମଧ ସେହିପରି ପ୍ରସ୍ତୁତ କରାଯାଇଛି। ସେଥିପାଇଁ ଚଳିତ ବର୍ଷଠାରୁ ନୂଆ ସିଲାବସ୍ ଲାଗୁ ସହ ପରୀକ୍ଷା ପଦ୍ଧତିକୁ ମଧ ପ୍ରତିଯୋଗିତାମୂଳକ ଢାଞ୍ଚାରେ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ପରୀକ୍ଷାରେ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ବଦଳରେ ଆସିବ ମଲ୍ଟି ପ୍ୟାଟର୍ନ ପ୍ରଶ୍ନ। ଏଣିକି ୧, ୨, ୩ ଓ ୫ ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ। ଯୁକ୍ତ ୩ ପରୀକ୍ଷାରେ ପ୍ରଥମ ବର୍ଷରେ ଆଡମିଶନ୍ ନେଇଥିବା ଛାତ୍ରୀଛାତ୍ରଙ୍କଠାରୁ ଏହି ସଂସ୍କାରମୂଳକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ପରେ ହିଁ ନୂଆ ଢାଞ୍ଚାରେ ପିଲାଙ୍କୁ ଶିକ୍ଷାଦାନ ଆରମ୍ଭ ହୋଇସାରିଛି। ପ୍ରଶାସନିକ ପରୀକ୍ଷା କ୍ଷେତ୍ରରେ ଓଡ଼ିଆ ଛାତ୍ରୀଛାତ୍ରମାନେ ବହୁ ପଛରେ ରହୁଛନ୍ତି। ଏହି ସ୍ଥିତିରେ ସୁଧାର ଆଣିବା ଲାଗି ଚଳିତ ବର୍ଷ ଠାରୁ ଲଜିକାଲ୍ ରିଜନିଂ ଓ କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡ୍ ଏବଂ ଇଂରାଜି ବିଷୟ ଛାତ୍ରୀଛାତ୍ରଙ୍କ ଲାଗି ବାଧତାମୂଳକ କରାଯାଇଛି। ଉଭୟ ବିଷୟ ୧୦୦ ମାର୍କ ଲେଖାଏ ରହିବ। ଫଳରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି କଲେଜ୍ ସ୍ତରରୁ ହିଁ ଶିକ୍ଷା ପାଇପାରିବେ। ସୂଚନାଯୋଗ୍ୟ, ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ପରୀକ୍ଷା ପ୍ରଣାଳୀ ଲାଗୁ ହେବ। କିନ୍ତୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁରୁଣା ଢାଞ୍ଚାରେ ପରୀକ୍ଷା ଦେବେ।

# ସ୍ୱଚ୍ଛତା ପକ୍ଷ ପାଳନ କଲା ଏନ୍‌ସିସି ୱିଙ୍ଗ୍



ସ୍ୱଚ୍ଛତା ପକ୍ଷ ପାଳନରେ ସଙ୍କଳ୍ପ ନେଉଥିବା କ୍ୟାଡେଟ୍‌ମାନେ।

ବଣ୍ଟଁରପାଳ, ୧୦।୯ (ଡି.ଏନ୍.ଏ.)

ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରରେ ଏନ୍‌ସିସି ଉଇଙ୍ଗ ପକ୍ଷରୁ ମଙ୍ଗଳବାରଠାରୁ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ପୂର୍ବାହ୍ନ ୯ଟାରେ ସ୍ୱଚ୍ଛତା ପାଇଁ ସଙ୍କଳ୍ପ ନେଇଥିଲେ। ପରେ ଏକ ସାଇକେଲ ଶୋଭାଯାତ୍ରାରେ ବିଦ୍ୟାଳୟରୁ ବାହାରି କନ୍ୟାବେଡ଼ା ଗ୍ରାମ ପରିକ୍ରମା କରିଥିଲେ। ଏନ୍‌ସିସି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ୍‌ମାନେ ଗ୍ରାମବାସୀଙ୍କୁ ପାଇଖାନ ବ୍ୟବହାର, ପରିବେଶ ସ୍ୱଚ୍ଛତା ରଖିବା ଆଦି ସମ୍ପର୍କରେ ବୁଝାଇଥିଲେ। ଅଧକ୍ଷ ଡକ୍ଟର ଶତ୍ରୁଘ୍ନ ବେହେରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ଅନିଲ କୁମାର ବିଶ୍ୱାଳ, କାର୍ଯ୍ୟାଳୟ ଅଧିକାରୀ ସରୋଜ କାନୁନ୍‌ଗୋ କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ୟାଡେଟ୍ ଅମ୍ଲାନ କେଶରୀ ବଳିୟାରସିଂହ, ବିଷ୍ଣୁପ୍ରସାଦ ପ୍ରଧାନ, ରଜତ କୁମାର ବେହେରା, କରଣ କୁମାର ସାହୁ, ଅଭିଷେକ ସାହୁ, ପୁନିଂ ଟୁଡୁ, ପ୍ରତୀକ୍ଷା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ।

## ମରଣଯନ୍ତା ପାଲଟିଛି ସର୍ଭିସ ରୋଡ୍

ଆନନ୍ଦପୁର, ୧୦।୯ (ସ୍ୱ.ପ୍ର.)

ଆନନ୍ଦପୁର ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥର ସର୍ଭିସ୍ ରୋଡ ମାସ ମାସ ଧରି ମରଣାଯନ୍ତା ପାଲଟିଛି। ବିଶେଷକରି ବହୁ ଗୁରୁତ୍ୱପୂର୍ଣ୍ଣ ଶାଳପଡା ବାଇପାସ୍‌ର ସର୍ଭିସ୍ ରୋଡର ଅବସ୍ଥା ଶୋଚନୀୟ ରହିଛି। ଯାତାୟାତ କ୍ଷେତ୍ରରେ ଏହି ରାସ୍ତାର ଗୁରୁତ୍ୱ ଅଧିକ ରହିଛି। ଏହି ରାସ୍ତା ଦେଇ ଦୈନିକ ଜରୁରୀକାଳୀନ ସେବାର ଯାନବାହାନ ଯଥା ଅଗ୍ନିଶମ ବିଭାଗ, ୧୦୮ ଆମ୍ବୁଲାନ୍ସ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯାତାୟାତ କରିବାର ମୁଖ୍ୟ ରାସ୍ତା ରହିଛି। ଏହା ସହିତ ଏହି ରାସ୍ତା ଦେଇ ଦୈନିକ ବହୁ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଛନ୍ତି। କେହିଏଥିପ୍ରତି ଦୃଷ୍ଟି ନ ଦେବା ଅତ୍ୟନ୍ତ ପରିତାପର ବିଷୟ ସାଜିଛି। ସର୍ଭିସ ରୋଡରେ ବଡ ବଡ ଖାଲ ମାନ ସୃଷ୍ଟି ହୋଇ ଯାତ୍ରୀମାନଙ୍କୁ ବିପଦ ମୁହଁକୁ ଠେଲୁଛି। ସର୍ଭିସ ରୋଡର ଏଭଳି ଅବସ୍ଥା ସମ୍ପର୍କରେ ଅଗଷ୍ଟ ୧୯ରେ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଅଦ୍ୟାବଧି ସମାଧାନ ହୋଇପାରିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

■ ସୁଲେଇପାଳରେ ହାତୀ ଆତଙ୍କ

## ବନ କର୍ମଚାରୀଙ୍କୁ ଅଟକ ରଖିଲେ କ୍ଷତିଗ୍ରସ୍ତ


ଅଟକ ଥିବା ବନ କର୍ମଚାରୀମାନେ।

କଣିହାଁ, ୧୦।୯ (ଡି.ଏନ.ଏ.)

କଣିହାଁ ବ୍ଲକ ବନାଞ୍ଚଳ ଅଧୀନ ରେଙ୍ଗାଳି ଫରେଷ୍ଟ ସେକ୍ସନରେ ୩ ମାସ ହେଲା ହାତୀ ଉପଦ୍ରବ ଲାଗି ରହିଛି। ବନ ବିଭାଗ ହାତୀ ଘଉଡାଇବାରେ ବିଫଳ ହେଉଥିବାବେଳେ ଜନ ସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୋମବାର ରେଙ୍ଗାଳି ଫରେଷ୍ଟ ସେକ୍ସନର ସୁଲେଇପାଳ ଗ୍ରାମକୁ ଏକ ହାତୀପଲ ଆସି ଅନେକ ବ୍ୟକ୍ତିଙ୍କ ଘର ଭାଙ୍ଗିବା ସହ ଧାନ ଫସଲ ନଷ୍ଟ କରିଥିଲେ। ରାସ୍ତା ଉପରେ ହାତୀପଲ ରହିଥିବାବେଳେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ ଘଉଡାଇବା ପାଇଁ ଆସି ନ ଥିଲେ। ମଙ୍ଗଳବାର ବନ ବିଭାଗ କର୍ମଚାରୀ ସୁଲେଇପାଳ ଗ୍ରାମକୁ ଆସିବା ପରେ ଅସନ୍ତୋଷ ଦେଖାଦେଇଥିଲା। କ୍ଷତିଗ୍ରସ୍ତମାନେ ବନ ବିଭାଗ କର୍ମଚାରୀଙ୍କୁ ଘେରାଉ କରି ଅଟକ ରଖିଥିଲେ। ଏ ନେଇ କଣିହାଁ ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳ କହିଛନ୍ତି, ବିଧିମତେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ। ଫରେଷ୍ଟର ସରସ୍ୱତୀ ବେହେରାଙ୍କ ଉଦ୍ୟମରେ ସମାଧାନ ହୋଇଛି। ଅର୍କୀଳ, ସୁଲେଇପାଳ ରାସ୍ତାରେ ୧୫ଟି ହାତୀ ରହିଛନ୍ତି। ଘଉଡାଇବା ପାଇଁ ବନକର୍ମଚାରୀ ନିୟୋଜିତ ହୋଇଛନ୍ତି।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ


ସଂକୀର୍ତ୍ତନ ପରିବେଷଣ କରାଯାଉଛି।

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଅମଲାପଡ଼ା ହରିସଭା ମଣ୍ଡପରେ ରାଧାଷ୍ଟମୀ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଦୀର୍ଘ ୯୮ ବର୍ଷ ଧରି ଏହି ପରମ୍ପରା ମଣ୍ଡପରେ ପାଳନ କରାଯାଉଛି। ୧୯୨୨ରେ ମହିଳାମାନଙ୍କ ଦ୍ୱାରା ସ୍ଥାପିତ ଏହି ମଣ୍ଡପରେ ଅନୁଗୋଳ ବାସିନ୍ଦାଙ୍କ ସହଯୋଗରେ ଉତ୍ସବ ପ୍ରତିବର୍ଷ ପାଳିତ ହୋଇଥାଏ। ଅନୁଷ୍ଠାନ ସଭାପତି ବିଭୂତି ଭୂଷଣ ଦାସ, ସମ୍ପାଦକ ଅକ୍ଷୟ କୁମାର ସାମନ୍ତ ଓ କୋଷାଧକ୍ଷ ନିମେଇ ଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିଶିକାନ୍ତ ମିଶ୍ର, ବୈଦ୍ୟନାଥ ଦାସ, ରୁଚିର କୁମାର ବରାଳ ଓ ନିଶାମଣି ଖିଲାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକ ଓ ଅନୁଗୋଳର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ କରାଯାଇଥିଲା।

## ଯୌତୁକ ସାମଗ୍ରୀ ଜବତ କଲା ପୋଲିସ

ଅନୁଗୋଳ ଅଫିସ, ୧୦।୯

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦରେ ବଧୂହତ୍ୟା ନେଇ ସୋମବାର ଅଭିଯୋଗ ହୋଇଥିଲା। ପୋଲିସ ମୃତ ମହିଳା ସୌମ୍ୟାଶ୍ୱେତା ବାରିକ(୨୩)ଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖିଥିଲା। ପୋଲିସ ନଂ. ୧୩୨/୧୯ରେ ମାମଲା ରୁଜୁ କରିବା ସହ ମଙ୍ଗଳବାର ଅଟକ ଦୁଇ ଜଣ ଓ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ଧରି ବଳରାମପ୍ରସାଦସ୍ଥିତ ଶାଶୁଘରେ ପହଞ୍ଚିଥିଲା। ଯୌତୁକ ବାବଦକୁ ଦିଆଯାଇଥିବା ଚାରି ଚକିଆ ଗାଡ଼ି, ଫ୍ରିଜ, ଟିଭି, ଦୁଇଟି ସୁନା ମୁଦି, କୁଲର ଓ ଝିଅର ଲୁଗାପଟା ଜବତ କରି ପୋଲିସ ସୌମ୍ୟାଶ୍ୱେତାଙ୍କ ବାପଘର ଲୋକଙ୍କୁ ପ୍ରଦାନ କରିଥିବା ଥାନା ଅଧିକାରୀ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି। ତଦନ୍ତ ପରେ ଅଟକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସାହୁ କହିଛନ୍ତି।

■ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବଢୁଛି ଭିଡ଼

# ପାସ୍ ଚାଳକଙ୍କୁ ଡିଏଲ୍ ମିଳି ନ ଥିବା ଅଭିଯୋଗ

ଅନୁଗୋଳ ଅଫିସ, ୧୦।୯

ସଂଶୋଧିତ ମୋଟରଯାନ ଆଇନ ରାଜ୍ୟରେ ଲାଗୁ ପରେ ଏବେ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ନାହିଁ ନ ଥିବା ଭିଡ଼ ଜମୁଛି। ବିଶେଷକରି ନୂଆ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ଠିକ୍ କରିବାକୁ ଦୈନିକ ହଜାର ହଜାର ଲୋକ ଭିଡ଼ ଲଗାଉଛନ୍ତି। ଏକାବେଳେ ଏତେ ସଂଖ୍ୟକ ଲୋକଙ୍କ ଆବେଦନ ଉପରେ ପଦକ୍ଷେପ ସମ୍ଭବ ହେଉ ନ ଥିବା ବେଳେ ଚଳିତମାସରେ ଡିଏଲ ପରୀକ୍ଷାରେ ପାସ୍ କରିଥିବା ୪୮୨ ଜଣଙ୍କ ନିକଟକୁ ଅଦ୍ୟାବଧି ଡିଏଲ ପଠାଯାଇ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଡିଏଲ୍ ନେବାକୁ ମଙ୍ଗଳବାର କାର୍ଯ୍ୟାଳୟ ଆସିଥିବା କେତେଜଣ ବ୍ୟକ୍ତି ଏ ନେଇ ହୋହଲ୍ଲା କରିଥିବା ଆଲୋଚନା ହେଉଛି। ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତିଙ୍କ ମୋବାଇଲ ନଂ ୯୪୩୭୨୧୨୨୫୯କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ତାଙ୍କ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଙ୍ଗଳବାର ଆବେଦନ ରେକର୍ଡ ଭାଙ୍ଗିଛି। ପୂର୍ବରୁ ଦିନକରେ ୩୦ରୁ ୪୦ ଜଣ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ମଙ୍ଗଳବାର ଗୋଟିଏ ଦିନରେ ୯୬୦ ଜଣ ଆବେଦନ କରିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏଠାରେ ଦିନକୁ ଶହେ ଲୋକ ଆବେଦନ କରିବା ପାଇଁ ବ୍ୟବସ୍ଥା ଥିବାରୁ ନୂଆ ଆବେଦନ କରିବାକୁ ଥିବା ଲୋକମାନେ ଆସନ୍ତା ୨୩ ତାରିଖରେ ପୁଣି ଆବେଦନ କରିବେ ବୋଲି ସୂଚନା ମିଳିଛି।





ରୋହିତ ସେଟ୍ଟୀଙ୍କ ସହ କାମ କରିବାକୁ ମୋତେ ବହୁତ ଭଲ ଲାଗେ।
-ଆୟୁଷ୍ମାନ୍ ଖୁରାନା, ଫିଲ୍ମ ଅଭିନେତା



# ବହି କିଣିବାକୁ ଚାପ ପ୍ରୟୋଗ କଲେ ସ୍କୁଲ ଦେବ ଜରିମାନା

ପାଟନା

ପାଟନା ଡିଭିଜନର ବେସରକାରୀ ସ୍କୁଲ୍ ଆଗାମୀ ସେଶନ୍‌ରେ ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରିପାରିବେ ନାହିଁ ବୋଲି ଡିଭିଜନ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟଠାରୁ ବେଶି ବୃଦ୍ଧି କରିବାକୁ ହେଲେ ତା'ର କାରଣ ଜଣାଇବାକୁ ପଡିବ ଓ ଡିଭିଜନର ମୁଖ୍ୟଙ୍କ ବିନା ଅନୁମତିରେ ଯଦି ୭ ପ୍ରତିଶତରୁ ଅଧିକ ଦେୟ ବୃଦ୍ଧି କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଟନା, ନାଲନ୍ଦା,ଭୋଜପୁର,ବକ୍ସର, ରୋହତାସ ଓ କୈମୁର ଜିଲାର ବେସରକାରୀ ସ୍କୁଲ ଗୁଡିକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ବର୍ଷର ଦେୟ ବୃଦ୍ଧି ଲାଗି ନଭେମ୍ବର ୩୦ ସୁଦ୍ଧା ପ୍ରସ୍ତାବ ଦେବା ପାଇଁ କୁହାଯାଇଛି । ଅଭିଭାବକମାନେ ନିଜ ଇଚ୍ଛାରେ ଦୋକାନରୁ ବହି ଓ ଖାତା କିଣିପାରିବେ। ସ୍କୁଲ ସେମାନଙ୍କ ଜଣାଶୁଣା ଦୋକାନରୁ ଏସବୁ କିଣିବା ଲାଗି ଚାପ ପକାଇ ପରିବନାହିଁ। ଯଦି ପକାନ୍ତି , ଅଭିଯୋଗ ଆସିଲେ ପ୍ରଥମ ଥର ୧ ଲକ୍ଷ ଓ ଦ୍ୱିତୀୟ ଥର ଅଭିଯୋଗ ହେଲେ ୨ ଲକ୍ଷ ଟଙ୍କା ଜରିମାନା ଦେବେ । ଏ ବାବଦରେ ତୃତୀୟଥର ଅଭିଯୋଗ ହେଲେ ସ୍କୁଲର ଆଫିଲେଶନ ରଦ୍ଦ କରାଯିବ। ପ୍ରତ୍ୟେକ ସ୍କୁଲ୍ ନିଜ ୱେବ୍‌ସାଇଟ ଖୋଲିବେ । ଏଥିରେ ଦେୟ ବାବଦରେ ସବୁ ବିବରଣୀ ପ୍ରଦାନ କରିବେ ଓ ଏହାର ଏକ କପି



ନୋଟିସ ବୋର୍ଡରେ ବି ଲଗାଇବେ । ଛାତ୍ରୀ ଓ ଛାତ୍ରଙ୍କ ଲାଗି ଅଲଗା ଅଲଗା ଟଏଲେଟ କରିବାକୁ ପଡିବ। ଛାତ୍ରୀଙ୍କ ଟଏଲେଟ ସଫା କରିବା ପାଇଁ ମହିଳା ସଫେଇକର୍ମୀ ନିଯୁକ୍ତ ହେବେ। ଛାତ୍ରୀଙ୍କ ପାଇଁ ମହିଳା କାଉନସିଲର ବି ରହିବେ । ସ୍କୁଲର କାର୍ଯ୍ୟରତ ଗାର୍ଡ,ସଫେଇକର୍ମୀ,ଡ୍ରାଇଭର,ପିଅନଙ୍କ ଠିକଣା ୧୫ ଦିନ ମଧ୍ୟରେ ଥାନାରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସ୍‌ରେ ମ୍ୟୁଜିକ ସିଷ୍ଟମ ବି ରହିବନି। ଜିଲା ପରିବହନ ଅଧିକାରୀ ବସ୍‌ର ଯାଞ୍ଚ କରିବେ। ଯଦି ଏହାର ଉଲ୍ଲଂଘନ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍କୁଲରେ ବୃଦ୍ଧି ପାଉଥିବା ଅପରାଧ ଆଶଙ୍କା କମ୍ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

# ଟୁଇଟରରେ ବଢୁଛି ମୋଦିଙ୍କ କ୍ରେଜ୍



## ବିଶ୍ୱର ତୃତୀୟ ଲୋକପ୍ରିୟ ନେତା

**ନୂଆଦିଲ୍ଲୀ:** ମାଇକ୍ରୋ ବ୍ଲଗିଂ ଆକାଉଣ୍ଟ ଟୁଇଟରରେ ବିଶ୍ୱର ସବୁଠୁ ଅଧିକ ଫଲୋଅର୍ସ ଥିବା ନେତାଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗତ ବର୍ଷକ ମଧ୍ୟରେ ୬୦ ଲକ୍ଷ ଟୁଇଟର ୟୁଜର୍ସ ମୋଦିଙ୍କୁ ଫଲୋ କରିଥିବାବେଳେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୫ କୋଟିରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ୬ କୋଟି ୪୦ ଲକ୍ଷ ଫଲୋଅର୍ସ ଥିବାବେଳେ ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦ କୋଟି ୮୦ ଲକ୍ଷ ଫଲୋଅର୍ସ ଥିବାରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ପ୍ରଥମ ସ୍ଥାନରେ ଅଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୯ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଟୁଇଟର ବ୍ୟବହାର ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ବେଶ୍ ସକ୍ରିୟ ରହିଛନ୍ତି। ଫେସ୍‌ବୁକ୍‌ରେ ତାଙ୍କର ୩ କୋଟି ୪୦ ଲକ୍ଷ ପ୍ରଶଂସକ ଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ୨କୋଟି ୫୦ ଲକ୍ଷ ଫଲୋଅର୍ସ ଅଛନ୍ତି। ମୋଦି ପାର୍ଲାମେଣ୍ଟ ଭିତରେ ଏକ ଛୋଟ ପିଲା ସହ ଖେଳୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଏହି ଫଟୋକୁ ସବୁଠୁ ଅଧିକ ଲାଇକ୍ ମିଳିଥିଲା।

# ଚାଇନାର ସବୁଠୁ ଧନୀ ବ୍ୟବସାୟୀ ଜ୍ୟାକ୍ ମା



## ଶ୍ରେଣୀରେ ଅନେକଥର ଫେଲ୍, ୩୦ କମ୍ପାନୀଠାରୁ ପ୍ରତ୍ୟାଖ୍ୟାତ

**ବେଜିଂ:** ଅଭାବ ଅନଟନର ଦ୍ୱାହି ଦେଇ ସଂଘର୍ଷ କରିବାକୁ ପଛଘୁଞ୍ଚା ଦେଉଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକ ଉଦାହରଣ ହେଉଛନ୍ତି ଜ୍ୟାକ୍ ମା। ବାଲ୍ୟକାଳରୁ ଏକ ଦୁର୍ବଳ ଛାତ୍ର, ଯିଏ କି ଏକାଧିକ ଥର ଶ୍ରେଣୀରେ ଫେଲ୍ ହୋଇଥିଲେ। ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଜଣେ ଇଂଲିଶ ଶିକ୍ଷକ ହୋଇପାରିଲେ। କେବଳ ଏତିକି ନୁହେଁ, ସେ ଜୀବନ ସହ ସଂଘର୍ଷ କରି, ସବୁ ପ୍ରତିକୂଳ ପରିବେଶକୁ ନିଜ ସପକ୍ଷରେ କରି ଚାଇନାର ସବୁଠାରୁ ବଡ଼ ଧନୀ ହେବା ସହ ସଫଳ ବ୍ୟବସାୟୀ ମଧ୍ୟ ହୋଇପାରିଲେ।

ଆଲିବାବା ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଲୋକପ୍ରିୟ ବ୍ୟବସାୟୀ ଜ୍ୟାକ୍ ମା ୨୦୧୯ ସେପ୍ଟେମ୍ବର ୧୦ ତଥା ନିଜ ୫୫ତମ ଜନ୍ମଦିବସରେ ନିଜ କମ୍ପାନୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଆଲିବାବା କମ୍ପାନୀ ଆରମ୍ଭ କରିବା ପୂର୍ବରୁ ଜ୍ୟାକ୍ ମା ଶିକ୍ଷକତା କରୁଥିଲେ। ପିଲାବେଳେ ତାଙ୍କର ପାଠ ହେଉ ନ ଥିବାରୁ ସେ ଅନେକ ଥର ଶ୍ରେଣୀରେ ଫେଲ୍ ହୋଇଛନ୍ତି। ପରେ ସଂକଳ୍ପ ଓ ସଂଘର୍ଷ କରି ସେ ଜଣେ ସଫଳ ଶିକ୍ଷକ ହୋଇପାରିଥିଲେ। ଶିକ୍ଷକତା କରୁଥିବା ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଆବେଦନ କରୁଥିଲେ। କେଏଫ୍ ସି ଭଳି ପ୍ରାୟ ୩୦ଟି କମ୍ପାନୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିରେ କିନ୍ତୁ ଜ୍ୟାକ୍ ଭାଙ୍ଗି ପଡ଼ି ନ ଥିଲେ। ବ୍ୟବସାୟ ପାଇଁ ମନବଳାଇ ନିଜର ୧୭ଜଣ ବନ୍ଧୁଙ୍କ ସହ ମିଶି ୧୯୯୯ରେ ଚାଇନାର ଝେଜିୟାଂଗର ହାଙ୍ଗଝୁଙ୍ଗ୍‌ରେ ଏକ ଆପାର୍ଟମେଣ୍ଟର ଛୋଟ ରୁମ୍‌ରୁ ଅନ୍‌ଲାଇନ୍ କମ୍ପାନୀ 'ଆଲିବାବା' ଆରମ୍ଭ କରିଥିଲେ। ତେବେ ସବୁଠାରୁ ମଜାକଥା ହେଲା ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାର ନିଷ୍ପତ୍ତି ନେବାବେଳେ ଜ୍ୟାକ୍‌ଙ୍କ କମ୍ପ୍ୟୁଟର ଜ୍ଞାନ ମଧ୍ୟ ସେତେଟା ନ ଥିଲା। ଜ୍ୟାକ୍ ୨୦୧୩ ଯାଏ ଅଲିବାବା କମ୍ପାନୀର ଅଧ୍ୟକ୍ଷ ରହିଲେ। ୨୦୧୪ରେ ସେ 'ଜ୍ୟାକ୍ ମା ଫାଉଣ୍ଡେଶନ୍' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ। ଏବେ ଅବସର ନେବା ପରେ ଏହି ଫାଉଣ୍ଡେଶନ୍‌କୁ ଜ୍ୟାକ୍ ନିଜର ସମ୍ପୂର୍ଣ୍ଣ ସମୟ ଦେବେ। ଶିକ୍ଷା କ୍ଷେତ୍ରରେ ଲୋକଙ୍କୁ ସେବା ଯୋଗାଇବା ଏହି ସଂସ୍ଥାର ମୂଳ ଉଦ୍ଦେଶ୍ୟ। ଆମ ସମସ୍ତଙ୍କୁ ଜ୍ୟାକ୍ ମାଙ୍କ କାହାଣୀରୁ ଅନୁପ୍ରାଣିତ ହେବା ଉଚିତ୍।

# ମୃତ ବ୍ୟକ୍ତିଙ୍କ ନାମରେ ମାମଲା



## କୋର୍ଟରୁ ଆସିଛି ନୋଟିସ

ପାଟନା: ମୃତକ ହିତାଧିକାରୀ ହୋଇ ରାଶନ, ଘର ତଥା ଭତ୍ତା ପାଇବା କଥା ଶୁଣିଛନ୍ତି। ମାତ୍ର ମୃତକଙ୍କ ନାମରେ କେସ୍ ହେବା କଥା କେବେ ଶୁଣିଛନ୍ତି କି? ବିହାରରେ ଘଟିଛି ଏମିତି ଏକ ଘଟଣା। ମୃତ ବ୍ୟକ୍ତିଙ୍କ ନାମରେ କେସ୍ କରି ପୋଲିସ ତା' ଅପାରଗ ପଣିଆ ପଦାରେ ପକାଇ ଦେଇଛି। ପାଟନା ଜିଲାର ବରହ ଅଞ୍ଚଳରେ ଶାନ୍ତି ଭଙ୍ଗ ପାଇଁ ପୋଲିସ ଏଫ୍‌ଆଇଆରରେ୍ ପାଞ୍ଚଜଣଙ୍କ ସହ ଜଣେ ମୃତ ବ୍ୟକ୍ତିଙ୍କ ନାମ ସାମିଲ କରିଥିଲା । ମୃତ ବ୍ୟକ୍ତିଙ୍କ ନାମ ଅଜୟ କୁମାର ଯାଦବ। ଏହାପରେ ୧୦୭ ଧାରାରେ ଏହି ୬ ଜଣଙ୍କ ନାମରେ କେସ୍ ଦାଏର କରି କୋର୍ଟରେ ଦାଖଲ କରିଥିଲା। ବରହ ଅଞ୍ଚଳରେ ମନ୍ଦିରକୁ ଦିଆଯାଉଥିବା ଦାନକୁ ନେଇ ଏକ ବିବାଦୀୟ ପରିସ୍ଥିତିରେ ଶାନ୍ତି ଭଙ୍ଗ ହେବା ଆଶଙ୍କା କରି ଏହି କେସ କରାଯାଇଥିଲା। ପୋଲିସ କୋର୍ଟ ଏବେ ଅଜୟଙ୍କ ନାମରେ ନୋଟିସ ପଠାଇ ସେପ୍ଟେମ୍ବର ୧୧ରେ ହାଜର ହେବାକୁ ନେର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଘର ଲୋକ ଏହି ନୋଟିସ ପାଇବା ପରେ ଅଜୟଙ୍କର ୫ ବର୍ଷ ହେବ ମୃତ୍ୟୁ ହୋଇଛି ବୋଲି ଜଣାଇଛନ୍ତି। ଅଜୟଙ୍କ ମୃତ୍ୟୁ ହୋଇଥିଲେ ବି ପୋଲିସ ଅଜୟଙ୍କ ନାମରେ ଜାନୁୟାରୀ, ୨୦୧୯ରେ ଏଫ୍‌ଆଇଆର୍ ଦାଏର କରିଛି ବୋଲି ତାଙ୍କ ପିତା ରାମକୃଷ୍ଣ ଯାଦବ କହିଛନ୍ତି। ବରହ ଥାନା ଏସ୍‌ଏଚଓ ସଞ୍ଜିତ କୁମାର ଏହି ଘଟଣାକୁ ଏକ ତ୍ରୁଟି ବୋଲି ଦର୍ଶାଇ ତାହାକୁ ଠିକ୍ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ନ୍ୟୁୟର୍କରୁ କ୍ୟାନ୍‌ସର ଚିକିତ୍ସା ସାରି ଘର ବାହୁଡ଼ିଲେ ଋଷି

**ମୁମ୍ବାଇ:** ସାରା ବଲିଉଡ୍ ଓ ଋଷିଙ୍କ ପ୍ରଶଂସକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ବି-ଟାଉନର କପୁର ପରିବାରରେ ମଧ୍ୟ ଖୁସିର ମାହୋଲ୍ ରହିଛି। କାରଣ ପ୍ରାୟ ବର୍ଷେ ପରେ ନ୍ୟୁୟର୍କରୁ କ୍ୟାନ୍‌ସରର ସଫଳ ଚିକିତ୍ସା କରାଇ ଭାରତ ଫେରିଛନ୍ତି ଅଭିନେତା ଋଷି କପୁର। ଏଥିପାଇଁ ସୋସିଆଲ ମିଡିଆରେ ମଧ୍ୟ ଶୁଭେଚ୍ଛାର ସୁଅ ଛୁଟିଛି।

ସୂଚନାଥାଉ କି, କ୍ୟାନ୍‌ସର ପୀଡ଼ିତ ଋଷି କପୁର ପ୍ରାୟ ୧ବର୍ଷ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ବାପା ଋଷି କପୁରଙ୍କୁ କ୍ୟାନ୍‌ସର ହୋଇଥିବା ସୂଚନା ମିଳିବା କ୍ଷଣି ପୁଅ ରଣବୀର କପୁର ତାଙ୍କୁ ନ୍ୟୁୟର୍କକୁ ଚିକିତ୍ସା ପାଇଁ ପଠାଇଥିଲେ। ସୂଚନା ଅନୁସାରେ ଦିଲ୍ଲୀରେ ଏକ ଫିଲ୍ମର ଶୁଟିଂ ଚାଲିଥିବାବେଳେ ରଣବୀର ଏବଂ ତାଙ୍କ ପରିବାରର କିଛି ସଦସ୍ୟ ଦିଲ୍ଲୀରେ ଆସି ପହଞ୍ଚିଥିଲେ। ସେମାନେ ଫିଲ୍ମ ପ୍ରଯୋଜକଙ୍କ ସହ କଥା ହୋଇ ଋଷିଙ୍କ କ୍ୟାନ୍‌ସର ବାବଦରେ ସମସ୍ତ ବିଷୟ ଜଣାଇଥିଲେ। ସେହି ଦିନ ସନ୍ଧ୍ୟା ସୁଦ୍ଧା ସମସ୍ତେ ମିଶି ଋଷିଙ୍କୁ ମୁମ୍ବାଇ ନେଇଆସିଥିଲେ ଏବଂ ଯଥାଶୀଘ୍ର ତାଙ୍କୁ ନ୍ୟୁୟର୍କ ପଠାଇଥିଲେ। ରଣବୀର ବାପା ଋଷିଙ୍କୁ ନୂଆ ଫିଲ୍ମର ଶୁଟିଂ ଛାଡ଼ି ନ୍ୟୁୟର୍କରେ ଚିକିତ୍ସା ପାଇଁ ବାଧ୍ୟ କରିଥିଲେ। ତେବେ ଚିକିତ୍ସା ସମୟରେ ମଧ୍ୟ ସେ ନିଜ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଜରିଆରେ ଯୋଡ଼ି ହୋଇ ରହିଥିଲେ।



ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly *Salary upto Rs. 24,000/-.*
Contact : 9938414918

REFCEM® Since 1983... SITUATION VACANT
RRPL, Bhubaneswar invites application for the following Posts;

| | Post | Qualification | Experience |
|---|---|---|---|
| 1. | Accountant | B.com with Tally & above | Min 5 yrs |
| 2. | Welder, Cutter & Electrician | ITI & Diploma | Min 5 yrs |

Salary is based on industry and experience.
Mail your CV / Contact on:
rrpl2019@rediffmail.com
Contact: 7381095402 & 7381095422

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

WANTED
ଭୁବନେଶ୍ୱରରେ ପ୍ରତିଷ୍ଠିତ କମ୍ପାନୀର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୟ କରିବା ପାଇଁ ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା (+2) ରହିବା ସୁବିଧା ଅଛି। ଦରମା ମାସିକ 15,000/- Contact :
7978049094, 9178362001

Need an experienced (10yrs. or more)
DRIVER in BBSR
to drive personal cars.
• One should not have any bad habit.
• He should be highly disciplined and sober.
• Should be ready to help in household works.
• Should have a good character.
• Valid Driving License and Adhaar Card are needed.
*Salary is negotiable.*
Contact: 9437180218

VACANCY
An accounting firm requires an experienced **Data Entry Operator** having experience in operation of Tally package and drafting of letters.
Apply with confidence to
**Box No. 386, DHARITRI,**
B-15, Industrial Estate,
Rasulgarh, Bhubaneswar-10.

URGENTLY REQUIRED FOR REAL ESTATE COMPANY
Related Jobs
1. **ACCOUNTS MANAGER** (Male), 2. **JUNIOR ACCOUNTANT** (Male), 3. **FRONT OFFICE EXECUTIVE** (Ladies), 4. **SUPERVISOR** (Male), 5. **COOK** (Male).
Experience needed 2 to 3 years
SHREEHARI CONSTRUCTIONS
Shreehari Bihar, Batamangala, Puri- 752002
Mail ID: **shreeharipuri@gmail.com**, Contact No. **9439537644 / 9861796270**
Send CV with colour photograph to this above address or Email id.

ପୁରୀ ସହରରେ ବୟସ୍କ ଦମ୍ପତିଙ୍କ ସହିତ ରହି ଗୃହ କର୍ମରେ ସହଯୋଗ କରିବା ପାଇଁ ଜଞ୍ଜାଳ ନଥିବା କର୍ମନିପୁଣା
**ମହିଳା ଆବଶ୍ୟକ।**
ଯୋଗାଯୋଗ କରନ୍ତୁ
8763329788

PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER
For Pre-Cast Manufacturing Unit
Two-Wheeler must; All Odisha
CONTACT :
9040019196 / 9778821577

WALK IN INTERVIEW
HOTEL PURI BEACH RESORT PVT. LTD.
New Marine Drive Road, Near Light House, Puri
▶ Housekeeping Supervisor, ▶ Room Boy, ▶ Store Keeper & Restaurant Supervisor, ▶ Laundry man, ▶ Accountant, ▶ Security Guard.
A walk in interview will be held at **Hotel campus on dt.16.09.2019, 10.30AM** for the above posts. Candidates should have experience of 2 years for all posts.
Contact: MD- 9437444444
S.K. Mishra- 9937231888

APPOINTMENT
**Need the following personnel for** SALES.
SALES OFFICER :
Graduate having minimum 1-2 years experience in consumer durable/FFCG/Furniture industry/Lights division will be preferred. He must have the ability to develop & manage the dealer network with good knowledge of sales & marketing.
In case of experience candidate qualification no bar.
*Please send your Biodata within 7 days to*
PATRIOT
Rajpath Group SCR-14, Surya Nagar, 1st Floor Bhubaneswar-751003,
Email: hrd@rajpathgroup.in
Mob.: 9337724585

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ସଫେଇ କର୍ମଚାରୀ ଆବଶ୍ୟକ
ରାୟଗଡ ନଗର ନିଗମ (ଛତିଶଗଡ) ରେ ସହରର ସଫେଇ କାର୍ଯ୍ୟ ପାଇଁ ଏକ ସଂସ୍ଥାରେ ୨୦ ରୁ ୫୦ ସଫେଇ କର୍ମଚାରୀ ଆବଶ୍ୟକ । ରହିବା, ଖାଇବା ସହ ଦରମା ୧୦,୦୦୦/- ଦିଆଯିବ
ବର୍ଫାନୀ ସିକ୍ୟୁରିଟି ସର୍ଭିସ୍ । ଯୋଗାଯୋଗ - ପ୍ରିୟରଞ୍ଜନ ଦାସ (Supervisor)
7735833199 (11AM - 2PM)

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ । ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto **Rs.27,000/-.**
(Part Time / Full Time)
Contact: 9938676412

RECRUITMENT NOTICE
**Kaapro** invites online applications for Water Testing Laboratory at State, District and Sub-Divisional Laboratories under Rural Water Supply and Sanitation (RWSS), Panchayati Raj & Drinking Water Department, Government of Odisha, from candidates for deployment on outsource basis covering the following posts located at **different places of Odisha** :-

STATE LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Project Manager | 1 | Bachelor in Arts/Science/Commerce/ Engineering and MBA | 5 | 40000 |
| Lab. Chemist/ Microbiologist | 1 | Graduation in Science with Biology & PGDCA | 3 | 20000 |
| Lab. Chemist | 3 | Graduation in Science with Chemistry & PGDCA | 3 | 20000 |
| Data Entry Operator | 2 | Graduation with PGDCA or equivalent certification with 1 years' experience | 3 | 8800 |
| Lab. Assistant | 2 | +2 Science with Chemistry & DCA | 3 | 10000 |

DISTRICT AND SUB DIVISIONAL LEVEL

| Positions | No. of Positions | Qualification | Experience Yrs | Salary Rs. p.m. |
|---|---|---|---|---|
| Lab. Chemist/ Microbiologist | 76 | Graduation in Science with Chemistry/Biology & PGDCA | 3 | 20000 |
| Lab. Assistant | 46 | +2 Science with Chemistry & DCA | 3 | 10000 |
| Lab.Attendant cum Sample Collector | 76 | 10th Pass | 2 | Salary 7300 + 1500 other Expenses |

**For Details of Role Responsibilities, Qualification and other Eligibility criteria for each position and online application can be accessed at recruitment.kaapro.co.in The last date of receipt of application is 28.09.2019 (17.00 Hrs. IST).**

PART TIME JOB
DETECTIVES / VERIFIERS / INVESTIGATORS
GRADUATES
Per Assignment Basis
Email : ceebak@gmail.com

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

CLOTHES CARE LAUNDRY
ଦୋକାନ ପାଇଁ ପିଲା ଆବଶ୍ୟକ, ବୟସ-18+, ସ୍ଥାନ-ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର
8249233993
8895200115

WANTED
COMPUTER OPERATOR FOR HOTEL AT TALCHER
CONTACT :
9776331667

WALK-IN-INTERVIEW
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. **307 Nirmala Plaza, Forest Park, BBSR.**
Contact: 0674-2595911
Mob : 7504008200

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ ।
M : 7327065424 / 8895725158

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଡିଏମ୍‌ଏଫ୍ ବିନିଯୋଗରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୦।୯(ବ୍ୟୁରୋ)



ଡିଏମ୍‌ଏଫ୍ ସମ୍ପର୍କିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ) ବିନିଯୋଗ କରାଯାଇ ଗତ ଜୁଲାଇ ଶେଷ ସୁଦ୍ଧା ବିଭିନ୍ନ ଜିଲାରେ ୧୨,୬୪୯ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକ ପାଇଁ ୮୦୭୪ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଜଣାପଡିଛି। ଏହି ପାଣ୍ଠିର ବିନିଯୋଗ ସମୟରେ ଜିଲା ଟ୍ରଷ୍ଟମାନଙ୍କ ସହାୟତାରେ ୫ ବର୍ଷିଆ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ବାଦ୍ ପଡିଥିବା ପ୍ରକଳ୍ପକୁ ଏହି ୫ ବର୍ଷିଆ ଯୋଜନା ମଧ୍ୟରେ ସାମିଲ କରିବାକୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

ପ୍ରକଳ୍ପଗୁଡିକର ମଞ୍ଜୁରୀ ପାଇଁ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ୪ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକ ଅଗ୍ରଗତି ସମ୍ପର୍କରେ ପ୍ରତି ମାସରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମୀକ୍ଷା କରାଯିବ। ଜିଲାୱାରି ସମୀକ୍ଷାରୁ ଜଣାପଡିଛି ଯେ ଅନୁଗୋଳ, ଝାରସୁଗୁଡା, କେନ୍ଦୁଝର ଓ ସୁନ୍ଦରଗଡ ଆଦି ଜିଲାରେ ଖଣିଜ ପାଣ୍ଠି ସର୍ବାଧିକ ସଂଗ୍ରହ ହେବା ସହ ବିନିଯୋଗ ହୋଇପାରିଛି। ଗତ ଜୁଲାଇ ଶେଷ ସୁଦ୍ଧା ୧୨,୬୪୯ ପ୍ରକଳ୍ପ ମଧ୍ୟରୁ ୧୧,୧୨୬ ପ୍ରକଳ୍ପ ଉପରୋକ୍ତ ୫ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଜଣାପଡିଛି। ବିଭିନ୍ନ ଜିଲାରୁ ୭୬୦୦ କୋଟି ସଂଗୃହୀତ ହୋଇଥିବାବେଳେ ୮୦୭୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିବା ଜଣାପଡିଛି।

# ତସିଫ୍, ସୋଆଇବ, ଅବୁଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ମଙ୍ଗଳବାର ସାହସିକତା ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ୩ ଜଣ ବାଳକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ସେକ୍ ତସିଫ୍ ରାଜା, ମହମ୍ମଦ ସୋଆଇବ ଏବଂ ଅବୁଲ ରୁମନ୍ ଖାଁ। ବିଶେଷ କରି ତସିଫ ଏବଂ ସୋଆଇବଙ୍କ ସାହସିକତାର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଡିକ୍ସନାରି, ବ୍ୟାକରଣ ପୁସ୍ତକ, ପାଠ୍ୟ ଉପକରଣ ଓ ଚକୋଲେଟ ଆଦି ପ୍ରଦାନ କରିଥିଲେ। ଅନୁରୂପ ଭାବେ ଅବୁଲକୁ ମଧ୍ୟ ପାଠ୍ୟ ଉପକରଣ ଏବଂ ଚକୋଲେଟ ପ୍ରଦାନ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବାଳକ।

## ସାହସିକତା ପାଇଁ ସାଧୁବାଦ

ଉଲ୍ଲେଖଯୋଗ୍ୟ, ଚଳିତ ମାସ ୨ ତାରିଖ ଗଣେଶ ପୂଜା ଦିନ ଯାଜପୁର ସଡକ ପ୍ରାଇମେରୀ ସ୍କୁଲରେ ପଢୁଥିବା ୬ ବର୍ଷୀୟ ଅବୁଲ ସ୍କୁଲରୁ ଫେରୁଥିଲେ। ଏହି ସମୟରେ ଏକ ପୋଖରୀରେ ତାଙ୍କ ଗୋଡ ଖସି ଯିବା ସହ ସେ ବୁଡିଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଫଜଲପୁର ଗାଁ କୋରେଇ ହାଇସ୍କୁଲ ୮ମ ଶ୍ରେଣୀର ଦୁଇ ଛାତ୍ର(ତସିଫ୍ ଓ ସୋଆଇବ) ପୋଖରୀକୁ ଲମ୍ଫ ପ୍ରଦାନ କରିବା ସହ ଅବୁଲଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ଏହି ସାହସିକତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ବର୍ଦ୍ଧନା ସମୟରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କୁ ଭେଟିଲେ ଚାଇନା ପ୍ରତିନିଧି ଦଳ



ଚାଇନା ପ୍ରତିନିଧିଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ହଂକଂସ୍ଥିତ ଚାଇନା-ଭାରତ ବାଣିଜ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏକ ଚାଇନା ପ୍ରତିନିଧି ଦଳ ଅଧ୍ୟକ୍ଷ କ୍ୱାଇ ଶୁନ ଚୋ ପଲ୍‌ଙ୍କ ନେତୃତ୍ୱରେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଚାଇନା-ଭାରତ ଦ୍ୱିପାକ୍ଷିକ ସମ୍ପର୍କ, ବିଶେଷତଃ ସଂସ୍କୃତି, ଭାରତରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ସୁଯୋଗ ଓ ସମ୍ଭାବନା ଅନ୍ୱେଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳ ବାଚସ୍ପତିଙ୍କୁ ପରିଷଦର କାର୍ଯ୍ୟାବଳୀ ସହିତ ପୂର୍ବରୁ ତିଆରି ହୋଇଥିବା ନିର୍ମାଣ ସାମଗ୍ରୀ ଓ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣ ଉପରେ ଅବଗତ କରାଇଥିଲେ।

ପରିଷଦ ଏହା ପୂର୍ବରୁ ବହୁଥର ଭାରତୀୟ ଓ ଚାଇନା କମ୍ପାନୀ ମଧ୍ୟରେ ବ୍ୟବସାୟ ସମ୍ପର୍କିତ ଆଲୋଚନା ଆୟୋଜନ କରି ସାରିଛି। ଭାରତରେ ପୁଞ୍ଜିନିବେଶ ସମ୍ପର୍କରେ ପରାମର୍ଶ ଦେବା ସହ ନେଟୱର୍କିଂ, ଆର୍ଥିକ ସହାୟତା, ସେବା ଯୋଗାଣ ଲକ୍ଷ୍ୟ ନେଇ ଏଥିନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହାଦ୍ୱାରା ଚାଇନା ଓ ଭାରତୀୟ କମ୍ପାନୀମାନେ ଉଭୟ ଦେଶରେ ବ୍ୟବସାୟ ବିସ୍ତାର କରି ପାରିବେ। ପରିଷଦ ପୁଞ୍ଜିନିବେଶକଙ୍କ ବୈଠକ, ସମ୍ମିଳନୀ , ପ୍ରଦର୍ଶନୀ, ବିପଣନ ସମ୍ପର୍କିତ ଆଲୋଚନା ସହିତ ସୁଯୋଗ ଓ ଭାଗୀଦାରିକୁ ଗୁରୁତ୍ୱ ଦେଇ ଗବେଷଣା ଜାରି ରଖିଛି।

ଏହିପ୍ରତିନିଧିଦଳରେପରିଷଦରସଚିବଅଜୟ ଠାକୁରଙ୍କ ସମେତ ଇଲଡ ଗ୍ରୁପର ଲଙ୍ଗମିନ ଲାଉ ରନସନ, ଟିଙ୍ଗ ହନଜନ କ୍ୱାନ, ଝେଜିୟାନ ଗ୍ରୀନ ବିଲ୍ଡିଂର ୱାଇ ହୁଙ୍ଗ ହୋ ବ୍ରିୟାନ, ୱେ ପାସିଫିକର ଜିଆନହୁଆଙ୍ଗ ହୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷକ ସଂଘ ସହିତ ସରକାରଙ୍କ ଆଲୋଚନା

# ଦାବି ପୂରଣ ପାଇଁ ସମୟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଶିକ୍ଷକ ସଙ୍ଗଠନ ସହିତ ସଚିବାଳୟରେ ଆଲୋଚନା ହୋଇଛି। ନିଜ ନିଜର ସମସ୍ୟା ନେଇ ସଂଗଠନଗୁଡ଼ିକ ବିଭାଗ ପାଖରେ ଦାବି ଉପସ୍ଥାପନା କରିଛନ୍ତି। ପ୍ରଥମେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଏକ ପ୍ରତିନିଧି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହ ସପ୍ତମ ପେ' ଓ ଅବସରକାଳୀନ ସୁବିଧା ଭଳି ସଂଘର ବିଭିନ୍ନ ଦାବି ଉପରେ ଦୁଇଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହି ଆଲୋଚନା ସକାରାତ୍ମକ ଥିଲା ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଚିତ୍ରା ଅରୁମୁଗମ୍, ଅତିରିକ୍ତ ସଚିବ ବିଶ୍ୱନାଥ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଷ୍ଟା ପକ୍ଷରୁ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଭୟ ମନ୍ତ୍ରୀ ଏବଂ କମିଶନର ବିଭାଗ ପାଇଁ ନୂଆ ସେଥିପାଇଁ ସମସ୍ୟାର ସମାଧାନ ପାଇଁ କିଛି ସମୟ ଲାଗିପାରେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଶିକ୍ଷକମାନଙ୍କର ପଡ଼ି ରହିଥିବା ସମସ୍ୟାର ସମାଧାନ, ଶିକ୍ଷକ ନିଯୁକ୍ତି ଓ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବହି, ପୋଷାକ ଆଦି ଯୋଗାଇ ଦେଲେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିବ ବୋଲି ଓଷ୍ଟା ପକ୍ଷରୁ ସରକାରଙ୍କୁ କୁହାଯାଇଛି। ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ମଧ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଫେଡେରେଶନ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମୀୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ୧୧ଜଣିଆ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଶିକ୍ଷକଙ୍କୁ ଚାପମୁକ୍ତ ସହ ଅଧିକ ସ୍ୱାଧୀନତା ଦେବା ପାଇଁ ଦାବି ହୋଇଛି।

## ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ ରୋଡ,୧୦।୯(ଡି.ଏନ୍.ଏ.): କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ରାଜଧାନୀରେ ଚଢ଼ାଉ କରି ଜଣେ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ରଞ୍ଜିତ୍ ସାହୁ। ତାଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ରଞ୍ଜିତଙ୍କ କିଟ ଛକରେ ଏକ ଜଳଖିଆ ଦୋକାନରେ ସେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ତଥ୍ୟ ମିଳିଥିଲା।


**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର, ମଠସାହି, ଦେବଗଡ଼**

୧୪ ବର୍ଷରୁ କମ ବୟସର ଶିଶୁମାନଙ୍କୁ ଯେକୌଣସି କାମରେ ଓ ୧୮ ବର୍ଷରୁ କମ ବୟସର କିଶୋରମାନଙ୍କୁ ବିପଦସଙ୍କୁଳ କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଅଟେ, ଏଥିରେ ଖିଲାପ କଲେ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା/ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର'' ଖୋଲାଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯ରୁ ୧୪ ବର୍ଷର ଶିଶୁ ଶ୍ରମିକମାନଙ୍କୁ ଉଭୟ ଶିକ୍ଷା ଓ ବୃତ୍ତିଗତ ଟ୍ରେନିଂ, ମାସିକ ଚାରିଶତ ଟଙ୍କା ଷ୍ଟାଇପେଣ୍ଡ, ମଧ୍ୟାହ୍ନ ଭୋଜନ, ସ୍ୱାସ୍ଥ୍ୟସେବା ଓ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।

ଆପଣଙ୍କ ନଜରରେ କେହି ଶିଶୁ ଶ୍ରମିକ ଥିଲେ ତୁରନ୍ତ ନିକଟସ୍ଥ ''ଶିଶୁ ଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର''ରେ ନାମଲେଖାଇ ଜିଲ୍ଲାକୁ ଶିଶୁ ଶ୍ରମିକ ପ୍ରଥା କବଳରୁ ମୁକ୍ତ କରିବାରେ ପ୍ରଶାସନକୁ ସହଯୋଗ କରନ୍ତୁ ।

**ଶିଶୁ ଶ୍ରମିକ ମୁହଁରେ ହସ-ଆମର ଲକ୍ଷ୍ୟ**

ଶ୍ରୀ ପ୍ରସନ୍ନ କୁମାର ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ | ଡକ୍ଟର ସମୀର କୁମାର ନନ୍ଦ, ପ୍ରୋଗ୍ରାମ ମ୍ୟାନେଜର ଓ ନିରୀକ୍ଷକ | ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଆଇଏଏସ୍, ଜିଲ୍ଲାପାଳ ଓ ଅଧ୍ୟକ୍ଷ



**ICDS PROJECT, CHHENDIPADA**

No.404 **TENDER CALL NOTICE** Date: 07.09.19

The tender papers containing detailed Terms and conditions for hiring of vehicle can be available in the office of the CDPO Chhendipada and while submitting such tender paper a DD of Rs.1000/- Rupees (One Thousand ) only in favour of CDPO Chhendipada payable at ICICI Bank, Chhendipada is to be submitted failing which the tender paper will be rejected . The Tender cost of Rs. 1000/- Rupees (One Thousand ) only fixed is refundable . Tender paper complete in all respect (Technical & Financial ) in separate cover along with all required documents and both cover to be kept in a separate big cover is super scribed "for Hiring of Vehicle for Mission Shakti " to be submitted to the CDPO, Chhendipada on or before 16.09.2019, 5.00 P.M. The tender shall be opened on the date i.e on 17.09.2019 at 3.30 P.M in Office of the CDPO, Chhendipada in presence of the members of Tender Committee and renderers or their authorized representatives. The tender received beyond the scheduled date and time shall not be taken into consideration. **Sd./- CDPO, Chhendipada**



**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି**

Dist.- Malkangiri-764048, Phone No.06861-230409
Fax No.06861-230279, E-Mail : ori-dmalkangiri@nic.in

ପତ୍ର ସଂଖ୍ୟା.୨୫୦୧/୨୦୧୯ ତା.୧୦।୦୯।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ସମସ୍ତ ଅଧିବାସୀ ତଥା ପଞ୍ଚାୟତ ସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆନୁକୂଲ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ.୧୦.୦୦ଟିକାଠାରୁ | ସ୍ଥାନ |
|---|---|---|
| କୋରୁକୋଣ୍ଡା | ୨୫।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋରୁକୋଣ୍ଡା |
| ପଡ଼ିଆ | ୨୬।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଖଇରପୁଟ |
| ଖଇରପୁଟ | ୨୭।୦୯।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଡ଼ିଆ |
| କାଲିମେଲା | ୨୫।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଲିମେଲା |
| ମାଲକାନଗିରି | ୨୬।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଲକାନଗିରି |
| ମାଥିଲି | ୨୭।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି |
| ଚିତ୍ରକୋଣ୍ଡା | ୨୮।୧୧।୨୦୧୯ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



**OFFICE OF THE EXECUTIVE ENGINEER**
**ADDITIONAL SPILLWAY DIVISION, HIRAKUD, Camp Office-Burla**
Phone No.: 0663-2430080, 'e' mail ID: eeasdhirakud@gmail.com

No............ **QUOTATION CALL NOTICE** Dt..............

No.228-A :- Sealed quotations in plain paper/ letter pad are invited from reputed Travel agencies/ Tour operators or Private individuals having valid GST/ TIN/ SRIN registration number under the OGST Act-2017, Income Tax clearance certificate, Pan card etc. for providing Non AC/ AC diesel driven vehicle (Bolero/ Marshal/ Tata Sumo/ Mahindra Max) for office use, having seating capacity as mentioned below so that it should reach office of the undersigned or Liaison office of the Chief Engineer & Basin Manager, Upper Mahanadi Basin, Secha Sadan, Bhubaneswar on or before dt.21.09.2019 up to 04.00 P.M. through Registered post/ Sped post or in person.

The details are available in office of the undersigned as well as in the Liaison Office of the Chief Engineer and Basin Manager, Upper Mahanadi Basin, o/o the Engineer-in-Chief, Water Resources, Odisha, Secha Sadan, Bhubaneswar during office hours or they may visit the websites **http://dowrodisha.gov.in or http://tendersodisha.gov.in or https://sambalpur.nic.in.**

| Sl. No. | Name of work | No. | Seating Capacity including Driver not more than |
|---|---|---|---|
| 1 | Hire and running charges of Private Inspection vehicle for official use of the Executive Engineer, Additional Spillway Division, Hirakud for the period from 01.10.2019 to 31.03.2020. | 01 (One) | 07 |
| 2 | Hire and running charges of Private Inspection vehicle for official use of the Sub Divisional Officer, Additional Spillway Sub Division No.-I, of Additional Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |
| 3 | Hire of Private Inspection vehicle for official use of the Sub Divisional Officer, Additional Spillway Sub Division No.-II of Addl. Spillway Division, Hirakud for the period from 01.10.2019 to 31.03.2020 | 01 (One) | 10 |

32394/11/0003/1920 **Sd./- Executive Engineer, Additional Spillway Division, Hirakud**



**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

ନଂ ୧୦୩୦୦ ତା୧୦।୦୯।୨୦୧୯

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/-ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୧୬।୦୯।୨୦୧୯ଠାରୁ ୩୦।୦୯।୨୦୧୯ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ୧୧.୦୦ ଘଟିକାଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ **OSRTC website www.osrtc.in**ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା-ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**



ODISHA NEW OPPORTUNITIES

Tender Call Notice No. IFCAL/ Elect/1124 Date: 09.09.2019

**FOR ELECTRICAL MAINTENANCE AT IFCAL COLONY INCLUDING 33/11KV, 1x5MVA SUB-STATION, IFCAL PLANT INCLUDING 33/11KV, 2X20 MVA SUB-STATIONS, ELECTRICAL INSTALLATIONS AT IFCAL PLANT & COLONY, OPERATION & MAINTENANCE OF APC PLANT, BOREWELL PUMP ETC. ON ANNUAL CONTRACT BASIS.**

Date of downloading of Tender : 11.09.2019 to 20.09.2019.
Last date of receipt of Tender : 23.09.2019 (5.00P.M.).
For details, please log on to : www.idcorissa.com/ www.ifcal.nic.in

**MANAGING DIRECTOR**

**IDCOL FERRO CHROME & ALLOYS LIMITED**
(A Wholly Owned Subsidiary of IDCOL) A Govt. of Odisha Undertaking)
CIN-U27109OR1999SGC005736
Regd. Office : Ferro Chrome Project - 755020, Jajpur Road, Dist : Jajpur (Odisha), India
Tel. No. 06726 - 220212 / 220508, Fax No. 06726 - 220524, E-mail ID : ifcal@nic.in



**OFFICE OF THE NOTIFIED AREA COUNCIL, KHARIAR ROAD**

e-mail: nackhrd@rediffmail.com

No. 3228 Dated: 07.9.2019

**DETAILED TENDER CALL NOTICE**

| | | |
|---|---|---|
| Name of work | : | Supply, transportation, installation, testing and commissioning of SWM-MCC equipment |
| E.M.D. | : | Rs. 10,000.00 |
| Tender Notice No & Date | : | No. 3228 Dt. 07.9.2019 |
| Agency | : | As per eligibility |
| Period of Tender | : | Three Months |
| Cost of Bid documents | : | Rs. 2,000.00 |
| Sale of Documents | : | 10.09.2019 to 21.09.2019 during office hour |
| Last date of Receipt of filled up bid documents | : | Up to 4.00 PM of 26.09.2019 |
| Date of Opening of Tender | : | 11.30 AM of 06.09.2019 |
| Name & address of the Officer inviting the notice | : | Executive Officer, NAC, Khariar Road |
| Details can be seen from | : | http://www.nuapada.nic.in |

**Sd./- Executive Officer, NAC, Khariar Road**



**OFFICE OF THE MUNICIPAL COUNCIL, CHOUDWAR**

**"e" Procurement Notice**

**Bid Reference No. ChM- 01/2019-20**

| | | | |
|---|---|---|---|
| 1. | Name of the Work | : | Construction of 2TPD Capacity Micro Composting Centers and repair of Kalyan Mandap under Choudwar Municipality |
| 2. | No. of Work | : | 06 Nos. |
| 3. | Bid Value | : | Rs. 1.86 to 47.09 Lakh |
| 4. | Period of Completion | : | Three Calendar Months |
| 5. | Date and Time of availability of the bid documents in the Portal | : | From 10.00 AM of 12.09.2019 to 05.00 PM of 24.09.2019. |
| 6. | Last Date/ Time for receipt of bid in the portal | : | 24.09.2019 upto 05.00 PM |
| 7. | Bids received online shall be opened on dt. 30.09.2019 at 11.00 AM. | | |
| 8. | Name and address of the officer inviting Bid | : | Executive Officer, Choudwar Municipality, Choudwar. Further details can be seen from the procurement Portal **www.tendersorissa.gov.in**. |
| 9. | The tender paper should be accompanied with valid xerox copy of Contractory Licence, PAN Card, GST, Labour Contract Licence, Cost of tender paper in shape of Bankers Cheque/ Demand Draft in favour of the undersigned, 1% EMD separately in shape of NSC/TDR of Schedule Bank/ NSC/Post Office time deposit should be pledged in favour of the undersigned. | | |

**N.B.:-** Without labour contractor licence, Valid contractory licence, PAN CARD, GST, Cost of tender paper (Non-refundable) & EMD separately, the tender will be automatically rejected.

**Sd./- Executive Officer, Choudwar Municipality**



**DIRECTORATE OF MEDICAL EDUCATION & TRAINING, ODISHA**

**WALK-IN-INTERVIEW**

**FOR PROFESSOR IN RADIOTHERAPY AT MKCG MEDICAL COLLEGE, BRAHMAPUR**

**No.: 12305** **Dt. 10.09.2019**

No.: 312-E: Eligible and qualified candidates are invited to appear for a Walk-in-Interview for the Posts of Professor in Radiotherapy at MKCG MC, Brahmapur. The details of Posts, Mode of recruitment, Essential Qualifications etc. is available in the website of DMET, Odisha i.e. **www.dmetodisha.gov.in**. Candidates may appear for the interview with required original documents in the Office of the DMET, Odisha, Heads of Department Building, Bhubaneswar - 751001.

10016/11/0024/1920 **Sd./- Jt. DMET, Odisha**



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
**DIST: KALAHANDI-766026, Ph.No.7328840415,**
**E-mail: sgmel_uihep@ohpcltd.com**
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD.
**(A GOVERNMENT OF ODISHA UNDERTAKING)**
**Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,**
**Tel: 91-0674-2542983, 2542802, 2545526, 2542826, Fax:2542102,**
**E-Mail: ohpc.co@gmail.com / md@ohpcltd.com**
**WEB: www.ohpcltd.com, CIN: U40101OR1995SGC003963**
**No. UIHEP/SGM (EL.)/TW/ 2330 (Part – II) (Vol.-I)/ 3866 / Date.07.09.2019**

**NOTICE INVITING TENDER No.12/2019-20 DATE.07.09.2019**

No.CAD-370 :- Tenders are invited in .sealed envelopes from the registered travel agencies / vehicle owners for providing services as mentioned below.

| Description of Materials / Services | Cost of tender paper (Nonrefundable) in Rs. | EMD in shape of DD/Banker's Cheque only (Refundable) in Rs. |
|---|---|---|
| Deployment of one no. of diesel run 13 seater vehicle on hire basis for a period of 03 (Three) years. | 7,080/- (inclusive GST) | 19,700/- |

For details of the tender documents, terms and conditions please visit our website **www.ohpcltd.com**

32136/11/0019/1920 **Sd./- Unit Head UIHEP, Mukhiguda**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MAIN DAM DIVISION, BURLA**
**GOVERNMENT OF ORISSA 'e' PROCUREMENT NOTICE**
**BID IDENTIFICATION NO. MDD-e-02/2019-20 (ONLINE)**
**Email : ee_mddburla@rediffmail.com**

No.227-A

No. 8539 Date : 09.09.2019

| | | | |
|---|---|---|---|
| 1. | No. of Work | : | 05 Nos |
| 2. | Estimated Cost | : | Rs. 2.11 to 7.32 lakhs |
| 3. | Period of completion | : | 6 months |
| 4. | Date & Time of available of bid document in the Portal | : | 13.09.2019 at 10 A.M. |
| 5. | Last date / Time for receipt of bids in the portal | : | 22.09.2019 upto 05.00 P.M. |
| 6. | Date of opening of bid | : | 23.09.2019 at 11.00 A.M. |
| 7. | Name & Address of the Officer inviting bid | : | Executive Engineer, Main Dam Division, Burla, At/ Po- Burla, Dist- Sambalpur, Odisha Email : ee_mddburla@rediffmail.com |

Further details, any corrigendum or addendum can be seen from the e-procurement portal http://tendersorissa.gov.in

32017/11/0002/1920 **Sd./- Executive Engineer, Main Dam Division, Burla**



No. 178-C

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, JHARSUGUDA**
**e-mail ID- eephjsg@gmail.com**

**REQUEST FOR PROPOSAL (RFP) CONSULTANCY SERVICES FOR PREPARATION OF DETAILED PROJECT REPORT (DPR)**

The Executive Engineer, PH Division, Jharsuguda on behalf of Governor of Odisha invites proposals from empanelled consultants of Odisha for preparation of DPR of piped water supply projects.

| | | | |
|---|---|---|---|
| 1. | Name of the work. | :- | 1. Consultancy services for preparation of DPR for the project "Laying of Distribution Pipe line in Uncovered area of Jharsuguda Municipality under GAP closing for Universal coverage of Water Supply" under DMF funding. 2. Consultancy services for preparation of DPR for the project "Laying of distribution pipe line in the uncovered areas of Brajrajnagar & Belpahar Municipality under GAP closing for Universal Coverage of water supply" under DMF funding. |
| 2 | Indicative area | | Within Jharsuguda, Brajrajnagar & Belpahar Municipality |
| 3 | Period of completion | :- | 100 (hundred) Days. |
| 4 | Date & time of availability of bid document in the portal | :- | From 11.00 AM of 14.09.19 to 5.00 PM of 27.09.19. |
| 5 | Last date / time of receipt of bids in the portal | :- | 5.00 PM of 27.09.19 |
| 6 | Date & time of opening of Technical proposal | :- | 11.30 AM of 30.09.19 |
| 7 | Name and address of the Officer Inviting Bid | :- | The Executive Engineer, P.H. Division, Jharsuguda 768204, Odisha. email:eephjsg@gmail.com |

Further details can be seen from e-procurement portal https:// www.tendersodisha.gov.in

13057/11/0002/1920 Sd/- Executive Engineer, PH. Division, Jharsuguda

## ଗେଣ୍ଡୁଫୁଲ



ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଆଫ୍ରିକୀୟ ଗେଣ୍ଡୁର କିସମ ଗୁଡିକ ଯଥା–ଜାଏଣ୍ଟବଲ,ଆଫ୍ରିକାନ୍ ଅରେଞ୍ଜ, ଏରଲି ଏଲୋ,ଏରଲି ଅରେଞ୍ଜ, ସେରାକୋଲା, ଆଫ୍ରିକଟ୍, ସନ୍‌ଜାଏଣ୍ଟ,କ୍ରାଉନ୍‌ଅଫ୍ ଗୋଲ୍ଡ,ସ୍ୱନ୍ ଗୋଲ୍ଡ,କ୍ୟୁପିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ଦିନର ତଳି ବା ଡାଳ କଲମୀ ଉପରବେଳା ରୁଅନ୍ତୁ। ତଳିକୁ ଧାଡିକୁ ଧାଡି ୩୦ ସେ.ମି ଓ ଗଛକୁ ଗଛ ୨୦ସେ.ମି ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲ୍‌କା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ୪୦କି.ଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

## ଚିନାବାଦାମ ଅମଳ ଅବସ୍ଥା ଆସିବା ବେଳେ

ସଅଳ ଲଗାଯାଇଥିବା ଚିନା ବାଦାମ ଫସଲ ଅମଳ ଅବସ୍ଥାରେ ଅଛି। ଚିନାବାଦାମ ଫଳର ଭିତର ଶୀରା କଳାପଡିଥିଲେ ପାକଳ ହୋଇଥିବା ଜଣାପଡେ। ଏହି ସମୟରେ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ରହିଥିଲେ ପତ୍ରପୋଡା ଲାଗିବାର ଆଶଙ୍କା ରହିଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ମାତ୍ର ଫସଲ ଅମଳ ଅବସ୍ଥାକୁ ଆସିଥିଲେ ଏହା ପ୍ରୟୋଗ କରନ୍ତୁ ନାହିଁ। ବାଦାମ ଫସଲରେ ଟୀକା ଓ ମୂଳସଢ଼ା ରୋଗ ହେବାର ଆଶଙ୍କା ଥାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ମିଶ୍ରଣକୁ ୨ଗ୍ରାମ୍ ହିସାବରେ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ।





# ଗୋରୁଙ୍କ ଫାଟୁଆ ରୋଗ ନିୟନ୍ତ୍ରଣ



ଡା. ବୀର କିଶୋର ପରିଡ଼ା



ଫାଟୁଆ ଏକ ମାରାତ୍ମକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ବିଭିନ୍ନ କ୍ଷୁରାଯୁକ୍ତ ଗୃହପାଳିତ ପ୍ରାଣୀ ଯଥା ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରି ଏହି ରୋଗରେ ସଂକ୍ରମିତ ହେବା ସହିତ ବିଭିନ୍ନ ବନ୍ୟପ୍ରାଣୀ ଯଥା – ଚମରୀ ଗାଈ, ହାତୀ ଆଦି ମଧ ପୀଡ଼ିତ ହୋଇଥାନ୍ତି । ଘୁଷୁରିମାନେ ମଧ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ଉଭୟ ବଡ଼ ଓ ଛୋଟ ଘୁଷୁରି ଛୁଆ ବିଶେଷ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

**ଲକ୍ଷଣ:** ଶାରୀରିକ ଉତ୍ତାପ ୧୦୨ରୁ ୧୦୫ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧି ଘଟେ । ପାଟିରୁ ଅତ୍ୟଧିକ ଲାଳ ନିର୍ଗତ ହେବା ସହିତ ନାକରୁ ପତଳା ସିଂଘାଣୀ ବାହାରେ । ପାଟି, ଜିଭ, ନାକ, ଗୋଡ଼ କ୍ଷୁରା ମଝିସନ୍ଧି ଓ ପହ୍ନା ବା ଚିରରେ ନାଲି ଫୋଟକା ହୋଇ ଏହା ଫାଟିଯିବା ଦ୍ୱାରା ଘା' ସୃଷ୍ଟି ହୁଏ । ଗୋଡ଼ର ଦୁଇ କ୍ଷୁରା ମଝିସନ୍ଧି ଓ ଏହାର ଉପର ଅଂଶରେ ଘା' ବା କ୍ଷତ ସୃଷ୍ଟି ହୁଏ। ସଂକ୍ରମିତ ଗୋରୁ ଦୁର୍ବଳ ଦିଶନ୍ତି। ଚାଲିବାରେ କଷ୍ଟ ଅନୁଭବ କରନ୍ତି। ପାଟି ଓ ଜିଭରେ ଘା' ସୃଷ୍ଟି ହେବା ଯୋଗୁ ଖାଦ୍ୟ ଖାଇପାରନ୍ତି ନାହିଁ। ଗାଈ ଓ ମଇଁଷି ହଠାତ୍ ଦୁଗ୍ଧ ଦେବା କମେଇ ଦିଅନ୍ତି । ବଳଦଙ୍କ କାର୍ଯ୍ୟଦକ୍ଷତା କମିଯାଏ । ପ୍ରାପ୍ତ ବୟସ୍କ ଗୋରୁ ଏହି ରୋଗରେ ପୀଡ଼ିତ ହୋଇ ଆରୋଗ୍ୟଲାଭ କରୁଥିବାବେଳେ ସଙ୍କର ଜାତୀୟ ଛୋଟ ବାଛୁରି ଏହି ରୋଗରେ ସଂକ୍ରମିତ ହେଲେ ହୃତ୍‌ପିଣ୍ଡରେ ମାଂସପେଶୀ ସଂକ୍ରମିତ ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଫାଟୁଆ ରୋଗରେ ପୀଡ଼ିତ ଗୋରୁଙ୍କ ଯତ୍ନ ନେଲେ ଖୁବ୍‌ଶୀଘ୍ର ଆରୋଗ୍ୟଲାଭ କରନ୍ତି। ନଚେତ୍ ଏହି ରୋଗରୁ ଭଲହେବା ପାଇଁ ଅଧିକଦିନ ଲାଗିଥାଏ। କ୍ଷେତ୍ରୀୟ ସ୍ତରରେ ଦେଖାଯାଇଛି ଯେ – ଫାଟୁଆ ରୋଗରେ ସଂକ୍ରମିତ ପ୍ରାପ୍ତ ବୟସ୍କ ଗୋରୁ ବେଳେବେଳେ ଜୀବାଣୁଜନିତ ପାଶ୍ଚୁରେଲୋସସ୍ ସଂକ୍ରମଣ ଯୋଗୁ କାଁ ଭାଁ ମୃତ୍ୟୁବରଣ କରିବାର ଆଶଙ୍କା ଥାଏ ।

**ଚିକିତ୍ସା:** ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମ ପାଣି (୧୦୦ଗ୍ରାମ୍ ଖାଇବା ସୋଡ଼ା ସହିତ ୧ ଲିଟର ପାଣି)ରେ ପାଟି ଭିତର ଓ ଗୋଡ଼ର କ୍ଷୁରା ଘା', ପହ୍ନାର ଚିର ଘା' କୁ ଦିନକୁ ଥରେ ଭଲଭାବେ ଧୋଇଦେବା ଆବଶ୍ୟକ । ପାଟିରେ ଘା' ହୋଇଥିଲେ ଘା' କୁ ଉପରୋକ୍ତ ଦ୍ରବଣରେ ଧୋଇ ସାରିବା ପରେ ବୋରୋଗ୍ଲିସେରିନ୍ ତରଳ (ଗ୍ଲିସେରିନ୍ ୮୫୦ମି.ଲି ଓ ବୋରିକ୍ ପାଉଡର ୧୨୦ ଗ୍ରାମ ମିଶ୍ରଣରେ ପ୍ରସ୍ତୁତ) ଜିଭ ଘା' ଉପର, ଦାନ୍ତମୂଳ ଘା' ଓ ପାଟିରେ ଲଗାଇବା ଦରକାର । ଏହିପରି ଭାବେ ୩–୫ ଦିନ ପର୍ଯ୍ୟନ୍ତ ଅନ୍ୟୂନ ପାଟିରେ ଲଗାଇବା ପ୍ରୟୋଜନ । ମହୁ ସହିତ ମାଣ୍ଡିଆ (ରାଗି) ଗୁଣ୍ଡ ମିଶାଇ ଜିଭରେ ଲଗାଇଲେ ମଧ ଉପଶମ ମିଳେ। ଗୋରୁ ଏହି ଫାଟୁଆ ରୋଗରେ ଅତ୍ୟଧିକ ପୀଡ଼ିତ ହେଲେ ୩–୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଆଣ୍ଟିବାଓଟିକ୍ସ ଯଥା– ଟେଟ୍ରାସାଇକ୍ଲିନ୍, ଡାଇକ୍ରିଷ୍ଟିସିନ୍ ଇତ୍ୟାଦି ଇଞ୍ଜେକସନ୍ ସହିତ ଦରଜ ଓ ଜ୍ୱର କମାଇବା ପାଇଁ ଆନାଲଜେସିକ୍ ଓ ଆଣ୍ଟିପାଇରେଟିକ୍ ଆଦି ଔଷଧ ଇଞ୍ଜେକସନ୍ ଆକାରରେ ଦେଲେ ଗୋରୁଙ୍କୁ ଆରାମ ମିଳେ।

ଏତଦ୍‌ବ୍ୟତୀତ, ଗୋଡ଼ରେ ଘା' ହୋଇଥିଲେ, ଘା'କୁ ଖାଇବା ସୋଡ଼ା କିମ୍ବା ପୋଟାସିୟମ୍ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଭଲ ଭାବେ ଧୋଇବା ପରେ ମାଛି ନ ବସିବା ପାଇଁ ବିଭିନ୍ନ ମଲମ ଯଥା ହିମାକ୍ସ, ସ୍କାଭନ୍, ଡ୍ରେସଲ୍ ସ୍ପ୍ରେ, ନିମ୍ବ ତେଲ, ଡ୍ରାଏ ଡ୍ରେସିଂ ପାଉଡ଼ର ଆଦି ଔଷଧ ଲଗାଇଲେ ଗୋଡ଼ ଘା' ଶୀଘ୍ର ଭଲହୁଏ । ଗୋଡ଼ରେ ପୋକ ହୋଇଥିଲେ, ଟର୍‌ପେଣ୍ଟାଇନ୍ ଅଏଲ (ତେଲ) ସଂକ୍ରମିତ ପୋକରା ଘା'ରେ ପକାଇଲେ ପୋକ ଆପେ ଆପେ ବାହାରିଯାଏ ବା ମରିଯାଏ ।

ସେହିପରି ଅସୁସ୍ଥ ପ୍ରାଣୀଙ୍କୁ ଚାଉଳ, ଗହମ ଓ ମାଣ୍ଡିଆ ଗୁଣ୍ଡ ସମ ପରିମାଣରେ ପାଣିରେ ସିଝାଇ ପେଯ ଆକାରରେ ଦୈନିକ ଖାଇବାକୁ ଦେଲେ ୭–୧୦ ଦିନ ମଧ୍ୟରେ ଦୁଧିଆଳୀ ଗାଈଙ୍କ ଦୁଗ୍ଧ ଦେବା କ୍ଷମତା ପୂର୍ବାବସ୍ଥାକୁ ଫେରିଆସେ । ଏଥିସହିତ ଗୁଡ଼ (୧୦–୧୫%), ପୁଷ୍ଟିସାର (କୋଳଥ, ପିଡ଼ିଆ, ମୁଗଚୂନି, ବିରିଚୂନି) ଓ ଧାତବଲବଣ ଆଦି ଖାଇବାକୁ ଦେଲେ ସଂକ୍ରମିତ ଗୋରୁ ଓ ମଇଁଷି ଶୀଘ୍ର ଆରୋଗ୍ୟଲାଭ ହୋଇଥାନ୍ତି।

**ରୋଗ ନିୟନ୍ତ୍ରଣ:** ରାଜ୍ୟରେ ଫାଟୁଆ ରୋଗର ନିୟନ୍ତ୍ରଣ ଓ ଏହାକୁ ସୀମିତ ରଖିବା ପାଇଁ ନିମ୍ନମତେ ପଦକ୍ଷେପ ଗ୍ରହଣ କରିପାରିବେ।

– ୪ ମାସରୁ ଊର୍ଦ୍ଧ୍ୱ ବୟସ୍କର ସମସ୍ତ ସୁସ୍ଥ ଗୋରୁ ଓ ମଇଁଷିଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ପ୍ରଦାନ କରିବା ଉଚିତ ଏବଂ ପ୍ରତି ୬ ମାସରେ ଥରେ ଏହି ରୋଗ ଟିକା ସମସ୍ତ ପ୍ରାଣୀଙ୍କୁ ଦେବା ଦରକାର ।
– ପ୍ରତି ୪ ମାସରେ ଥରେ ପ୍ରାଣୀଙ୍କ ମଳ ପରୀକ୍ଷା କରି କୃମିନାଶକ ଔଷଧ ଡାକ୍ତରଙ୍କ ପରାମର୍ଶ କ୍ରମେ ଦେବା ଜରୁରୀ।
– ପ୍ରାଣୀଙ୍କୁ ଫାଟୁଆ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ଗୋରୁ ରହୁଥିବା ଗୁହାଳ ବା ଫାର୍ମର ଜୈବ–ନିରାପତ୍ତା ଓ ଜୈବ–ନିରାପଦ ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ ।
– ବାହାରୁ ଆସୁଥିବା ନୂତନ ପ୍ରାଣୀଙ୍କୁ ଅନ୍ୟୂନ ୨୧ ଦିନ ବାହାରେ ଅଲଗା ରଖିବା ପରେ (କ୍ୱାରେଣ୍ଟାଇନ୍) ରୋଗ ନ ଥିଲେ ସୁସ୍ଥ ପ୍ରାଣୀଙ୍କ ସହିତ ମିଶାଇବା ପ୍ରୟୋଜନ ।
– ସଂକ୍ରମିତ ଫାର୍ମ ମଧ୍ୟକୁ ଯେତେ ସମ୍ଭବ କମ୍ ସଂଖ୍ୟକ ଲୋକ ଚଳାଚଳ କରିବା ଦରକାର ।
– ସଂକ୍ରମିତ ଅଞ୍ଚଳରୁ ଖାଦ୍ୟ, ନଡ଼ା, କୁଟା, କୁଣ୍ଡା, ପାଣି ଆଦି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦେବା ଅନୁଚିତ ।
–ଡାକ୍ତରଖାନାକୁ ନ ଆଣି ସଂକ୍ରମିତ
–ଫାଟୁଆ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ସଂକ୍ରମିତ ଗୋଚରରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ ।
– ଫାଟୁଆ ରୋଗ ସଂକ୍ରମିତ ଅଞ୍ଚଳରେ ମଶା, ଡାଆଁଶ ଓ ଟିଙ୍କ ମାଧ୍ୟମରେ ବିଶେଷ କରି ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଅନ୍ୟାନ୍ୟ ଏକକୋଷୀ ପ୍ରାଣୀଜନିତ ରକ୍ତକୃମି ରୋଗ ଯଥା – ଥେଇଲେରିଆ, ସରା ଆଦି ରୋଗ ହେବାର ଆଶଙ୍କା ଥାଏ। ତେଣୁ ଏହି ରକ୍ତକୃମି ରୋଗର ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇନେବା ଆବଶ୍ୟକ । ରକ୍ତ ପରୀକ୍ଷାରେ ରକ୍ତକୃମି ବାହାରିଲେ ଫାଟୁଆ ରୋଗର ଚିକିତ୍ସା କରିବା ସହିତ ରକ୍ତକୃମିର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କ୍ରମେ କରିବା ଜରୁରୀ।
–ଫାଟୁଆ ରୋଗ ନ ହେବା ପାଇଁ ଶହେ ପ୍ରତିଶତ ପ୍ରାଣୀଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ ।

*ମୋ: ୯୪୩୭୬୦୭୩୧୨*

### କ'ଣ କରିବେ

– ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ତୁରନ୍ତ ଜଣାନ୍ତୁ।
– ଅସୁସ୍ଥ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖନ୍ତୁ।
– ରୋଗ ନ ବ୍ୟାପିବା ପାଇଁ ୪% ଖାଇବା ସୋଡ଼ା ଦ୍ରବଣ ସିଞ୍ଚନ (୪୦୦ଗ୍ରାମ ସୋଡ଼ିୟମ୍ ବାଇ କାର୍ବୋନେଟ ସହିତ ୧୦ ଲିଟର ପାଣିରେ) କିମ୍ବା ଲାଇମ୍ ବା ବ୍ଲିଚିଂ ପାଉଡ଼ର ଅନ୍ୟୂନ ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକଦିନ ଗୁହାଳ ଭିତରେ, ବାହାରେ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ପକାନ୍ତୁ।
– ସଂକ୍ରମିତ ପ୍ରାଣୀଙ୍କ ସହିତ ମିଶୁଥିବା ଲୋକଙ୍କ ହାତ, ଜୋତା, ପୋଷାକ ଆଦିକୁ ୪% ଖାଇବାସୋଡ଼ା ମିଶ୍ରିତ ପାଣିରେ ଧୁଅନ୍ତୁ।
– ପ୍ରଥମେ ସୁସ୍ଥ ଗାଈ ବା ମଇଁଷିଙ୍କଠାରୁ ଦୁଗ୍ଧ ଦୁହିଁବା ପରେ ସଂକ୍ରମିତ ଗାଈର ଦୁଗ୍ଧ ଦୁହିଁବା ଆବଶ୍ୟକ ଏବଂ ଦୁହିଁବା ପରେ ହାତକୁ ଭଲଭାବେ ବିଶୋଧକ ଦ୍ରବଣରେ ଧୁଅନ୍ତୁ।
– ଦୁଗ୍ଧ ଦୁହିଁବା ପାତ୍ରକୁ ୪% ସୋଡ଼ିୟମ୍ କାର୍ବୋନେଟ ବା ସୋଡ଼ା ପାଣିରେ ଧୋଇଦେବା ଆବଶ୍ୟକ।
– ସଂକ୍ରମିତ ଗ୍ରାମର ଚତୁଃପାର୍ଶ୍ୱ ଅଞ୍ଚଳ ବା ଗ୍ରାମରେ ଫାଟୁଆ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ। ଟିକା ଦେବା ସମୟରେ ଅଲଗା ଅଲଗା ଛୁଞ୍ଚି ବ୍ୟବହାର କରିବା ଆବଶ୍ୟକ।
– ଯାନବାହନଗୁଡ଼ିକୁ ଫାର୍ମଠାରୁ ଦୂରେଇ ରଖନ୍ତୁ।


### କ'ଣ କରିବେ ନାହିଁ

– ଗୋଟିଏ ସାଧାରଣ ସ୍ଥାନରେ ପ୍ରାଣୀ ବା ଗୋରୁଙ୍କୁ ବାରମ୍ବାର ଚରିବାକୁ ଛାଡ଼ନ୍ତୁ ନାହିଁ।
– ଗୋଟିଏ ଜଳାଶୟକୁ ପାଣି ପିଇବା ପାଇଁ ଛାଡ଼ନ୍ତୁ ନାହିଁ । ଗୋରୁଙ୍କ ପିଇବା ପାଣିରେ ୨% ଖାଇବାସୋଡ଼ା ମିଶାନ୍ତୁ।
– ଆପାତତଃ ସୁସ୍ଥ ପ୍ରାଣୀଙ୍କଠାରୁ ଅସୁସ୍ଥ ପ୍ରାଣୀଙ୍କୁ ଅଲଗା ରଖନ୍ତୁ।
– ସଂକ୍ରମିତ ଗୋରୁଙ୍କ ଯତ୍ନ ନେଉଥିବା ମନୁଷ୍ୟ ମାଧ୍ୟମରେ ସୁସ୍ଥ ପ୍ରାଣୀଙ୍କୁ ଏହା ବ୍ୟାପିବାର ଆଶଙ୍କା ଥାଏ। ତେଣୁ ସେମାନଙ୍କ ଚଳାଚଳ ସୀମିତ ରଖନ୍ତୁ।
– ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ ବା ଚାଷ କାମରେ ଲଗାନ୍ତୁ ନାହିଁ।
– ସଂକ୍ରମିତ ଅଞ୍ଚଳରୁ ନୂତନ ପ୍ରାଣୀ କ୍ରୟ କରି ଆଣି ସୁସ୍ଥ ପ୍ରାଣୀଙ୍କ ସଙ୍ଗେ ମିଶାଇବା ଉଚିତ ନୁହେଁ।
– ସଂକ୍ରମିତ ଅଞ୍ଚଳରୁ ଗୋରୁଙ୍କ ଖାଦ୍ୟ ଯଥା – ନଡ଼ା, କୁଟା, କୁଣ୍ଡା, ଚୋକଡ଼, ଘାସ ଆଦି ଆଣି ସୁସ୍ଥ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ।
–ସୁସ୍ଥ ଅଞ୍ଚଳର ଗୋରୁଙ୍କୁ ଅସୁସ୍ଥ ଅଞ୍ଚଳର ଗୋରୁଙ୍କ ସହିତ ମିଶିବାକୁ ଦିଅନ୍ତୁ ନାହିଁ।

## କୃଷି ଯୋଜନା

ଆମ ରାଜ୍ୟରେ କୃଷକ ତଥା କୃଷି ପରିବାରର ଉନ୍ନତି ଓ ଆର୍ଥିକ ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୨୦୧୯–୨୦ ବର୍ଷ ନିମନ୍ତେ ପ୍ରବର୍ତ୍ତିତ ହୋଇଛି। ରାଜ୍ୟ ଯୋଜନାଗୁଡ଼ିକ ୭ଟି ବର୍ଗରେ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ୬ଟି ବର୍ଗରେ ରଖାଯାଇଛି। ରାଜ୍ୟ ଯୋଜନାର ବର୍ଗଗୁଡ଼ିକ ହେଲା– ଫସଲ ଉତ୍ପାଦନ ପରିଚାଳନା (ତନ୍ମଧ୍ୟରେ ଇନ୍‌ପୁଟ୍ ବା ଉପାଦାନ ଉପରେ ରିହାତି, ସାର, ସମନ୍ୱିତ କୃଷି, ଆଖୁ ବୈଷୟିକ ମିଶନ, କପା ବୈଷୟିକ ମିଶନ, ଫସଲ ବୀମା, ଜୈବିକ କୃଷି, ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା, ଫସଲ ସଂରକ୍ଷଣ ପ୍ରୋତ୍ସାହନ, ଅଣଧାନ ଉପରେ ଗୁରୁତ୍ୱ ଆଦି), କୃଷି ଯାନ୍ତ୍ରିକୀକରଣ ଓ ଅର୍ଥ ବିନିଯୋଗ, କୃଷି ତାଲିମ୍, ଭୂପୃଷ୍ଠ ଓ ଭୂତଳ ଜଳର ସୁବ୍ୟବହାର, ବିଜୁ କୃଷକ କଲ୍ୟାଣ ଯୋଜନା, କୃଷି ଶିକ୍ଷା ଓ ଯୋଗାଯୋଗ ଏବଂ କୃଷକ କଲ୍ୟାଣ ଯୋଜନା ସବୁ ରହିଛି। ସେହିପରି କେନ୍ଦ୍ରୀୟ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ତୈଳବୀଜ ଓ ତାଳତେଲ ମିଶନ, ଚିରପୋଷ୍ୟମାନ କୃଷିର ଜାତୀୟ ମିଶନ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲିଜାତୀୟ, ମୋଟା ଶସ୍ୟ –ମକା ଓ ମାଣ୍ଡିଆ, ନ୍ୟୁଟ୍ରିଶସ୍ୟ, ବାଣିଜ୍ୟିକ ଫସଲ– କପା, ଝୋଟ ଓ ଆଖୁ ଏବଂ ତୈଳବୀଜ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ବିଶେଷକରି ପୂର୍ବ ଭାରତର ଦ୍ୱିତୀୟ ସବୁଜ ବିପ୍ଳବ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟରେ ପ୍ରଚଳିତ ହୋଇଛି।

***ରାଜ୍ୟ ଯୋଜନା:*** ଫସଲ ଉତ୍ପାଦନ ପରିଚାଳନାରେ ଧାଡ଼ି ବୁଣା/ରୁଆ ଧାନ ଚାଷରେ ହେକ୍ଟର ପ୍ରତି ୧୫୪୦ ଟଙ୍କାର ପ୍ରୋତ୍ସାହନ ଦିଆଯାଇଥାଏ। ବିହନ ବିଶୋଧନ ଲାଗି ବିଶୋଧକ



କିଣାରେ ହେକ୍ଟର ପ୍ରତି ୬୨.୫୦ ଟଙ୍କା ରିହାତି ରହିଛି। ସମନ୍ୱିତ କୃଷି ପ୍ରୋତ୍ସାହନରେ ପ୍ରକଳ୍ପ ପ୍ରତି ୧ଲକ୍ଷ ଟଙ୍କାର ସହାୟତା/ ରିହାତି ରଖାଯାଇଛି। ରାଜ୍ୟର ୭ଟି ଆଦିବାସୀ ଅଧ୍ୟୁଷିତ ଜିଲାର ଚିହ୍ନଟ ହୋଇଥିବା ୩୦ଟି ବ୍ଲକରେ ଲଘୁ ଶସ୍ୟ ଉତ୍ପାଦନ ନିମନ୍ତେ (କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ନୂଆପଡ଼ା ଜିଲା) ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯାଇଛି। ତାହା ପାର୍ଶ୍ୱବର୍ତ୍ତୀ ୧୪ଟି ଜିଲାର ୭୨ଟି ବ୍ଲକକୁ ସଂପ୍ରସାରଣ ନିମନ୍ତେ ଯୋଜନା ହୋଇଛି। ଏହି ଯୋଜନା ମାଧ୍ୟମରେ ଆଦିବାସୀ/ଅନୁସୂଚିତ ଜନଜାତି ପରିବାରର ପୋଷଣ ସୁରକ୍ଷିତ ହୋଇପାରିବ ତଥା ପରିବାରର ଆର୍ଥିକ ସମ୍ବଳ ବୃଦ୍ଧି ପାଇବ। ଗ୍ରାମୀଣ ତଥା ସହରୀ ବଜାରକୁ ଲଘୁଶସ୍ୟର ବିକ୍ରିବଟା ମଧ୍ୟ ଏହାର ଅଂଶଭାବେ ପାଳିତ ହେବ। (କ୍ରମଶଃ....)

***–ଡ. ପରେଶ କୁମାର ପଣ୍ଡା,** ସହକାରୀ କୃଷି ଅଧିକାରୀ,ଭୁବନେଶ୍ୱର,*
*ମୋ: ୭୨୦୫୦୯୬୦୮୦*

# ପ୍ରାକ୍ ରବିଋତୁରେ ମୁଗ ଓ ବିରି ଚାଷ



**ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ**

ପ୍ରାକ୍ ରବିଋତୁ ଅର୍ଥାତ୍ ବର୍ଷାଋତୁ ସରିଯାଉଥିବ ଏବଂ ରବିଋତୁ ଆରମ୍ଭ ହେବା ପୂର୍ବ ସମୟକୁ ବୁଝାଇଥାଏ। ଏହି ସମୟରେ ବର୍ଷାର ବଳ ହଟିଯାଇ ଥିବାରୁ ଢିପ ଜମିର ଧାନ ଓ ବିଆଳି ଧାନ ଅମଳ ହୋଇଯାଇଥାଏ। ପ୍ରାକ୍ ରବିଋତୁରେ ମୁଗ ଓ ବିରି ଫସଲ ଚାଷ କରାଯାଇପାରେ। ଢିପ ଓ ମଧ୍ୟମ କିସମ ଜମିର ଦୋରସା, ଲାଲ ଓ ମଟାଳ ମାଟିରେ ମୁଗ ବିରି ଫସଲ ଭଲ ହୁଏ। ନିଗିଡା ଦୋରସା, ପଟୁ ମାଟିରେ ମୁଗ ବିରି ଫସଲ ଭଲ ଅମଳ ଦେଇଥାଏ। ବିରି ଚାଷ ପାଇଁ ମାଟି ଲୁଣି କିମ୍ବା କ୍ଷାରୀ ହେବା ଉଚିତ ନୁହେଁ। ବିରି ପାଇଁ ମାଟିର ପିଏଚ୍ ୪.୭ ରୁ ୭.୫ ହେବା ବାଞ୍ଛନୀୟ। ମୁଗ ଓ ବିରି ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଭଲ। ପ୍ରାକ୍ ରବିଋତୁରେ ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ମୁଗ ବୁଣିବା ଆବଶ୍ୟକ। ଅକ୍ଟୋବର ମାସର ପ୍ରଥମ ସପ୍ତାହରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣା ହୋଇଥିବା ମୁଗ ଭଲ ଅମଳ ଦିଏ। ପ୍ରାକ୍ ରବିଋତୁରେ ଅଗଷ୍ଟଠାରୁ ଅକ୍ଟୋବର ମାସ ମଧ୍ୟରେ ବିରି ବୁଣାଯାଇ ପାରିବ। ପ୍ରାକ୍ ରବି ଋତୁରେ ଧଉଳି, ସୁଜାତା, ଜ୍ୟୋତି ପିଡିଏମ୍ ୫୪ ଇତ୍ୟାଦି ଉନ୍ନତ କିସମର ମୁଗ ବିହନ ବୁଣିବା ଆବଶ୍ୟକ, ଯାହା କି ୬୦ରୁ ୭୦ ଦିନ ମଧ୍ୟରେ ଅମଳ ହୋଇଥାଏ। ସେହିଭଳି ପ୍ରାକ୍ ରବିଋତୁରେ ଟି–୯, ଶାରଳା, ପିୟୁ–୩୦, ପିୟୁ–୩୫ ଇତ୍ୟାଦି ଉନ୍ନତ କିସମର ବିରି ବିହନ ବାଛନ୍ତୁ, ଯାହା କି ୬୫ରୁ ୭୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଏକର ପ୍ରତି ୧୦ କିଗ୍ରା ମୁଗ ବିହନ ଆବଶ୍ୟକ ହେଉଥିବା ସ୍ଥଳେ ୧୦ରୁ ୧୨ କିଗ୍ରା ବିରି ବିହନ ଦରକାର ହୋଇଥାଏ। ଧାନ କାଟିବା ପୂର୍ବରୁ ଛଟା ଫସଲ ରୂପେ ବିରି ବୁଣୁଥିଲେ ଏକର ପ୍ରତି ୧୨ରୁ ୧୬ କିଗ୍ରା ବିହନ ବ୍ୟବହାର କରିବା ପ୍ରୟୋଜନ। ମୁଗ ଓ ବିରି ବୁଣିବାର ୭ ଦିନ ପୂର୍ବରୁ ୧ କିଲୋଗ୍ରାମ ବିହନ ପିଛା ୩ ଗ୍ରାମ କ୍ୟାପଟାନ କିମ୍ବା ଥିରାମ ଗୁଣ୍ଡ ମିଶାଇ ବିଶୋଧନ କରନ୍ତୁ। ମୁଗ ଓ ବିରି ଫସଲ ଛୁଇଁ ଜାତୀୟ ଫସଲ ହୋଇଥିବାରୁ ପ୍ରାକୃତିକ ଉପାୟରେ ଗଛ ଭୂମିରୁ ଯବକ୍ଷାରଯାନ ଆହରଣ କରିବା ଲାଗି ରାଇଜୋବିୟମ୍ ଜୀବାଣୁ କଲଚରରେ ମୁଗ ଓ ବିରି ବିହନକୁ ଉପଚାର କରନ୍ତୁ। ୨୦୦ ଗ୍ରାମ ବୀଜାଣୁ କଲଚରରେ ୫୦ ଗ୍ରାମ ଗୁଡରୁ ପ୍ରସ୍ତୁତ ହୋଇଥିବା ୫୦୦ ମିଲି ଲିଟର ଗୁଡ ପାଣି ଗୋଳାଇ ଏବଂ ସେଥିରେ ୧୦ ଗ୍ରାମ ଆମୋନିୟମ ମଲିବଡେଟ୍ କିମ୍ବା ସୋଡିୟମ ମଲିବଡେଟ୍ ମିଶାଇ ଦ୍ରବଣରେ ଭଲ ଭାବରେ ୧୦ କେଜି ମୁଗ ବା ବିରି ବିହନକୁ ଗୋଳାନ୍ତୁ ଓ ଛାଇରେ ଶୁଖାଇ ଦିଅନ୍ତୁ। ଉପର ବେଳା ଉପଚାରିତ ବିହନକୁ ଜମିରେ ବୁଣନ୍ତୁ।

ଜମିକୁ ଭଲ ଭାବରେ ଚାଷ କରି ଘାସ ବାଛି ମାଟିକୁ ଗୁଣ୍ଡ କରନ୍ତୁ। ଏକର ପ୍ରତି ୪–୫ ଗାଡି ଶଢ଼ା ଗୋବର ଖତ ଜମିରେ ପ୍ରୟୋଗ କରନ୍ତୁ। ଶେଷ ସମୟରେ ଏକର ପିଛା ୩୫ କିଲୋ ଡିଏପି ଓ ୧୩ କେଜି ପଟାସ୍ ସାର ମାଟିରେ ମିଶାଇ ଦିଅନ୍ତୁ।

ମୁଗ ଓ ବିରି ଫସଲକୁ ଛଟା ବୁଣା କିମ୍ବା ଧାଡିରେ ମଧ ଲଗାଯାଇପାରେ। ଧାଡିରେ ଲଗାଉଥିଲେ ଧାଡିକୁ ଧାଡି ୧ ଫୁଟ ଏବଂ ଗଛକୁ ଗଛ ୪ ଇଞ୍ଚ ବ୍ୟବଧାନରେ ବିହନ ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ଫସଲକୁ କୋଡା ଖୁସା କରନ୍ତୁ । ଧାଡିରେ ବୁଣିଥିଲେ ଘାସ ମରା ଔଷଧ ମଧ ପ୍ରୟୋଗ କରାଯାଇପାରେ। ଠିକ୍ ସମୟରେ ରୋଗ ପୋକ ନିୟନ୍ତ୍ରଣ ଲାଗି ରାସାୟନିକ ଔଷଧ ବ୍ୟବହାର କରନ୍ତୁ। ଛୁଇଁଗୁଡିକ କଳା ହୋଇଗଲେ ଅମଳ କରନ୍ତୁ ।

ଅମଳ ହୋଇଥିବା ମୁଗ ଓ ବିରିକୁ ଭଲ ଭାବରେ ଖରାରେ ଶୁଖାଇ କୁଇଣ୍ଟାଲ ପିଛା ୨୦୦ ଗ୍ରାମ ସୋରିଷ କିମ୍ବା ରାଶି



ତେଲ ଗୋଳାଇ ସାଇତି ରଖିଲେ ପୋକ କମ ଲାଗିଥାନ୍ତି। ଏକ ଏକର ଜମିରୁ ୪–୬ କୁଇଣ୍ଟାଲ ଅମଳ ମିଳିଥାଏ।

*ମୋ: ୭୮୯୪୩୩୫୩୭୧*

ଧରିତ୍ରୀ
DHARITRI
Dhenkanal, Wednesday, 11 September 2019





ଗ୍ରାହକଙ୍କୁ ଭିଡିଓ ମାଧ୍ୟମରେ ଆକର୍ଷିତ କରି ସାମଗ୍ରୀ ବିକ୍ରି ଯୋଜନାକୁ ମିନ୍ତ୍ରା ଆଗେଇ ନେଉଛି। ଏଥିଲାଗି କମ୍ପାନୀ ଭାରି ମାତ୍ରାରେ ନିବେଶ କରୁଛି।

– ଅମର ନାଗରାମ୍, ମିନ୍ତ୍ରା ଜବଙ୍ଗ୍ ମୁଖ୍ୟ



କଲମ୍ବିଆ ପାସିଫିକ ଗ୍ରୁପ୍ ପକ୍ଷରୁ ବେଙ୍ଗାଲୁରୁଠାରେ ୮୦ କୋଟି ଟଙ୍କା ବ୍ୟୟରେ ସିନିୟର ଲିଭିଂ ରେସିଡେନ୍ସିଆଲ ପ୍ରକଳ୍ପ ନିର୍ମାଣ କରିବ।

– ମୋହିତ ନିରୁଲା, କଲମ୍ବିଆ ପାସିଫିକ କମ୍ୟୁନିଟିଜ ସିଇଓ

## ସଂକ୍ଷେପରେ

### ଅଧସ୍ତନଙ୍କ ୩୮ କୋଟି ହଡ଼ପ

## ଗୋଲ୍ଡମ୍ୟାନ ସାକ୍ସର ଭିପି ଗିରଫ



**ବେଙ୍ଗାଲୁରୁ,୧୦-୯:** ଅନ୍‌ଲାଇନ ପୋକର୍ ଗେମ୍ ଖେଳି ବିଶ୍ୱ ନିବେଶକାରୀ କମ୍ପାନୀ ଗୋଲ୍ଡମ୍ୟାନ ସ୍ୟାକ୍ସର ବେଙ୍ଗାଲୁରୁ ଅଫିସର ଭାଇସ୍ ପ୍ରେସିଡେଣ୍ଟ(ଭିପି) ଅଶ୍ୱିନୀ ଝୁନ୍‌ଝୁନ୍‌ୱାଲା ବହୁ କୋଟି ଟଙ୍କା ହରାଇଛନ୍ତି। ଏହି ଅର୍ଥ ପରିଶୋଧ କରିବାକୁ ଯାଇ ସେ ଅଧସ୍ତନ କର୍ମଚାରୀଙ୍କ ଆକାଉଣ୍ଟକୁ ବ୍ୟବହାର କରି ପ୍ରାୟ ୩୮ କୋଟି ଟଙ୍କା(୫.୪ ମିଲିୟନ ଡଲାର) ହଡପ କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ମରାଠାହାଲି ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। କମ୍ପାନୀର ଆଇନ ବିଭାଗ ମୁଖ୍ୟ ଅଭିଷେକ ପର୍‌ସିରାଙ୍କ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଙ୍କର ସହଯୋଗୀ ବେଦାନ୍ତ ଫେରାର ହୋଇଯାଇଛନ୍ତି। ପ୍ରାରମ୍ଭିକ ଅଭିଯୋଗ ଅନୁଯାୟୀ, ଝୁନ୍‌ଝୁନ୍‌ୱାଲା ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ନିଜ ଅଧୀନରେ ଥିବା ୩ ଜଣ କର୍ମଚାରୀ ଗୌରବ ମିଶ୍ରା, ଅଭିଷେକ ଯାଦବ ଏବଂ ସୁଜିତ୍ ଅପ୍ପୋୟାଙ୍କୁ ବ୍ୟବହାର କରିଥିଲେ। ସେମାନଙ୍କୁ ପ୍ରଶିକ୍ଷଣ ଦେବା ବାହାନାରେ ସେ ନିଜ ଆଡକୁ ଆକର୍ଷିତ କରିଥିଲେ। ଝୁନ୍‌ଝୁନ୍‌ୱାଲା ସେମାନଙ୍କ କମ୍ପ୍ୟୁଟରରୁ ଲଗ୍ ଇନ୍ କରିବା ବେଳେ ଅନ୍ୟ କାମରେ ନିୟୋଜିତ କରିଥିଲେ। ପେମେଣ୍ଟ ଫେରସ୍ତ ପାଇବା ଲାଗି ସେଟେଲ୍‌ମେଣ୍ଟ ରିକନ୍‌ସିଲିଏଶନ ସର୍ଭିସର ଆବଶ୍ୟକତା ରହିଥିବାରୁ ଗୌରବଙ୍କୁ ଏଥିପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୂଆ ନିଯୁକ୍ତି ପାଇଥିବାରୁ ସେ ଏହା ଜାଣି ନ ଥିବା କହିବା ପରେ ଝୁନ୍‌ଝୁନ୍‌ୱାଲା ତାଙ୍କର କମ୍ପ୍ୟୁଟର ବ୍ୟବହାର କରି କମ୍ପାନୀ ଆକାଉଣ୍ଟରୁ ୩୮.୮ କୋଟି ଟଙ୍କା ହଡପ୍ କରିନେଇଥିଲେ। ଆଭ୍ୟନ୍ତରୀଣ ତଦନ୍ତ ପରେ ସେ ସବୁ କଥା ମାନି ଯାଇଥିଲେ। ଗୌରବଙ୍କ କମ୍ପ୍ୟୁଟର ମାଧ୍ୟମରେ ସେ ସେପ୍ଟେମ୍ବର ୪ରେ ହଂକଂସ୍ଥିତ ଇଣ୍ଡଷ୍ଟ୍ରିଆଲ ଆଣ୍ଡ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନାରେ ଥିବା ସିନର୍ଜି ୱିଜ୍‌ଡମ୍ ଲିମିଟେଡ ଆକାଉଣ୍ଟକୁ ଉକ୍ତ ଅର୍ଥ ପଠାଇଥିବା ଝୁନ୍‌ଝୁନ୍‌ୱାଲା ସ୍ୱୀକାର କରିଥିଲେ। ସେ ଅନ୍‌ଲାଇନ ପକର ଖେଳି ୭୦ ହଜାର ଡଲାର ହାରି ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ନିୟନ୍ତ୍ରଣ ପାଇଁ ପ୍ରତିଷ୍ଠା ହେବ ନିୟାମକ

## ତେଜସ୍ ଟ୍ରେନ ଭଡ଼ା ବଢ଼ାଇ ପାରିବେନି ଘରୋଇ ଅପରେଟର




**ନୂଆଦିଲ୍ଲୀ,୧୦-୯:** ଦେଶର ପ୍ରଥମ ଘରୋଇ ଟ୍ରେନ ତେଜସ୍ ଏକ୍ସପ୍ରେସ୍ ଆସନ୍ତା ମାସରେ ଚଳାଚଳ କରିବା ସମ୍ଭାବନା ରହିଛି। ଭାରତୀୟ ରେଳର ସହାୟକ କମ୍ପାନୀ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ(ଆଇଆର୍‌ସିଟିସି)କୁ ତେଜସ୍ ଏକ୍ସପ୍ରେସର ପରିଚାଳନା ଭାର ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ-ଲକ୍ଷ୍ନୌ ଓ ଅହମ୍ମଦାବାଦ୍- ମୁମ୍ବାଇ ମଧ୍ୟରେ ଦୁଇଟି ତେଜସ୍ ଏକ୍ସପ୍ରେସ ଚାଲିବ। ଏହି ଟ୍ରେନରେ ବିମାନ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଆଯିବ। ତେବେ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଘରୋଇ ଅପରେଟର ଯେପରି ଭଡ଼ା ବୃଦ୍ଧି ନ କରିବେ ସେଥିଲାଗି ରେଳ ବିକାଶ ପ୍ରାଧିକରଣର କ୍ଷମତାକୁ ବୃଦ୍ଧି କରାଯାଇ ଏହାକୁ ଏକ ରେଗୁଲେଟର ବା ନିୟାମକ ଭାବେ ଗଠନ କରାଯିବ। ଘରୋଇ ଟ୍ରେନର ଟିକେଟ ମୂଲ୍ୟ ନିର୍ଦ୍ଧାରଣ କରିବା ଏହାର ଦାୟିତ୍ୱ ହେବ। ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବ କହିଛନ୍ତି ଯେ, ଯାତ୍ରୀଙ୍କୁ ସୁବିଧାସୁଯୋଗ ଯୋଗାଇବା କ୍ଷେତ୍ରରେ ଘରୋଇ ଅପରେଟରଙ୍କୁ ସମସ୍ତ ପ୍ରକାର ଅନୁମତି ଦିଆଯାଇଛି। ଇତିମଧ୍ୟରେ ଆଇଆର୍‌ସିଟିସି ପକ୍ଷରୁ ତେଜସ୍ ଏକ୍ସପ୍ରେସର ଯାତ୍ରୀଙ୍କ ପାଇଁ ହୋଟେଲ ବୁକିଂ, ଟ୍ୟାକ୍ସି, ବ୍ୟାଗେଜ ପିକ୍‌ଅପ୍ ଏବଂ ଡ୍ରପ୍ ଭଳି ସୁବିଧା ଯୋଗାଇ ଦିଆଯିବ। ଏହାଛଡ଼ା ଆବଶ୍ୟକ କରୁଥିବା ଯାତ୍ରୀଙ୍କୁ ଆଇଆର୍‌ସିଟିସି ହ୍ୱିଲଚେୟାର ଯୋଗାଇବ।

### ମାନ୍ଦାବସ୍ଥା ଆଣିଛି ଘୋର ସଙ୍କଟ

# ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ସପକ୍ଷରେ

**ନୂଆଦିଲ୍ଲୀ,୧୦-୯**

ଭାରତ ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ପ୍ରଭାବ ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସମସ୍ତ କ୍ଷେତ୍ର ଏବେ ଘୋର ସଙ୍କଟ ଦେଇ ଗତିକରୁଛି। ଫଳସ୍ୱରୂପ ଆଗାମୀ ତୃତୀୟ ତ୍ରୈମାସ(ଅକ୍ଟୋବର-ଡିସେମ୍ବର) ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟି ସମ୍ଭାବନା ନାହିଁ କହିଲେ ଚଳେ। ଏହି ସମୟରେ ମାତ୍ର ୧୯% କମ୍ପାନୀ ନୂଆ ନିଯୁକ୍ତି ଦେବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ୫୨ ପ୍ରତିଶତ ନିଜର କାର୍ଯ୍ୟବଳ ବା କର୍ମଚାରୀ ସଂଖ୍ୟାକୁ ଅପରିବର୍ତ୍ତିତ ରଖିବାକୁ ଚେଷ୍ଟା କରିବେ ବୋଲି ମତପୋଷଣ କରିଛନ୍ତି। ବିଶ୍ୱ ସ୍ତରରେ ହୋଇଥିବା ସର୍ଭେରୁ ଏହା ଜଣାପଡିଛି।

ବିଶ୍ୱର ଏକ ସଂସ୍ଥା 'ମ୍ୟାନପାୱାର ଗ୍ରୁପ୍ ଏମ୍ପ୍ଲଏମେଣ୍ଟ ଆଉଟଲୁକ୍' ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟକୁ ମଙ୍ଗଳବାର ଜାରି କରାଯାଇଛି। କମ୍ପାନୀମାନେ ଅକ୍ଟୋବର-ଡିସେମ୍ବର ମଧ୍ୟରେ ତୃତୀୟ ତ୍ରୈମାସ ମଧ୍ୟରେ ଆର୍ଥିକ ଦୃଶ୍ୟପଟ ଓ ନୂଆ ନିଯୁକ୍ତି ସମ୍ଭାବନା ନେଇ ଆଲୋଚନା କରିଛନ୍ତି। ଏଥିରୁ ଜଣାପଡିଛି ଯେ, କେବଳ ୧୯% ନିଯୁକ୍ତିଦାତା କର୍ମଚାରୀ ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି। ଏହାବ୍ୟତୀତ ୫୨ ପ୍ରତିଶତ କର୍ମଚାରୀ ସଂଖ୍ୟା ବଦଳାଇବାର ଆବଶ୍ୟକତା ନାହିଁ ବୋଲି ମତପୋଷଣ କରିଥିବା ବେଳେ ବର୍ତ୍ତମାନ ନିଯୁକ୍ତିକୁ ନେଇ କିଛି ହେବ ନାହିଁ ବୋଲି ୨୮% ମତ ଦେଇଛନ୍ତି।

### ୪୪ ଦେଶର ୫୯ ହଜାର ନିଯୁକ୍ତିଦାତାଙ୍କୁ ନେଇ ସର୍ଭେ

ମ୍ୟାନ୍‌ପାୱାର ପକ୍ଷରୁ ସାରା ବିଶ୍ୱର ୪୪ ଦେଶର ୫୯ ହଜାରରୁ ଅଧିକ କମ୍ପାନୀଙ୍କ ସହ ନୂଆ ନିଯୁକ୍ତି ନେଇ ଆଲୋଚନା କରାଯାଇଛି। ସର୍ଭେରୁ ଏହା ଜଣାପଡିଛି ଯେ, ଆଗାମୀ ୩ ମାସ ମଧ୍ୟରେ ୪୩ରୁ ୪୪ ଦେଶର ନିଯୁକ୍ତିଦାତାଙ୍କର ନିଜର କର୍ମଚାରୀ ସଂଖ୍ୟା ବଢ଼ାଇବା ଆଶାକରୁନାହାନ୍ତି। ଗତ ତ୍ରୈମାସ ସମ୍ପର୍କରେ ଆଲୋଚନାରୁ ଜଣାପଡୁଛି ଯେ, ୪୪ ଦେଶ ମଧ୍ୟରୁ ମାତ୍ର ୧୫ ଦେଶର କମ୍ପାନୀ ନୂଆ ନିଯୁକ୍ତିକୁ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ୨୩ ଦେଶର ନିଯୁକ୍ତିଦାତା ଦୁର୍ବଳ ରୋଜଗାର ସୃଷ୍ଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଚାଇନାର ମାତ୍ର ୪% କମ୍ପାନୀ ନୂଆ ନିଯୁକ୍ତି ସମ୍ପର୍କରେ ମତପୋଷଣ କରିଛନ୍ତି।



- ୫୨% କର୍ମଚାରୀ ସଂଖ୍ୟା ଅପରିବର୍ତ୍ତିତ ରଖିବେ
- ୨୮%ଙ୍କର ସ୍ଥିତି ଅସ୍ପଷ୍ଟ

### ନୂଆ ନିଯୁକ୍ତିକୁ ନେଇ ଭାରତ ଚତୁର୍ଥ ସ୍ଥାନରେ

ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଅପେକ୍ଷାକୃତ ହାଲୁକା ପରିସଂଖ୍ୟାନ ସତ୍ତ୍ୱେ ଆସନ୍ତା ୩ ମାସ ଭିତରେ ନୂଆ ନିଯୁକ୍ତି ସୃଷ୍ଟିରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିବ ବୋଲି ସର୍ଭେରେ ଅନୁମାନ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ନୂଆ ନିଯୁକ୍ତି ସୃଷ୍ଟିରେ ଜାପାନ ପ୍ରଥମ, ତାଇୱାନ ଦ୍ୱିତୀୟ ଓ ଆମେରିକା ତୃତୀୟ ସ୍ଥାନରେ ରହିବ ବୋଲି ଆଶାକରାଯାଉଛି। ଜାପାନରେ ସର୍ବାଧିକ ୨୬% ନିଯୁକ୍ତିଦାତା ତୃତୀୟ ତ୍ରୈମାସରେ ନୂଆ ଚାକିରି ଦେବାକୁ ଇଚ୍ଛାପ୍ରକାଶ କରିଛନ୍ତି। ଏହାପଛକୁ ତାଇୱାନ ୨୧% ଓ ଆମେରିକାର ୨୦% କମ୍ପାନୀ ନୂଆ ନିଯୁକ୍ତି ଦେବାକ ଚାହୁଁଛନ୍ତି। ମ୍ୟାନ୍‌ପାୱାର ଗ୍ରୁପ୍ ଅଧ୍ୟକ୍ଷ ତଥା ସିଇଓ ଜୋନାସ୍ ପ୍ରାଇସିଙ୍ଗ୍ କହିଛନ୍ତି ଯେ, ସାରା ବିଶ୍ୱରେ ନୂଆ ନିଯୁକ୍ତି ସୃଷ୍ଟିକୁ ନେଇ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳିଛି। କେତେକ ବଡ଼ ଅର୍ଥନୀତି କ୍ଷେତ୍ରରେ ସ୍ଥିତି ଭଲ ରହିଥିବା ବେଳେ ବ୍ରେକ୍‌ଜିଟ୍ ଏବଂ ଶୁଳ୍କକୁ ନେଇ ଚାଲିଥିବା ଟଣାଓଟରା ଯୋଗୁ ଅନ୍ୟ ଦେଶରେ ନୂଆ ନିଯୁକ୍ତିକୁ ନେଇ ମନୋଭାବ ସେପରି ଭଲ ନୁହେଁ।

## ହିରୋ ଆଣିଲା ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ

**ନୂଆଦିଲ୍ଲୀ, ୧୦-୯**



ହିରୋ ମୋଟୋକର୍ପ ପକ୍ଷରୁ ନୂଆ ବିଏସ୍-୬ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ୧୧୦ ମଡେଲକୁ ପ୍ରସ୍ତୁତ ହୋଇଛି। ଯାନଟିକୁ ଡିଲରମାନଙ୍କ ପାଖରେ ସଚେତନତା ଏବଂ ଟ୍ରେନିଂ ଲାଗି ଉପଲବ୍ଧ କରାଯାଇଛି। ଏହାର ବ୍ୟବସାୟିକ ଶୁଭାରମ୍ଭ ଶୀଘ୍ର ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଡିଲର ଏବଂ କର୍ମଚାରୀଙ୍କୁ ମୋଟର ସାଇକେଲ ସମ୍ପର୍କରେ ତାଲିମ ଦେଇ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ବିଏସ୍-୬ ମାନକ ଯୁକ୍ତ ମୋଟର ସାଇକେଲ ଏବଂ ସ୍କୁଟର ଧାର୍ଯ୍ୟ ସମୟ ପୂର୍ବରୁ ବଜାରକୁ ଛାଡିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ମଡେଲର ବଜାର ଦର ବର୍ତ୍ତମାନର ସ୍ପ୍ଲେଣ୍ଡର ଆଇ ସ୍ମାର୍ଟ ମୋଟର ସାଇକେଲଠାରୁ ୧୨ରୁ ୧୫% ଅଧିକ ହେବ ବୋଲି ଆଶା କରାଯାଉଛି। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର ଅଟୋମୋଟିଭ ଟେକ୍ନୋଲୋଜିଠାରୁ ଏହା ବିଏସ୍-୬ ପ୍ରମାଣପତ୍ର ଲାଭ କରିଛି। ଜୟପୁରରେ ଥିବା କମ୍ପାନୀର ସେଣ୍ଟର ଫର ଇନୋଭେସନ ଆଣ୍ଡ ଟେକ୍ନୋଲୋଜିଠାରେ ଏହାକୁ ପ୍ରସ୍ତୁତ କରାଯାଇଛି।

## କୃଷି ଫାଇନାନ୍ସ ଶାଖା ଖୋଲିଲା ଆଲ୍ଲାହାବାଦ ବ୍ୟାଙ୍କ



**କଲିକତା, ୧୦-୯**

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ କୃଷି ଫାଇନାନ୍ସ ଶାଖା ଏବଂ କିଶାନ ପ୍ରଗତି କେନ୍ଦ୍ର ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କିଶାନ ପ୍ରଗତି କେନ୍ଦ୍ର ଲକ୍ଷ୍ନୌ ସମେତ ୪୨ ଅନ୍ୟ ସ୍ଥାନରେ ଉନ୍ମୋଚନ କରିଛନ୍ତି। ଏହାବାଦ ସେ ୩୧ କୃଷି ଫାଇନାନ୍ସ ଶାଖାର ଆରମ୍ଭ କରିଛନ୍ତି। ଲକ୍ଷ୍ନୌର ଫିଲ୍ଡ ଜେନେରାଲ ମ୍ୟାନେଜର ରବୀନ୍ଦ୍ର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ନବୋଦୟ ପ୍ରକଳ୍ପ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୃଷକଙ୍କ ଆୟବୃଦ୍ଧି ଦିଗରେ ନିବେଶ କ୍ରେଡିଟ ମଞ୍ଜୁରୀ ଲାଗି ଏଭଳି ଯୋଜନା କାର୍ଯ୍ୟ କରିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ଡିଜିଟାଲ ମୋଡରେ ଋଣ ମଞ୍ଜୁରୀ କରାଯିବ। ଯୋଜନାର ସଫଳ ରୂପାୟନ ଲାଗି ଅଲ ବ୍ୟାଙ୍କ ଫାର୍ମ ଟେକ୍, ଅଲ୍ ବ୍ୟାଙ୍କ ଗ୍ରୀନ ହାଉସ, ଅଲବ୍ୟାଙ୍କ ହର୍ଟିକଲଚର, ଅଲ୍‌ବ୍ୟାଙ୍କ ଫୁଡ ପ୍ରୋସେସିଂ ଏବଂ ଅଲ୍‌ବ୍ୟାଙ୍କ ଇରିଗେଶନ ଭଳି ଯୋଜନା ଆରମ୍ଭ କରାଯାଇଛି। କିଶାନ ପ୍ରଗତି କେନ୍ଦ୍ରର୨୬୦ କୋଟି ଟଙ୍କାର ୨୩୫ ପ୍ରସ୍ତାବ ମିଳିଛି। ଏହା ମଧ୍ୟରେ ୩୭ ପ୍ରସ୍ତାବରେ ୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି।


## ଷ୍ଟାର୍ଟଅପ୍ ପ୍ରତିଷ୍ଠାରେ ଦିଲ୍ଲୀ-ଏନ୍‌ସିଆର୍ ସର୍ବାଗ୍ରେ

**ନୂଆଦିଲ୍ଲୀ,୧୦-୯**

ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ପ୍ରତିଷ୍ଠା କ୍ଷେତ୍ରରେ ମୁମ୍ବାଇ, ବେଙ୍ଗାଲୁରୁକୁ ପଛରେ ପକାଇ ଦେଇଛି ଦିଲ୍ଲୀ-ଏନ୍‌ସିଆର୍। ଏଠାରେ ଷ୍ଟାର୍ଟଅପ୍‌ଙ୍କ ସଂଖ୍ୟା ୭୦୩୯ରେ ପହଞ୍ଚିଛି ବୋଲି ଜିନୋଭ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। 'ଟର୍ବୋଚାର୍ଜିଂ ଦିଲ୍ଲୀ-ଏନ୍‌ସିଆର୍ ଷ୍ଟାର୍ଟଅପ୍ସ ଇକୋସିଷ୍ଟମ' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତିଷ୍ଠିତ ମୋଟ ଷ୍ଟାର୍ଟଅପ୍ ମଧ୍ୟରୁ ୨୩% କେବଳ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରତିଷ୍ଠା କରାଯାଇଛି। ରିପୋର୍ଟ ଅନୁଯାୟୀ କେବଳ ଦିଲ୍ଲୀରେ ୪୪୯୧, ଗୁରୁଗ୍ରାମରେ ୧୫୪୪ ଏବଂ ନୋଏଡାରେ ୧୦୦୪ ଷ୍ଟାର୍ଟଅପ୍ ରହିଛି। ସେହିପରି ବେଙ୍ଗାଲୁରୁରେ ଏହି ସଂଖ୍ୟା ୫୨୩୪, ମୁମ୍ବାଇରେ ୩୮୨୯ ଓ ହାଇଦ୍ରାବାଦ୍‌ରେ ୧୯୪୦ ରହିଛି। ୨୦୦୯ରୁ ୨୦୧୯ ମଧ୍ୟରେ ନୂଆ କମ୍ପାନୀ ପ୍ରତିଷ୍ଠା ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦, ବେଙ୍ଗାଲୁରୁରେ ୯, ମୁମ୍ବାଇ ଓ ପୁନେରେ ୨ଟି ଲେଖାଏ ଏବଂ ଚେନ୍ନାଇରେ ଗୋଟିଏ ୟୁନିକର୍ନ(ଏକକ ନିୟନ୍ତ୍ରଣରେ ଥିବା ନାମୀଦାମୀ ଷ୍ଟାର୍ଟଅପ୍) କମ୍ପାନୀ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଦିଲ୍ଲୀ-ଏନ୍‌ସିଆର୍ ବିଶ୍ୱ ସ୍ତରରେ ୫ ଶୀର୍ଷ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ ହୋଇପାରିବ।




## ହୋଣ୍ଡାର ଜାତୀୟ ସଡ଼କ ସୁରକ୍ଷା ସଚେତନତା




**ବାଲେଶ୍ୱର, ୧୦-୯**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବାଲେଶ୍ୱରରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଡର୍ନ ପବ୍ଲିକ ସ୍କୁଲଠାରେ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି। ୩ ଦିନ ଧରି ଚାଲିଥିବା କମ୍ପାନୀର ଏହି ସଚେତନତା କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଏବଂ ସଡ଼କ ଶୃଙ୍ଖଳା ଉପରେ ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ପିଲାମାନଙ୍କୁ ଆଗକୁ ଆଇନ ଅନୁପାଳନକାରୀ ନାଗରିକମାନେ ଗଢି ତୋଳିବାରେ ସହାୟକ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ୯୦ ସହରରେ କମ୍ପାନୀ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ୨.୧୦ ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଛି। ସୁରକ୍ଷା ପ୍ରସଙ୍ଗକୁ ହୋଣ୍ଡା ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଆଇଡିବିଆଇର ରେପୋ ଲିଙ୍କଡ୍ ଗୃହ, ଅଟୋ ଲୋନ

**ନୂଆଦିଲ୍ଲୀ, ୧୦-୯**

ଚଳିତ ମାସ ୧୦ରୁ ଗୃହ ଏବଂ ଅଟୋ ଋଣ କ୍ଷେତ୍ରରେ ରେପୋ ଲିଙ୍କଡ ଋଣ ଯୋଗାଣ ନେଇ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ମାସ ୪ରେ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ନୂଆ ଫ୍ଲୋଟିଂ ଖୁଚୁରା ଋଣକୁ ଏକ୍ସଟରନାଲ ବେଞ୍ଚମାର୍କ ସହ ଅକ୍ଟୋବର ୧ରୁ ସଂଯୋଗ କରାଯିବ। ଏଣୁ ସେପ୍ଟେମ୍ବର ୧୦ରୁ ପ୍ରଚଳନ ହେବାକୁ ଥିବା ରେପୋ ସଂଯୋଗୀ ଗୃହ ଋଣ ଅଟୋ ଋଣ ବ୍ୟବସ୍ଥାକୁ ବର୍ତ୍ତମାନ ବ୍ୟାଙ୍କ ପକ୍ଷରୁ ସ୍ଥଗିତ ରଖାଯାଇଛି।

## ୟେସ୍ ବ୍ୟାଙ୍କ ଅଂଶଧନ କିଣିବ ପେଟିଏମ୍

**ନୂଆଦିଲ୍ଲୀ,୧୦-୯**

ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଦେଶର ଅଗ୍ରଣୀ କମ୍ପାନୀ ପେଟିଏମ୍ ଘରୋଇ ୟେସ୍ ବ୍ୟାଙ୍କର ଅଂଶଧନ କିଣିବାକୁ ଯାଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ଅଂଶଧନ କିଣିବିକା ନେଇ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ସହ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କର ଆଲୋଚନା ଚାଲିଛି। ରିଜର୍ଭ ବ୍ୟାଙ୍କର ଅନୁମତି ମିଳିବା ପରେ ନେଣଦେଣ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସୂଚନାଥାଉ କି, ରାଣା କପୁର ଓ ତାଙ୍କ ପରିବାର ନିକଟରେ ୟେସ୍ ବ୍ୟାଙ୍କର ୯.୬% ଅଂଶଧନ ରହିଛି। ତେବେ ଅଂଶଧନ ବିକ୍ରି ନେଇ ବ୍ୟାଙ୍କ ପକ୍ଷରୁ କୌଣସି ଟିପ୍ପଣୀ କରାଯାଇ ନାହିଁ। ଅନ୍ୟପକ୍ଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବନୀତ ଗିଲ୍ କହିଛନ୍ତି ଯେ, ପ୍ରଶାସନ ଓ ନିୟମ ପାଳନ ଉପରେ ବ୍ୟାଙ୍କ ଅଧିକ ଗୁରୁତ୍ୱ ଦେଉଛି। ଉଲ୍ଲେଖଥାଉ କି, ଆର୍‌ବିଆଇ ପକ୍ଷରୁ ପ୍ରସ୍ତୁତ ନିୟମକୁ ୟେସ୍ ବ୍ୟାଙ୍କ ଅଣଦେଖା କରିବା ଯୋଗୁ ରାଣା କପୁରଙ୍କୁ ବ୍ୟାଙ୍କ ଛାଡ଼ିବାକୁ ପଡିଛି।

## ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ

**ନୂଆଦିଲ୍ଲୀ, ୧୦-୯**

ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଇଲେକଟ୍ରୋନିକ୍ସ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ ଏହି ସେବାର ଆରମ୍ଭ କରିଛନ୍ତି। ବ୍ୟାଙ୍କ ନ ଥିବା ବା କମ୍ ସଂଖ୍ୟକ ବ୍ୟାଙ୍କ ଥିବା ଅଞ୍ଚଳରେ ଏହି ସେବା ଦ୍ୱାରା ଗ୍ରାହକ ଲାଭବାନ ହୋଇ ପାରିବେ। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ ବିଭାଗ ସଚିବ ଅନନ୍ତ ନାରାୟଣ ନନ୍ଦ, ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସୁରେଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୁବିଧା ଦ୍ୱାରା ଗ୍ରାମାଞ୍ଚଳରେ ଲୋକମାନେ ସୁବିଧାରେ ଆର୍ଥିକ ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରୀ ରବି ଶଙ୍କର ପ୍ରଶାଦ କହିଛନ୍ତି। ଜନସାଧାରଣଙ୍କ ଦ୍ୱାରଦେଶରେ ସେବା ପହଞ୍ଚାଇବା ଏହା ଦ୍ୱାରା ସହଜ ହେବ ବୋଲି ବ୍ୟାଙ୍କର ସିଇଓ ସୁରେଶ ସେଠୀ କହିଛନ୍ତି। ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଡାକବାଲା ଏବଂ ଗ୍ରାମୀଣ ଡାକ ସେବକଙ୍କ ଦ୍ୱାରା ନୂଆ ସେବା ଲୋକମାନଙ୍କୁ ଯୋଗାଇ ଦିଆଯିବ। ବ୍ୟାଙ୍କିଙ୍ଗ ସେବା ଯେଭଳି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବ ତାହା ଧ୍ୟାନରେ ରହିଛି ବୋଲି ଡାକ ବିଭାଗ ସଚିବ ଏ.ଏନ୍.ନନ୍ଦ କହିଛନ୍ତି।

# ଠିକ୍ ନିବେଶ ଏବେ ଚ୍ୟାଲେଞ୍ଜିଂ ହୋଇଛି

**ଭୁବନେଶ୍ୱର, ୧୦-୯ (ବ୍ୟୁରୋ)**

ବର୍ତ୍ତମାନର ଡିଜିଟାଲ ସମୟରେ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସବୁ କାମ ଅନଲାଇନରେ କରାଯିବା ଆବଶ୍ୟକ। ଅପରପକ୍ଷରେ ଦେଶର ଅଭିବୃଦ୍ଧି ନିମନ୍ତେ ବିନିଯୋଗ କରିବା ମଧ୍ୟ ଜରୁରୀ। ବିନିଯୋଗ ନିମନ୍ତେ କ୍ରୟ ଏବଂ କ୍ରୟ ଲାଗି ବିକ୍ରୟ କୁ ମଧ୍ୟ ବିଚାର କରିବାକୁ ହେବ। ଏଭଳି ସ୍ଥିତିରେ ଠିକ୍ ନିବେଶ କରିବା ଏବେ ଚ୍ୟାଲେଞ୍ଜିଂ ହୋଇଛି ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ନିବେଶକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି କର୍ତ୍ତୃପକ୍ଷ (ଆଇଇପିଏଫଏ)ଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଶ୍ରୀନିବାସ କହିଛନ୍ତି ଯେ, ନିବେଶ ପଦ୍ଧତିରେ ବହୁ ନିୟାମକ, ମଧ୍ୟସ୍ଥି ଏବଂ ବ୍ୟବସ୍ଥାପକ ସଂସ୍ଥାଗୁଡିକ ସଂଶ୍ଳିଷ୍ଟ। ଏହାକୁ ଧ୍ୟାନରେ ରଖି ନିବେଶକ ଶିକ୍ଷା ଏବଂ ସଚେତନତା ବୃଦ୍ଧି କରିବାକୁ ହେବ। ଏଥିଲାଗି ଏକ ନେଟ୍‌ୱର୍କ ସହ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାରକୁ ବିଚାରକୁ ନିଆଯିବା ସହ ଉକ୍ତ କ୍ଷେତ୍ରରେ ହେଉଥିବା ଠକେଇକୁ ରୋକାଯାଇ ପାରିବ ବୋଲି ଶ୍ରୀନିବାସ ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭଲ ସମ୍ପର୍କ ରହିଲେ ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଗ୍ରାମୀଣ ଅର୍ଥନୀତି ବିକାଶ ଦିଗରେ ନିବେଶକ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିବେଶକ ନୀତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଆଇଇପିଏଫଏର ଏଭଳି ପଦକ୍ଷେପ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମନୋଜ ପାଣ୍ଡେ, ଆଇଇପିଏଫଏ ସଦସ୍ୟ ରାଜୀବ ଶେଖର ସାହୁ, ଆଇସିଏଆଇ ସଭାପତି ପ୍ରଫୁଲ୍ଲ ପି.ଛାଜେଡ ପ୍ରମୁଖ ଯୋଗଦେଇଥିଲେ।




### ରାଜ୍ୟସ୍ତରୀୟ ନିବେଶକ ସଚେତନତା କାର୍ଯ୍ୟକ୍ରମ

“ବିରାଟ କୋହଲିଙ୍କୁ ଆଉଟ କରିବା ଲାଗି ଆମ ଅନଭିଜ୍ଞ ବୋଲର ଆନ୍‌ରିଚ୍ ନୋର୍କେ, ଜୁନିୟର ଡାଲା, ବେରନ ହେଣ୍ଡ୍ରିକ୍ସ ଓ ଆଣ୍ଡିଲ୍ ଫେଲୁକ୍ୱେଓଙ୍କ ପାଇଁ ଚ୍ୟାଲେଞ୍ଜ ହେବ ।
–କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକା ପେସ୍ ବୋଲର



“ଜଣେ ଖେଳାଳି ଏବଂ ଅଧିନାୟକ ହିସାବରେ ଫାଫ୍ ଡୁ’ପ୍ଲେସିଙ୍କ ଯଥେଷ୍ଟ ଅବଦାନ ରହିଛି, କିନ୍ତୁ ଭବିଷ୍ୟତରେ କ୍ୱିଣ୍ଟନ ଡି’କକ୍‌ଙ୍କ ନେତୃତ୍ୱ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବ ।
–ଏନୋଚ୍ ଏନ୍‌କ୍ୱେ, ଦକ୍ଷିଣ ଆଫ୍ରିକା କ୍ରିକେଟ କାମଚଲା ନିର୍ଦ୍ଦେଶକ



## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍କୁକର: କ୍ୱାର୍ଟରରେ ସୁବ୍ରତ

**ଭୁବନେଶ୍ୱର,୧୦।୯(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍କୁକର ଚାମ୍ପିୟନଶିପ୍ ମଙ୍ଗଳବାର ଷଷ୍ଠ ଦିବସରେ ପହଞ୍ଚିଛି। ଓଡ଼ିଆର ସୁବ୍ରତ୍ ଦାସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବ୍ରତ ୪-୨ରେ ନିଜ ରାଜ୍ୟର ଜାକିର ଅଲିଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କିଙ୍ଗସୁକ ସାହା ୩-୨ରେ ଓଡ଼ିଶାର ସତ୍ୟକାମ ମହାନ୍ତିଙ୍କୁ ହରାଇଛନ୍ତି। ସେହିପରି ଛତିଶଗଡ଼ର ଆଦର୍ଶ ବର୍ମା ୩-୦ରେ ଓଡ଼ିଶାର ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ରାକେଶ ରୋଶନ ପ୍ରଦାନ ୩-୨ରେ ନିଜ ରାଜ୍ୟର ଉଧବାସ ମହାପାତ୍ରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ବାକିଥିବା ଗେଷ୍ଟ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ ଓ ପ୍ରି- କ୍ୱାର୍ଟର ଫାଇନାଲାରୁ ଅଭିଯାନ ଆରମ୍ଭ କରିବେ।

### ଅହମ୍ମଦାବାଦ୍‌ରେ ପିକେଏଲ୍ ଫାଇନାଲ

**ଅହମ୍ମଦାବାଦ,୧୦।୯(ପି.ଟି.):** ଆସନ୍ତାମାସ ୧୯ ତାରିଖରେ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଫାଇନାଲ ମ୍ୟାଚ୍ ଖେଳାଯିବ। ଲିଗ୍‌ର ଏହି ସପ୍ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଠାରେ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡିକ ମଧ ଖେଳାଯିବ। ଦୁଇଟି ଏଲିମିନେଟର ସମେତ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡିକ ଏଠାରେ ଆୟୋଜନ ହେବ। ଅକ୍ଟୋବର ୧୪ ତାରିଖରେ ଏଲିମିନେଟରଗୁଡିକ ଖେଳାଯିବ। ସେହିପରି ୧୬ ତାରିଖରେ ସେମିଫାଇନାଲ ଖେଳାଯିବ। ଏବେ ୧୨ଟି ଦଳ ମଧ୍ୟରୁ ଦବଙ୍ଗ ଦିଲ୍ଲୀ କେ.ସି. ୫୯ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିପରି ବେଙ୍ଗଲ ୱାରିୟର ୪୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୪୮ ପଏଣ୍ଟ ପାଇ ବେଙ୍ଗାଲୁରୁ ବୁଲ୍ସ ତୃତୀୟ ଓ ୪୬ ପଏଣ୍ଟ ପାଇ ହରିୟାଣା ଷ୍ଟିଲର୍ସ ଚତୁର୍ଥ ସ୍ଥାନରେ ରହିଛି। ବେଙ୍ଗାଲୁରୁ ବୁଲ୍ସ ଗତ ସଂସ୍କରଣରେ ଟାଇଟଲ ଜିତିଥିଲା। ଏପର୍ଯ୍ୟନ୍ତ ଲିଗ୍‌ରେ ୧୩୫ଟି ମ୍ୟାଚ୍ ଖେଳାଯାଇଛି।


### ବିଶ୍ୱ ଚାମ୍ପିୟନଶିପ
### ରୁଷିଆର ଆହୁରି ୧୧ ଆଥଲେଟଙ୍କୁ ଅନୁମତି

**ପ୍ୟାରିସ, ୧୦।୯ (ଏଏଫ୍‌ପି):** ଦୋହାଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ଆଉ ଦୁଇ ସପ୍ତାହ ସମୟ ବାକି ଥିବାବେଳେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ(ଏଆଇଏଫ୍‌ଏଫ୍) ମଙ୍ଗଳବାର ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ ଲାଗି ଆହୁରି ୧୧ ରୁଷୀୟ ଆଥଲେଟଙ୍କୁ ଅନୁମତି ଦେଇଛି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆକୁ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱଚ୍ଛ ଆଥଲେଟ୍‌ମାନଙ୍କୁ ନିରପେକ୍ଷ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଅନୁମତି ମିଳିଥିଲା। ୨୦୧୭ରେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୁଷିଆର ୧୯ଜଣ ଏବଂ ବର୍ଲିନଠାରେ ୨୦୧୮ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨୯ ଜଣ ନିରପେକ୍ଷ ଆଥଲେଟ୍ ଭାବେ ଭାଗ ନେଇଥିଲେ। ୨୦୧୯ରେ ପ୍ରତିଯୋଗିତାରେ ଭାଗ ନେବାଲାଗି ମୋଟ ୧୨୮ ରୁଷୀୟ ପ୍ରତିଯୋଗୀଙ୍କୁ ଅନୁମତି ମିଳିଛି। ହେଲେ ରଷିଆନ ଆଥଲେଟିକ୍ସ ଫେଡେରେଶନ ଉପରୁ ଏପର୍ଯ୍ୟନ୍ତ ବାସନ୍ଦାଦେଶ ପ୍ରତ୍ୟାହାର ହୋଇ ନାହିଁ। ସଦ୍ୟ ଅନୁମତି ପାଇଥିବା ୬ ମହିଳା ଆଥଲେଟ୍ ହେଲେ କେସେନ୍ୟା ଆକ୍ସିନୋଭା (୪୦୦ମିଟର), ଇରିନା ଇଭାନୋଭା (ପୋଲ୍‌ଭଲ୍ଟ) ସାର୍ଡାନା ଟ୍ରୋପିନା (୩୦୦୦ମିଟର ଷ୍ଟିପଲଚେଜ୍), ୟୁଲିଆ ଟୁରୋଭା (୨୦କିମି ରେସ୍ ୱାକ୍) ଏବଂ ନାଟାଲିଆ ଆକ୍ସିନୋଭା (ହାଇଜମ୍ପ)। ଯେଉଁ ୫ ପୁରୁଷ ଆଥଲେଟଙ୍କୁ ଅନୁମତି ମିଳିଛି ସେମାନେ ହେଲେ ମିଖାଇଲ ଆକିମେଙ୍କୋ (ହାଇଜମ୍ପ), ଭ୍ଲାଡିସ୍ଲାଭ ପାନାସେନ୍‌କୋଭ (ଜାଭେଲିନ୍), ଦିମିତ୍ରୀ ସୋରୋକିନ୍ (ଟ୍ରିପଲ ଜମ୍ପ), ଆନାଟୋଲି ରବରକୋଭ୍ (୫୦୦୦/୧୦,୦୦୦ ମିଟର) ଏବଂ କନଷ୍ଟାଣ୍ଟିନ ଶାବାନୋଭ (୧୧୦ମିଟର ହର୍ଡଲ୍ସ)।

# ସ୍ୱସ୍ତିକ, ସତ୍ୟେନ୍ଦ୍ର, ଅନନ୍ତଙ୍କୁ ସରୋଜ ମହାସୁଆର ପୁରସ୍କାର

ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)

ଯୁବ କ୍ରିକେଟର ସ୍ୱସ୍ତିକ ସାମଲ ଏବଂ ରାଜ୍ୟର ଦୁଇ ଜଣାଶୁଣା ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ର ଚଳିତ ବର୍ଷର ସରୋଜ ମହାସୁଆର ସ୍ମୃତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ପ୍ରଦାନର ଧାରା ଗତ ୧୬ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି। ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ଯୁବ କ୍ରିକେଟର ଅଫ୍ ଦି ଇୟର ଏବଂ ସତ୍ୟେନ୍ଦ୍ର ଓ ଅନନ୍ତ ଯୁଗ୍ମଭାବେ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପାଇବେ। ସରୋଜ ମହାସୁଆର ସ୍ମୃତି କମିଟି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ନେଇ ଗଠିତ ଚୟନ କମିଟି ଏହି ୩ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିଛି। ଚଳିତମାସ ୧୫ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ୨୦୧୬-୧୭ ସିଜନରୁ ଓଡ଼ିଶା ପାଇଁ ଘରୋଇ କ୍ରିକେଟ ଖେଳି ଆସୁଥିବା ସ୍ୱସ୍ତିକ ଭାରତୀୟ ଯୁବ ଦଳରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି କରିଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପାଇଁ ସେ ଜେଡ୍‌ସିଏ ଏବଂ ଏନ୍‌ସିଏ ଶିବିରରୁ ଡାକରା ପାଇଛନ୍ତି। ଗତ ସିଜନରେ ସେ ୪୫୨ ରନ କରି ରାଜ୍ୟର ଅଗ୍ରଣୀ ସ୍କୋରର ହୋଇଥିଲେ। ଏଥିପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ) ଡାକରା ପାଇବା ସହ ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ସ୍ଥାନ ପାଇଥିଲେ। ସିନିୟର ବର୍ଗରେ ସୟଦ ମୁସ୍ତାକ ଅଲୀ ଟ୍ରଫି ଦଳରେ ମଧ ସ୍ଥାନ ପାଇଥିଲେ। ରାଜ୍ୟ ଭିନୁ ମଙ୍କଡ ଓ କୁଚ୍‌ବିହାର ଟ୍ରଫିରେ ଦଳର ନେତୃତ୍ୱ ନେଇଥିଲେ। ୨୩ ବର୍ଷରୁ କମ୍ ସି.କେ.ନାଇଡୁ ଦଳରୁ ମଧ ଖେଳିଥିଲେ। ରାଉରକେଲା ଛେଣ୍ଡ କଲୋନୀର ମଧୁସ୍ମିତା ଓ ପୀୟୂଷ ପ୍ରକାଶ ସାମଲଙ୍କ ପୁଅ ସ୍ୱସ୍ତିକ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଭାବେ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛନ୍ତି।



ସତ୍ୟେନ୍ଦ୍ର ମୋହନ ମହାନ୍ତି



ଅନନ୍ତ ବାସୁଦେବ ମିଶ୍ର



ସ୍ୱସ୍ତିକ ସାମଲ

ସତ୍ୟେନ୍ଦ୍ର ଓ ଅନନ୍ତ ଗତ ୩ ଦଶନ୍ଧିଧରି ରାଜ୍ୟରେ କ୍ରିକେଟ ଅମ୍ପାୟରିଂ କରି ଆସୁଛନ୍ତି। ନିମାପଡ଼ାର ୫୪ ବର୍ଷୀୟ ସତ୍ୟେନ୍ଦ୍ର ୧୯୯୨ରୁ ଏବଂ ଭୁବନେଶ୍ୱରର ୪୯ ବର୍ଷୀୟ ଅନନ୍ତ ୧୯୯୦ରୁ ଅମ୍ପାୟରିଂ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପ୍ୟାନେଲ ଅମ୍ପାୟରଭାବେ ଉଭୟ ଆନ୍ତଃଜିଲା, ଆନ୍ତଃମହାବିଦ୍ୟାଳୟ, ରାଜ୍ୟସ୍ତରୀୟ, ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ମ୍ୟାଚ ପରିଚାଳନା କରିବାର ଦକ୍ଷତା ରଖିଛନ୍ତି। ଯୁବ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପୂର୍ବରୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆତିଶ ଜେନା, ୨୦୦୭ରେ ଆଲୋକ ସାହୁ-ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋଶନାରା ପରବିନ, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ରଣଜୀତ ସିଂ, ୨୦୧୭ରେ ପ୍ରୀତ ସିଂ କନୱର ଏବଂ ୨୦୧୮ରେ ରଘୁନାଥ ମଲ୍ଲ ପାଇଥିଲେ। ସେହିପରି ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନ୍ସିସ, ବିଭୁ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡିପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର ପୂର୍ବରୁ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା ପ୍ରତିଯୋଗିତାରେ ଏକ ମ୍ୟାଚ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ବାଟରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

## ସେଲ୍ ଥେରାପି ପାଇଁ ପ୍ୟାରିସ୍‌ରେ ସୁମାକର



**ପ୍ୟାରିସ୍, ୧୦।୯ (ଏଏଫ୍‌ପି):** ଆଘାତପ୍ରାପ୍ତ ୭ଥର ଚାମ୍ପିୟନ ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ମାଇକେଲ ସୁମାକରଙ୍କୁ ପ୍ୟାରିସର ଜର୍ଜେସ ପମ୍ପିଡୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ସେଲ୍ ଥେରାପି ସର୍ଜରି ହେବ ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଡାକ୍ତରଖାନାରେ ଫେରାରିର ପୂର୍ବତନ ଷ୍ଟାର ଡ୍ରାଇଭର ପୂର୍ବରୁ ଦୁଇଥର ଏହି ଚିକିତ୍ସା ହୋଇ ସାରିଛନ୍ତି। ୨୦୧୩ ଡିସେମ୍ବରରେ ଏକ ସ୍କି ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହେବା ପରେ ୬ ମାସ ଧରି ହସ୍ପିଟାଲରେ କୋମା ଅବସ୍ଥାରେ ଥିଲେ। ୨୦୧୪ ସେପ୍ଟେମ୍ବରରେ ସେ ନିଜ ବାସଭବନକୁ ଫେରି ଘରୋଇ ଭାବେ ଚିକିତ୍ସିତ ହୋଇ ଆସୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାହାରକୁ ଖୁବ୍ କମ୍ ସୂଚନା ଆସିଥାଏ।



ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ତେଲୁଗୁ ଟାଇଟନ୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଆମେରିକାରେ ପଦାର୍ପଣ କରିବ ଦିନିକିଆ କ୍ରିକେଟ୍

**ଫ୍ଲୋରିଡା, ୧୦।୯:** କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଏକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଆମେରିକାରେ ଅନୁଷ୍ଠିତ ହେବାକୁ ଯାଉଛି। ଆଇସିସି ପୁରୁଷ ବିଶ୍ୱକପ୍ ଲିଗ୍-୨ ପର୍ଯ୍ୟାୟ ଅଂଶବିଶେଷ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ଶୁକ୍ରବାର ପପୁଆ ନ୍ୟୁ ଗିନିଆ ଘରୋଇ ଆମେରିକାକୁ ଭେଟିବ। ସ୍ଥାନୀୟ ଫୋର୍ଟ ଲୌଡରଡାଲେସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତୃତୀୟ ଦଳ ଭାବେ ନାମ୍ବିଆ ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ଅଂଶଗ୍ରହଣ କରୁଛି।

## ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି



କୋଲକାତା, ୧୦।୯

ଭାରତୀୟ କ୍ରିକେଟ ଦଳର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଆଶ୍ୱସ୍ତି ମିଳିଛି। ସାମିଙ୍କ ବିରୋଧରେ ହୋଇଥିବା ଗିରଫ ୱାରେଣ୍ଟ ଆଦେଶ ଉପରେ ଜିଲା କୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପୂର୍ବରୁ ସାମିଙ୍କ ସ୍ତ୍ରୀ ହସିନା ଜହାନ ତାଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଗତ ସପ୍ତାହରେ କୋର୍ଟ ସାମି ଏବଂ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ଆଡିଶନାଲ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ଏସିଜେଏମ୍) ଗିରଫ ୱାରେଣ୍ଟି ଜାରି କରିଥିଲେ। ସାମି ସେହି ସମୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଥିବାରୁ ସେଠାରୁ ଫେରିବାର ୧୫ ଦିନ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଏସିଜେଏମ୍‌ଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ସାମି ଏହାକୁ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେଠାରେ ସାମିଙ୍କ ଗିରଫ ୱାରେଣ୍ଟି ଉପରେ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ କୋର୍ଟ ଜର୍ଜ ରାଇ ଚଟ୍ଟୋପାଧ୍ୟାୟ ଅନ୍ତରୀଣ ରୋକ୍ ଲଗାଇଥିବା ତାଙ୍କ ଓକିଲ ଶେଖ ସଲିମ ରହମାନ କହିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ ବୋଲି ଜଣାପଡ଼ିଛି।

# ମହିଳା କ୍ରିକେଟ ଦଳ ଲାଗି ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତ ହେବେ

**ନୂଆଦିଲ୍ଲୀ, ୧୦।୯ (ପି.ଟି.):** ଜାତୀୟ ମହିଳା କ୍ରିକେଟ ଦଳ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରଫର୍ମାନ୍ସ ଆନାଲିଷ୍ଟ ବା ପ୍ରଦର୍ଶନ ବିଶ୍ଳେଷକ ନିଯୁକ୍ତି ଦେବ। ଏ ନେଇ ବୋର୍ଡ ଦରଖାସ୍ତ ଆହ୍ୱାନ କରିଛି। ଟିମ୍ ମ୍ୟାନେଜମେଣ୍ଟ ଏହି ପଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସେପ୍ଟେମ୍ବର ୨୦କୁ ଆବେଦନ ଦାଖଲ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପରଫର୍ମାନ୍ସ ଆନାଲିଷ୍ଟଙ୍କ ବୟସ ୬୦ ବର୍ଷରୁ ଅଧିକ ହୋଇ ନ ଥିବ ବୋଲି କୁହାଯାଇଛି। ତଥ୍ୟକୁ ଭିତ୍ତି କରି ଆନାଲିଷ୍ଟ ତାଙ୍କର କାର୍ଯ୍ୟ କରିବେ ବୋଲି ବିସିସିଆଇ କହିଛି। ଖେଳାଳିମାନଙ୍କ ବୈଷୟିକ ଓ ଯୋଜନା ସମ୍ପର୍କିତ ଦୃଷ୍ଟିକୋଣକୁ ବୁଝିବା ଓ ଏହାକୁ ଆହୁରି ଦୃଢ଼ କରିବା ପାଇଁ ପରଫର୍ମାନ୍ସ ଆନାଲିଷ୍ଟ କୋଚିଂ ଷ୍ଟାଫ୍‌ଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ। ଏଥି ସହିତ ମ୍ୟାଚ୍ ପୂର୍ବରୁ ସବୁ ପ୍ରକାର ପ୍ରସ୍ତୁତିରେ ପରଫର୍ମାନ୍ସ ଆନାଲିଷ୍ଟ ସହଯୋଗ କରିବେ। ପୁଣି ପ୍ରତିପକ୍ଷ ଦଳ ଓ ଖେଳାଳିଙ୍କ ଦୁର୍ବଳତା ଓ ଦକ୍ଷତାକୁ ଆନାଲିଷ୍ଟ ବିଶ୍ଳେଷଣ କରି ନିଜ ଖେଳାଳିମାନଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇବେ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଏହି ପଦ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର କୌଣସି ରାଜ୍ୟସ୍ତରୀୟ ସିନିୟର ଦଳ କିମ୍ବା ଆହୁରି ଉଚ୍ଚସ୍ତରର ଦଳ ସହ କାର୍ଯ୍ୟ କରିବାରେ ଅତିକମ୍‌ରେ ୩ ବର୍ଷ ଅଭିଜ୍ଞତା ରହିଥିବ। ୨୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ପରଫର୍ମାନ୍ସ ଆନାଲିଷ୍ଟଙ୍କୁ ନିଯୁକ୍ତି ଦିଆଯିବ।

## ଭାରତ ଯୋଗୁ ଶ୍ରୀଲଙ୍କା ଖେଳାଳି ରାଜି ହେଉନାହାନ୍ତି

**ଲାହୋର,୧୦।୯:** ଭାରତୀୟ କର୍ତ୍ତୃପକ୍ଷଙ୍କ ଚାପରେ ବଶବର୍ତ୍ତୀ ହୋଇ ଶ୍ରୀଲଙ୍କା କ୍ରିକେଟ ଖେଳାଳିମାନେ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉ ନ ଥିବା ଏହି ଦେଶ ଜଣେ ମନ୍ତ୍ରୀ ଫାୱାଦ ହୁସେନ ଅଭିଯୋଗ କରିଛନ୍ତି। ସୁରକ୍ଷାଜନିତ କାରଣରୁ ଶ୍ରୀଲଙ୍କାର ୧୦ଜଣ ଖେଳାଳି ପାକିସ୍ତାନ ଗସ୍ତରେ ଯିବା ଲାଗି ମନା କରିଦେବାର ଦିନକ ପରେ ମନ୍ତ୍ରୀ ଜଣକ ଏହି ଅଭିଯୋଗ କରିଛନ୍ତି। ଯେଉଁ ଖେଳାଳିମାନେ ପାକିସ୍ତାନରେ ଖେଳିବେ ସେମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳାଯିବ ନାହିଁ ବୋଲି ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ତରଫରୁ ଚେତାଇ ଦିଆଯାଇଛି। ଏହା ଏକ ହୀନ କୌଶଳ ଏବଂ କ୍ରୀଡ଼ା କ୍ଷେତ୍ରରେ ଏହା ଶୋଭନୀୟ ନୁହେଁ ବୋଲି ହୁସେନ କହିଛନ୍ତି। ସୁରକ୍ଷାଜନିତ କାରଣରୁ ଟି୨୦ ଅଧିନାୟକ ଲସିଥ ମାଲିଙ୍ଗା ଏବଂ ପୂର୍ବତନ ଅଧିନାୟକ ଦ୍ୱୟ ଆଞ୍ଜେଲୋ ମାଥ୍ୟୁସ ଓ ଥିସାରା ପେରେରା ଆସନ୍ତା ପାକିସ୍ତାନ ଟୁର୍‌ରୁ ଓହରି ଯାଇଛନ୍ତି। ୨୦୦୯ ମାର୍ଚ୍ଚରେ ଏକ ଟେଷ୍ଟ ମ୍ୟାଚ ବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଏକ ଆତଙ୍କବାଦୀ ଆକ୍ରମଣ ପରେ ଅଧିକାଂଶ ଅନ୍ତର୍ଜାତୀୟ ଟିମ୍ ପାକିସ୍ତାନ ଟୁର୍‌ରେ ଯିବା ଲାଗି ରାଜି ହେଉନାହାନ୍ତି। ପାକିସ୍ତାନ ବିପକ୍ଷରେ ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଲାଗି ଶ୍ରୀଲଙ୍କା ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଟୁର୍‌ରେ ଯିବା ଇଚ୍ଛାଧୀନ ବୋଲି ଖେଳାଳିମାନଙ୍କୁ କୁହାଯାଇଥିଲା। କରାଚୀରେ ସେପ୍ଟେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ଏହି ସିରିଜରେ ୩ ଟି ଲେଖାଏଁ ଦିନିକିଆ ଓ ଟି୨୦ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଟୁର୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଅନ୍ୟ ୭ ଖେଳାଳି ହେଲେ ନିରୋଶାନ ଡିକ୍‌ୱେଲା, କୁସାଲ ପେରେରା, ଧନଞ୍ଜୟ ଡି’ ସିଲ୍‌ଭା, ଆକିଲା ଦନଞ୍ଜୟ, ସୁରଙ୍ଗ ଲକମଲ, ଦୀନେଶ ଚାଣ୍ଡିମଲ ଓ ଦିମୁଥ କରୁଣାରତ୍ନେ।



ଫାୱାଦ ହୁସେନ

# ଭାରତ ‘ଏ’ ଦଳରେ ଓଡ଼ିଶାର ଦିବ୍ୟଦର୍ଶିନୀ

ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)

ପ୍ରତିଭାସମ୍ପନ୍ନ ମହିଳା କ୍ରିକେଟ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଓଡ଼ିଶା କ୍ରିକେଟ ପାଇଁ ଆଣିଛନ୍ତି ଏକ ଖୁସି ଖବର। ପୂର୍ବରୁ ଭାରତୀୟ ବୋର୍ଡ ଏକାଦଶ ଦଳରେ ସାମିଲ ହୋଇ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇ ସାରିଥିବା ଦିବ୍ୟଦର୍ଶିନୀ ମଙ୍ଗଳବାର ଘୋଷିତ ଭାରତୀୟ ମହିଳା ‘ଏ’ ଏବଂ ଇମର୍ଜିଂ ମହିଳା ଦଳରେ ସ୍ଥାନ ପାଇ ରାଜ୍ୟ କ୍ରିକେଟକୁ ଗର୍ବିତ କରିଛନ୍ତି। ଏଥିସହ ଏହି ଓଡ଼ିଆ ଝିଅ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ଦିଗରେ ଆଉ ଏକପାଦ ଅଗ୍ରସର ହୋଇଛନ୍ତି। ଦିବ୍ୟଦର୍ଶିନୀ ଜାଗୃତି କ୍ରିକେଟ ଏକାଡେମୀ(ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କ ନିକଟରୁ ପ୍ରଶିକ୍ଷଣପ୍ରାପ୍ତ। ଭାରତ‘ଏ’ ଦଳ କକ୍ସବଜାରସ୍ଥିତ ଶେଖ୍ କମଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ୩ଟି ଅନଅଫିସିଆଲ ଏକଦିବସୀୟ ମ୍ୟାଚ ଖେଳିବ। ଏହାପରେ ଚଟ୍ଟଗ୍ରାମର ଜହୁର ଅହମ୍ମଦ କ୍ରିକେଟ ଷ୍ଟାଡିୟମରେ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ବାଂଲାଦେଶ ଗସ୍ତପରେ ଭାରତ‘ଏ’ ଶ୍ରୀଲଙ୍କାରେ ଅକ୍ଟୋବର ୨୦ରୁ ୨୮ ପର୍ଯ୍ୟନ୍ତ ଏସିସି ଇମର୍ଜିଂ ମହିଳା ଏସିଆ କପ୍‌ରେ ଭାଗନେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟରେ ହେମଲତା କାଲାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍ବଭାରତୀୟ ମହିଳା ଚୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଦଳ ଚୟନ କରାଯାଇଛି। ଦେବିକା ବୈଦ୍ୟଙ୍କୁ ଅଧିନାୟିକା ଏବଂ ଏସ୍.ମେଘନାଙ୍କୁ ଉପ ଅଧିନାୟିକା ମନୋନୀତ କରାଯାଇଛି।

**ଭାରତୀୟ ମହିଳା ‘ଏ’ ଦଳ**

ଦେବିକା ବୈଦ୍ୟ(ଅଧିନାୟିକା), ଏସ୍.ମେଘନା(ଉପ-ଅଧିନାୟିକା), ଯଷ୍ଟିକା ଭାଟିଆ, ତେଜାଲ ହାସବନିସ, ତନୁଶ୍ରୀ ସରକାର, ସିମରନ ଦିଲ ବାହାଦୁର, ନୁଜତ ପରବିନ, ଆର.କଳ୍ପନା, ମାନାଲି ଦକ୍ଷିଣୀ, କସ୍‌ମା ସିଂ, ଅଞ୍ଜଳି ସରୱାନୀ, ମିନୁ ମାନି, ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ଟି.ପି. କନୱାର, ରଶି କାନୋଜିଆ।

**ବାଂଲାଦେଶ ବିପକ୍ଷ କାର୍ଯ୍ୟସୂଚୀ**

ଅକ୍ଟୋବର ୪: ପ୍ରଥମ ଦିନିକିଆ, କକ୍ସବଜାର
ଅକ୍ଟୋବର ୬: ଦ୍ୱିତୀୟ ଦିନିକିଆ, କକ୍ସବଜାର
ଅକ୍ଟୋବର ୮: ତୃତୀୟ ଦିନିକିଆ, କକ୍ସବଜାର
ଅକ୍ଟୋବର ୧୧: ପ୍ରଥମ ଟି୨୦, ଚଟ୍ଟଗ୍ରାମ
ଅକ୍ଟୋବର ୧୨: ଦ୍ୱିତୀୟ ଟି୨୦, ଚଟ୍ଟଗ୍ରାମ
ଅକ୍ଟୋବର ୧୪: ତୃତୀୟ ଟି୨୦, ଚଟ୍ଟଗ୍ରାମ



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

" କେ.ଏଲ୍. ରାହୁଲଙ୍କ ଫର୍ମକୁ ନେଇ ଦଳ ଚିନ୍ତିତ, ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଟେଷ୍ଟ ଦଳରେ ଓପନର ଭାବେ ନିଆଯାଇପାରେ ।
– ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା



" ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ମଧ୍ୟରେ ହୁଏତ ମତଭେଦ ଥାଇପାରେ, ଏହାର ଅର୍ଥ ନୁହେଁ ଯେ, ଦୁଇ ଖେଳାଳିଙ୍କ ମଧ୍ୟରେ ବିବାଦ ରହିଛି ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ପାରା ଅଲିମ୍ପିକ କମିଟିଠାରୁ ସ୍ୱୀକୃତି ପ୍ରତ୍ୟାହାର କଲା କ୍ରୀଡ଼ା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୦।୯(ପି.ଟି.):** ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ଠାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ପିସିଆଇ ଜାତୀୟ କ୍ରୀଡ଼ା ଆଚରଣବିଧି ଉଲ୍ଲଂଘନ କରିବା ଅଭିଯୋଗରେ ମନ୍ତ୍ରଣାଳୟ ଏହି କଡ଼ା ନିଷ୍ପତ୍ତି ନେଇଛି। ପିସିଆଇ ଅଧ୍ୟକ୍ଷ ରାଓ ଇନ୍ଦ୍ରଜିତ୍ ସିଂଙ୍କୁ ବହିଷ୍କାର କରିବାକୁ କମିଟି ନିଷ୍ପତ୍ତି ନେଇଥିଲା। ତାଙ୍କୁ ପିସିଆଇ ବହୁମତରେ ପଦରୁ ବିଦା କରାଯାଇଥିଲା। ଏ ନେଇ ପିସିଆଇ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲା। ପିସିଆଇରେ ବ୍ୟାପକ କୁଶାସନ ଚାଲିଥିବାରୁ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ମନ୍ତ୍ରଣାଳୟ ତରଫରୁ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି। ପଦରୁ ବହିଷ୍କୃତ ହେବା ପରେ ଇନ୍ଦ୍ରଜିତ୍‌ଠାରୁ ମନ୍ତ୍ରଣାଳୟ ଅଭିଯୋଗ ପତ୍ର ପାଇଥିଲା। ନିଜ ଅଧ୍ୟକ୍ଷଙ୍କୁ ନିୟମର ବାହାରକୁ ଯାଇ ଓ ଅଗଣତାନ୍ତ୍ରିକ ଭାବେ ବହିଷ୍କାର କରାଯାଇଥିବା କଥା ମନ୍ତ୍ରଣାଳୟ ହୃଦୟଙ୍ଗମ କରିଥିଲା। ଉଲ୍ଲେଖଥାଉ କି, ୨୦୧୫ରେ ମଧ୍ୟ ତ୍ରୁଟିପୂର୍ଣ୍ଣ ଶାସନ ଯୋଗୁ ପିସିଆଇକୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ୨୦୧୬ରେ ଏହାକୁ ପୁଣିଥରେ ସ୍ୱୀକୃତି ପ୍ରଦାନ କାରଯାଇଥିଲା।

### ବିସିସିଆଇ-ଅଲ୍ ଇଣ୍ଡିଆ ରେଡିଓ ଦୁଇବର୍ଷିଆ ଚୁକ୍ତି

**ନୂଆଦିଲ୍ଲୀ, ୧୦।୯ (ପି.ଟି.):**ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଅଲ୍ ଇଣ୍ଡିଆ ରେଡିଓ (ଏଆଇଆର୍) ମଧ୍ୟରେ ଏକ ଦୁଇ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତଦନୁସାରେ ଅଲ୍ ଇଣ୍ଡିଆ ରେଡିଓ ଜାତୀୟ କ୍ରିକେଟ ଦଳ ନିଜ ଦେଶରେ ଖେଳିବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ସିଧାସଳଖ ଧାରାବିବରଣୀ ପ୍ରଦାନ କରିବ। ସମଗ୍ର ଭାରତରେ ଲକ୍ଷ ଲକ୍ଷ ଶ୍ରୋତା ଖେଳର ରେଡିଓ କମେଣ୍ଟ୍ରି ଶୁଣିପାରିବେ। ସେପ୍ଟେମ୍ବର ୧୫ରୁ ଧର୍ମଶାଳାଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିବାକୁଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରୁ ଅଡିଓ କମେଣ୍ଟ୍ରି ଆରମ୍ଭ ହେବ। ଏଆଇଆର୍ ଏତଦ୍‌ବ୍ୟତୀତ ପୁରୁଷ ଓ ମହିଳା ଘରୋଇ ଟୁର୍ନାମେଣ୍ଟ ଏବଂ ମ୍ୟାଚଗୁଡ଼ିକର କଭରେଜ କରିବ। ଦୁଇ ବର୍ଷିଆ ଚୁକ୍ତି ୨୦୧୯ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବ ଏବଂ ୨୦୨୧ ଅଗଷ୍ଟ ୩୧ରେ ଶେଷ ହେବ। ରଣଜୀ ଟ୍ରଫି, ଇରାନୀ କପ୍, ଦେଓଧର ଟ୍ରଫି, ସୟେଦ ମୁସ୍ତାକ ଅଲି ଟ୍ରଫି ଏବଂ ମହିଳା ଚ୍ୟାଲେଞ୍ଜର ସିରିଜକୁ ଅଲ୍ ଇଣ୍ଡିଆ ରେଡିଓ କଭରେଜ କରିବ।

## ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍

# ସାଇନା, ପଲକଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୦।୯(କ୍ରୀଡ଼ା ପ୍ରତିନିଧି)





ସାଇନା ସାଲୋନିକା, ପଲକ ମହାପାତ୍ର ଓ ୟାଶିତା ରାଉତ।

ଓଡ଼ିଶା ଚେସ୍‌ର ଭବିଷ୍ୟତଭାବେ ବିବେଚିତ ହେଉଥିବା ପ୍ରତିଭାସମ୍ପନ୍ନ ସାଇନା ସାଲୋନିକା ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ଆଉ ୨ଟି ପଦକ ଅର୍ଜନ କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର ଶେଷ ହୋଇଥିବା ୱେଷ୍ଟର୍ନ ଏସିଆନ ୟୁଥ୍ ଆଣ୍ଡ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ର ୧୬ ବର୍ଷରୁ କମ୍ ବାଳିକା ବ୍ଲିଜ୍‌ରେ ଏହି ମହିଳା ଫିଡେ ମାଷ୍ଟର(ଡବ୍ଲ୍ୟୁଏଫ୍ଏମ୍) ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାର ମୁଖ୍ୟ କ୍ଲାସିକାଲ ବିଭାଗରେ ରାଜ୍ୟର ଅନ୍ୟତମ ଚେସ୍ ପ୍ରତିଭା ପଲକ ମହାପାତ୍ର ୧୦ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ସାଇନା ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ରୌପ୍ୟ ପଦକଲାଭ କରିଛନ୍ତି। ପ୍ରତିଯୋଗିତାରେ ସାଇନା ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ୟାଶିତା ରାଉତ ୧୨ ବର୍ଷରୁ କମ୍ ବାଳିକା ବ୍ଲିଜ୍ ଫର୍ମାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେ ୯ ରାଉଣ୍ଡରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ସାଇନା ପୂରା ୯ ପଏଣ୍ଟ ପାଇ ଅପରାଜେୟ ରହିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନ ହେବା ପଥରେ ସେ ଜଣେ ଲେଖାଏ ଶ୍ରୀଲଙ୍କା ଓ ବାଂଲାଦେଶ ଏବଂ ୭ ଜଣ ନିଜ ରାଜ୍ୟ/ଭାରତୀୟ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ମହିଳା କ୍ୟାଣ୍ଡିଡେଟ ମାଷ୍ଟର ବୃଷ୍ଟି ମୁଖାର୍ଜୀ ୭ ଓ ଆରୁଷୀ କୋଟୱାଲ ୬ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ କ୍ଲାସିକାଲ ବିଭାଗରେ ସାଇନା ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀଷ୍ମା ଆନନ୍ଦ ଧୁମାଲ ୭ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ଏଥିରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲେ ହେଁ ସାଇନା ମୋଟ ୫ ମ୍ୟାଚ ଜିତିଥିବାବେଳେ ୩ ମ୍ୟାଚ ଡ୍ର ରଖିଥିଲେ ଏବଂ ଗୋଟିଏ ମ୍ୟାଚରେ ହାରି ଯାଇଥିଲେ। ୪ର୍ଥ ରାଉଣ୍ଡରେ ଧୁମାଲଙ୍କଠାରୁ ପରାଜୟ ଯୋଗୁ ସେ ସ୍ୱର୍ଣ୍ଣ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହି ୨ ପଦକକୁ ମିଶାଇ ସାଇନାଙ୍କ ଅନ୍ତର୍ଜାତୀୟ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୁଲାନ ଗ୍ରାମର ବବିତା ଓ ଗଣେଶ୍ୱର ଜେନାଙ୍କ ଝିଅ ସାଇନା ସମ୍ପ୍ରତି କିଟ୍‌ରେ ଏକାଦଶ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ।

ପ୍ରତିଯୋଗିତାର ୧୦ ବର୍ଷରୁ କମ୍ କ୍ଲାସିକାଲ ବିଭାଗ ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବାରୁ ପଲକ ଓଭରଅଲ୍ ୧୧ତମ ସ୍ଥାନରେ ଥିଲେ ହେଁ ବାଳିକାଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରୁ ୫.୫ ପଏଣ୍ଟ ପାଇଥିଲେ। ସେ ୫ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୩ ମ୍ୟାଚରେ ହାରିଥିଲେ ଏବଂ ଗୋଟିଏ ମ୍ୟାଚ ଡ୍ର ରଖିଥିଲେ। ଏଥିରେ ଅନ୍ୟତମ ଭାରତୀୟ ଖେଳାଳି ଏସ୍.ପୌର୍ଣ୍ଣମି ଓ ସଚିନ ଜୈନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଇନା, ପଲକ ଓ ୟାଶିତାଙ୍କୁ ଏସ୍.ଆର୍. ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବୟକଟ୍, ଷ୍ଟ୍ରସ୍‌ଙ୍କୁ ନାଇଟ୍ ଉପାଧି

**ଲଣ୍ଡନ, ୧୦।୯ (ଏଏଫ୍‌ପି):** କିମ୍ବଦନ୍ତୀ କ୍ରିକେଟ୍ ଖେଳାଳି ଜେଫ୍ରି ବୟକଟ୍ ଓ ଆଣ୍ଡ୍ରୁ ଷ୍ଟ୍ରସଙ୍କୁ ଇଂଲଣ୍ଡର ସର୍ବୋଚ୍ଚ ନାଗରିକ ସମ୍ମାନ ନାଉଟ୍ ଉପାଧିରେ ସମ୍ମାନିତ କରାଯାଇଛି। କ୍ରିକେଟ୍‌କୁ ଉଲ୍ଲେଖନୀୟ ଅବଦାନ ଲାଗି ୟୁନାଇଟେଡ୍ କିଙ୍ଗଡମର ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ ଉଭୟ ବୟକଟ୍ ଓ ଷ୍ଟ୍ରସ୍‌ଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରିଛନ୍ତି। ୭୮ ବର୍ଷୀୟ ବୟକଟ୍ ୧୯୬୪ରୁ ୧୯୮୨ ମଧ୍ୟରେ ୧୦୮ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ୪୭.୭୨ ଆଭରେଜରେ ୮,୧୧୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ବୟକଟ୍‌ଙ୍କ ନାମରେ ୧୫୧ ଶତକ ସହ ୪୮ ହଜାରରୁ ଉର୍ଦ୍ଧ୍ୱ ରନ୍ ରହିଛି। ୧୯୭୮ରେ ମଧ୍ୟ ବୟକଟ୍ ଇଂଲଣ୍ଡ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଅବସର ପରେ ସେ ବୟକଟ୍ କ୍ରିକେଟ୍ ଭାଷ୍ୟକାର ଭାବେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ସେହିଭଳି ୪୨ ବର୍ଷୀୟ ଷ୍ଟ୍ରସ୍ ୨୦୦୪ରୁ ୨୦୧୨ ମଧ୍ୟରେ ୫୦ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ନେତୃତ୍ୱ ନେଇ ଦୁଇଥର (୨୦୦୯ ଓ ୨୦୧୦-୧୧)ଆଶେସ ସିରିଜ ବିଜୟୀ କରାଇଛନ୍ତି। ଷ୍ଟ୍ରସଙ୍କ ନେତୃତ୍ୱରେ ଇଂଲଣ୍ଡ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିଥିଲା। ଏହି ବାମହାତୀ ଓପନର୍ ୧୦୦ ଟେଷ୍ଟ ମ୍ୟାଚ୍‌ରୁ ୨୧ ଶତକ ସହାୟତାରେ ୭,୦୩୭ ରନ୍ ସଂଗ୍ରହ କରିଛନ୍ତି।



ଆଣ୍ଡ୍ରୁ ଷ୍ଟ୍ରସ୍ ଓ ଜେଫ୍ରି ବୟକଟ।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ



## ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଦୁବାଇ, ୧୦।୯ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଅଷ୍ଟ୍ରେଲୀୟ କ୍ରିକେଟର୍ ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ଆଶେସ ସିରିଜର ମାଞ୍ଚେଷ୍ଟରରେ ଶେଷ ହୋଇଥିବା ୪ର୍ଥ ଟେଷ୍ଟରେ ଘରୋଇ ଇଂଲଣ୍ଡକୁ ୧୮୫ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଅଷ୍ଟ୍ରେଲିଆକୁ ସିରିଜ ବଜାୟ ରଖିବାରେ ଉଭୟ ସ୍ମିଥ୍ ଓ କୁମିନ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ସ୍ମିଥ୍ ପ୍ରଥମ ଓ ୨ୟ ଇନିଂସରେ ଯଥାକ୍ରମେ ୨୧୧ ଓ ୮୨ ରନ ସଂଗ୍ରହ କରିଥିଲେ। ବ୍ୟାଟିଂ ତାଲିକାରେ ୯୩୭ ରେଟିଂ ସହ ସ୍ମିଥ୍ ବର୍ତ୍ତମାନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଉପରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସ୍ମିଥ୍ ତାଙ୍କ ସର୍ବକାଳୀନ ରେଟିଂ ପଏଣ୍ଟଠାରୁ ଆଉ ୧୦ ପଛରେ ରହିଛନ୍ତି। ଭାରତ ଅଧିନାୟକ କୋହଲିଙ୍କଠାରୁ ସ୍ମିଥ୍ ୩୪ ପଏଣ୍ଟ ଅଧିକ ପାଇଛନ୍ତି। ଅପରପକ୍ଷରେ ୪ର୍ଥ ଟେଷ୍ଟରେ ୧୦୩ ରନ ବିନିମୟରେ ମୋଟ୍ ୭ ଉଇକେଟ୍ ନେଇଥିବା କୁମିନ୍ସ ୯୧୪ ରେଟିଂ ପଏଣ୍ଟ ସହ ବୋଲିଂ ତାଲିକାରେ ଶୀର୍ଷରେ ସ୍ଥାନ ଦୃଢ଼ କରିଛନ୍ତି। ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୬୩ ରେଟିଂ ପଏଣ୍ଟ ପଛରେ ରହି ତାଲିକାର ୨ୟ ଓ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଜୋଶ୍ ହାଜେଲଉଡ୍ ଚଳିତ ବର୍ଷ ପ୍ରଥମଥର ଲାଗି ଟପ୍-୧୦କୁ ପ୍ରବେଶ କରିଛନ୍ତି। ହାଜେଲଉଡ୍ ୪ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ପହଞ୍ଚିଛନ୍ତି।

# ଭାରତର ଉତ୍ସାହଜନକ ଆରମ୍ଭ

## ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

୧୦।୯ (ପି.ଟି.)

ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆରମ୍ଭ ଉତ୍ସାହଜନକ ରହିଛି। ଭାରତର ବ୍ରିଜେଶ ଯାଦବ (୮୧କେଜି) ମଙ୍ଗଳବାର ଅନୁଷ୍ଠିତ ଏକ ଓପନିଂ ରାଉଣ୍ଡ ବାଉଟ୍‌ରେ ପୋଲାଣ୍ଡର ମାଲେଜ୍ ଗୋଏନ୍‌ସ୍କିଙ୍କୁ ହରାଇ ଦେଇଛନ୍ତି। ଚଳିତ ବର୍ଷ ପ୍ରଥମଭାଗରେ ଇଣ୍ଡିଆ ଓପନ୍ ଏବଂ ଥାଇଲାଣ୍ଡ ଓପନ୍‌ରେ ରୌପ୍ୟ ଜିତିଥିବା ଯାଦବ ଗୋଏନ୍‌ସ୍କିଙ୍କୁ ୫-୦ରେ ପରାସ୍ତ କରିଥିଲେ। କିନ୍ତୁ ଲଢେଇବେଳେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମଙ୍ଗଳବାର ଭାରତର ଥିଲା ଏହା ଏକମାତ୍ର ବାଉଟ। ଯାଦବ ପରବର୍ତ୍ତୀ ରାଉଣ୍ଡରେ ତୁର୍କୀର ବେରାମ୍ ମାଲ୍‌କାନଙ୍କୁ ଭେଟିବେ। ଏହି ବକ୍ସର ରବିବାର ତାଙ୍କ ପ୍ରଥମ ରାଉଣ୍ଡ ମୁକାବିଲାରେ ବାଇ ପାଇଛନ୍ତି। ଭାରତର ୩ ଜଣ ବକ୍ସର ମଧ୍ୟ ସେମାନଙ୍କ କାଟେଗୋରିରେ ବାଇ ପାଇଛନ୍ତି। ସେମାନେ ହେଲେ ଅମିତ ଫଙ୍ଗାଲ (୫୨କେଜି), କବିନ୍ଦରସିଂ ବିଷ୍ଟ(୫୭କେଜି) ଏବଂ ଆଶିଷ କୁମାର (୭୫କେଜି)। ବିଶ୍ୱ ଚାମ୍ପିୟନଶିପ୍‌ରେ ୮୭ଟି ଦେଶର ୪୫୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଏହାକୁ ଏକ ଅଲିମ୍ପିକ କ୍ୱାଲିଫାୟର ବିବେଚନା କରାଯାଇଥାଏ। ମାତ୍ର ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ)ରେ ପ୍ରଶାସନିକ ବିବାଦ ଯୋଗୁ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି ) ଏହି ମାନ୍ୟତା ପ୍ରତ୍ୟାହାର କରିନେଇଛି। ଟୁର୍ନାମେଣ୍ଟରେ ପାରମ୍ପରିକ ୧୦ ଡିଭିଜନ ପରିବର୍ତ୍ତେ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ସଂଶୋଧିତ ୮ଟି କାଟେଗୋରି (୫୨କେଜି, ୫୭କେଜି, ୬୩କେଜି, ୬୯କେଜି, ୭୫କେଜି, ୮୧କେଜି, ୯୧କେଜି ଓ +୯୧କେଜି)ରେ ମଧ୍ୟ ପ୍ରତିଯୋଗିତା ହେଉଛି।

## ୧୯ ବର୍ଷରୁ କମ୍ ଏସିଆ କପ୍

# ଭାରତ-ଶ୍ରୀଲଙ୍କା ସେମି

**କଲମ୍ବୋ, ୧୦।୯:** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିବା ଭାରତ ଗ୍ରୁପ୍-ବି'ର ୨ୟ ସ୍ଥାନରେ ଥିବା ଶ୍ରୀଲଙ୍କାକୁ ଭେଟିବ। ମଙ୍ଗଳବାର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ନିକଟରୁ ୪୨ ରନରେ ପରାସ୍ତ ହୋଇଥିଲେ ମଧ୍ୟ ଆୟୋଜକ ଶ୍ରୀଲଙ୍କା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି। ସେହିଭଳି ଗୁରୁବାର ହେବାକୁ ଥିବା ୨ୟ ସେମିଫାଇନାଲରେ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ଥିବା ବାଂଲାଦେଶ ଗ୍ରୁପ୍-ଏ'ର ୨ୟ ସ୍ଥାନରେ ଥିବା ଆଫଗାନିସ୍ତାନକୁ ଭେଟିବ। ଗ୍ରୁପ୍-ଏ'ରେ ଭାରତ ଓ ଗ୍ରୁପ୍-ବି'ରେ ବାଂଲାଦେଶ ୩ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛନ୍ତି।

# ବିରଳ ସଫଳତାର ଅଧିକାରୀ ହେବେ ପେନ୍

ଲଣ୍ଡନ,୧୦।୯ (ଏଏଫ୍‌ପି)



ଟିମ୍ ପେନ୍

ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ପାଇଥିବା ଟିମ୍ ପେନ୍ ଏବେ ଏକ ବିରଳ ସଫଳତାର ଅଧିକାର ହେବାକୁ ଯାଉଛନ୍ତି। ପୂର୍ବରୁ ଯାହା ଗ୍ରେଗ୍ ଚାପେଲ, ରିକି ପଣ୍ଟିଂ ଓ ମାଇକେଲ କ୍ଲାର୍କ ଯାହା କରିପାରି ନ ଥିଲେ ଏବେ ପେନ୍ ତାହା କରିବାକୁ ଯାଉଛନ୍ତି। ଚଳିତ ଆଶେସ୍‌ରେ ପେନ୍ ଅଧିନାୟକ ହିସାବରେ ଏହି ଅସାଧାରଣ ସଫଳତା ହାସଲ କରିବେ। ତେବେ ଆଗକୁ ଆୟୋଜନ ହେବାକୁ ଥିବା ପଞ୍ଚମ ଆଶେସ୍ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଅତିକମ୍‌ରେ ପରାଜୟ ଏଡାଇବାକୁ ପଡିବ। ଏହା ହୋଇପାରିଲେ ପେନ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଇଂଲଣ୍ଡ ମାଟିରେ ଆଶେସ ବିଜୟୀ ହୋଇପାରିବ। ପୂର୍ବରୁ ୧୮ ବର୍ଷ ତଳେ ଅଷ୍ଟ୍ରେଲିଆ ଶେଷଥର ପାଇଁ ଇଂଲଣ୍ଡରେ ଷ୍ଟିଭ୍ ୱାଙ୍କ ନେତୃତ୍ୱରେ ୪-୧ରେ ଆଶେସି ସିରିଜ୍ ହାତେଇଥିଲା।

ୱା, ଚାପେଲ, ପଣ୍ଟିଂ ଓ କ୍ଲାର୍କ ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର ଭାବେ ପରିଗଣିତ ହେଉଛନ୍ତି। ଏବେ ଏମାନଙ୍କ ସହ ଯୋଡି ହେବାକୁ ଯାଉଛନ୍ତି ପେନ୍। ଚଳିତ ଆଶେସ୍‌ରେ ପେନ୍ ଉଚ୍ଚକୋଟୀର ନେତୃତ୍ୱର ପରାକାଷ୍ଠା ଦେଖାଇଛନ୍ତି। ପାରମ୍ପରିକ ଭାବେ ଅଷ୍ଟ୍ରେଲିଆ ତା'ର ଶ୍ରେଷ୍ଠ ୧୧ ଜଣ ଖେଳାଳିଙ୍କୁ ଚୟନ କରିଥାଏ। ଏହାପରେ ଏମାନଙ୍କ ମଧ୍ୟରୁ ଜଣକୁ ଅଧିନାୟକ ହିସାବରେ ନିଯୁକ୍ତି ଦେଇଥାଏ। ଅନ୍ୟପଟେ ଇଂଲଣ୍ଡ ନେତୃତ୍ୱର କଳା ଦେଖି ଅଧିନାୟକ ନିଯୁକ୍ତି କରିଥାଏ। ଅର୍ଥାତ ଜଣକୁ ପ୍ରଥମେ ଅଧିନାୟକ ନିଯୁକ୍ତ କରାଯାଇଥାଏ ଓ ପରେ ଇଂଲଣ୍ଡ ବାକି ୧୦ଜଣ ଖେଳାଳିଙ୍କୁ ଚୟନ କରିଥାଏ।

ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ପେନ୍ କଥା ଭିନ୍ନ ମନେହୁଏ। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍‌ଙ୍କଠାରୁ ନେତୃତ୍ୱ କାଢି ନିଆଯାଇଥିଲା। ସେହିପରି ଏହି ମାମଲାରେ ଓପନର ଡେଭିଡ ୱାର୍ନରଙ୍କୁ ମଧ୍ୟ ଉପ- ଅଧିନାୟକ ପଦରୁ ବହିଷ୍କୃତ କରାଯାଇଥିଲା। ଏହି ଦୁଇ ଖେଳାଳିଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ ୧୨ ମାସ ବାସନ୍ଦ କରିଥିଲା। ଏପରି ସ୍ଥଳେ ବଲ ଟ୍ୟାମ୍ପରିଂ ମାମଲାରେ ଛନ୍ଦିହୋଇ ନ ଥିବା ଜଣେ ଖେଳାଳିଙ୍କୁ ନେତତ୍ୱ ଦେବାକୁ କ୍ରିକେଟ ଅଷ୍ଟ୍ରେଲିଆ ନିଷ୍ପତ୍ତି ନେଇଥିଲା। ଫଳରେ ପେନ୍‌ଙ୍କୁ ନେତୃତ୍ୱର ଗୁରୁଦାୟିତ୍ୱ ମିଳିଥିଲା। ତେଣୁ ସେ ଆକସ୍ମିକ ଭାବେ ଅଷ୍ଟ୍ରେଲିଆ ଦଳରେ ନେତୃତ୍ୱ ପାଇଥିଲେ।


ପେନ୍ ୨୦୧୦ରେ ଲର୍ଡ୍ସରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍ ପଦାର୍ପଣ କରିଥିଲେ। ୨୦୧୭ରେ ଅବସର ନେଇ ଚାକିରି କରିବାକୁ ଏକଦା ପେନ୍ ମନବଳାଇଥିଲେ। ତେବେ ଏହା ଗୋଟିଏ ବର୍ଷ ପରେ କଥା ବଦଳିଯାଇଥିଲା। ପେନ୍ ନେତୃତ୍ୱ ନେଉଥିବାରୁ ଦଳରେ ସ୍ଥାନ ପାଇଛନ୍ତି। ନ ହେଲେ ତାଙ୍କର ଦଳରେ ରହିବାର ଯୋଗ୍ୟତା ନାହିଁ ବୋଲି କେତେଜଣ କହୁଛନ୍ତି।

ଚଳିତ ଆଶେସରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଘରୋଇ ଇଂଲଣ୍ଡଠାରୁ ପାଦେ ଆଗରେ ରହିଛି। ୩ଟି ଶତକ ସହ ୧୩୪.୨୦ ରନ ହାରରେ ସେ ୩ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୬୭୧ ରନ ସଂଗ୍ରହ କରିଛନ୍ତି। ଏଥିରେ ୨୧୧ ରନର ଏକ ଦ୍ୱିଶତକୀୟ ଇନିଂସ ମଧ୍ୟ ସାମିଲ ରହିଛି। ବାସନ୍ଦରୁ ଫେରିବା ପରେ ସ୍ମିଥ୍ ତାଙ୍କ ପ୍ରଥମ ଟେଷ୍ଟ ସିରିଜ ଖେଳୁଛନ୍ତି। ସ୍ମିଥ୍ ଜଣେ ଅସାଧାରଣ ଖେଳାଳି। ତାଙ୍କର ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି ବୋଲି ପେନ୍ କହିଛନ୍ତି।

# ମଜଭୁତ ସ୍ଥିତିରେ ଭାରତ-ଏ

## ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ

ଥିରୁଭାନନ୍ତପୁରମ, ୧୦।୯



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

- ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ- ୧୬୪/୧୦
- ଭାରତ-ଏ ପ୍ରଥମ ଇନିଂସ- ୩୦୩/୧୦ (ଶୁବମନ ୯୦, ଋତୁରାଜ ଗାଏକ୍ୱାଡ ୩୦, ସକ୍ସେନା ୬୧*, ରିକି ଭୁଇ ୨୬, ଲୁନଗି- ୩/୫୦, ପିଡେଟ- ୩/୮୪)।
- ଦକ୍ଷିଣ ଆଫ୍ରିକା ୨ୟ ଇନିଂସ- ୧୨୫/୫, ୩୫ ଓଭର (ମାର୍କରାମ ୪, କ୍ଲାସେନ ୩୫*, ହାମଜା ୪୪, ମଲଡର ୧୨*, ନଦିମ-୨/୧୩)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ୧୩୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୩୫ ଓଭରରେ ୫ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଛି। ଉଇକେଟ୍‌କିପର ହେନରୀ କ୍ଲାସେନ ୩୫ ଓ ୱିଆନ ମଲ୍‌ଡର ୧୨ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଏଡେନ ମାର୍କରାମ ୪, ପିଟର ମଲାନ ୪, ଜୁବାୟର ହମାଜ ୪୪, ଖୟା ଜୋଣ୍ଡୋ ୧୦ ଓ ସେନୁରାନ ମୁଥୁସାମୀ ୪ ରନ୍ କରି ଆଉଟ୍ ହୋଇଛନ୍ତି। ଘରୋଇ ଭାରତ-ଏ ପକ୍ଷରୁ ଶାହବାଜ ନଦିମ ୨ ଏବଂ ମହମ୍ମଦ ସିରାମ, ଶାର୍ଦ୍ଦୁଳ ଠାକୁର ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ହାତରେ ୫ ଉଇକେଟ୍ ରହିଥିବାବେଳେ ଭାରତ-ଏ ଇନିଂସ ପରାଜୟ ଏଡ଼ାଇବା ପାଇଁ ଆହୁରି ୧୪ ରନ୍ ଆବଶ୍ୟକ କରୁଛି। ମ୍ୟାଚ୍ ଆହୁରି ୨ ଦିନ ବଳକା ରହିଥିବାବେଳେ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

ପୂର୍ବରୁ ଦକ୍ଷିଣ ଆଫ୍ରିକା-ଏ'ର ପ୍ରଥମ ଇନିଂସ ସ୍କୋର ୧୬୪ ରନ ଜବାବରେ ଭାରତ-ଏ ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ୍ ହରାଇ ୧୨୯ ରନ କରିଥିଲା। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ କରି ଭାରତ-ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ଯୋଗୁ ୮୭.୫ ଓଭରରେ ୩୦୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁବମନ ଗିଲ୍ ସର୍ବାଧିକ ୯୦ ରନ ସଂଗ୍ରହ କରିଥିଲେ। ସେ ନିଜ ପୂର୍ବଦିନର ସ୍କୋରରେ ଆଉ ୨୩ ରନ ଯୋଡ଼ି ଡେନ୍ ପିଡେଟ୍‌ଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ସେହିପରି ଉଇକେଟ୍‌କିପର ଶ୍ରୀକର ଭରତ ୩୩ ଓ ନିମ୍ନକ୍ରମରେ ଶାର୍ଦ୍ଦୁଳ ଠାକୁର ୩୪ ରନ କରିଥିବାବେଳେ ଜଲାଜ ସକ୍ସେନା ୬୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଲୁନଗି ଏନ୍‌ଗିଡି ଓ ପିଡେଟ୍ ୩ଟି ଲେଖାଏ ଏବଂ ମାର୍କୋ ଜାନସେନ ଓ ଲୁଥୋ ସିପମଲ ୨ଟି ଲେଖାଏ ଉଇକେଟ୍ ବାଣ୍ଟି ନେଇଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI ARENA
ପ୍ରସ୍ତୁତ ହେଉଛି
5 ବର୍ଷ ୱାରେଣ୍ଟି^
ଡିଜେଲ ରେ ଚାଲୁଥିବା ମାରୁତି ସୁଜୁକୀ କାର ଗୁଡ଼ିକ ଉପରେ ।*
Dzire, Swift ଏବଂ Vitara Brezza ଉପରେ 5 ବର୍ଷ ଫ୍ରି ୱାରେଣ୍ଟି ପ୍ରାପ୍ତ କରନ୍ତୁ, ଏବଂ ନିଜର ଡ୍ରାଇଭକୁ ସମ୍ପୂର୍ଣ୍ଣ ଚିନ୍ତା ମୁକ୍ତ କରନ୍ତୁ ।
DDiS
ଡିଜେଲ ଇଞ୍ଜିନ୍
ହାଇ ଟୋର୍କ
ହାଇ ଫିଉଲ ଇଫିସିଏନ୍ସି
ସୁପରିୟର ଡ୍ରାଇଭିଙ୍ଗ ଏକ୍ସିପିରିଏନ୍ସ
BIGGER SAVINGS
DZIRE ₹65,000*
SWIFT ₹60,000*
VITARA BREZZA ₹80,000*
+ FREE 5 YEAR WARRANTY^
DZIRE SWIFT VITARA BREZZA
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in
ODYSSEY MOTORS
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108
SKY AUTOMOBILES
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.
NARAYANI MOTORS
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.
*Offer includes consumer offer, corporate offer and exchange bonus (Wherever Applicable) on Dzire Diesel (all variants), Swift Diesel (all variants) and Vitara Brezza (all variants). ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. #Only applicable for Dzire, Swift and Vitara Brezza. Terms and Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. All offers are valid till 30th September 2019.


Hero
₹3000** Exchange Bonus
₹2000** Loyalty Bonus
GURUDAKSHINA OFFER
₹2500## Benefit
for TEACHERS on Hero Two-Wheelers
No. 1* GLAMOUR
CUSTOMER'S NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
8.5 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
INDIA'S FIRST 5 YEAR WARRANTY *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI. ## Guru-Dakshina scheme is applicable for Teachers only. As per cumulative dispatch numbers as on June, 2019. ** This offer is applicable for scooters only.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ – 7799766342. ଢେଙ୍କାନାଳ : ସୋମ ହୀରୋ – 7799766347. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ତାଳଚେର: ତାରିଣୀ ହୀରୋ – 7799766374.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍ସ ମୋଟର୍ସ – 276304. ଛେଣ୍ଡିପଦା : ତାରା ମୋଟର୍ସ – 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍ସ – 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍ସ – 9938711223.